# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୧/୨୦୧୮ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, September 1/ 2018 (Career & Appointment) ★★

୧୪ଶ ଭାଗ ୨୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ୱିଙ୍କ୍ କୁଇନ୍ ପ୍ରିୟା ୱାରିୟରଙ୍କୁ ଆଶ୍ୱସ୍ତି**

ଭିଡିଓ ବିବାଦରେ 'ୱିଙ୍କ୍ କୁଇନ୍' ପ୍ରିୟା ପ୍ରକାଶ ୱାରିୟରଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ତାଙ୍କ ନାଁରେ ଦାଏର ହୋଇଥିବା ଏତଲାକୁ କୋର୍ଟ ରଦ୍ଦ କରିଦେଇଛନ୍ତି । ୦୨

୧୩ **୭୫ ଡଲାର ଛୁଇଁବ ଅଶୋଧିତ ତେଲ ଦର**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୭୫ ଡଲାର ଛୁଇଁବ ବୋଲି ଇଣ୍ଟରନ୍ୟାଶନାଲ ଏନର୍ଜି ଏଜେନ୍ସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଫତିହ ବିରଲ କହିଛନ୍ତି।













ବଲାଙ୍ଗୀର ମେଡିକାଲ କଲେଜ ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସହ ଅନ୍ୟ ଅତିଥିବୃନ୍ଦ (ବାମ)। ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ।

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

ଅନିବାର୍ଯ୍ୟ କାରଣବଶତଃ ଏଥର କ୍ୟାରିୟର ସମ୍ପର୍କିତ ଲେଖା ପ୍ରକାଶ ପାଇପାରୁନାହିଁ।

# ବଲାଙ୍ଗୀର ମେଡିକାଲ କଲେଜ ଲୋକାର୍ପିତ

ବଲାଙ୍ଗୀର ଅଫିସ, ୩୧ ।୮

ବଲାଙ୍ଗୀର ପାଇଁ ଶୁକ୍ରବାର ଥିଲା ଏକ ଐତିହାସିକ ଦିନ। ଦୀର୍ଘ ୧୮ବର୍ଷର ପ୍ରତୀକ୍ଷା ପରେ ଏଠାରେ ମେଡିକାଲ କଲେଜକୁ ମହାନ୍ ସନ୍ଥ ଭୀମ ଭୋଇଙ୍କ ନାମରେ ନାମିତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କୁ ଉତ୍ସର୍ଗ କରିଛନ୍ତି। ପ୍ରଥମେ କଲେଜ କ୍ୟାମ୍ପସରେ ଥିବା ସନ୍ଥକବିଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଅନାବରଣ କରିଥିଲେ। ପରେ ମେଡିକାଲ କଲେଜ ଫଳକ ଉଦ୍‌ଘାଟନ କରିଥିଲେ। ଏହାପରେ ମେଡିକାଲ କଲେଜ ପ୍ରେକ୍ଷାଳୟରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ବକ୍ତବ୍ୟ ରଖି ଏହି ମେଡିକାଲ କଲେଜର ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆଜିର ଦିନକୁ ଐତିହାସିକ ମୁହୂର୍ତ୍ତ ଭାବେ ବିବେଚନା କରି ଭୀମ ଭୋଇଙ୍କ ଆଦର୍ଶ, ତ୍ୟାଗ, ଦୁର୍ଗତ ମଣିଷର ସେବା ଓ ବିଶ୍ୱଭ୍ରାତୃତ୍ୱର ମନୋଭାବ ନେଇ ଏଠାକାର ଡାକ୍ତରୀ ଛାତ୍ରୀଛାତ୍ର ଓ ଡାକ୍ତରମାନେ ସେବା ଯୋଗାଇବେ ବୋଲି ଆଶାପୋଷଣ କରିଥିଲେ। ଏହି ମେଡିକାଲ କଲେଜ ଓଡ଼ିଶାର ବିକାଶର ଆଉ ଏକ ନିଦର୍ଶନ ବୋଲି ସେ କହିଥିଲେ। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଏବେ ସାକାର ହୋଇଛି। ଏହାଦ୍ୱାରା ଏହି ଅଞ୍ଚଳର ଲୋକେ ଚିକିତ୍ସା ସେବା ପାଇବା ସହ ଛାତ୍ରୀଛାତ୍ରମାନେ ମେଡିକାଲ ପାଠ ପଢ଼ିବାର ସୁଯୋଗ ପାଇବେ। ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ବିକାଶମୂଳକ କାର୍ଯ୍ୟ କରିବାରେ ତାଙ୍କ ସରକାର ନିଷ୍ଠା ଓ ସ୍ୱଚ୍ଛତାର ସହ କାର୍ଯ୍ୟ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶାର ଡାକ୍ତରମାନେ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇଦେଇ ରାଜ୍ୟର ନାଁ ରଖିବାକୁ ସେ ଆହ୍ୱାନ ଜଣାଇଥିଲେ। ଭୀମ ଭୋଇ ମେଡିକାଲ କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଉତ୍କୃଷ୍ଟ ଉଦାହରଣ ହେବ

■ ଭୀମ ଭୋଇଙ୍କ ଆଦର୍ଶକୁ ନେଇ ସେବା କର: ନବୀନ

■ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରୁ ରାଜ୍ୟ: ନଡ୍ଡା

ବୋଲି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଆଶାପୋଷଣ କରିଥିଲେ। ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାର ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡାଙ୍କୁ ତାଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ।

ଅନ୍ୟତମ ଅତିଥି କେନ୍ଦ୍ରମନ୍ତ୍ରୀ ନଡ୍ଡା ତାଙ୍କ ବକ୍ତବ୍ୟରେ ଏହି ମେଡିକାଲ କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଛାପ ଛାଡ଼ିବ ବୋଲି କହିଥିଲେ। ଏହି ଅବସରରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଯୋଗାଉଥିବା ବହୁ ସହାୟତା ଓ ଯୋଜନା ସମ୍ପର୍କରେ ନଡ୍ଡା କହିଥିଲେ। ଆୟୁଷ୍ମାନ ଭାରତ, ଅମୃତ ଦୀନଦୟାଲ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଭଳି ଜନହିତକର ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାର ସହଯୋଗ କରନ୍ତୁ ବୋଲି କହିଥିଲେ। ଡାକ୍ତରମାନଙ୍କୁ ଗଢ଼ିବାକୁ ତାଙ୍କ ପଛରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଣୁ ସେମାନେ ଡାକ୍ତର ହୋଇସାରିବା ପରେ ଦେଶବାସୀଙ୍କୁ ଉଚିତ୍ ଚିକିତ୍ସା ସେବା ଯୋଗାଇଦେବାକୁ ଆଗେଇ ଆସନ୍ତୁ ବୋଲି ସେ କହିଥିଲେ। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ତାଙ୍କ ବକ୍ତବ୍ୟରେ ୩ବର୍ଷ ତଳେ ରାଜ୍ୟରେ ମେଡିକାଲ ସିଟ୍ ସଂଖ୍ୟା ୪୫୦ ଥିବାବେଳେ ଏବେ ଏହା ୧୦୫୦କୁ ବୃଦ୍ଧି ପାଇଥିବା ସୂଚନା ଦେଇ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ। ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଭଳି ବୃହତ୍ ଯୋଜନା ହାତକୁ ନେଇଥିବା ସୂଚନା ଦେଇଥିଲେ। ରାଜ୍ୟ ସରକାର କିଭଳି ମାଗଣା ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି କହିବା ସହ ଖୁବ୍‌ଶୀଘ୍ର ଭୀମ ଭୋଇ ମେଡିକାଲ ☞ପୃଷ୍ଠା-୪

# ୪ ଓଡ଼ିଆଙ୍କୁ ରୌପ୍ୟ ପଦକ

**ଏସିଆନ ଗେମ୍ସ ମହିଳା ହକି**



ଦୀପ୍‌ଗ୍ରେସ  ନମିତା  ସୁନୀତା  ଲିଲିମା

ଭୁବନେଶ୍ୱର, ୩୧ ।୮ (କ୍ରୀଡ଼ା ପ୍ରତିନିଧି)

ଇଣ୍ଡୋନେସିଆର ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ମହିଳା ହକି ଇଭେଣ୍ଟରେ ଭାରତୀୟ ଦଳ ରୌପ୍ୟ ପଦକ ହାସଲ କରିଛି। ତେଣୁ ଜାତୀୟ ଦଳର ସଦସ୍ୟା ଭାବେ ଓଡ଼ିଶାର ସୁନୀତା ଲାକ୍ରା, ଦୀପ୍‌ଗ୍ରେସ ଏକ୍କା, ନମିତା ଟପ୍ପୋ, ଲିଲିମା ମିଞ୍ଜ ମଧ୍ୟ ରୌପ୍ୟ ପଦକ ପାଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଭାରତ ୧-୨ ଗୋଲ୍‌ରେ ଜାପାନଠାରୁ ପରାସ୍ତ ହୋଇଛି। ସୁନୀତା, ଦୀପ୍‌ଗ୍ରେସ, ନମିତା, ଲିଲିମାଙ୍କ ପାଇଁ ଏହା ଦ୍ୱିତୀୟ ଏସିଆନ ଗେମ୍ସ ପଦକ। ୨୦୧୪ରେ ଇଞ୍ଚିଅନରେ ଅନୁଷ୍ଠିତ ଏସିଆଡ୍‌ରେ ଭାରତୀୟ ଦଳର ସଦସ୍ୟ ଭାବେ ଏହି ୪ ଓଡ଼ିଆ ଖେଳାଳି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

## ଡିଆର୍‌ଡିଓର ନୂଆ ମୁଖ୍ୟ

**ଆଜିର ମନ୍ତବ୍ୟ**

" ଟଙ୍କା ଏବେ ଜ୍ୱରରେ ପୀଡ଼ିତ ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୪୪୫.୪ ନିୟୁତ ଡଲାର ବୃଦ୍ଧି ଘଟି ୪୦୧.୨୯୩ ବିଲିୟନ ଡଲାର ଛୁଇଁଛି। ଏଥିରେ ଗତ ସପ୍ତାହରେ ୩୩.୨ ନିୟୁତ ହ୍ରାସ ହେବା ସହ ୪୦୦.୮୪ ବିଲିୟନ ଡଲାର ରହିଥିଲା।

– ଭାରତୀୟ ରିଜର୍ଭ ବ୍ୟାଙ୍କ

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ନେଇ ସ୍ପଷ୍ଟ କଲେ ଧର୍ମେନ୍ଦ୍ର

### ଝାରସୁଗୁଡ଼ା ବିମାନବନ୍ଦର ଲୋକାର୍ପଣ ସହ ୨ ନୂତନ ପ୍ରକଳ୍ପ ଉଦ୍‌ଘାଟନ ଓ ଗୋଟିଏ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ

ଝାରସୁଗୁଡ଼ା ଅଫିସ/ଭୁବନେଶ୍ୱର, ୩୧ ।୮ (ବ୍ୟୁରୋ)

ଝାରସୁଗୁଡା ବିମାନବନ୍ଦର ସେପ୍ଟେମ୍ବର ୨୨ରେ ଲୋକାର୍ପଣ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଲୋକାର୍ପଣ କରିବେ। ଏହାସହ ନୂତନ ଜ୍ଞାନକୌଶଳ ଆଧାରରେ ନିର୍ମିତ ହେବାକୁ ଥିବା ତାଳଚେର ଫର୍ଟିଲାଇଜର ଲିମିଟେଡ ଶୁଭ ଦେବା (ଭିତ୍ତିପ୍ରସ୍ତର) ଲାଗି ୨୨ରେ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ଗସ୍ତରେ ଆସିବେ। ଶୁକ୍ରବାର ଏନେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ୧୩ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶରେ ପ୍ରତିଷ୍ଠିତ ହେବାକୁ ଥିବା ସାର କାରଖାନାରୁ କେବଳ ସାର ନୁହେଁ ବରଂ ବୈଜ୍ଞାନିକମାନଙ୍କ ଅନୁସନ୍ଧାନ ଆଧାରରେ କୋଇଲାରୁ ଗ୍ୟାସ, ଆମୋନିଆ, ୟୁରିଆ ଉତ୍ପାଦନ କରିବ। ଏହାସହ ଜଟିଳ ବୈଜ୍ଞାନିକ ପ୍ରକ୍ରିୟାରେ ମିଥାନୋଲ ମଧ୍ୟ ଉତ୍ପାଦିତ ହେବ। କୋଇଲାରୁ ମିଥାନୋଲ ବାହାରିଲେ ଅଶୋଧିତ ତୈଳର ଆମଦାନୀକୁ କମ୍ କରାଯାଇ ଦେଶର ଅର୍ଥନୀତିକୁ ବଡ ସହଯୋଗ ମିଳିବ ବୋଲି ସେ କହିଛନ୍ତି। ତାଳଚେରଠାରେ ☞ପୃଷ୍ଠା-୪



ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଦୂତୀ ଚାନ୍ଦଙ୍କୁ ଶୋଭାଯାତ୍ରାରେ ନିଆଯାଉଛି। (ଫଟୋ-ବିକାଶ ନାୟକ) (ରିପୋର୍ଟ: ଖେଳପୃଷ୍ଠା)

# ୬ ଦିନ ଛୁଟି ରହିବନି ବ୍ୟାଙ୍କ

ନୂଆଦିଲ୍ଲୀ, ୩୧।୮

ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଦେଶର ବ୍ୟାଙ୍କଗୁଡ଼ିକ ଲଗାତର ୬ ଦିନ ଛୁଟି ରହିବ ନାହିଁ। କିଛିଦିନ ଧରି ସୋସିଆଲ୍ ମିଡିଆରେ ବ୍ୟାଙ୍କ ବନ୍ଦ ରହିବା ନେଇ ଖବର ପ୍ରସାରିତ ହେଉଥିବା ବେଳେ ଅର୍ଥ ମନ୍ତ୍ରଣାଳୟ ଶୁକ୍ରବାର ଏହି ଗୁଜବକୁ ଖଣ୍ଡନ କରିଛି। ମନ୍ତ୍ରଣାଳୟର କହିବା ଅନୁସାରେ ଜନସାଧାରଣ ଏହାକୁ ନେଇ ବ୍ୟସ୍ତ ହେବା ଆବଶ୍ୟକ ନାହିଁ।

ଅର୍ଥ ମନ୍ତ୍ରଣାଳୟ ଜାରି କରିଥିବା ସ୍ପଷ୍ଟୀକରଣ ଅନୁସାରେ, ରବିବାର (ସେପ୍ଟେମ୍ବର ୨) ଏବଂ ସେପ୍ଟେମ୍ବର ୮ (ମାସର ଦ୍ୱିତୀୟ ଶନିବାର) ବ୍ୟାଙ୍କ ଚିରାଚରିତ ଭାବେ ବନ୍ଦ ରହିବ। କିନ୍ତୁ ଜନ୍ମାଷ୍ଟମୀ ସକାଶେ ୩ ତାରିଖରେ ଦେଶବ୍ୟାପୀ ବ୍ୟାଙ୍କ ଛୁଟି ହେବ ନାହିଁ। ନେଗୋସିଏବୁଲ ଇନଷ୍ଟ୍ରୁମେଣ୍ଟ ଆକ୍ଟ, ୧୮୮୧ ଅନୁସାରେ କେତୋଟି ନିର୍ଦ୍ଦିଷ୍ଟ ରାଜ୍ୟରେ ଉକ୍ତ ଦିନ ବ୍ୟାଙ୍କ ବନ୍ଦ ରହିବ। ସ୍ଥାନୀୟ ସୂଚନା ଅନୁସାରେ ଓଡିଶାରେ ୩ ତାରିଖରେ ବ୍ୟାଙ୍କ ବନ୍ଦ ରହିବ ନାହିଁ। ସେହିପରି ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ କାରବାର ଏବଂ ଏଟିଏମ୍ କାର୍ଯ୍ୟକାରିତା ପ୍ରଭାବିତ ହେବ ନାହିଁ ବୋଲି ଏଥିରେ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷରେ ୪ ଓ ୫ରେ ଭାରତୀର ରିଜର୍ଭ ବ୍ୟାଙ୍କ କର୍ମଚାରୀମାନେ ଯେଉଁ ଧର୍ମଘଟ ଡାକରା ଦେଇଛନ୍ତି, ସେଥିସକାଶେ ମଧ୍ୟ ବ୍ୟାଙ୍କ ବନ୍ଦ ହେବ ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।


NATIONAL EGG CO-ORDINATION COMMITTEE 31.08.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers

ଧରିତ୍ରୀ
DHARITRI
ଶନିବାର, ୧ ସେପ୍ଟେମ୍ବର, ୨୦୧୮



“ଏନ୍‌ଡିଏର କେତେଜଣ ଲୋକ ନରେନ୍ଦ୍ର ମୋଦିଙ୍କୁ ୨୦୧୯ରେ ପୁଣିଥରେ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁନାହାନ୍ତି। ତେଣୁ ସେମାନେ ମେଣ୍ଟରେ ବିବାଦ ପାଇଁ ଗୁଜବ ସୃଷ୍ଟି କରୁଛନ୍ତି।

- ଉପେନ୍ଦ୍ର କୁଶୱାହ, ଆର୍‌ଏଲ୍‌ଏସ୍‌ପି ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ



## ସଂକ୍ଷେପରେ

### ନାଗାଲାଣ୍ଡରେ ବନ୍ୟା ୧୨ ମୃତ, ୩ ହଜାର ବିସ୍ଥାପିତ



**କୋହିମା,୩୧।୮(ପି.ଟି.) :** ନାଗାଲାଣ୍ଡରେ ବର୍ଷା ଓ ବନ୍ୟାର ପ୍ରକୋପ ଦେଖିବାକୁ ମିଳିଛି। ସେଠାରେ ଗତ ସପ୍ତାହ ହେବ ପ୍ରବଳ ବର୍ଷା ଓ ଭୂସ୍ଖଳନ ପରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁଁ ୧୨ ଜଣଙ୍କର ମୃତ୍ୟୁ ହୋଇ ସାରିଛି ବୋଲି ନାଗାଲାଣ୍ଡର ମୁଖ୍ୟମନ୍ତ୍ରୀ ନେଫ୍ୟୁ ରିଓ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହାସହ ସେ ଏକ ଭିଡିଓ ପୋଷ୍ଟ କରି କେନ୍ଦ୍ରର ସହାୟତା ଲୋଡିଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ପାଣି ମାଡିଯିବାରୁ ୪୦୦ ଗ୍ରାମର ୩ ହଜାର ପରିବାର ବିସ୍ଥାପିତ ହୋଇଛନ୍ତି। ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ଦେଖିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ ଆଶ୍ୱାସନା ଦେବା ସହ ଟୁଇଟ୍ କରି କହିଛନ୍ତି ଖୁବ୍ ଶୀଘ୍ର ଏନ୍‌ଡିଆର୍‌ଏଫ୍ ଟିମ୍ ସେଠାକୁ ଯାଇ ରିଲିଫ ପ୍ରଦାନ କରିବେ। ରାଜନାଥ ପ୍ରତିଶ୍ରୁତି ପାଇବା ପରେ ନେଫ୍ୟୁ ରିଓ ତାଙ୍କୁ ଧନ୍ୟବାଦ ଦେଇଛନ୍ତି।

### ହସ୍ପିଟାଲରେ ବୀରଭଦ୍ର



**ଶିମ୍‌ଲା,୩୧।୮(ପି.ଟି.):** ହିମାଚଳପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ବୀରଭଦ୍ର ସିଂ ଅସୁସ୍ଥ। ଶିମ୍‌ଲାର ଇନ୍ଦିରା ଗାନ୍ଧୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି।

ଛାତିରେ ସଂକ୍ରମଣ ଯୋଗୁଁ ବୀରଭଦ୍ରଙ୍କ ସ୍ୱାସ୍ଥ୍ୟ ହଠାତ ଖରାପ ହୋଇପଡିଥିଲା। ପୂର୍ବ ଅପେକ୍ଷା ତାଙ୍କ ସ୍ୱାସ୍ଥାବସ୍ଥା ସ୍ଥିର ରହିଛି ବୋଲି ଶୁକ୍ରବାର ଡାକ୍ତରମାନେ ସୂଚନା ଦେଇଛନ୍ତି। ଗୁରୁବାର ବିଧାନସଭା ଅଧିବେଶନରେ ଯୋଗଦେବା ପରେ ତାଙ୍କୁ ଜ୍ୱର ହୋଇଥିଲା। ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

### ରାବ୍ରୀ ଦେବୀ, ତେଜସ୍ୱୀଙ୍କୁ ଜାମିନ

**ନୂଆଦିଲ୍ଲୀ,୩୧।୮(ପି.ଟି.):** ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ୍ (ଆଇଆର୍‌ସିଟିସି) ଟେଣ୍ଡର ଦୁର୍ନୀତ ମାମଲାରେ ଶୁକ୍ରବାର ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ସ୍ତ୍ରୀ ରାବ୍ରୀ ଦେବୀ ଓ ସାନପୁଅ ତେଜସ୍ୱୀ ଯାଦବଙ୍କୁ ଆଶ୍ୱସ୍ତି ମିଳିଛି। ଦିଲ୍ଲୀର ଏକ ସ୍ୱତନ୍ତ୍ର ଅଦାଲତ ଦୁହିଁଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି। ଉଭୟଙ୍କୁ ୧ ଲକ୍ଷ ଟଙ୍କାର ଦୁଇଟି ସିକ୍ୟୁରିଟି ବଣ୍ଡରେ ଜାମିନ୍ ଦିଆଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୬କୁ ଧାର୍ଯ୍ୟ କରାଯାଇଛି। ପୂର୍ବରୁ ଏହି ମାମଲାରେ ଲାଲୁଙ୍କ ପରିବାରକୁ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ଏକ ମାମଲାରେ ଲାଲୁ ଝାଡଖଣ୍ଡ ଜେଲରେ ଥିବାରୁ ଶୁକ୍ରବାର କୋର୍ଟରେ ହାଜର ହୋଇପାରି ନଥିଲେ।

### ଚିଦାମ୍ବରମ୍‌ଙ୍କୁ ପୁଣି ଜେରା

**ନୂଆଦିଲ୍ଲୀ, ୩୧।୮(ପି.ଟି.):** ଏୟାରସେଲ୍-ମାକ୍ସିସ୍ ମନି ଲଣ୍ଡରିଂ ମାମଲାରେ ପୁଣି ଶୁକ୍ରବାର ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କୁ ଜେରା କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଚତୁର୍ଥ ଥର ପଚରାଉଚରା କରିବା ପାଇଁ ତାଙ୍କୁ ଇଡି ସମନ କରିଥିଲା। ପୂର୍ବାହ୍ନରେ ଇଡି ଅଧିକାରୀଙ୍କ ନିକଟରେ ହାଜର ହେବା ପରେ ବରିଷ୍ଠ କଂଗ୍ରେସ ନେତା ଚିଦାମ୍ବରମ୍‌ଙ୍କୁ ଏହି ଦୁର୍ନୀତି ସମ୍ପର୍କରେ ଜେରା କରାଯାଇଥିଲା। ପିଏମ୍‌ଏଲଏ ଆଇନ ଅନୁଯାୟୀ ତାଙ୍କର ବୟାନ ମଧ ରେକର୍ଡ ହୋଇଛି। ଗତ ୨୪ ତାରିଖରେ ଚିଦାମ୍ବରମ୍‌ଙ୍କୁ ୬ ଘଣ୍ଟା ଜେରା କରାଯାଇଥିଲା।

### ଇତିହାସର ଆଇନାରେ

#### ସେପ୍ଟେମ୍ବର ୧ର ପ୍ରମୁଖ ଘଟଣା

୧୯୨୩ ସେପ୍ଟେମ୍ବର ୧ରେ ଜାପାନର ହୋନ୍‌ସ୍ଥୁ ଦ୍ୱୀପରେ ୮.୨ ତୀବ୍ରତାର ଭୂକମ୍ପ ଘଟିଥିଲା। ଏହାକୁ ଗ୍ରେଟ୍ କାଣ୍ଟୋ ଭୂକମ୍ପ ବୋଲି କୁହାଯାଏ। ଏଥିରେ ୧,୪୨,୦୦୦ ଲୋକ ପ୍ରାଣ ହରାଇଥିବା ଜଣାଯାଏ।

୧୯୬୯ ସେପ୍ଟେମ୍ବର ୧ରେ ଲିବ୍ୟା ସେନା କ୍ୟାପ୍‌ଟେନ୍ ମୁଆମାର୍ ଅଲ୍-ଗଦ୍ଦାଫି ଲିବ୍ୟା ସମ୍ରାଟ୍ ଇଦ୍ରିସ ପ୍ରଥମଙ୍କୁ ସାମରିକ ବିଦ୍ରୋହ ଜରିଆରେ ଗାଦିଚ୍ୟୁତ କରି କ୍ଷମତା ହାସଲ କରିଥିଲେ।

■ ୧୧ ପୋଲିସ ସମ୍ପର୍କୀୟଙ୍କୁ ଅପହରଣ

# ହିଜ୍‌ବୁଲର ପ୍ରତିଶୋଧ ରଣନୀତି

**ଶ୍ରୀନଗର/ନୂଆଦିଲ୍ଲୀ, ୩୧।୮(ପି.ଟି./ଆଇଏଏନ୍‌ଏସ୍)**

ଦକ୍ଷିଣ କଶ୍ମୀରରେ ପୋଲିସ ସହ ଖେଳ ଖେଳୁଛି କୁଖ୍ୟାତ୍ ଆତଙ୍କବାଦୀ ସଙ୍ଗଠନ ହିଜ୍‌ବୁଲ ମୁଜାହିଦ୍ଦିନ। ପାକିସ୍ତାନରେ ରହୁଥିବା ହିଜ୍‌ବୁଲ ମୁଖିଆ ସୟଦ୍ ସଲାହୁଦ୍ଦିନଙ୍କ ଦ୍ୱିତୀୟ ପୁଅ ସୟଦ୍ ଅହମ୍ମଦ ସକିଲଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଗିରଫ କରିବା ଏବଂ ପୋଲିସ ପକ୍ଷରୁ ଏହାର ଅପରେଶନାଲ୍ କମାଣ୍ଡର ରିୟାଜ୍ ନାଇକୁଙ୍କ ବାପା ଅସାଦୁଲ୍ଲା ନାଇକୁଙ୍କୁ ଜେରା କରାଯିବା ପରେ ରଣନୀତି ବଦଳାଇଛନ୍ତି ଆତଙ୍କବାଦୀ। ୩ ଦିନ ମଧ୍ୟରେ ପୋଲିସ କର୍ମଚାରୀଙ୍କ ୧୧ ଜଣ ସମ୍ପର୍କୀୟଙ୍କୁ ଅପହରଣ କରି ସେମାନେ ଏହି ଦୁଇ କାର୍ଯ୍ୟାନୁଷ୍ଠାନର ପ୍ରତିଶୋଧ ନେଇଛନ୍ତି। ଏହାକୁ ନେଇ କଶ୍ମୀରରେ ପୋଲିସ-ଆତଙ୍କବାଦୀଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି।

ସମଗ୍ର ଜମ୍ମୁ-କଶ୍ମୀରରେ ଆତଙ୍କ ଖେଳାଇ ରକ୍ତର ହୋଲି ଖେଳିବାକୁ ହିଜ୍‌ବୁଲ ମୁଜାହିଦ୍ଦିନକୁ ପାକିସ୍ତାନ ଅର୍ଥ ଯୋଗାଉଛି। ଏହାର ମାଧ୍ୟମ ପାଲଟିଛନ୍ତି ହିଜ୍‌ବୁଲ ମୁଜାହିଦ୍ଦିନ ମୁଖ୍ୟ ସୟଦ୍ ସଲାହୁଦ୍ଦିନ ଓ କେତେଜଣ ବିଚ୍ଛିନ୍ନତାବାଦୀ ନେତା। ସଲାହୁଦ୍ଦିନଙ୍କଠାରୁ ଅର୍ଥ ନେଇ ସ୍ଥାନୀୟ ଯୁବକଙ୍କୁ ଆତଙ୍କବାଦ ପ୍ରତି ଆକର୍ଷିତ କରୁଥିବା ଜଣାପଡ଼ିବା ପରେ ତାଙ୍କ ୪୮ ବର୍ଷୀୟ ପୁଅ ସକିଲଙ୍କୁ ଗୁରୁବାର ଏନ୍‌ଆଇଏ ଗିରଫ କରିଥିଲା।



ହିଜ୍‌ବୁଲ କମାଣ୍ଡର ରିୟାଜ୍ ନାଇକୁ।

ତାଙ୍କୁ ଶୁକ୍ରବାର ଦିଲ୍ଲୀର ଏକ କୋର୍ଟରେ ହାଜର କରାଯାଇଛି। ସକିଲଙ୍କୁ ଜିଲା ଜଜ୍ ପୁନମ୍ ଏ.ବମ୍ବା ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଏନ୍‌ଆଇଏ ହାଜତକୁ ପଠାଇ ଦେଇଛନ୍ତି। ଏହା ପୂର୍ବରୁ ସଲାହୁଦ୍ଦିନ୍‌ଙ୍କ ବଡ଼ପୁଅ ଶାହିଦଙ୍କୁ ମଧ ସମାନ ଅଭିଯୋଗରେ ଏନ୍‌ଆଇଏ ଗିରଫ କରିଥିଲା। ସେପଟେ ହିଜ୍‌ବୁଲ କମାଣ୍ଡର ରିୟାଜ୍ ନାଇକୁଙ୍କ ବାପା ଅସାଦୁଲ୍ଲାଙ୍କୁ ବୁଧବାର ରାତିରେ ପୁଲୱାମାରୁ ପୋଲିସ ଧରି ପଚରାଉଚରା କରୁଥିଲା। ଏହାକୁ ନେଇ ପ୍ରତିଶୋଧପରାୟଣ ହୋଇଉଠିଛି ହିଜ୍‌ବୁଲ। ଏହି ସଙ୍ଗଠନର ଆତଙ୍କବାଦୀମାନେ ଦକ୍ଷିଣ କଶ୍ମୀରର ବିଭିନ୍ନ ଅଞ୍ଚଳରୁ ପୋଲିସ କର୍ମଚାରୀଙ୍କ ୧୧ ସମ୍ପର୍କୀୟଙ୍କୁ ଅପହରଣ କରିନେଇଥିଲେ। ପୋଲିସ ଶୁକ୍ରବାର ରିୟାଜ୍ ନାଇକୁଙ୍କ ବାପା ଅସାଦୁଲ୍ଲାଙ୍କୁ ଛାଡ଼ିଦେବା ପରେ ଆତଙ୍କବାଦୀମାନେ ଜଣେ ଡିଏସ୍‌ପିଙ୍କ ଭାଇଙ୍କ ସମେତ ୨ ପଣବନ୍ଦୀଙ୍କୁ ମୁକ୍ତ କରିଛନ୍ତି। ଆତଙ୍କବାଦୀମାନେ ଦୁହିଙ୍କର କିଛି କ୍ଷତିକରି ନ ଥିବା ଜଣାପଡ଼ିଛି। ତେବେ ଅଦ୍ୟାବଧି ଆତଙ୍କବାଦୀଙ୍କ କବ୍‌ଜାରେ ୯ ପୋଲିସ କର୍ମଚାରୀଙ୍କ ପୁଅ ଅଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ଗୁରୁବାର ରାତିରେ ଶୋପିଆନ୍, କୁଲ୍‌ଗାମ, ଅନନ୍ତନାଗ ଓ ଅୱନ୍ତିପୋରାରୁ ଆତଙ୍କବାଦୀମାନେ ଅପହରଣ କରିନେଇଥିଲେ।

ଅନ୍ୟପକ୍ଷରେ ଆତଙ୍କବାଦୀଙ୍କ ଏଭଳି କାଣ୍ଡକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଏବଂ ଓମାର ଅବ୍‌ଦୁଲ୍ଲା ନିନ୍ଦା କରିଛନ୍ତି। ପୋଲିସ କର୍ମଚାରୀଙ୍କ ସମ୍ପର୍କୀୟଙ୍କୁ ଅପହରଣ ଘଟଣାରୁ ଉପତ୍ୟକାର ଉଦ୍‌ବେଗଜନକ ସ୍ଥିତି ପ୍ରତିଫଳିତ ହେଉଛି ବୋଲି ଏନ୍‌ସି ଉପାଧ୍ୟକ୍ଷ ଓମାର ଟୁଇଟ୍ କରିଛନ୍ତି। ସେହିପରି ପୋଲିସ ଓ ଆତଙ୍କବାଦୀଙ୍କ ସମ୍ପର୍କୀୟମାନଙ୍କୁ ହଇରାଣ କରାଯିବା ଅନୁଚିତ ବୋଲି ପିଡିପି ଅଧ୍ୟକ୍ଷା ମେହବୁବା କହିଛନ୍ତି।

#### କଶ୍ମୀରରେ ଛକାପଞ୍ଝା

- ■ନାଇକୁଙ୍କ ବାପାଙ୍କୁ ପୋଲିସ ଛାଡ଼ିଲା
- ■୨ ଜଣଙ୍କୁ ମୁକ୍ତ କଲେ ଆତଙ୍କବାଦୀ
- ■୧୦ ଯାଏ ଏନ୍‌ଆଇଏ ହାଜତରେ ସଲାହୁଦ୍ଦିନଙ୍କ ପୁଅ

### ପୋଲିସକୁ ୩ ଦିନ ମହଲତ

**ଶ୍ରୀନଗର,୩୧।୮(ପି.ଟି.)**

ଜମ୍ମୁ-କଶ୍ମୀରରେ ହିଜ୍‌ବୁଲର ପୋଷ୍ଟରବୟ ପାଲଟିଥିବା ରିୟାଜ୍ ନାଇକୁ ଶୁକ୍ରବାର ପୋଲିସକୁ ୩ ଦିନର ମହଲତ ଦେଇଛନ୍ତି। ସେ ସୋସିଆଲ ମିଡିଆରେ ୧୨ ମିନିଟର ଏକ ଅଡିଓ କ୍ଲିପ୍ ଜାରି କରି ପୋଲିସ ସମ୍ପର୍କୀୟଙ୍କ ଅପହରଣ ପାଇଁ ନିଜକୁ ଦାୟୀ କରିଛନ୍ତି। ପୋଲିସ ହାଜତରେ ଥିବା ଆତଙ୍କବାଦୀଙ୍କ ସମସ୍ତ ସମ୍ପର୍କୀୟଙ୍କୁ ୩ ଦିନ ମଧ୍ୟରେ ନ ଛାଡ଼ିଲେ ସେମାନଙ୍କ ପରିବାର ମଧ ସୁରକ୍ଷିତ ରହିବେ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ଆତଙ୍କବାଦୀଙ୍କ ସମ୍ପର୍କୀୟଙ୍କୁ ଗିରଫ କରି ପୋଲିସ ସେମାନଙ୍କୁ ଏଭଳି ପଦକ୍ଷେପ ନେବାକୁ ବାଧ କରିଛି। ପୋଲିସ କର୍ମୀମାନେ ଚାକିରି ଛାଡ଼ିଦିଅନ୍ତୁ। ନଚେତ୍ ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ରିୟାଜ୍ ଏଥିରେ ଧମକ ଦେଇଛନ୍ତି।

# ମାଓବାଦୀଙ୍କ ଟାର୍ଗେଟ୍‌ରେ ‘ମୋଦି-ରାଜ୍’

**ମୁମ୍ବାଇ,୩୧।୮(ପି.ଟି.)**

- ■ରାଜୀବ ଗାନ୍ଧୀ ହତ୍ୟାକାଣ୍ଡର ପୁନରାବୃତ୍ତି ଯୋଜନା
- ■ଗିରଫ କର୍ମୀଙ୍କ ଚିଠିରୁ ମିଳିଲା ପ୍ରମାଣ

ଭୀମା-କୋରେଗାଓଁ ହିଂସା ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଗିରଫ କର୍ମୀଙ୍କ ବିରୋଧରେ ମାଓବାଦୀ ଲିଙ୍କ୍ ନେଇ ଦୃଢ଼ ପ୍ରମାଣ ରହିଛି। ଏଣୁ ସେମାନଙ୍କୁ ଗିରଫ କରାଯାଇଥିଲା ବୋଲି ଶୁକ୍ରବାର ମହାରାଷ୍ଟ୍ର ପୋଲିସ ସ୍ପଷ୍ଟ କରିଛି। ଦେଶରେ ‘ମୋଦି-ରାଜ୍’ର ଅନ୍ତ ଘଟାଇବା ଲାଗି ରାଜୀବ ଗାନ୍ଧୀ ହତ୍ୟାକାଣ୍ଡର ପୁନରାବୃତ୍ତି ଘଟାଇବା ପାଇଁ ସେମାନେ ଷଡ଼ଯନ୍ତ୍ର କରିଥିଲେ ବୋଲି ମହାରାଷ୍ଟ୍ର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡିଜି) (ଆଇନଶୃଙ୍ଖଳା) ପରମବୀର ସିଂ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମାନବାଧିକାର କର୍ମୀ ରୋନା ଜ୍ୟାକବ୍ ୱିଲ୍‌ସନଙ୍କୁ ମହାରାଷ୍ଟ୍ରର ଭୀମା-କୋରେଗାଓଁ ହିଂସାକାଣ୍ଡ ଘଟଣାରେ ଗତ ଜୁନରେ ଦିଲ୍ଲୀରୁ ଗିରଫ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ସିଂ କହିଛନ୍ତି, ରୋନା ୱିଲ୍‌ସନ୍ ଏବଂ ସିପିଆଇ-ମାଓବାଦୀ ନେତାଙ୍କ ମଧ୍ୟରେ ଦିଆନିଆ ହୋଇଥିବା ଏକ ଇ-ମେଲ୍‌ରେ ରାଜୀବ ଗାନ୍ଧୀ ଭଳି ଘଟଣା ବିଷୟରେ ଉଲ୍ଲେଖ ରହିଛି। ଯୋଜନା ସଫଳ କରିବା ଲାଗି ଗ୍ରେନେଡ୍ ଲଞ୍ଚର ଆବଶ୍ୟକତା ପଡ଼ିବ ଏବଂ ଏଥିପାଇଁ ୮ କୋଟି ଟଙ୍କା ଲୋଡ଼ା ବୋଲି ମାଓବାଦୀ ନେତା କମ୍‌ରେଡ୍ ପ୍ରକାଶଙ୍କୁ ରୋନା ଲେଖିଥିଲେ। ଏଥିରେ ପ୍ରକାଶଙ୍କ ମତ ଲୋଡ଼ାଯାଇଥିଲା। ମୋଦି ରାଜ୍‌ର ଅନ୍ତ ଘଟାଇବା ଲାଗି କମ୍‌ରେଡ୍ କିଷାନ୍ ଏବଂ ଅନ୍ୟାନ୍ୟ କେତେଜଣ ସଦସ୍ୟ ଦୃଢ଼ଯୋଜନା ପ୍ରସ୍ତୁତ କରିସାରିଥିବା କୁହାଯାଇଥିଲା। ଅରୁଣ ‘ଫେରେରା’, ଭର୍ନନ୍ ‘ଗନ୍‌ସାଲ୍‌ଭେସ୍’ ଏବଂ ଅନ୍ୟାନ୍ୟ ନେତାମାନେ ସହରୀ ସାମ୍ମୁଖ୍ୟର ଲଢ଼େଇ ବିଷୟରେ ଚିନ୍ତାଶୀଳ ବୋଲି ଚିଠିରେ ସୂଚନା ଦିଆଯାଇଥିଲା। ମାଓବାଦୀ ସେଣ୍ଟ୍ରାଲ କମିଟିର ସଦସ୍ୟମାନେ ଏହି କର୍ମୀଙ୍କ ସହ ପାସ୍‌ୱାର୍ଡ ସୁରକ୍ଷିତ ମେସେଜ୍‌ରେ ସୂଚନା ଆଦାନପ୍ରଦାନ କରୁଥିଲେ, ତାହାପୁଣି କୋରିୟର୍ ମାଧ୍ୟମରେ ବୋଲି ଏଡିଜି ସିଂ ସୂଚନା ଦେଇଛନ୍ତି।

■ ସରକାରୀ ବିଜ୍ଞାପନର ଦୁରୁପଯୋଗ

# କେନ୍ଦ୍ର, ଭାଜପା, ୬ ରାଜ୍ୟକୁ ନୋଟିସ

**ନୂଆଦିଲ୍ଲୀ,୩୧।୮(ପି.ଟି.)**



ସରକାରୀ ବିଜ୍ଞାପନର ଦୁରୁପଯୋଗ କରିଥିବା ଅଭିଯୋଗରେ କେନ୍ଦ୍ର, ଭାଜପା ଓ ୬ ରାଜ୍ୟକୁ ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ନୋଟିସ ଜାରି କରିଛନ୍ତି।

କେନ୍ଦ୍ର ସରକାର, ଭାଜପା ଏବଂ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ତେଲେଙ୍ଗାନା ସରକାରୀ ବିଜ୍ଞାପନ ଜାରି କରିବା କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଦିଲ୍ଲୀର ବୁରାଡିରୁ ପ୍ରତିନିଧିତ୍ୱ କରୁଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିଧାୟକ ସଞ୍ଜୀବ ଝା ଏନେଇ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସଞ୍ଜୀବଙ୍କ ଆବେଦନର ଶୁଣାଣି କରି ଏ ସଂକ୍ରାନ୍ତରେ କେନ୍ଦ୍ର, ଭାଜପା ଓ ଉପରୋକ୍ତ ୬ ରାଜ୍ୟକୁ ନୋଟିସ ଜାରି କରିଛନ୍ତି। ପ୍ରକାଶ ଯେ, ବିଜ୍ଞାପନରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ବ୍ୟତୀତ ଅନ୍ୟ ନେତାମାନଙ୍କ ଫଟୋ ବ୍ୟବହାର କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଏହାର ପୁନର୍ବିଚାର ପାଇଁ କେନ୍ଦ୍ର ସରକାରଙ୍କ ସମେତ ସେତେବେଳେ ନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗ ଓ ତାମିଲନାଡୁ ପକ୍ଷରୁ ଆବେଦନ କରାଯାଇଥିଲା। ୨୦୧୫ ମେ ୧୩ରେ ସୁପ୍ରିମକୋର୍ଟ ସରକାରୀ ବିଜ୍ଞାପନ ନିୟନ୍ତ୍ରଣ ପାଇଁ ୩ ନିରପେକ୍ଷ ବ୍ୟକ୍ତିଙ୍କୁ ନେଇ ଏକ କମିଟି ଗଠନ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତ ପରେ ଏହି ନିର୍ଦ୍ଦେଶନାମାରେ ପରିବର୍ତ୍ତନ ଆଣି କହିଥିଲେ ଯେ, କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ରାଜ୍ୟର ମନ୍ତ୍ରୀମାନଙ୍କ ଫଟୋ ସରକାରୀ ବିଜ୍ଞାପନରେ ଛପାଯାଇ ପାରିବ।

■ ସରିଲା ବିମ୍‌ଷ୍ଟେକ୍ ବୈଠକ

# ‘ଭାରତ ମୈତ୍ରୀ ପଶୁପତି ଧର୍ମଶାଳା’ ଉଦ୍‌ଘାଟିତ

**କାଠମାଣ୍ଡୁ,୩୧।୮(ପି.ଟି.)**

■୧୮ ସୂତ୍ରୀ କାଠମାଣ୍ଡୁ ଘୋଷଣାନାମା ଗୃହୀତ

ନେପାଳର କାଠମାଣ୍ଡୁଠାରେ ଚାଲିଥିବା ଦୁଇଦିନିଆ ‘ବଙ୍ଗୋପସାଗର ବହୁକ୍ଷେତ୍ରୀୟ ବୈଷୟିକ ଓ ଅର୍ଥନୈତିକ ସହଯୋଗ ଅଭିଯାନ’ (ବିମ୍‌ଷ୍ଟେକ୍) ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବଙ୍ଗୋପସାଗର କ୍ଷେତ୍ରରେ ନିରନ୍ତର ବିକାଶ ପାଇଁ ପରିବହନ ଯୋଗାଯୋଗର ମାଷ୍ଟର ପ୍ଲାନ୍ ଅବିଳମ୍ବେ ଆପଣାଇବା ପାଇଁ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହମତି ପ୍ରକାଶ ପାଇଛି। ବୈଠକରେ ୧୮ ସୂତ୍ରୀ କାଠମାଣ୍ଡୁ ଘୋଷଣାନାମାରେ ମୋହର ଲାଗିଛି। ଏହି ଅବସରରେ ‘ବିମ୍‌ଷ୍ଟେକ୍ ଗ୍ରୀଡ୍ ଇଣ୍ଟରକନେକ୍ସନ୍’ ରାଜିନାମା ସ୍ୱାକ୍ଷର ହୋଇଛି। ଏହି ଚୁକ୍ତି ମୁତାବକ ବଙ୍ଗୋପସାଗର କ୍ଷେତ୍ରରେ ବିଦ୍ୟୁତ୍ ଶକ୍ତିର ସୁପରିଚାଳନା କରାଯିବ।

ବିମ୍‌ଷ୍ଟେକ୍ ସମ୍ମିଳନୀ ଉପରାନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେପାଳ ପ୍ରତିପକ୍ଷ କେ.ପି. ଶର୍ମା ଓଲି, ଥାଇଲାଣ୍ଡ ପ୍ରତିପକ୍ଷ ପ୍ରୟୁଥ ଚାନ୍-ଓ-ଚା ଏବଂ ମ୍ୟାନ୍‌ମାର ରାଷ୍ଟ୍ରପତି ୱିନ୍ ମିଣ୍ଟଙ୍କ ସହ ମଧ ପୃଥକ୍ ଭାବେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ନେପାଳ ପ୍ରତିପକ୍ଷ ଓଲିଙ୍କ ସହ କାଠମାଣ୍ଡୁସ୍ଥିତ ପଶୁପତି ମନ୍ଦିର ପ୍ରାଙ୍ଗଣରେ ୪୦୦ ଶଯ୍ୟା ବିଶିଷ୍ଟ ‘ଭାରତ ମୈତ୍ରୀ ପଶୁପତି ଧର୍ମଶାଳା’ର ଉଦ୍‌ଘାଟନ କରିଛନ୍ତି। ଭାରତ ସହାୟତାରେ ନିର୍ମିତ ଏହି ଧର୍ମଶାଳା ତୀର୍ଥଯାତ୍ରୀଙ୍କ ଉଦ୍ଦେଶ୍ୟରେ ନିର୍ମିତ। ଏହି ଧର୍ମଶାଳା ତୀର୍ଥଯାତ୍ରୀଙ୍କୁ ଦୁଇ ପଡ଼ୋଶୀ ଭାରତ ଏବଂ ନେପାଳର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ପ୍ରତିପାଦନ କରିବ ବୋଲି ମୋଦି କହିଛନ୍ତି।

## ଫୁରସତ

### ସ୍ମୃତିଚାରଣ କରିବ ବିଶ୍ୱ ହିନ୍ଦୁ ସମ୍ମିଳନୀ

**ଶିକାଗୋ:** ଦୀର୍ଘ ୧୨୫ ବର୍ଷ ତଳେ ଶିକାଗୋଠାରେ ବିଶ୍ୱ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେଦିନ ଭାରତର ତରୁଣ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ଯେଉଁ ଓଜସ୍ୱିନୀ ଭାଷଣ ଦେଇଥିଲେ ତାହାର ସ୍ମୃତିଚାରଣ ଉଦ୍ଦେଶ୍ୟରେ ସେପ୍ଟେମ୍ବର ୭ରେ ଏକ ବିଶ୍ୱ ହିନ୍ଦୁ ସମ୍ମିଳନୀ ଆୟୋଜିତ ହେଉଛି। ବିଶ୍ୱର ୧୧୦କୋଟି ହିନ୍ଦୁଙ୍କ ସହିତ ପୁନର୍ବାର ସମ୍ପର୍କ ଯୋଡିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ। ୩ ଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀରେ ପାଖାପାଖି ୨,୩୦୦ ପ୍ରତିନିଧି ଲୋମ୍ବାର୍ଡସ୍ଥିତ ୱେଷ୍ଟଇନ୍ ହୋଟେଲ୍‌ରେ ସମବେତ ହେବେ। ହିନ୍ଦୁଙ୍କ ପବିତ୍ର ଧର୍ମଗ୍ରନ୍ଥ ମହାଭାରତର ୩୭ତମ ଅଧ୍ୟାୟରେ ଥିବା ଆପ୍ତବାଣୀ-‘ସମଷ୍ଟିଗତ ଭାବରେ ଚିନ୍ତାକର ଓ ସାହସର ସହିତ କାର୍ଯ୍ୟ କର’ ଏବଂ ଋଗ୍ ବେଦରେ-‘ଏକତ୍ର ରୁହ, ଏକତ୍ର ସ୍ୱର ଉଠାଅ’ ଦ୍ୱାରା ଉଦ୍‌ବୁଦ୍ଧ ହେବାକୁ ଏଠାରେ ଆହ୍ୱାନ ଦିଆଯିବ। ବିବେକାନନ୍ଦ ଉଦ୍‌ବୋଧନ ଦେଇଥିବା ଶିକାଗୋର ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ଠାରୁ ୩୨କିଲୋମିଟର ଦୂରରେ ୱେଷ୍ଟଇନ୍ ହୋଟେଲ୍ ଅବସ୍ଥିତ। ହିନ୍ଦୁଧର୍ମର ଅନେକ ମହାସନ୍ଥ ଉକ୍ତ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ପୁଣି କାର୍ଯ୍ୟକ୍ଷମ ହେବ ରୋଭର

**ୱାଶିଂଟନ:** ମଙ୍ଗଳରେ କିଛିଦିନ ଧରି ଲାଗିରହିଥିବା ଝଡ ଥମିଯାଇଥିବାରୁ ଆକାଶ ନିର୍ମଳ ରହିଛି। ଏହାର ପରିବେଶ ସମ୍ପର୍କରେ ତଥ୍ୟ ଯୋଗାଉଥିବା ଅପର୍ଚ୍ୟୁନିଟି ରୋଭର ଏବେ ପୁଣି କାର୍ଯ୍ୟକ୍ଷମ ହୋଇପାରିବ ବୋଲି ନାସା ବୈଜ୍ଞାନିକମାନେ ଆଶା କରୁଛନ୍ତି। ସେମାନଙ୍କ କହିବାନୁଯାୟୀ, ସୌରଶକ୍ତି ଚାଳିତ ରୋଭର ଖୁବ୍‌ଶୀଘ୍ର ପ୍ରଚୁର ସୂର୍ଯ୍ୟାଲୋକ ପାଇବା ସହିତ ସ୍ୱୟଂକ୍ରିୟ ଭାବରେ ଏହା କାର୍ଯ୍ୟକ୍ଷମ ହୋଇପାରିବ।

ରୋଭର ରହିଥିବା ସ୍ଥାନର ଉପର ଆକାଶରେ ଯେଉଁ ଝଡ ସୃଷ୍ଟି ହୋଇଥିଲା ତାହାଦ୍ୱାରା ଉକ୍ତ ପର୍ଯ୍ୟବେକ୍ଷଣକାରୀ ମହାକାଶଯାନର ଶକ୍ତି ଉତ୍ପାଦନ ହ୍ରାସ ପାଇଥିଲା। ବ୍ୟାଟେରି କାର୍ଯ୍ୟ କରୁ ନ ଥିଲା। ଫଳରେ ରୋଭର କୌଣସି ତଥ୍ୟ ପଠାଇବାକୁ ସମର୍ଥ ହୋଇପାରି ନ ଥିଲା। କିନ୍ତୁ ବର୍ତ୍ତମାନ ଝଡ ଥମିଯାଇଥିବା ଯୋଗୁ ରୋଭର ପ୍ରଚୁର ସୂର୍ଯ୍ୟକିରଣ ପାଇପାରିବ ଏବଂ ବ୍ୟାଟେରି ରିଚାର୍ଜ ହୋଇପାରିବ ବୋଲି ନାସାର ଜେଟ୍ ପ୍ରପଲସନ୍ ଲାବୋରେଟୋରିର ଅପର୍ଚ୍ୟୁନିଟି ପ୍ରୋଜେକ୍ଟ ମ୍ୟାନେଜର ଜନ୍ କୋଲାସ୍ ପ୍ରକାଶ କରିଛନ୍ତି।

ମଙ୍ଗଳରେ ଏକ ଧୂଳିଝଡ ମେ ୩୦ରେ ପ୍ରଥମ ଥର ପାଇଁ ଠାବ କରାଯାଇଥିଲା। ଏଥିପାଇଁ ସୌରଶକ୍ତିଚାଳିତ ବ୍ୟାଟେରି ସୂର୍ଯ୍ୟକିରଣ ପାଇବାକୁ ସମର୍ଥ ହୋଇ ନ ଥିଲା। ତେବେ ସଂରକ୍ଷିତ ଶକ୍ତିଦ୍ୱାରା ରୋଭର ଶେଷଥର ଲାଗି ଜୁନ୍ ୧୦ରେ ସର୍ବଶେଷ ତଥ୍ୟ ପଠାଇପାରିଥିଲା।

#### ଥମିଲା ମଙ୍ଗଳ ଝଡ଼





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୪ | ୨୫.୬ |
| ଚାନ୍ଦବାଲି | ୩୧.୪ | ୨୬.୮ |
| କଟକ | ୩୨.୨ | ୨୫.୦ |
| ପାରାଦ୍ୱୀପ | ୩୧.୩ | ୨୮.୪ |
| ଭୁବନେଶ୍ୱର | ୩୨.୮ | ୨୬.୪ |
| ଗୋପାଳପୁର | ୩୨.୬ | ୨୬.୮ |
| ପୁରୀ | ୩୩.୬ | ୨୭.୪ |
| ଅନୁଗୋଳ | ୩୧.୭ | ୨୪.୬ |
| ବାରିପଦା | ୩୦.୦ | ୨୬.୬ |
| ଝାରସୁଗୁଡ଼ା | ୩୦.୧ | ୨୩.୨ |
| କେନ୍ଦୁଝର | ୩୧.୨ | ୨୫.୦ |
| ସମ୍ବଲପୁର | ୩୨.୦ | ୨୦.୫ |
| ସୁନ୍ଦରଗଡ଼ | --- | ୧୮.୦ |
| ହୀରାକୁଦ | ୩୧.୩ | ୨୧.୫ |
| ତାଳଚେର | ୩୧.୮ | ୨୫.୨ |
| ଭବାନୀପାଟଣା | --- | ୨୫.୦ |
| ବଲାଙ୍ଗୀର | --- | ୨୪.୨ |
| କୋରାପୁଟ | ୨୬.୨ | ୨୦.୬ |
| ଫୁଲବାଣୀ | --- | ୨୧.୦ |
| ଟିଟିଲାଗଡ଼ | ୩୦.୫ | ୨୨.୫ |
| ମାଲକାନଗିରି | ୨୯.୮ | ୨୬.୮ |
| ସୋନପୁର | ୩୦.୮ | ୨୦.୬ |
| ଦାରିଙ୍ଗିବାଡ଼ି | --- | ୧୯.୦ |
| ଢେଙ୍କାନାଳ | ୩୧.୮ | --- |

ଡିଗ୍ରୀ ସେଲ୍‌ସିୟସ୍

# ଆଖି ମାରିଲେ ଦୋଷ ନାହିଁ



**ନୂଆଦିଲ୍ଲୀ:** ଆଖି ମାରି ରାତାରାତି ଚର୍ଚ୍ଚିତ ଚେହେରା ପାଲଟିଥିବା ‘ୱିଙ୍କ୍ କୁଇନ୍’ ପ୍ରିୟା ପ୍ରକାଶ ୱାରିୟରଙ୍କୁ ଏକ ବଡ଼ଧରଣର ଆଶ୍ୱସ୍ତି ମିଳିଛି। ଆଖି ମାରୁଥିବାର ଦୃଶ୍ୟ ସମ୍ବଳିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରିୟାଙ୍କ ଅନେକ ଫ୍ୟାନ୍ ବନିଯାଇଥିଲେ ସୁଦ୍ଧା ଏହାକୁ ଅଶାଳୀନ ଆଚରଣ ଦର୍ଶାଇ କିଛି ଲୋକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିନେତ୍ରୀ ପ୍ରିୟା, ମାଲୟାଲମ୍ ଫିଲ୍ମ ‘ଓରୁ ଆଦାର ଲଭ୍’ର ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କ ନାଁରେ ଦାଏର ହୋଇଥିବା ଏତଲାକୁ ଶୁକ୍ରବାର ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ଏବେ ଆଉ ସେମାନେ ବିଚାରର ସମ୍ମୁଖୀନ ହେବେ ନାହିଁ।



ପ୍ରିୟା ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ଦୀପକ ମିଶ୍ର, ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲ୍‌କର, ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ଯେଉଁ ମାଲୟାଲମ୍ ଲୋକଗୀତରେ ପ୍ରିୟାଙ୍କୁ ଦେଖିବାକୁ ମିଳୁଛି ତାହା ୧୯୭୮ରୁ ରିଲିଜ୍ ହେଲାଣି। ଏହି ଭିଡିଓ ଗୀତରେ କୌଣସି ଧର୍ମକୁ ନିନ୍ଦା କରାଯାଇ ନାହିଁ। ଏଥିରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ (ମୁସଲମାନ)ର ଲୋକଙ୍କ ଭାବାବେଗକୁ ଆଘାତ ଦିଆଯାଇଥିବା କୁହାଯାଇପାରିବ ନାହିଁ। ତେଣୁ ପ୍ରିୟାଙ୍କ ପିଟିଶନକୁ ଗ୍ରହଣ କରିବା ସହ ତେଲେଙ୍ଗାନାରେ ଦାଏର ହୋଇଥିବା ଏତଲାକୁ ଖଣ୍ଡପୀଠ ରଦ୍ଦ କରିଦେଇଛନ୍ତି। ଉକ୍ତ ଗୀତର ଚିତ୍ରଣକୁ ନେଇ ଆଉ କୌଣସି ଏତଲା କିମ୍ବା ଅଭିଯୋଗ ଗ୍ରହଣ ନ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆଇପିସିର ଦଫା ୨୯୫-କ ଆଧାରରେ ୧୮ ବର୍ଷୀୟା ଅଭିନେତ୍ରୀ ଓ ଅନ୍ୟମାନଙ୍କ ବିରୋଧରେ କୌଣସି ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ




62 Years of Purpose and Passion
ଏଲ୍ଆଇସି - ସମୟ ସହ ତାଳ ଦେଇ ଅଗ୍ରସର
ପିଢ଼ି ପରେ ପିଢ଼ିଙ୍କୁ ସେବା ଯୋଗାଇବାର 62 ବର୍ଷ
LIC ଭାରତୀୟ ଜୀବନ ବୀମା ନିଗମ LIFE INSURANCE CORPORATION OF INDIA
www.licindia.in
IRDAI Regn No. : 512
ଆମକୁ ଫଲୋ କରନ୍ତୁ: You Tube LIC India Forever


କମ୍ପାନୀ ସେକ୍ରେଟାରୀଙ୍କ ରାଷ୍ଟ୍ରୀୟ ସମ୍ମିଳନୀ

# ବିକାଶ ପାଇଁ କମ୍ପାନୀ ସେକ୍ରେଟାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୩୧।୮(ବ୍ୟୁରୋ)




ଭୁବନେଶ୍ୱରଠାରେ ଆୟୋଜିତ କମ୍ପାନୀ ସେକ୍ରେଟାରୀମାନଙ୍କ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇସିଏସ୍ଆଇ ଦ୍ୱାରା ସିଏସଆର ପ୍ରଫେଶନାଲ ନୂଆ ପାଠ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ପାଠ୍ୟକ୍ରମର ଉଦ୍ଘାଟନ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ବିଭିନ୍ନ କ୍ଷେତ୍ରରେ ଦକ୍ଷତାର ଆବଶ୍ୟକତାକୁ ଦେଖି ସରକାରୀ ଓ ବେସରକାରୀ କ୍ଷେତ୍ରରେ ନୂଆ ପାଠ୍ୟକ୍ରମ ଆରମ୍ଭ ହେଉଛି। ନୂଆ କ୍ଷେତ୍ର ଯଥା ଇନ୍ସଲଭାନ୍ସି, ଏମରଜିଙ୍ଗ ଟେକ୍ନୋଲୋଜି, ଆରବିଟ୍ରେସନାରି ଆଦି ନୂତନ ପାଠ୍ୟକ୍ରମ ଯୋଗୁ ଡିଜିଟାଲ ଅର୍ଥନୀତିର ବ୍ୟାପକତା ବଢୁଛି। ଏହି ନୂତନ ପାଠ୍ୟକ୍ରମ ସମୂହ ଯୁବପିଢିଙ୍କ ପାଇଁ ନୂଆ ସମ୍ଭାବନା ଆଣିବା ସହ ସମାଜକୁ ଅଧିକ ଲାଭପ୍ରଦାନ କରିବ ବୋଲି ସେ କହିଛନ୍ତି।

ଏହି ସମ୍ମିଳନୀକୁ ଉଦ୍ବୋଧିତ କରି ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ଓଡିଶାରେ ଭରପୂର ପ୍ରାକୃତିକ ସମ୍ପଦ ରହିଛି। ସୁଦୀର୍ଘ ବେଳାଭୂମି ରହିଛି, ଏସବୁ ପାଇଁ ନୂଆ ଭାରତର ନୂଆ ଅର୍ଥନୀତିରେ ଓଡିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ। ପୂର୍ବଭାରତରେ ଓଡିଶା, ବିକାଶର ପ୍ରୟୋଗଶାଳା ହେବ। ବନ୍ଦରଗୁଡିକ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଥିବା ପାରାଦୀପ ବନ୍ଦର ଆସନ୍ତା ବର୍ଷ ସୁଦ୍ଧା ଦେଶର ଶ୍ରେଷ୍ଠ ବନ୍ଦର ହେବ। ଏକବିଂଶ ଶତାବ୍ଦୀରେ ଏସିଆ ମହାଦେଶରେ ଭାରତ ନେତୃତ୍ୱ ନେଉଛି। ଦେଶର ଏହି ବିକାଶରେ କମ୍ପାନୀ ସେକ୍ରେଟାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ଆସିବାପରେ ଦେଶର ବିକାଶ ଆଗେଇ ଚାଲିଛି। ଗତ ୪ବର୍ଷରେ ଦେଶ ସବୁ କ୍ଷେତ୍ରରେ ଆଗେଇ ଚାଲିଛି। ୨୦୧୪ ମସିହା ପର୍ଯ୍ୟନ୍ତ ଦେଶରେ ୧୩କୋଟି ଏଲ୍ପିଜି ଗ୍ରାହକ ଥିବାବେଳେ ଗତ ୪ବର୍ଷରେ ଏହି ସଂଖ୍ୟା ୧୧.୫କୋଟିରେ ପହଞ୍ଚିଛି। ୨୦୧୪ରେ ସରକାର ଦାୟିତ୍ୱ ନେବା ବେଳକୁ ୧୮ହଜାର ଗାଁରେ ବିଜୁଳି ପହଞ୍ଚିଥିଲା। ଗତ ୪ବର୍ଷ ମଧ୍ୟରେ ବିଜୁଳି ସଂଯୋଗ ହୋଇ ନ ଥିବା ସମସ୍ତ ଗାଁରେ ବିଜୁଳି ପହଞ୍ଚାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଆମେରିକାର ନୀତିକୁ ଦୋଷ ଦେଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୩୧।୮:** ଗତ କିଛି ଦିନ ଧରି ଘରୋଇ ବଜାରରେ ତୈଳ ଦର ହ୍ରାସ ହେବାର ନାଁ ଧରୁ ନ ଥିବା ବେଳେ ଏହା ଖାଉଟିଙ୍କ ଚିନ୍ତାକୁ ବଢାଇ ଦେଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବଢିବା ଯୋଗୁ ଘରୋଇ ବଜାରରେ ଏହାର ବିଶେଷ ପ୍ରଭାବ ପଡିଛି। ବଜାରରେ ଅସ୍ୱାଭାବିକ ଭାବେ ଅଶୋଧିତ ତୈଳ ଦର ବୃଦ୍ଧି ଲାଗି ଆମେରିକାର ଏକପାଖିଆ ନୀତି ଦାୟୀ। ଏଭଳି ଦର ବୃଦ୍ଧି ଲାଗି ୟୁଏସ୍ର ନୀତି ବିଶେଷ ଭାବେ ଦାୟୀ ବୋଲି ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ପେଟ୍ରୋଲ, ଡିଜେଲ ଦର ବୃଦ୍ଧିକୁ ନେଇ ସରକାର ଚିନ୍ତିତ ଅଛନ୍ତି। ଦର ନିୟନ୍ତ୍ରଣ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ସୂଚନା ଦେଇଛନ୍ତି।

ଆମେରିକା ନୀତି ଯୋଗୁ ଡଲାର ତୁଳନାରେ ବିଶ୍ୱର ଅନ୍ୟ ଦେଶଗୁଡିକର ମୁଦ୍ରାର ବିନିମୟ ମୂଲ୍ୟ ଦୁର୍ବଳ ହୋଇଛି। ଏହା ଦ୍ୱାରା ଟଙ୍କା ଉପରେ ମଧ୍ୟ ପ୍ରଭାବ ପଡିଛି। ତୈଳ ଦର ଅସ୍ୱାଭାବିକ ଭାବେ ବଢୁଛି। ତୈଳ ଦର ବୃଦ୍ଧି ତଥା ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ଦ୍ୱାରା ଅର୍ଥନୀତି ପ୍ରଭାବିତ ହୋଇଛି। ଏଗୁଡିକ ବାହ୍ୟ କାରଣ ବୋଲି ପ୍ରଧାନ କହିଛନ୍ତି।

## ତୈଳ ଦର ବୃଦ୍ଧି

ଦେଶର ୪ ମେଟ୍ରୋ ସହରରେ ଶୁକ୍ରବାର ପେଟ୍ରୋଲ ଓ ଡିଜେଲ ଦର ରେକର୍ଡ ସ୍ତରରେ ରହିଛି। ମେ ୨୯ ପରଠାରୁ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି କ୍ଷେତ୍ରରେ ଏହା ରେକର୍ଡ। ସହରଗୁଡିକରେ ପେଟ୍ରୋଲ ଦର ଲିଟର ପିଛା ୭୮.୫୨ ଟଙ୍କାରୁ ୮୫.୯୩ ଟଙ୍କା ରହିଛି। ସେହିଭଳି ଡିଜେଲ ଦର ୭୦.୨୧ ଟଙ୍କାରୁ ୭୪.୫୪ ଟଙ୍କା ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଶୁକ୍ରବାର ୨୬ ପଇସା ହ୍ରାସ ହେବାରୁ ଏହା ୭୧ ଟଙ୍କା ସ୍ତର ଛୁଇଁଛି।

# ବିଷ ପିଇଲେ ବଳାତ୍କାର ପୀଡ଼ିତା

ପଦ୍ମପୁର,୩୧।୮(ଡି.ଏନ.ଏ.)

ବଳାତ୍କାରର ଶିକାର ହୋଇଥିବା ଜଣେ ଯୁବତୀ ଲୋକଲଜ୍ଜାରେ ଗୁରୁବାର ସକାଳେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବଳାତ୍କାର ସମ୍ପର୍କରେ ପୀଡ଼ିତାଙ୍କ ମା' ବୁଧବାର ରାତିରେ ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା(ନଂ.୧୦୮/୧୮) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ଲାଗି ସେହି ରାତିରେ ଉଦ୍ୟମ କରିଥିଲା। ପୋଲିସ ଧାମରା ମୁହାଣ ଅତିକ୍ରମ କରି କେନ୍ଦ୍ରାପଡ଼ା ଜିଲାର ଅଭିଯୁକ୍ତ ଯୁବକଙ୍କ ଘରକୁ ଯାଇ ଖାଲି ହାତରେ ଫେରିଥିଲା। ତେବେ ସକାଳେ ପୀଡ଼ିତା ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିବାରୁ ତାଙ୍କ ଅବସ୍ଥା ଗୁରୁତର ହୋଇଥିଲା। ଏଥିଯୋଗୁ ପୋଲିସ ତାଙ୍କର ଡାକ୍ତରୀମାଇନା କରିପାରି ନାହିଁ କି ବୟାନ ମଧ୍ୟ ରେକର୍ଡ କରିପାରି ନାହିଁ। ସେ ସୁସ୍ଥ ହେବା ପରେ ତଦନ୍ତ ପ୍ରକ୍ରିୟା ଆଗେଇବ ବୋଲି ନାୟକାଣିଡିହୀ ପୋଲିସ କହିଛି। ଅଭିଯୁକ୍ତ ଯୁବକ ବାସୁଦେବପୁର ଅଞ୍ଚଳର ଏକ ଚିଙ୍ଗୁଡ଼ି ଫାର୍ମରେ କାମ କରୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ ସୂଚନା ଦେଇଛି।




ଜୋତା ଦୋକାନରୁ ୮୦ ହଜାର ଟଙ୍କା ଚୋରି

# ଚୋରଙ୍କୁ କାବୁ କଲେ ବ୍ୟବସାୟୀ

ବାହାନଗା,୩୧।୮(ଡି.ଏନ.ଏ.)

ଶୁକ୍ରବାର ଅପରାହ୍ନରେ ବାହାନଗା ବ୍ଲକ ଗୋପାଳପୁର ବଜାରରେ ରସାନନ୍ଦ ଦାସଙ୍କ ଜୋତା ଦୋକାନରେ କେହି ନ ଥିବାର ସୁଯୋଗ ନେଇ ଜଣେ ଯୁବକ କ୍ୟାଶବାକ୍ସରୁ ୮୦ ହଜାର ଟଙ୍କା ଚୋରି କରି ନେଇପଳାଇଥିଲେ। ଚାରିଆଡେ ଖୋଜାଖୋଜି କରିବା ପରେ ଚୋରି କରିଥିବା ଯୁବକଙ୍କୁ ଦୋକାନୀମାନେ କାବୁ କରିଛନ୍ତି। ଯୁବକ ଜଣଙ୍କ ଚୋରି ଟଙ୍କା ମଧ୍ୟରୁ ୨୦ହଜାର ଟଙ୍କା ବାଉଁଶ ବୁଦାମୂଳରେ ଲୁଚାଇଥିବା ମାନିବା ପରେ ତାକୁ ଉଦ୍ଧାର କରାଯାଇଛି। ଗୋପାଳପୁର ଫାଣ୍ଡି ପୋଲିସ ପହଞ୍ଚି ଲୋକଙ୍କ ପାଖରୁ ଯୁବକଙ୍କୁ ଉଦ୍ଧାର କରି ଟଙ୍କା ଲୁଚାଇଥିବା ସ୍ଥାନକୁ ଯାଇ ତଦନ୍ତ କରୁଛି। ଅବଶିଷ୍ଟ ୬୦ ହଜାର ଟଙ୍କା କେଉଁଠି ରଖିଛି ପୋଲିସ ପଚରାଉଚରା କରୁଛି। ଯୁବକଙ୍କ ଘର ଅଟାସପୁର ଗ୍ରାମରେ ବୋଲି ଜଣାପଡିଛି।


DSPL - 142
୧୦୦୦ ଦିନ - ଜୀବନ ର ମୂଳଦୁଆ
ଜଣେ ମହିଳାଙ୍କର ଗର୍ଭାବସ୍ଥାରୁ ଶିଶୁକୁ ୨ ବର୍ଷ ହେବା ପର୍ଯ୍ୟନ୍ତ, ଏହି ୧୦୦୦ ଦିନରେ ଉତ୍ତମ ପୁଷ୍ଟି, ଶିଶୁର ଉତ୍ତମ ସ୍ୱାସ୍ଥ୍ୟର ମୂଳଦୁଆ ପକାଇଥାଏ ।


ଗର୍ଭାବସ୍ଥା ୨୭୦ ଦିନ
- ପୁଷ୍ଟିକର ଖାଦ୍ୟ
- ଲୌହ ବଟିକା ସେବନ
- କ୍ୟାଲସିୟମ ବଟିକା ସେବନ
- ଆୟୋଡିନ ଯୁକ୍ତ ଲୁଣର ବ୍ୟବହାର


ଶୈଶବ ୩୬୫ ଦିନ
- ଜନ୍ମ ପରେ ଯଥା ଶୀଘ୍ର ସମ୍ଭବ ସ୍ତନ୍ୟପାନ
- ଶିଶୁ ପାଇଁ ପ୍ରଥମ ୬ ମାସ କେବଳ ମା' କ୍ଷୀର
- ପ୍ରସୂତି ମା'ଙ୍କ ପାଇଁ ପର୍ଯ୍ୟାପ୍ତ ପୋଷଣ


୨ ବର୍ଷ ଶିଶୁ ୩୬୫ ଦିନ
- ସଠିକ ସମୟରେ ଅନୁପୂରକ ଖାଦ୍ୟର ଆରମ୍ଭ
- ଶିଶୁକୁ ଦୁଇ ବର୍ଷ ଏବଂ ଉର୍ଦ୍ଧ୍ୱ ପର୍ଯ୍ୟନ୍ତ ସ୍ତନ୍ୟପାନ
- ଆଇଏଫଏ ସିରପ ସେବନ
- ଭିଟାମିନ A ସେବନ
- ଖାଦ୍ୟରେ ବିବିଧତା

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ
ଓଡ଼ିଶା ସରକାର
33001/13/0005/1819


# ଜେଇଇ ମେନ୍: ଆଜିଠୁ ନାମ ପଞ୍ଜୀକରଣ

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

୨୦୧୯ ଜାନୁୟାରୀରେ ଅନୁଷ୍ଠିତ ହେବାକୁ ଥିବା ଜେଇଇ ମେନ୍ ପାଇଁ ଶନିବାରଠାରୁ ଆଗ୍ରହୀ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିବେ। ପଞ୍ଜୀକରଣର ଶେଷ ତାରିଖ ସେପ୍ଟେମ୍ବର ୩୦ ରହିଛି। ଅକ୍ଟୋବର ପହିଲା ପର୍ଯ୍ୟନ୍ତ ଫି ଦାଖଲର ଶେଷ ତାରିଖ ରହିଛି। ଏହାରି ଭିତରେ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଗ୍ରହୀ ଛାତ୍ରୀଛାତ୍ର www.jeemain.nic.in ୱେବ୍ସାଇଟକୁ ଯାଇ ନାମ ପଞ୍ଜୀକରଣ କରିବେ। ସୂଚନାଯୋଗ୍ୟ, ବର୍ଷକୁ ୨ଥର ଜେଇଇ ମେନ୍ ପରୀକ୍ଷା ଅନୁଷ୍ଠିତ ହେବ। ଏ ନେଇ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯିବା ପରେ ପ୍ରଥମ ସେକ୍ସନ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ନ୍ୟାଶନାଲ ଟେଷ୍ଟ ଏଜେନ୍ସି(ଏନ୍ଟିଏ) ଏହି ରପୀକ୍ଷା ପରିଚାଳନା କରିବ। ବି.ଇ, ବି.ଟେକ୍, ବି.ଆର୍କ, ବି.ପ୍ଲାନ୍ କୋର୍ସ ସହିତ ଏନ୍ଆଇଟି ଏବଂ ସିଏଫ୍ଟିଆଇରେ ନାମଲେଖାଇବା ପାଇଁ ହେଲେ ଜେଇଇ ମେନ୍ ସ୍କୋର ରଖିବାକୁ ପଡ଼ିବ। ଆଇଆଇଟି ଏବଂ ଆଇଏମ୍ଏମ ଧାନବାଦରେ ପଢିବାକୁ ହେଲେ ଜେଇଇ ମେନ୍-୨୦୧୯ ସହିତ ଜେଇଇ ମେନ୍ ଆଡଭାନ୍ସଡ ପରୀକ୍ଷାରେ ର୍ୟାଙ୍କ ରଖିବାକୁ ପଡିଥାଏ। ଫର୍ମରେ କିଛି ତ୍ରୁଟି ଥିଲେ ଛାତ୍ରୀଛାତ୍ରମାନେ ଅକ୍ଟୋବର ମାସ ମଧ୍ୟରେ ସଂଶୋଧନ କରିପାରିବେ। ଜାନୁୟାରୀ ୬ରୁ ୨୦ ମଧ୍ୟରେ ଜେଇଇ ମେନ୍ ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ସେକ୍ସନ ପରୀକ୍ଷା ଏପ୍ରିଲ ୬ରୁ ୨୦ ତାରିଖ ଭିତରେ ହେବ। ଏଥିପାଇଁ ଫେବୃୟାରୀ ୮ରୁ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିବେ।


ADMISSION OPEN
GNM
Duration : 3 Years
Eligibility: 2 Arts , Science & Commerce
Age: Both Male & Female 17 to 30 Years
ANM
Duration : 2 Years
Eligibility: +2 in any Stream or its equivalent examination
Age: 17 to 30 year
Clinical Training at : District Head Quarter Hospital, SBP; VIMSAR, Burla
Details Contact
KOSHAL ANM & GNM TRAINING SCHOOL
At/Po:Dhanupali(Naxapali) Sambalpur-768005(Odisha)
Phone: (0663) 2546997: Mobile 9938569414
Permitted by: Health & Family Welfare Deptt. Govt of Odisha, Bhubaneswar
Affiliated By : Indian Nursing Council New Delhi and Odisha Nursing Council, Bhubaneswar



ADMISSION OPEN 2018-20
B.Ed, B.P.Ed, B.H.Ed.
10th, +2, +3 (UG, PG, All stream) BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436



GANDHI INSTITUTE
Balangir, Sambalpur
9348898852
9777988870
www.gandhiinstitute.in
Admission Going On
B.ED
Andhra University
Dear Students,
2017-19 First Semester Result Announced...
Congratulation to All Passout Students and those who have not cleared the papers; Do not get panicked. You have another Chance to clear your Back Papers.
Topper of 1st Semester: Miss. Priyanka Lahoti Sambalpur



On the Occasion of Dasara, Hastashilpi presents
ହସ୍ତଶିଳ୍ପୀ
ସିଲ୍କ ଇଣ୍ଡିଆ™ 2018
Last 2 Days Only

24th Aug. to 2nd Sept. 2018 | 10.30 am to 8.30 pm
ସ୍ଥାନ: ଦ ନ୍ୟୁ ମ୍ୟାରିଅନ
ଜନପଥ. ରାମ ମନ୍ଦିର ସାମ୍ନା. ଭୁବନେଶ୍ୱର
ଉତ୍ପାଦର ପ୍ରଦର୍ଶନ:
ଏବଂ ଆହୁରି ଅନେକ....
All Credit & Debit Cards Accepted | Contact : +91 - 85534 16929 / +91 - 89717 57606
(Registered with O/o D C (H), Ministry of Textiles, Govt. of India)
Organised by : hastashilpi

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୧/୨୦୧୮



ପର ପାଇଁ ଦୁଃଖ ସହିବା ହେଉଛି
ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ବିଦୁ
ପରିବାରବର୍ଗ



ଲିନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨ ଚୋରା ମଦ ବେପାରୀ ଗିରଫ

**ସୋର, ୩୧।୮(ଡି.ଏନ.ଏ.):** ସୋର ଅବକାରୀ ଥାନା ତରଫରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମଦ ଜବତ କରାଯାଇଛି । ସୋର ଥାନା ଖଣ୍ଡାସହି ଗ୍ରାମର ଜଚେନ୍ଦ୍ର ଦାସଙ୍କଠାରୁ ୧୨ଲିଟର ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି । ସେହିପରି କମରପୁର ଗ୍ରାମର ହିରାମଣ୍ଡଳଙ୍କଠାରୁ ୧୪ ଲିଟର ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି । ଏନେଇ ଅବକାରୀ ଥାନାରେ କେସ୍ ନଂ. ଯଥାକ୍ରମେ ୭୪, ୭୫/୧୮ ରୁଜୁ କରାଯାଇଛି ।

# ଏସ୍ଏସ୍ସି-୨୦୧୭ ପରୀକ୍ଷା ଫଳ ଘୋଷଣା ଉପରେ ରହିତାଦେଶ

ନୂଆଦିଲ୍ଲୀ, ୩୧।୮(ପି.ଟି.)

ସରକାରୀ ବିଭାଗ ଓ ମନ୍ତ୍ରଣାଳୟରେ ନିଯୁକ୍ତି ଲାଗି ଷ୍ଟାଫ୍ ସିଲେକ୍ସନ୍ କମିଶନ (ଏସ୍ଏସ୍ସି) ପକ୍ଷରୁ ୨୦୧୭ରେ ହୋଇଥିବା ପରୀକ୍ଷା ଫଳ ଏବେ ପ୍ରକାଶ ପାଇବ ନାହିଁ। ପରୀକ୍ଷାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଆସିଥିବା ଅଭିଯୋଗର ସତ୍ୟତା ଥିବା ପ୍ରତୀୟମାନ ହେଉଥିବାରୁ ଫଳାଫଳ ଘୋଷଣା ଉପରେ ଶୁକ୍ରବାର ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି। ପରୀକ୍ଷାରେ ଜାଲିଆତି କରି ଲାଭ ଉଠାଇବା ପାଇଁ ଲୋକଙ୍କୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଅଦାଲତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏସ୍ଏସ୍ସିର କମ୍ବାଇନ୍ଡ ଗ୍ରାଜୁଏଟ ଲେଭଲ୍ ଏବଂ ସେକେଣ୍ଡାରୀ ଲେଭଲ୍ ପରୀକ୍ଷାରେ ମହାଦୁର୍ନୀତି ଦୁର୍ନୀତି ହୋଇଥିବା କିଛିମାସ ପୂର୍ବେ ପ୍ରଘଟ ହେବା ପରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ଅନେକ ଏସ୍ଏସ୍ସି ଅଧିକାରୀ ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ମାମଲାର ତଦନ୍ତ ଭାର ସିବିଆଇ ଉପରେ ନ୍ୟସ୍ତ କରାଯାଇଥିଲା। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସୁପ୍ରିମକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିସାରିଛି। ଏହାକୁ ତର୍ଜମା କରିବା ପରେ ଜଷ୍ଟିସ୍ ଏସ୍.ଏ. ବୋବ୍ଦେ, ଏଲ୍. ନାଗେଶ୍ୱର ରାଓଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ୨୦୧୭ ଏସ୍ଏସ୍ସି ପରୀକ୍ଷାର ସମ୍ପୂର୍ଣ୍ଣ ବ୍ୟବସ୍ଥାରେ ଦୁର୍ନୀତି ହୋଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଯାଇଛି। ପ୍ରଶ୍ନପତ୍ରକୁ ସୁରକ୍ଷିତ ରଖିବା ଦାୟିତ୍ୱରେ ରହିଥିବା ଅଧିକାରୀ ହିଁ ଏସବୁ ଲିକ୍ କରୁଛନ୍ତି। ଏକଥା ବିଶ୍ୱାସ କରି ହେଉନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏସ୍ଏସ୍ସି ଅଧିକାରୀଙ୍କ ସପକ୍ଷରେ ଯୁକ୍ତି ଦର୍ଶାଇବା ଯୋଗୁ ଅତିରିକ୍ତ ସଲିସିଟର ଜେନେରାଲ ବିକ୍ରମଜିତ ବାନାର୍ଜୀଙ୍କ ଉପରେ ମଧ କୋର୍ଟ ପ୍ରବଳ ବର୍ଷିଛନ୍ତି। ଆବେଦନକାରୀ ଶାନ୍ତନୁ କୁମାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ପ୍ରଶାନ୍ତ ଭୂଷଣ ଏବଂ ଗୋବିନ୍ଦ ଜୀ କହିଥିଲେ, ପ୍ରଶ୍ନପତ୍ର ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନେ ଏସବୁ ଲିକ୍ କରିଛନ୍ତି ବୋଲି ସିବିଆଇ ସ୍ୱୀକାର କରିଛି। ତେଣୁ ପରୀକ୍ଷା ଫଳ ଘୋଷଣା ଉପରେ ରହିତାଦେଶ କରାଯାଉ ବୋଲି ସେ କୋର୍ଟଙ୍କୁ ଅନୁରୋଧ କରିଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବ ସହଳ, ଶୋଇବ ଆଗେ**
**ଉଠିବ ସକାଳେ, ଚାଲିବ ବେଗେ ।**

ରାତ୍ରିର ଖାଦ୍ୟ ଶୀଘ୍ର ଖାଇ ଶୀଘ୍ର ବିଛଣାକୁ ଯିବା ଉଚିତ୍। ଶୀଘ୍ର ଶୋଇଲେ ବଡ଼ିଭୋର୍‌ରୁ ନିଦ ଭାଙ୍ଗିଯାଇଥାଏ । ସେହିପରି ଅତି ସକାଳୁ ଉଠି ବାହାରେ ଚଲାବୁଲା କଲେ ଦେହ ସୁସ୍ଥ ରହିଥାଏ । ବ୍ୟକ୍ତି ସୁସ୍ଥ ନୀରୋଗ ରହିବା ପାଇଁ ଏପରି ଦିନଚର୍ଯ୍ୟା କରିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

**ଖଉରିଆ ମୁଣ୍ଡେ ଖୋଷା**
**ଟାଣୁଆ ଗାଲକୁ ବଣ ହଳଦୀ**
**ମାରି ଦେଉଅଛି ତୁଛା !**

ଯୁବତୀମାନେ ବେଶ ପରିପାଟୀ ହୋଇ ନିଜକୁ ଅନ୍ୟ ଆଗରେ ଦେଖେଇ ହେବାରେ ଆନନ୍ଦ ପାଇଥାନ୍ତି। ଏପରିସ୍ଥଳେ ଗାଉଁଲି ଯୁବତୀର ଫେଶନ ବା ବିଚିତ୍ର ବେଶ ପରିପାଟୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ବଲାଙ୍ଗୀର ମେଡିକାଲ ...

କଲେଜ ପରିସରକୁ ଲାଗି ଆଉ ଏକ ଅତ୍ୟାଧୁନିକ ହସ୍ପିଟାଲ ୯୫କୋଟି ଟଙ୍କାରେ ନିର୍ମାଣ କରାଯିବ ବୋଲି କହିଥିଲେ। ବଲାଙ୍ଗୀର ମେଡିକାଲ କଲେଜ ପାଇଁ କେନ୍ଦ୍ର ସରକାର ୬୯ କୋଟି ଟଙ୍କା ଦେଇଥିବାବେଳେ ରାଜ୍ୟ ସରକାର ୧୬୭ କୋଟି ଟଙ୍କା ଖର୍ଚ୍ଚ କରିଥିବା ସେ ସୂଚନା ଦେଇଥିଲେ। ଯେଉଁ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର କେବିକେ ଜିଲାରେ ଯୋଗଦେବେ ସେମାନଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇବେ ବୋଲି କହିଥିଲେ। ବିରୋଧୀଦଳ ନେତା ନରସିଂହ ମିଶ୍ର ଉଦ୍‌ବୋଧନ ଦେଇ ବଲାଙ୍ଗୀରରେ ଭୀମ ଭୋଇ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ତାଙ୍କ ଉଦ୍ୟମକୁ ମିଶ୍ର ପ୍ରଶଂସା କରିଥିଲେ। ବହୁ ବିଳମ୍ବ ହେଲେ ସୁଦ୍ଧା ଆଜି ଏହି ମେଡିକାଲ କଲେଜ ବାସ୍ତବ ରୂପ ନେଇଥିବାରୁ ଆଜିର ଦିନ ସମଗ୍ର ଅଞ୍ଚଳବାସୀଙ୍କ ପାଇଁ ଆନନ୍ଦ ଓ ଉଲ୍ଲାସର ଦିନ ବୋଲି ସେ କହିଥିଲେ। ବଲାଙ୍ଗୀରରେ ମେଡିକାଲ କଲେଜ ପ୍ରତିଷ୍ଠା ହେବାରେ ତତ୍କାଳୀନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଗୁଲାମନବୀ ଆଜାଦ୍‌ଙ୍କ ଭୂମିକାକୁ ମିଶ୍ର ପ୍ରଶଂସା କରି ତାଙ୍କୁ ଓ ଏବକାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡାଙ୍କୁ ମଧ ଧନ୍ୟବାଦ ଜଣାଇଥିଲେ। ଏମ୍‌ପି କଲିକେଶ ନାରାୟଣ ସିଂଦେଓ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀରଠାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ନଡ୍ଡାଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂଦେଓ, ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁ, ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା, କଣ୍ଟାବାଞ୍ଜି ବିଧାୟକ ହାଜି ମହମ୍ମଦ ଆୟୁବ ଖାଁ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଉଦ୍‌ଘାଟନୀ ସଭାରେ ଜିଲାପାଳ ଅରିନ୍ଦମ ଡାକୁଆ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। କଲେଜ ଡିନ୍ ପ୍ରଫେସର ଲଳିତ କୁମାର ମେହେର ଭୀମ ଭୋଇ ମେଡିକାଲ କଲେଜ ଉପରେ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। ୧୦୦ ସିଟ୍ ବିଶିଷ୍ଟ ଏହି ମେଡିକାଲ କଲେଜ ୨୭ ଏକର ଜମିରେ ରହିଛି। ଏଠାରେ ଏବେ ୧୦୦ ଛାତ୍ରୀଛାତ୍ରଙ୍କ ସହ ୧୨୭ କର୍ମଚାରୀ ଥିବା ସେ ସୂଚନା ଦେଇଥିଲେ। କଲେଜରେ ଥିବା ସୁବିଧା ଓ ଚିକିତ୍ସା ସେବା ସମ୍ପର୍କରେ ସେ ଜଣାଇଥିଲେ। ଶେଷରେ ମେଡିକାଲ କଲେଜ ଅଧୀକ୍ଷକ ନାରାୟଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### ୪ ଓଡ଼ିଆଙ୍କୁ ...

ଫଳରେ ଓଡ଼ିଶା ଖେଳାଳି ଭାବେ ଏସିଆନ ଗେମ୍ସରେ ହକିରୁ ଏକାଧିକ ପଦକ ପାଇବାରେ ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ଜ୍ୟୋତି ସୁନୀତା କୁଲୁଙ୍କ ସହ ଏହି ୪ ଖେଳାଳି ଯୋଡ଼ି ହୋଇ ଯାଇଛନ୍ତି। ଓଭରଅଲ୍ ଦେଖିବାକୁ ଗଲେ, ଜାକର୍ତ୍ତା ଏସିଆନ ଗେମ୍ସର ଉଭୟ ୧୦୦ ଓ ୨୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରି ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ମଧ ଏହି କ୍ଲବର ସଦସ୍ୟା ହୋଇଯାଇଛନ୍ତି। ତେବେ ଦୂତୀ ଗୋଟିଏ ଏସିଆନ ଗେମ୍ସରେ ୨ଟି ପଦକ ଜିତି ଅନ୍ୟମାନଙ୍କଠାରୁ ଆଗରେ ରହିଛନ୍ତି। ଏବେ ଏସିଆନ ଗେମ୍ସରେ ୨୦ ଜଣ ଓଡ଼ିଶା ଖେଳାଳିଙ୍କ ପଦକ ସଂଖ୍ୟା ୨୭ରେ ପହଞ୍ଚିଛି।

### ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ...



ବିମାନବନ୍ଦର ଟର୍ମିନାଲରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଓ ଅନ୍ୟମାନେ ସମୀକ୍ଷା କରୁଛନ୍ତି।

ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ପରେ ଝାରସୁଗୁଡାଠାରେ ଉଡାନ ଯୋଜନାରେ ନୂଆ ବିମାନବନ୍ଦର ଲୋକାର୍ପଣ ପ୍ରଧାନମନ୍ତ୍ରୀ କରିବେ ବୋଲି ସେ କହିଛନ୍ତି। ଅନ୍ୟପଟେ ଶୁକ୍ରବାର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଝାରସୁଗୁଡା ଯାଇ ବିମାନବନ୍ଦର ସ୍ଥିତି ସମୀକ୍ଷା କରିଛନ୍ତି। ତାଙ୍କ ସହ ଭାଜପା ବିଧାୟିକା ରାଧାରାଣୀ ପଣ୍ଡା, ଦଳର କାର୍ଯ୍ୟକର୍ତ୍ତା, ବିମାନବନ୍ଦର ନିର୍ଦ୍ଦେଶକ ଏସ୍.କେ. ଚୌହାନ ଓ ଅନ୍ୟମାନେ ଥିଲେ। ସମସ୍ତେ ରନୱେ, ଏଟିସି ଟାୱାର, ପ୍ରଶାସନିକ କୋଠା, ଅଗ୍ନିଶମ ବ୍ୟବସ୍ଥା ବୁଲି ଦେଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଭାଜପା କାର୍ଯ୍ୟକର୍ତ୍ତାମାନେ ଉତ୍ସାହିତ ଥିବା ଜଣାପଡିଛି। ବିମାନବନ୍ଦର ଲୋକାର୍ପଣ ଅବସରରେ ପ୍ରଧାନମନ୍ତ୍ରୀ ଆଉ ୨ଟି ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସୁନ୍ଦରଗଡ ଜିଲା ଏମ୍‌ସିଏଲ୍ ଅଧୀନ ବସୁନ୍ଧରା କୋଇଲା ଖଣି ଅଞ୍ଚଳରୁ କୋଇଲା ପରିବହନ ଲାଗି ୨୦୧୩ରେ ସରଡେଗା-ଝାରସୁଗୁଡା ଟ୍ରେନ୍ ଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାୟ ୫୦.୩୦କିମି ବିଶିଷ୍ଟ ଏହି ଟ୍ରେନ୍ ଲାଇନ ନିର୍ମାଣ ଲାଗି କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ୧୦୪୪କୋଟି ଟଙ୍କା ବ୍ୟୟ କରିଛି। ଏହାକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ। ସେହିପରି ସୁନ୍ଦରଗଡ ଜିଲା ବସୁନ୍ଧରା ଖଣି ଅଞ୍ଚଳର ଦୁଇଟି କୋଇଲା ଖଣି ପରିଚାଳନା ପାଇଁ ଅନୁମୋଦନ ମିଳିସାରିଛି। ଉକ୍ତ ଦୁଇଟି ଖଣିର ପରିଚାଳନା କାର୍ଯ୍ୟ ଆରମ୍ଭ ପୂର୍ବରୁ ମଧ ଉଦ୍‌ଘାଟନ କରାଯିବ। ଝାରସୁଗୁଡା ବିମାନବନ୍ଦର ପରିଦର୍ଶନ କରିବାକୁ ଯିବା ଅବସରରେ ପ୍ରଧାନମନ୍ତ୍ରୀ ବିମାନବନ୍ଦର ଲୋକାର୍ପଣ ସହ ଏହି ୨ଟି ପ୍ରକଳ୍ପର ଉଦ୍‌ଘାଟନ କରିବେ ବୋଲି ଜୁଏଲ କହିଛନ୍ତି। ବିମାନବନ୍ଦର ଲୋକାର୍ପଣ ସ୍ଥିର ହୋଇଥିବାରୁ ଏହା ଉପରେ କେନ୍ଦ୍ରମନ୍ତ୍ରୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ନଜର ରହିଛି। ତେଣୁ ଆସନ୍ତା ମାସ ୬ତାରିଖରେ ଝାରସୁଗୁଡା ବିମାନବନ୍ଦରର ସମୀକ୍ଷା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଯିବେ ବୋଲି ଜଣାପଡିଛି।

# 'ମୁଁ ମରିଛି କହି ମୋ ଆୟୁଷ ବଢ଼ାଉଛନ୍ତି'



ପପୁ ପମ୍‌ପମ୍

ଭୁବନେଶ୍ୱର,୩୧।୮(ବ୍ୟୁରୋ)

ନିଜ ଅସୁସ୍ଥତା ଓ ମୃତ୍ୟୁ ସମ୍ପର୍କିତ ଗୁଜବ ଖବରକୁ ଖଣ୍ଡନ କରିଛନ୍ତି ଓଡ଼ିଆ ଫିଲ୍ମ ଏବଂ ଟେଲିଭିଜନ ଜଗତର ଲୋକପ୍ରିୟ ହାସ୍ୟ ଅଭିନେତା ପପୁ ପମ୍‌ପମ୍ ଓରଫ ତତ୍ତ୍ୱପ୍ରକାଶ ଶତପଥୀ। ଫେସ୍‌ବୁକ୍ ସହ ବିଭିନ୍ନ ସୋସିଆଲ ମିଡିଆରେ ବାରମ୍ବାର ତାଙ୍କ ମୃତ୍ୟୁ ହେବା ନେଇ ଯେଉଁ ଅପପ୍ରଚାର କରାଯାଉଛି, ତାହାକୁ ସେ ନିନ୍ଦା କରିଛନ୍ତି। ପପୁଙ୍କ ମୃତ୍ୟୁ ହୋଇଯାଇଛି ବୋଲି ଶୁକ୍ରବାର ସକାଳୁ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପପୁ ଏକ ଭିଡିଓ ପୋଷ୍ଟ କରି ଏହା ଉପରେ ମତ ରଖିଛନ୍ତି। ଏହାସହ ତାଙ୍କ ମୃତ୍ୟୁ ସମ୍ପର୍କିତ ଖବରରେ ବିଶ୍ୱାସ ନ କରିବାକୁ ପ୍ରଶଂସକଙ୍କୁ ଅନୁରୋଧ କରିଛନ୍ତି।ଭିଡିଓରେ ପପୁ କହିଛନ୍ତି, ମୁଁ ମରିଯାଇଛି ବୋଲି ବାରମ୍ବାର ଯେଉଁମାନେ କହୁଛନ୍ତି, ସେମାନଙ୍କୁ ମୁଁ ଧନ୍ୟବାଦ ଦେବି। କାରଣ ମୋ ମରିବା ଖବର ଯେତେ ବାହାରିବ, ମୋ ଆୟୁଷ ସେତେ ବଢ଼ିବ। ଚିକିତ୍ସା ପାଇଁ ନିକଟରେ ମୁଁ ଦିଲ୍ଲୀ ଯାଇଥିଲି। ଏମ୍‌ସରେ ଚିକିତ୍ସିତ ହେଉଥିଲି। ଡାକ୍ତରଖାନାର ନିୟମ ଅନୁଯାୟୀ ମାସେ ପରେ ଆଉଥରେ ଚେକ୍‌ଅପ୍ କରିବାକୁ ଡାକ୍ତର କହିଥିଲେ। ତେଣୁ ମାସିକିଆ ଚେକ୍‌ଅପ୍ ହେବା ପାଇଁ ପୁଣିଥରେ ଏମ୍‌ସ ଯିବାକୁ ପଡ଼ିଲା। ହେଲେ କେତେଜଣ ଲୋକ ଓ ଗଣମାଧମ ଏହାକୁ ନେଇ ଗୁଜବ କଲେ। ଆଜି ଛିଙ୍କିଲି, କାଲି ଇଞ୍ଜେକ୍ସନ୍ ନେଲି, ସବୁକଥା କ'ଣ ମୁଁ ମିଡିଆ ଏବଂ ସୋସିଆଲ ମିଡିଆକୁ ଜଣାଇବି ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି। ମୁଁ ମରିଯାଇଛି ବୋଲି ମିଛରେ ନ୍ୟୁଜ୍ ବାହାରୁଛି। ବେକାର ଖବର ଉପରେ ଗୁରୁତ୍ୱ ଦିଅନ୍ତୁ ନାହିଁ। ଏମାନେ ଯେଉଁ ବାଟ କରୁଛନ୍ତି, ମୁଁ ଆହୁରି ଅଧିକ ଦିନ ବଞ୍ଚିବି। ମୁଁ ଆପଣଙ୍କ ସହିତ ଥିଲି, ରହିଛି ଓ ରହିବି ବୋଲି ପପୁ ଏହି ଭିଡିଓରେ କହିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୧୦ରେ ସୁସ୍ଥ ହୋଇ ଦିଲ୍ଲୀ ଏମ୍‌ସରୁ ଫେରିଥିବା ପପୁ ନିକଟରେ ପୁଣି ରୋଟିନ୍ ଚେକ୍‌ଅପ୍ ହୋଇ ଦିଲ୍ଲୀରୁ ଫେରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜିର ଚନ୍ଦ୍ର ଧନ ସପ୍ତମାଧିପ ଶୁକ୍ରଙ୍କ ନକ୍ଷତ୍ରସ୍ଥ ହେତୁ ଅର୍ଥ ସମ୍ପର୍କିତ ସମସ୍ୟା ମଧ୍ୟରେ ବ୍ୟସ୍ତତା ଅନୁଭବ କରିବେ। ପୁନଶ୍ଚ ଶୁକ୍ର ରାଶିର ଷଷ୍ଠରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି କିମ୍ବା ମତପାର୍ଥକ୍ୟଜନିତ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ବିଳାସକାରକ ଶୁକ୍ର କିନ୍ତୁ ମିତ୍ର ବୁଧ କ୍ଷେତ୍ରରେ ମନୋରଞ୍ଜନ କାର୍ଯ୍ୟରେ ବନ୍ଧୁଙ୍କ ନିମନ୍ତ୍ରଣ ପାଇବେ।

**ବୃଷ** - ଚନ୍ଦ୍ରଙ୍କ ସହ ଶୁକ୍ରଙ୍କ ଷଡାଷ୍ଟକ ସ୍ଥିତି ହେତୁ ମନ ଅନୁଯାୟୀ କୌଣସି କାମ କରିବା ସହଜ ସାଧ ନ ହୋଇପାରେ। ସମ୍ପର୍କୀୟମାନଙ୍କ ସହ ସୁସମ୍ପର୍କ ସେତେଟା ଭଲ ରହିବ ନାହିଁ। ଗୃହ ନିର୍ମାଣ, ଯାନବାହନ ମରାମତି ଓ ସଭାସମିତିରୁ ଉପକୃତ ହେବେ। ପରିବାରରେ ଗତକାଲି ଘଟି ଯାଇଥିବା ଘଟଣାର ମୋଡ ବଦଳି ଯାଇପାରେ।

**ମିଥୁନ** - ବୃହସ୍ପତିଙ୍କ ସହ ଚନ୍ଦ୍ରଙ୍କ ପ୍ରତ୍ୟକ୍ଷ ସମ୍ପର୍କ ଉନ୍ନତ ଚିନ୍ତା ନୂତନ ଯୋଜନା, ନୂତନ କର୍ମାରମ୍ଭ ପାଇଁ ଶୁଭପ୍ରଦ ରହିବ। ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ। ଜମିଜମା, ପୁରୁଣା ଗାଡି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇବେ। ଗୃହସୀମାକୁ କେନ୍ଦ୍ରକରି ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟି ହେବ।

**କର୍କଟ** - ପରିବାର ସ୍ଥାନ ପ୍ରତି ଚନ୍ଦ୍ରଙ୍କ ଶୁଭ ସମ୍ପର୍କ ଏକାଧାରରେ ସୁସ୍ଥ ପାରିବାରିକ ଜୀବନ ସହ କର୍ମକ୍ଷେତ୍ର ମଧ ସମସ୍ୟାମୁକ୍ତ ରହିବ। ଅର୍ଥ ସମ୍ପର୍କିତ ସଙ୍କଟଜନକ ସ୍ଥିତିରେ ସୁଧାର ଆସିବା ସହ କାମ ହାସଲରେ ପ୍ରତିବନ୍ଧକ ରହିବ ନାହିଁ। ପୂର୍ବରୁ ଲାଗିରହିଥିବା କଚେରି ମାମଲା ମନ୍ଥର ହେବା କାରଣରୁ ଉଦ୍‌ବେଗ ବୃଦ୍ଧି ପାଇବ।

**ସିଂହ** - ଆଜିର ଗ୍ରହସ୍ଥିତିର ପ୍ରଭାବରେ ଦିନଟିରେ ମିଶ୍ରିତଫଳ ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ସରକାରୀ ସ୍ତରର କିମ୍ବା ରାଜନୀତି କ୍ଷେତ୍ରର କାମରେ ଲକ୍ଷ୍ୟପୂରଣ କରିବେ। କିନ୍ତୁ ବୁଧ କ୍ଷେତ୍ରରେ ନୀଚରାଶିସ୍ଥ ଶୁକ୍ର ଆପଣଙ୍କୁ ବନ୍ଧୁଙ୍କ କଥାରେ ପ୍ରଭାବିତ କରାଇ କୌଣସି ଅକରଣୀୟକର୍ମ ପାଇଁ ପ୍ରୋତ୍ସାହିତ କରିପାରନ୍ତି।

**କନ୍ୟା** - ଆଜି ଆପଣ ଲକ୍ଷ୍ୟଭ୍ରଷ୍ଟ ହେବେନି ସତ କିନ୍ତୁ ସହଜ ଓ ସୁବିଧାରେ କୌଣସି କାମ କରିପାରିବେ ନାହିଁ। ଅବଶ୍ୟ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ରାହୁଙ୍କ ସ୍ଥାନ ସ୍ଥିତିରୁ ପ୍ରତ୍ୟେକ କ୍ଷେତ୍ରରେ କୌଶଳ ପ୍ରୟୋଗ କରି କାମ ହାସଲ କରିପାରିବେ। ପ୍ରଶାସନ, ପ୍ରକାଶନ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି।

**ତୁଳା** - କର୍ମାଧିପ କେନ୍ଦ୍ରସ୍ଥ ହେତୁ କର୍ମକ୍ଷେତ୍ରରେ, ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ବନ୍ଧୁଙ୍କ ପ୍ରିୟପାତ୍ର ହେବେ। ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡିକ ସୁରୁଖୁରୁରେ ହେବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ,କୃଷି,ବାଣିଜ୍ୟରେ ଚେଷ୍ଟା ସଫଳ ହେବ।

**ବିଛା** - ଆଜି ନୂଆ କାମ ଆରମ୍ଭ କରିବା କିମ୍ବା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ଯାତ୍ରା କରିବାକୁ ଅନୁକୂଳ ଦିନଟିଏ। ତଥାପି ପ୍ରଥମେ ପ୍ରଥମେ କର୍ମକ୍ଷେତ୍ରରେ କିଛି ନା କିଛି ବ୍ୟତିକ୍ରମ ଲାଗି ରହିବ। ଆଲୋଚନା କ୍ଷେତ୍ରରେ ଭାବିଚିନ୍ତି କାମ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସାଧାରଣ କଥାକୁ ନ ବୁଝି ପଡୋଶୀ ବିରୋଧାତ୍ମକ ମନ୍ତବ୍ୟ ଦେଇପାରନ୍ତି।

**ଧନୁ** - ଅଷ୍ଟମାଧିପ ଦୋଷ ଚନ୍ଦ୍ରଙ୍କ ପାଖରେ ନ ଥିଲେ ମଧ ଅର୍ଥପାଇବା, କିଛି କହିବା, ସନ୍ତାନଙ୍କ ସ୍ୱାସ୍ଥ୍ୟ ପାଇଁ ସାଧାରଣ ସମସ୍ୟା ରହିବ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରତିବନ୍ଧକର ସାମ୍ନା କରି ଅଶାନ୍ତି ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଥିବା ବିବାଦ ସମାଧାନର ସମୟ ବିଳମ୍ବିତ ହୋଇପାରେ। ସରକାରୀସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଉଲ୍ଲସିତ ହେବେ।

**ମକର** - ଆଜି ଚତୁର୍ଥ ଚନ୍ଦ୍ର ବନ୍ଧୁମିଳନଜନିତ ଆନନ୍ଦ ଅନୁଭବ କରିବେ। ଶେଷ ପର୍ଯ୍ୟାୟରେ ମତାନ୍ତରଜନିତ ବାକ୍‌ବିତଣ୍ଡା ସୃଷ୍ଟି ହୋଇପାରେ। ଜମିଜମା କ୍ରୟ ବିକ୍ରୟ,ନୂତନ ବାଣିଜ୍ୟାରମ୍ଭ ପାଇଁ ମନ ବଳାଇ ପାରନ୍ତି। କିଛିଟା ଲୋଭନୀୟ ପ୍ରତିଶ୍ରୁତି ପ୍ରଦାନ କରି ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିପାରେ।

**କୁମ୍ଭ** - ଆଜିର ତୃତୀୟ ଚନ୍ଦ୍ର ଯାତ୍ରା, ଆନୁଷ୍ଠାନିକ କାମ, ଧର୍ମକାର୍ଯ୍ୟ ପାଇଁ ଶୁଭପ୍ରଦ ହେବ। ଯେଉଁ କାମରେ ହାତ ଦିଅନ୍ତୁ ନା କାହିଁକି ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ସାଙ୍ଗସାଥୀଙ୍କ ସହଯୋଗରୁ ବିଦ୍ୟମାନ ସ୍ଥିତିରୁ ମୁକ୍ତି ମିଳିବା ଯୋଗୁ ମନ ଏକ ପ୍ରକାର ଖୁସି ହୋଇଯିବ। କେତେକ ଆକସ୍ମିକ ସମସ୍ୟାକୁ ନେଇ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ମୀନ** - ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ଆପଣଙ୍କ ମନକୁ ପାଇଲା ଭଳି କଥା କାମକୁ ଆସିବ। କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ କ୍ଷେତ୍ରରେ ତଥା ବ୍ୟବସାୟ କ୍ଷେତ୍ରରେ ଆଶାପୂରଣ କରିପାରିବେ। ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଆନୁଷ୍ଠାନିକ କାମରୁ କିମ୍ବା ସଭାସମିତିରେ ସଫଳତା ହାସଲ କରି ସାମୟିକ ଆନନ୍ଦ ଅନୁଭବ କରିବେ।

ଆଜି ଭାଦ୍ରବ କୃଷ୍ଣ ଷଷ୍ଠୀ ଶନିବାର, ଶ୍ରୀମନ୍ଦିରରେ ହରି ଜନ୍ମାଧିବାସ, ଗର୍ଭଉଦକ ବନ୍ଦାପନା, ଜେଉଡ ଭୋଗ, ସେପ୍ଟେମ୍ବର ୧ ତାରିଖ, ଜାତୀୟ ପରିପୁଷ୍ଟି ସପ୍ତାହ ଆରମ୍ଭ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧ ।୪୭ମି. ଗତେ ଘ୧ ।୨୮ମି. ମଧ୍ୟେ, ଘ୩।୦୦ମି. ଗତେ ଘ୪ ।୩୭ମି. ମଧ୍ୟେ ଅମୃତ ବେଳା । ସକାଳ ଘ୬ ।୫୨ମି. ଗତେ ଘ୮ ।୨୯ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୮ ।୪୦ମି. ଗତେ ଘ୧୧ ।୧୪ମି. ମଧ୍ୟେ ରାହୁକାଳ ।


# classified

automobile

**SALE**

Used car for sales. All models, attractive prices, spot finance, free accessories. Call: 9776900444, 9583011021. Conditions apply. D-64120

construction

Construction of home and shop with branded materials for 450/- and 1000/-. Mob: 9176647692. D-7923

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & architect plan– SMPL: 9439483779.** D-8141

real estate

**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64125

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry , gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8082

Ready to built 4250 sqft. plot available at Jamukoli Mouza, Sundarpada- Jatni Road right side. 9238846887, 9348897443. D-62125

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64123

Booking duplex 4BHK 1500 sqft. Tankapani road Sai Temple 38,19,000/- simplex 2BHK 1200 sqft. 26,19,000/-. 7735738102. D-8137

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.30 lakhs. Contact: 9937059891, 8908312315, 8908292617.** D-8140

ସୁନ୍ଦରପଦା କୁହା ମୌଜା Hitech Plaza ପାଖରେ ପ୍ଲଟ ବିକ୍ରିହେବ। (ଘରବାଡି ପଟା ମାଗଣା)। 9439364818, 9337766961. D-8134

3 bedroom flat 4000 sqft. full furnished including 4 car parking (A-Block) (G-4/5) Ridhisidhi Enclave, ICE Factory Lane, Cuttack Road, Bhubaneswar. Contact No: 9439706527, 9123142997. D-8142

healthcare

All type of massage and good therapy full body massage Sai herbal spa. 7609005923. D-64201

**AFFIDAVIT**

By an affidavit before the Notary Public, Sambalpur I Debajani Behera, W/o- Shibanarayan Behera, R/o- Bahalpada, A.N.Guha Lane, Dist. Sambalpur declare that in matriculation certificate my name has been wrongly written as Debjani Mishra instead of Debajani Mishra. After my marriage I acquired the surname of my husband and known as Debajani Behera for all purposes. D-8243

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ତା.୦୧.୦୯.୨୦୧୮(ଶନିବାର)



**✓ଗୌରୀ ସାହୁ**
ଆବିର୍ଭାବ : ତା.୦୫.୦୩.୧୯୪୮ରିଖ (ଗୁରୁବାର)
ତିରୋଧାନ : ତା.୦୬.୦୯.୨୦୧୨ରିଖ (ଗୁରୁବାର)
ପ୍ଲଟ୍ ନଂ-୨୪୦, ଭିମପୁର ମୌଜା, ଭୁବନେଶ୍ୱର

ଠିକ୍ ଆଜିର ଦିନରେ ଆମକୁ ଛାଡି ଚାଲିଗଲ, ତଥାପି ଆମର ପାଖେ ପାଖେ ଥିଲାଭଳି ଲାଗୁଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶିର୍ବାଦ ଆମପ୍ରତି ସବୁବେଳେ ରହିଥାଉ।
ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୁମର ଅମର ଆତ୍ମା ସଦ୍‌ଗତି ପ୍ରାପ୍ତି ହେଉ।

: ଶୋକସନ୍ତପ୍ତ :
ସ୍ୱାମୀ : ବଂଶୀଧର ସାହୁ, ବଡପୁଅ, ବୋହୂ, ସାନପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ।
ଧ-୬୨୮୭

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶ୍ରୀମତୀ ପ୍ରତିଭା ପାଣିଗ୍ରାହୀ**
ଷଷ୍ଠ ମାସିକ ଶ୍ରାଦ୍ଧଦିବସ ଉପଲକ୍ଷେ ସ୍ୱାମୀ- ପ୍ରଭାତ ସୁନ୍ଦର ପାଣିଗ୍ରାହୀ, ଜ୍ୟେଷ୍ଠପୁତ୍ର- ଜିତେନ୍ ପାଣିଗ୍ରାହୀ, କନିଷ୍ଠପୁତ୍ର- ରୋଷନ ପାଣିଗ୍ରାହୀ, କନ୍ୟା- ସ୍ମୃତି ପାଣିଗ୍ରାହୀ, ପୁତ୍ରବଧୂ- ଶୁଭଯାନି, ରଶ୍ମିପ୍ରଭା, ଜ୍ୱାଇଁ- ସୀମାଞ୍ଚଳ ପଣ୍ଡା, ପୌତ୍ରାଦି- ସୌମ୍ୟାଶ୍ରୀ, ଶୁଭାଶିଷ, ଅନନ୍ୟା, ଆର୍ଯ୍ୟନ୍, ରିଶିତା, ବନ୍ଧୁ- କିରଣକାନ୍ତ ପାଣିଗ୍ରାହୀ, ରଜନୀରାଣୀ ପଣ୍ଡା, ଆଶିଷ ପାଣିଗ୍ରାହୀ, ଅସୀମା ପାଣିଗ୍ରାହୀ, ଅରୁଣକାନ୍ତ ପାଣିଗ୍ରାହୀ, ପ୍ରମଦା ପାଣିଗ୍ରାହୀ, ମୌସୁମୀ ପାଣିଗ୍ରାହୀ, ବର୍ଷା ପାଣିଗ୍ରାହୀ, ଆଦିତ୍ୟ ପାଣିଗ୍ରାହୀ, ଭାଇ- ଦୁର୍ଗାପ୍ରସନ୍ନ ସାହୁ, ଭାଉଜ- ଆରତି ସାହୁ ଏବଂ ପରିବାରବର୍ଗ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଧ-୬୩୭୧୯



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ

■ ବିଦ୍ୟୁତ୍ ଫ୍ରାଞ୍ଚାଇଜ କମ୍ପାନୀ ଉପରେ ହାଇକୋର୍ଟଙ୍କ ଅଙ୍କୁଶ

# ଧାର୍ଯ୍ୟ କରିପାରିବନି ଜରିମାନା

କଟକ ଅଫିସ, ୩୧।୮

ବିଦ୍ୟୁତ୍ ବିଭାଗରେ ନିୟୋଜିତ ଫ୍ରାଞ୍ଚାଇଜ କମ୍ପାନୀଗୁଡ଼ିକ ଉପରେ ହାଇକୋର୍ଟ ଅଙ୍କୁଶ ଲଗାଇଛନ୍ତି। ଏହି ସବୁ ଫ୍ରାଞ୍ଚାଇଜ କମ୍ପାନୀଗୁଡ଼ିକ କେବଳ ବିଦ୍ୟୁତ୍ ବ୍ୟବସ୍ଥାରେ ଥିବା ତ୍ରୁଟିକୁ ଯାଞ୍ଚ କରିବେ। କିନ୍ତୁ ତ୍ରୁଟି ପାଇଁ କୌଣସି ଉପଭୋକ୍ତାଙ୍କ ଉପରେ ଜରିମାନା ଲାଗୁ କରିପାରିବେ ନାହିଁ। କେବଳ ରାଜ୍ୟ ସରକାର, ବିଦ୍ୟୁତ୍ ବୋର୍ଡ କିମ୍ବା ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀ ଜରିମାନା ଧାର୍ଯ୍ୟ କରିପାରିବେ ବୋଲି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଖୋର୍ଦ୍ଧାର ଗ୍ଲୋବାଲ ଫିଡ୍ସ ନାମକ ଏକ ସଂସ୍ଥା ପକ୍ଷରୁ ରୁଜୁ କରାଯାଇଥିବା ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ଏସ୍.ଏନ୍. ପ୍ରସାଦ ଏହି ରାୟ ଦେଇଛନ୍ତି। ସୂଚନାଥାଉକି, ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଫ୍ରାଞ୍ଚାଇଜ୍ କମ୍ପାନୀ ଫେଡ୍କୋ ଗ୍ଲୋବାଲ ଫିଡ୍ସ ସଂସ୍ଥା ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ଧାର୍ଯ୍ୟ କରିଥିଲା। ଫେଡ୍କୋର ଏହି ଜରିମାନାକୁ ଚ୍ୟାଲେଞ୍ଜ କରି ଗ୍ଲୋବାଲ ଫିଡ୍ସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ତେବେ ମାମଲାର ଶୁଣାଣି କରି ବିଚାରପତି ଉପରୋକ୍ତ ଆଦେଶ ଦେଇଥିଲେ ମଧ୍ୟ ଗ୍ଲୋବାଲ ଫିଡ୍ସକୁ ଜରିମାନାରୁ ମୁକ୍ତ କରିବାକୁ କୌଣସି ଆଦେଶ ଦେଇନାହାନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର ଅଧିକାରୀ ନିଷ୍ପତ୍ତି ନେବେ ବୋଲି ବିଚାରପତି ଆଦେଶ ଦେଇଛନ୍ତି।

# ନିର୍ବାଚନରେ ମତଦାତାଙ୍କୁ ମିଳିବ ରସିଦ

ଭୁବନେଶ୍ୱର,୩୧।୮(ବ୍ୟୁରୋ)

■ ସମସ୍ତ ବୁଥ୍‌ରେ ଭିଭିପିଏଟି ପ୍ରୟୋଗ ହେବ
■ ଜିଲାପାଳଙ୍କୁ ଇଭିଏମ୍ ଏଫ୍‌ଏଲସି ପ୍ରଶିକ୍ଷଣ

ଆସନ୍ତା ସାଧାରଣ ନିର୍ବାଚନ କେତେବେଳେ ଘୋଷଣା ହୋଇପାରେ। ସେ ନେଇ ଏବେଠାରୁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଗଲାଣି। ଏଥିରେ ଖୋରାକ ଯୋଗାଇଛି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ତତ୍ପରତା। ଓଡିଶାକୁ ଇଭିଏମ୍ ଆସିବା ପରେ ନିର୍ବାଚନ ପରିଚାଳନା ନେଇ ସର୍ବଦଳୀୟ ବୈଠକ ଡାକିବା ନିର୍ବାଚନ ଉଷ୍ମତାକୁ ଆହୁରି ବଢାଇ ଦେଇଛି। ଆସନ୍ତା ସାଧାରଣ ନିର୍ବାଚନରେ ଭୋଟିଂ ମେଶିନରେ ଭୋଟର ଭେରିଫାଏଡ ପେପର ଅଡିଟ ଟ୍ରେଲ(ଭିଭିପିଏଟି) ବ୍ୟବହାର କରାଯିବ। ମତଦାତା କାହାକୁ ଭୋଟ ଦେଲେ ସେ ନେଇ ରସିଦ ପାଇପାରିବେ।

ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଜିଲାପାଳଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଇଲେକ୍ଟ୍ରୋନିକ ଭୋଟିଂ ମେଶିନ(ଇଭିଏମ୍)ର ଫାଷ୍ଟ ଲେଭଲ ଚେକିଂ(ଏଫଏଲସି) ଏବଂ ଭିଭିପିଏଟି ବିଷୟରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀମାନଙ୍କୁ ତାଲିମ ଦିଆଯିବ। ଏଫଏଲସି ବିଷୟରେ ତାଲିମ ଦେବା ପାଇଁ ଭାରତର ନିର୍ବାଚନ କମିଶନ ଦୁଇଜଣ ଅଧିକାରୀଙ୍କୁ ଓଡିଶା ପଠାଇଛନ୍ତି। ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ଏହି ତାଲିମ କାର୍ଯ୍ୟ ଆରମ୍ଭ ହେବ। ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି ଯେ ଇଭିଏମ୍‌ର ଏଫଏଲସି ସମ୍ପର୍କିତ ପ୍ରଶିକ୍ଷଣ ବାଧ୍ୟତାମୂଳକ କରାଯାଇଛି। ଏହି ମେଶିନ କିପରି କାର୍ଯ୍ୟ କରିବ ସେ ନେଇ ପରୀକ୍ଷାନିରୀକ୍ଷା କରାଯାଇଛି। ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସମ୍ମୁଖରେ ଇଭିଏମ୍‌ଗୁଡିକ ଯାଞ୍ଚ କରାଯାଉଛି। ଓଡିଶା ପାଇଁ ଇଭିଏମ୍ ପ୍ରସ୍ତୁତ କରିଥିବା ସଂସ୍ଥା ହାଇଦ୍ରାବାଦ ସ୍ଥିତ ଇଲେକ୍ଟ୍ରୋନିକ୍ସ କର୍ପୋରେଶନ ଅଫ ଇଣ୍ଡିଆର ଏକ ବୈଷୟିକ ଟିମ୍ ଏଫଏଲସି ପ୍ରଶିକ୍ଷଣ ପାଇଁ ଆସି ପହଞ୍ଚିବେ। ଜିଲାପାଳମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଫଏଲସି ଯାଞ୍ଚ କରାଯିବ। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ୧୦ଟି ଜିଲାର ଏଫ୍‌ଏଲସି ଯାଞ୍ଚ ହେବ। ଦ୍ୱିତୀୟ ସପ୍ତାହରେ ଅବଶିଷ୍ଟ ୨୦ ଜିଲାର ଏଫଏଲସି ତନଖି କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ଭିଭିପିଏଟି ରାଜ୍ୟ ଗ୍ରହଣ କରିବ। କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ କହିଛନ୍ତି ଯେ ନିର୍ବାଚନ ପରିଚାଳନା କରିବା ପୂର୍ବରୁ ଜିଲା ନିର୍ବାଚନ ଅଧିକାରୀ ଭାବେ ଆମକୁ ପ୍ରଶିକ୍ଷଣ ନେବାକୁ ପଡିବ। ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ତାହାକୁ ସହଜରେ ମୁକାବିଲା କରାଯାଇ ପାରିବ। ଏହି ପ୍ରଶିକ୍ଷଣ ନିଶ୍ଚିତ ଭାବେ ଏ ଦିଗରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ବିଜେପୁର ଉପ ନିର୍ବାଚନରେ ପ୍ରଥମ ଥର ପାଇଁ ଭିଭିପିଏଟି ବ୍ୟବହାର କରାଯାଇଥିଲା। ୨୦୧୯ ସାଧାରଣ ନିର୍ବାଚନ ସମୟରେ ସମସ୍ତ ୪୭ ହଜାର ୬୦୬ ବୁଥ୍‌ରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ।




# ୨୯ରେ ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର,୩୧।୮(ବ୍ୟୁରୋ)



ମହାଅଧିବେଶନରେ ଭାଜପା ନେତୃବୃନ୍ଦ (ବାମରୁ) ସୁରମା ପାଢ଼ୀ, ସମୀର ମହାନ୍ତି, ବିଜୟା ରାହତକର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରଭାତି ପରିଡ଼ା।

■ ୫ରୁ ୨୧ ବୁଥ୍ ଚାଲ ଅଭିଯାନ
■ ପ୍ରଧାନମନ୍ତ୍ରୀଙ୍କ ପ୍ରଦତ୍ତ ଯୋଜନାକୁ ରାଜ୍ୟ କରୁଛି ଅଣଦେଖା: ଧର୍ମେନ୍ଦ୍ର

ରାଜ୍ୟରେ ମହିଳାମାନେ ଅସୁରକ୍ଷିତ । ବିଜେଡିର ଦୀର୍ଘ ୧୮ ବର୍ଷ ଶାସନ କାଳରେ ମହିଳାମାନେ ନ୍ୟାୟ ପାଇ ନ ଥିବା ଭାଜପା ମହିଳା ମୋର୍ଚ୍ଚା ଅଭିଯୋଗ କରିଛି। ଦେଶବ୍ୟାପୀ ମହିଳାମାନଙ୍କୁ ସଂଗଠିତ କରିବା ପାଇଁ ସେପ୍ଟେମ୍ବର ୨୯ ଓ ୩୦ରେ ପୁରୀଠାରେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ଅନୁଷ୍ଠିତ ହେବ ବୋଲି ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି।

ଭୁବନେଶ୍ୱରରେ ଶୁକ୍ରବାର ଅନୁଷ୍ଠିତ ହୋଇଥିବା ମହିଳା ମୋର୍ଚ୍ଚା ମହାଅଧିବେଶନ ବୈଠକ ପରେ ପ୍ରଭାତୀ କହିଛନ୍ତି ଯେ, ନାବାଳିକାମାନେ ବଳାତ୍କାରର ଶିକାର ହୋଇ ଆତ୍ମହତ୍ୟା କରୁଛନ୍ତି। ଗାଁ ଗାଁରେ ମଦ ଦୋକାନ ଖୋଲି ଯୁବକମାନଙ୍କୁ ମଦୁଆ କରିଚାଲିଛି ବିଜେଡି ସରକାର । ଭାଜପା ମହିଳା ମୋର୍ଚ୍ଚା ରାଜ୍ୟର ଦୁର୍ନୀତିଗ୍ରସ୍ତ ଓ ମହିଳା ବିରୋଧୀ ବିଜେଡି ସରକାରକୁ ବଦଳାଇବାର ସଂକଳ୍ପ ନେଇଥିବା ସେ କହିଛନ୍ତି। ସେପ୍ଟେମ୍ବର ୫ ତାରିଖରୁ ୨୧ ପର୍ଯ୍ୟନ୍ତ ବୁଥ୍ ଚାଲ ଅଭିଯାନ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି।

ସଭାରେ ଯୋଗଦେଇ ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧକ୍ଷା ବିଜୟା ରାହତକର କହିଛନ୍ତି, ପ୍ରଧାନମନ୍ତ୍ରୀ ୪ ବର୍ଷରେ ଅନେକ ଯୋଜନା କରିଛନ୍ତି। ସବୁଥିରେ ମହିଳାମାନଙ୍କୁ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଇଛି। ସ୍ୱଚ୍ଛ ଭାରତ ମିଶନରେ ମହିଳାଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ଦକ୍ଷତା ବିକାଶ, ମୁଦ୍ରା ଋଣ ଇତ୍ୟାଦି ରହିଛି । ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ୫ କୋଟି ମହିଳା ଉପକୃତ ହୋଇଥିବା ବିଜୟା କହିଛନ୍ତି।

ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ମହିଳା ସକ୍ଷମ ହେଲେ ପରିବାର ସକ୍ଷମ ହେବ ଏବଂ ପରିବାର ସକ୍ଷମ ହେଲେ ସମାଜ ଶକ୍ତିଶାଳୀ ହେବ । ମହିଳାମାନଙ୍କୁ ସୁରକ୍ଷା ଯୋଗାଇବା ସହ ଆତ୍ମନିର୍ଭରଶୀଳ କରିବା ମୋଦି ସରକାରଙ୍କ ପ୍ରମୁଖ ଲକ୍ଷ୍ୟ । କେନ୍ଦ୍ରୀୟ ଯୋଜନାକୁ ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ଘରେ ଘରେ ପହଞ୍ଚାଇବେ। ରାଜ୍ୟ ସରକାର ଜାଣିଶୁଣି ପ୍ରଧାନମନ୍ତ୍ରୀଙ୍କ ପ୍ରଦତ୍ତ ଯୋଜନାକୁ ଅଣଦେଖା କରୁଥିବା ଧର୍ମେନ୍ଦ୍ର କହିଛନ୍ତି।

ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ଉପସଭାପତି ସମୀର ମହାନ୍ତି, ସାଧାରଣ ସଂପାଦକ(ସଂଗଠନ) ମାନସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ବିମାନବନ୍ଦରରୁ ୩୪୦ ଗ୍ରାମ ସୁନା ଜବତ

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

ଦୀର୍ଘଦିନ ପରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ପୁଣି ସୁନା ଜବତ କରାଯାଇଛି। କୁଆଲାଲମ୍ପୁରରୁ ଭୁବନେଶ୍ୱରକୁ ସୁନା ଆଣି ଆସୁଥିବା ଜଣେ ଯାତ୍ରୀ କଷ୍ଟମ ବିଭାଗ ହାତରେ ଧରାପଡିଛନ୍ତି। ତାଙ୍କଠାରୁ ରିଙ୍ଗ ଆକୃତିର ୩ ଖଣ୍ଡ ସୁନା ଜବତ ହୋଇଛି, ଯାହାର ଓଜନ ୩୪୦ ଗ୍ରାମ ଏବଂ ମୂଲ୍ୟ ୧୦ଲକ୍ଷ ୫୬ ହଜାର ଟଙ୍କା ହେବ ବୋଲି କଷ୍ଟମ ବିଭାଗ କହିଛି। ସମ୍ପୃକ୍ତ ଯାତ୍ରୀ ଜଣେ ପ୍ରବାସୀ ଭାରତୀୟ ବୋଲି ସୂଚନା ମିଳିଛି। ସେ ମଳଦ୍ୱାରା ବାଟେ ସୁନା ଲୁଚାଇ ଆଣୁଥିଲେ। ସୁନା କୁଆଡେ ନେଉଥିଲେ ସେନେଇ କଷ୍ଟମ ବିଭାଗ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, ବିଜୁ ପଟ୍ଟନାୟକ ବିମାନବନ୍ଦରରୁ କଷ୍ଟମ ବିଭାଗ କିଛି ମାସ ମଧ୍ୟରେ ପ୍ରାୟ ୭ କେଜିରୁ ଉର୍ଦ୍ଧ୍ୱ ସୁନା ଜବତ କରି ସରିଲାଣି। କିଛିଦିନ ତଳେ ଚଢାଉ ଜୋରଦାର ହେବା ଦ୍ୱାରା ସୁନା ଚାଲାଣ ବନ୍ଦ ହୋଇଯାଇଥିଲା। ହେଲେ ଏବେ ପୁଣି ଆରମ୍ଭ ହୋଇଥିବାରୁ ବିଭାଗ ପକ୍ଷରୁ ଚଢ଼ାଉକୁ ଜୋରଦାର କରାଯିବ ବୋଲି ଜଣାପଡିଛି।









> ଏପରି କେବେ ଭାବିବ ନାହିଁ ଯେ, ସତ୍ୟ ଓ ମିଥ୍ୟା-ଆଲୋକ ଏବଂ ଅନ୍ଧକାର-ଆତ୍ମଦାନ ଏବଂ ସ୍ୱାର୍ଥପରତା-ଉଭୟଙ୍କୁ ଭଗବାନଙ୍କ ଲାଗି ନିବେଦିତ ହୋଇଥିବା ମନ୍ଦିର ଭିତରେ ଏକ ସଙ୍ଗେ ବାସ କରିବାକୁ ଦିଆଯାଏ। ଦିବ୍ୟ ରୂପାନ୍ତର ହେବ ସର୍ବାଙ୍ଗୀନ। ତେଣୁ ଯାହା କିଛି ତାର ପ୍ରତିରୋଧୀ ସେ ସବୁର ସର୍ବାଙ୍ଗୀନ ପରିହାର ନିତାନ୍ତ ଆବଶ୍ୟକ।
> -ଶ୍ରୀଅରବିନ୍ଦ

# ଡିଆରଡିଓର ନୂଆ ମୁଖ୍ୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ସରକାର ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଜ୍ଞାନିକ ପରାମର୍ଶଦାତା ଜି. ସତୀଶ ରେଡ୍ଡୀଙ୍କୁ ପ୍ରତିରକ୍ଷା ଗବେଷଣା ବିଭାଗ (ଡିଡିଆର୍‌ଡି)ର ସଚିବ ତଥା ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥା (ଡିଆର୍‌ଡିଓ)ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇ ତିନିମାସର କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି। ମେ ଶେଷ ସପ୍ତାହରେ ଅବସର ନେଇଥିବା ସେଲ୍‌ଭିନ୍ ଖ୍ରୀଷ୍ଟୋଫରଙ୍କ ସ୍ଥାନରେ ସେ ଦୁଇବର୍ଷ ପାଇଁ ନିଯୁକ୍ତି ପାଇଛନ୍ତି। ଯଦିଚ ୧୯୮୨ ବ୍ୟାଚ୍‌ର ପଶ୍ଚିମବଙ୍ଗ କ୍ୟାଡର ଆଇଏଏସ୍ ଅଫିସର ତଥା ପ୍ରତିରକ୍ଷା ସଚିବ ସଞ୍ଜୟ ମିତ୍ର ଉକ୍ତ ପଦବୀର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ, ତଥାପି ଖ୍ରୀଷ୍ଟୋଫରଙ୍କ ଉତ୍ତରାଧିକାରୀ ଚୟନରେ ବିଳମ୍ବ ଉକ୍ତ ପଦ ପାଇଁ ଦାବିଦାରମାନଙ୍କ ମଧ୍ୟରେ ବ୍ୟାପକ ଲବିର ସୂତ୍ରପାତ କରିଥିଲା। ରିପୋର୍ଟ ଅନୁସାରେ ଖ୍ରୀଷ୍ଟୋଫରଙ୍କ କାର୍ଯ୍ୟକାଳ ପୂରିବା ପୂର୍ବରୁ ପରବର୍ତ୍ତୀ ମୁଖ୍ୟ ନିଯୁକ୍ତି ଲାଗି ସରକାର ସବୁ ପ୍ରକ୍ରିୟା ସାରିଥିଲେ। କିନ୍ତୁ ଯେଉଁ ବ୍ୟକ୍ତିଙ୍କୁ ଚୟନ କରାଯାଇଥିଲା, ତାଙ୍କ ବିରୋଧରେ ପ୍ରତିକୂଳ ଗୋଇନ୍ଦା ରିପୋର୍ଟ ମିଳିବାରୁ ପୂରା ପ୍ରକ୍ରିୟାକୁ ବାତିଲ କରିଦିଆଯାଇଥିଲା। ସେତେବେଳେ ଅନ୍ୟ ବିବାଦ ମଧ୍ୟ ସୃଷ୍ଟି ହୋଇଥିଲା। କିଛି ସମୟ ପାଇଁ ଗୁଜବ ଉଠିଲା ଯେ, ଡିଆର୍‌ଡିଓର ବୈଦ୍ୟୁତିକ ଓ ଯୋଗାଯୋଗ ବ୍ୟବସ୍ଥା ମହାନିର୍ଦ୍ଦେଶକ ଡ. ଜିଲେଲାମୁଡ଼ି ମଞ୍ଜୁଳା ଦୌଡ଼ରେ ଆଗରେ ଅଛନ୍ତି। ତାଙ୍କ ପଛରେ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍‌ଙ୍କ ସମର୍ଥନ ଅଛି ବୋଲି ବିଶ୍ୱାସ କରାଯାଉଥିଲା, ଯଦିଚ ସେ ଡିଆର୍‌ଡିଓରେ କାର୍ଯ୍ୟରତ ଅନେକ ବୈଜ୍ଞାନିକଙ୍କଠାରୁ କନିଷ୍ଠ। ରେଡ୍ଡୀ ହେଉଛନ୍ତି ଜଣେ ବିଖ୍ୟାତ କ୍ଷେପଣାସ୍ତ୍ର ବୈଜ୍ଞାନିକ। ଡିଆର୍‌ଡିଓର ମୁଖ୍ୟ ପଦବୀରେ ସାଧାରଣତଃ କ୍ଷେପଣାସ୍ତ୍ର ବୈଜ୍ଞାନିକମାନେ ନିଯୁକ୍ତି ପାଇବାର ପରମ୍ପରା ତାଙ୍କ ନିଯୁକ୍ତି ଦ୍ୱାରା ବଳବତ୍ତର ରହିଲା।

### କ୍ଷେତ୍ରାଧିକାର ହରାଉଛନ୍ତି ଆଇଏଏସ୍

ଆଇଏଏସ୍ ବାବୁମାନେ ଧୀରେ ଧୀରେ ନିଜର ଚମକ ହରାଉଥିବାର ଅନୁଭବ କରୁଛନ୍ତି। ଯେଉଁସବୁ ପଦବୀରେ ଆଗରୁ କେବଳ ଆଇଏଏସ୍ ବାବୁମାନେ ହିଁ ନିଯୁକ୍ତି ପାଉଥିଲେ ସେଥିରେ ଅନ୍ୟ ସର୍ବଭାରତୀୟ ସେବାର ବାବୁମାନେ ନିଯୁକ୍ତି ପାଇବା ବର୍ତ୍ତମାନ ମୋଦି ସରକାରରେ ଏକ ଲକ୍ଷଣୀୟ ଧାରାରେ ପରିଣତ ହୋଇଛି। ଗତ କିଛିବର୍ଷ ହେଲା ଯୁଗ୍ମ ସଚିବ ବା ତତ୍ତୁଲ୍ୟ ପଦବୀଗୁଡ଼ିକରେ ଆଇଏଫ୍‌ଏସ୍, ଆଇଆର୍‌ଏସ୍ ଓ ଆଇପିଏସ୍ ଅଫିସରମାନେ ନିଯୁକ୍ତି ପାଇଆସୁଛନ୍ତି। ବର୍ତ୍ତମାନ ଯେଉଁ ଆଇପିଏସ୍ ଅଫିସରମାନଙ୍କର ନାମତାଲିକା ପ୍ରସ୍ତୁତ କରାଯାଇଛି, ସେମାନେ ଯଦି ପ୍ରକୃତରେ ବିଭିନ୍ନ କେନ୍ଦ୍ର ମନ୍ତ୍ରଣାଳୟ ଓ ବିଭାଗରେ ନିଯୁକ୍ତି ପାଆନ୍ତି, ତେବେ ପୋଲିସ ଅଫିସରମାନେ ଅନେକ ସରକାରୀ ବିଭାଗର ମୁଖ୍ୟ ହେବେ। ଗତ ଦୁଇବର୍ଷ ଭିତରେ କେନ୍ଦ୍ର ଯୁଗ୍ମ ସଚିବ ବା ତତ୍ତୁଲ୍ୟ ପଦରେ ନିଯୁକ୍ତି ପାଇବା ଲାଗି ମୁଖ୍ୟତଃ ୧୯୯୫ ଓ ୧୯୯୬ ବ୍ୟାଚ୍‌ର ୩୧ ଜଣ ଆଇପିଏସ୍ ଅଫିସରଙ୍କର ଏକ ନାମତାଲିକା ପ୍ରସ୍ତୁତ କରାଯାଇଛି। ପୂର୍ବରୁ ମୋଦି ସରକାର ଯୁଗ୍ମ ସଚିବ ବା ତତ୍ତୁଲ୍ୟ ପଦରେ ନିଯୁକ୍ତି ଲାଗି ୭ ଜଣ ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀଙ୍କ ଏକ ନାମତାଲିକା ଘୋଷଣା କରିଥିଲେ। ଉକ୍ତ ୭ ଜଣଙ୍କ ମଧ୍ୟରୁ ୩ ଜଣ ୧୯୯୨ ବ୍ୟାଚ୍‌ର ଓ ବାକି ୪ ଜଣ ୧୯୯୬ ବ୍ୟାଚ୍‌ର। ତେବେ ଆଇଏଏସ୍ ଅଫିସରମାନେ ନିଜର କ୍ଷେତ୍ରାଧିକାର ହରାଇବା ନେଇ ପ୍ରତିବାଦ କରିବାର ଆମେ ଦେଖିବାକୁ ପାଉନାହୁଁ।

### ଚିନ୍ତିତ ଅପାରଗ ବାବୁ

ଉତ୍ତରପ୍ରଦେଶରେ ୫୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଯେଉଁ ବାବୁମାନେ କାମ କରିପାରୁ ନାହାନ୍ତି, ସେମାନଙ୍କୁ ଯାଞ୍ଚ କରି ସ୍ୱେଚ୍ଛାକୃତ ଅବସର ନେବା ପାଇଁ ବାଧ୍ୟ କରିବା ଲାଗି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯେଉଁ ଆଦେଶ ଦେଇଛନ୍ତି, ସେଥିରେ ରାଜ୍ୟର ୧୬ ଲକ୍ଷ ସରକାରୀ କର୍ମଚାରୀ ଚିନ୍ତିତ ହୋଇଉଠିଛନ୍ତି। ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଏକ ଆଦେଶନାମା ମୁଖ୍ୟ ଶାସନ ସଚିବ ଡ. ଅନୁପ ଚନ୍ଦ୍ର ପାଣ୍ଡେ ଓ ବିଭିନ୍ନ ବିଭାଗକୁ ଦେଇଛନ୍ତି। ଜୁଲାଇ ୩୧ ସୁଦ୍ଧା ଏହି ସ୍କ୍ରିନିଂ ଟେଷ୍ଟ ପ୍ରକ୍ରିୟା ଶେଷ କରି ଫେଲ୍ ହୋଇଥିବା ବାବୁମାନଙ୍କ ତାଲିକା ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ପ୍ରଦାନ କରିବା ପାଇଁ ସେ ଆଦେଶ ଦେଇଛନ୍ତି। ଯେଉଁମାନେ ସ୍କ୍ରିନିଂ ଟେଷ୍ଟରେ ଫେଲ୍ ହେବେ ସେମାନଙ୍କୁ ସଅଳ ସ୍ୱେଚ୍ଛାକୃତ ଅବସର ନେବା ପାଇଁ କୁହାଯିବ। ୫୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ସ୍କ୍ରିନିଂ ଟେଷ୍ଟ ବାଧ୍ୟତାମୂଳକ। ଗତବର୍ଷ ମେ-ଜୁନ୍ ମାସରେ ବରିଷ୍ଠ ଆଇଏଏସ୍ ଓ ଆଇପିଏସ୍ ଅଫିସରମାନଙ୍କ ପାଇଁ ଅନୁରୂପ ସ୍କ୍ରିନିଂ ଟେଷ୍ଟ କରାଇବାକୁ ମୁଖ୍ୟମନ୍ତ୍ରୀ ଆଦେଶ ଦେଇଥିଲେ। ଯେଉଁମାନେ କାମ କରିପାରୁନାହାନ୍ତି ବା ଦୁର୍ନୀତିଗ୍ରସ୍ତ ସେମାନଙ୍କୁ ସ୍ୱେଚ୍ଛାକୃତ ଅବସର ଦେବା ଏହାର ଉଦ୍ଦେଶ୍ୟ ଥିଲା। ତେବେ ସରକାରଙ୍କୁ ଅପାରଗ ଆଇଏଏସ୍ ଓ ଆଇପିଏସ୍ ବାବୁମାନଙ୍କର ଏକ ତାଲିକା ଦିଆଯାଇଥିଲେ ମଧ୍ୟ ଏଯାବତ୍ କାହାକୁ ଅବସର ନେବାକୁ ବାଧ୍ୟ କରାଯାଇ ନାହିଁ। ଡିଓପିଟିର ନିୟମ ବାହାରେ ରାଜ୍ୟ ସରକାର ଏପରି ଏକ ଯାଞ୍ଚ ପରମ୍ପରା ଆରମ୍ଭ କରିଥିବାରୁ ଉତ୍ତରପ୍ରଦେଶ ଆଇଏଏସ୍ ସଂଘ ଏହାର ଘୋର ପ୍ରତିବାଦ କରିଥିଲେ।

Email: dilipcherian@gmail.com

# ନୂଆ କୋଣାର୍କ: ସ୍ପର୍ଦ୍ଧା ନୁହେଁ ପ୍ରଚେଷ୍ଟା

ଦେବୀପ୍ରସନ୍ନ ନନ୍ଦ

ଭାସ୍କର୍ଯ୍ୟ ଶିଳ୍ପ ଦୃଷ୍ଟିରୁ କୋଣାର୍କ ଅନନ୍ୟ। ଏହାର ପ୍ରସ୍ତର ଦେହରେ ସୂକ୍ଷ୍ମ କାରୁକାର୍ଯ୍ୟର ପଟାନ୍ତର ନାହିଁ। ଓଡ଼ିଶାର ସ୍ୱାଭିମାନର ପ୍ରତୀକ କୋଣାର୍କ। ଭାରତର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ କୋଣାର୍କ ଅନ୍ୟତମ। ୟୁନେସ୍କୋ ପକ୍ଷରୁ ଚିହ୍ନିତ ବିଶ୍ୱର ଐତିହ୍ୟସ୍ଥଳୀ ତାଲିକାରେ କୋଣାର୍କ ଅନ୍ତର୍ଭୁକ୍ତ। ମୁଖ୍ୟ ମନ୍ଦିର ନଷ୍ଟ ହୋଇଯାଇଥିଲେ ମଧ୍ୟ କେବଳ ଜଗମୋହନ ଓ ସଂଲଗ୍ନ ମୂର୍ତ୍ତି ସବୁ ସେହି ଅର୍ଦ୍ଧଭଗ୍ନ ପ୍ରସ୍ତରସ୍ତୂପ ମଧ୍ୟରୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ଶାସ୍ତ୍ରସମ୍ମତ ସ୍ଥାପତ୍ୟ କୌଶଳରେ ସମୃଦ୍ଧ ଏହି କୀର୍ତ୍ତି ଯେ ଦିନେ ଏହି ରାଜ୍ୟର ଶିଳ୍ପୀମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା ଏ କଥା ଭାବିଲେ ଓଡ଼ିଆଙ୍କ ଛାତି ପୂରିଉଠେ। ଶିଳ୍ପୀମାନଙ୍କ ପାଇଁ କୋଣାର୍କ ତୀର୍ଥକ୍ଷେତ୍ର, କଳାପିପାସୁଙ୍କ ପାଇଁ ସୌନ୍ଦର୍ଯ୍ୟର ଭୂସ୍ୱର୍ଗ, ଭାରତୀୟଙ୍କ ପାଇଁ ଗୌରବର ସ୍ମାରକୀ ଏବଂ ବିଦେଶୀମାନଙ୍କ ପାଇଁ ପରମ ଏକ ଆଶ୍ଚର୍ଯ୍ୟ। ତେବେ ଏହାର ବର୍ତ୍ତମାନର ସ୍ଥିତି ସଚେତନ ନାଗରିକ ଓ ଗବେଷକମାନଙ୍କ ମନରେ ଆଣିଦିଏ ଗଭୀର ଉଦ୍‌ବେଗ। ସେମାନଙ୍କ ମନରେ ଅନେକ ପ୍ରଶ୍ନ। ଏହି ଭଗ୍ନ କୋଣାର୍କର ଆୟୁଷ କେତେ? ଜଗମୋହନରେ ଖୁନ୍ଦା ଯାଇଥିବା ବାଲିର ପ୍ରଭାବ ପାର୍ଶ୍ୱ କାନ୍ଥମାନଙ୍କରେ କେତେ? ସଂରକ୍ଷଣ ନାମରେ ଭଗ୍ନ କାରୁକାର୍ଯ୍ୟ ସ୍ଥାନରେ ତୁଚ୍ଛା ପଥର ଖଣ୍ଡ ଲଗାଇବାର କାରଣ କ'ଣ? ସଂରକ୍ଷଣ ଦାୟିତ୍ୱରେ ଥିବା ଭାରତ ସରକାରଙ୍କ ଅଧୀନ ପ୍ରତ୍ନକୀର୍ତ୍ତି ସର୍ବେକ୍ଷଣ ସଂସ୍ଥାର କାର୍ଯ୍ୟଶୈଳୀ ଏହି ବିଶାଳ ଐତିହ୍ୟସ୍ଥଳୀକୁ କ୍ରମକ୍ଷୟ ପ୍ରକ୍ରିୟାରୁ ବଞ୍ଚାଇବାରେ କେତେଦୂର ସମର୍ଥ! ଗତ ପଚାଶ ବର୍ଷ ତଳର କୋଣାର୍କର କାରୁକାର୍ଯ୍ୟ ସହିତ ବର୍ତ୍ତମାନର ସ୍ଥିତି ମଧ୍ୟରେ ଅସାମଞ୍ଜସ୍ୟ କେତେ?

କୋଣାର୍କ ସେମିତି ରହିଥାଏ ଜଣେ ବିଗତଯୌବନା ପ୍ରାପ୍ତବୟସ୍କା ରମଣୀ ଭଳି, ଯାହାର ସୌନ୍ଦର୍ଯ୍ୟ ଥାଏ ମାତ୍ର ଲାବଣ୍ୟ ନ ଥାଏ। ରାତି ପାହିଲେ ଶହ ଶହ ଯାତ୍ରୀ ଆସନ୍ତି ଏବଂ ତାହାର ରୂପକାନ୍ତି ଦେଖି ଆତ୍ମହରା ହୁଅନ୍ତି। ଗାଇଡ୍‌ମାନେ ତାଙ୍କୁ ବୁଝାଇ ଦିଅନ୍ତି କୋଣାର୍କର ଅତୀତର ଦୁଃଖଦ କାହାଣୀ। କଳାପାହାଡ଼, ସମୁଦ୍ରପଥର ଦୁର୍ଦ୍ଧାନ୍ତ ନାବିକ, ପୁଣି ସାମୁଦ୍ରିକ ଲୁଣି ପବନର କୁପ୍ରଭାବ, ତତ୍କାଳୀନ ଶାସକମାନଙ୍କ ଉଦାସୀନତା ଆଦି ସବୁ ତତ୍ତ୍ୱ ବଖାଣନ୍ତି। ପୁଣି ଆଉ ଗୋଟିଏ ପର୍ଯ୍ୟାୟରେ ଆରମ୍ଭ ହୁଏ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଅତ୍ୟାଚାର। ଶିଉଳି ଛଡ଼ାଇବା ଆଳରେ ସେମାନେ ରାମ୍ପି ପକାନ୍ତି କୋଣାର୍କର ଦେହକୁ ଅତି ନିଷ୍ଠୁରଭାବରେ। ତା'ପରେ ନଷ୍ଟ ହୋଇ ଯାଇଥିବା ଅନେକ କମନୀୟ ଅଂଶ ବଦଳରେ ଖଣ୍ଡେ ଚଉରସ ପଥର ସେହି ସ୍ଥାନରେ ଲଗାଇ ଦେଇ ଅତ୍ୟନ୍ତ ବିକୃତ କରିପକାନ୍ତି। ତା'ଠାରୁ ଅଧିକ କିଛି କରିବାକୁ ତାଙ୍କର ବ୍ୟବସ୍ଥା ନାହିଁ। ମହାବଳିପୁରମ୍, ଖଜୁରାହୋ ଓ ଦେଶର ଅନ୍ୟ ଐତିହ୍ୟସ୍ଥଳୀରେ ମଧ୍ୟ ସେହି ଅବସ୍ଥା, ମାତ୍ର ସେସବୁଠାରେ ଭାଙ୍ଗିଯାଉଥିବା କାରୁକାର୍ଯ୍ୟ କୋଣାର୍କର ସମକକ୍ଷ ନୁହେଁ। ମୋଟାମୋଟି କୋଣାର୍କର ଭଗ୍ନ କାରୁକାର୍ଯ୍ୟ ସଦୃଶ ନିର୍ମାଣ କରିପାରିବା ଭଳି ସାମର୍ଥ୍ୟ ଓଡ଼ିଶାର ଶିଳ୍ପୀମାନଙ୍କର ଅଛି ବୋଲି ସରକାରୀ ସଂସ୍ଥାର ବିଶ୍ୱାସ ବା ସ୍ୱୀକୃତି ନାହିଁ। ଏଥି ଯୋଗୁ ଓଡ଼ିଶାର ପାରଙ୍ଗମ ଶିଳ୍ପୀକୁଳ ଏହାକୁ ଏକ ସ୍ୱାଭିମାନର ପ୍ରଶ୍ନଭାବେ ଗ୍ରହଣ କରିଛନ୍ତି। ଏହାକୁ ଏକ ଆହ୍ୱାନ ବୋଲି ଧରି ନିଜେ ସର୍ବସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବିଶିଷ୍ଟ ସ୍ଥପତି ରଘୁନାଥ ମହାପାତ୍ର। ସେ କୋଣାର୍କର ବିଭିନ୍ନ ଅଂଶର ଅବିକଳ ନକଲ ନିର୍ମାଣ କରି ତାଙ୍କର ପାରଦର୍ଶିତା ଦେଖାଇ ସାରିଛନ୍ତି।

ପୂର୍ବରୁ ରଘୁନାଥ କଟକର ବାରବାଟୀ ଦୁର୍ଗ ତୋରଣ ଉପର ଘୋଡ଼ା, ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ କୋଣାର୍କର ଯୁଦ୍ଧଘୋଡ଼ା ଆଉ ଧଉଳି ଶାନ୍ତିସ୍ତୂପର ୧୫ ଫୁଟ ଉଚ୍ଚ ବୁଦ୍ଧମୂର୍ତ୍ତି ପ୍ରଭୃତି ନିର୍ମାଣ କରିସାରିଥିଲେ। କେତେଗୋଟି ମନ୍ଦିରକାମ କରିବାଦ୍ୱାରା ତାଙ୍କର ଆତ୍ମବିଶ୍ୱାସ ଦୃଢ଼ ହୋଇଥିଲା। ତା' ପରେ ତତ୍କାଳୀନ ସିସ୍‌ମୋ ହୋଟେଲ ସାମନା କାନ୍ଥରେ ଲଗାଯାଇଥିବା କୋଣାର୍କଚକର ପ୍ରତିକୃତି ଲାଗି ତାଙ୍କ କଳା ପାରଦର୍ଶିତାକୁ ସାର୍ବଜନୀନ ସ୍ୱୀକୃତି ମିଳିଥିଲା। କୋଣାର୍କର ଦୁଃଖକଥା ସେ କେବେ ପାସୋରି ନ ଥିଲେ। କୋଣାର୍କର ବିରହ ବେଦନା ସର୍ବଦା ତାଙ୍କ ଅନ୍ତରରେ ଗୁଞ୍ଜରିତ ହେଉଥିଲା। କୋଣାର୍କର ଭଗ୍ନସ୍ତୂପ ମଧ୍ୟରୁ କେହି ଯେମିତି ତାଙ୍କୁ କହୁଥିଲା, ତମେ ପାରିବ, ଉଦ୍ୟମ କର, ଆଗେଇ ଚାଲ। ଏ ଜାତି ତୁମ ପଛରେ ଅଛି। ତୁମର ଭାଇମାନେ ତୁମ ସାଙ୍ଗରେ ଅଛନ୍ତି। ଏବେ ତୁମେ ପ୍ରମାଣ କର ତୁମର ବଂଶଗତ କଳାକୌଶଳର ପରାକାଷ୍ଠା।

କ୍ରମେ ରଘୁନାଥ ବାଳୁତ କାଳରେ ନିଜ ଅଜାଙ୍କଠାରୁ ପ୍ରାପ୍ତ ହୋଇଥିବା ଶିଳ୍ପଶାସ୍ତ୍ରପ୍ରସୂତ କୌଶଳ, ଶହ ଶହ ସଂଖ୍ୟାରେ ଶିଳ୍ପୀଙ୍କ ସହମତି ଏବଂ ଅସଂଖ୍ୟ ଶୁଭେଚ୍ଛୁଙ୍କ ସହଯୋଗର ପ୍ରତିଶ୍ରୁତିକୁ ପାଥେୟ କରି କୋଣାର୍କ ଅନୁରୂପ ଏକ ମନ୍ଦିର ନିର୍ମାଣକରି ଓଡ଼ିଆ ଶିଳ୍ପୀକୁଳର କଳାନିପୁଣତା ପୁନଃପ୍ରମାଣିତ କରିବାପାଇଁ ଅଣ୍ଟା ଭିଡ଼ିଲେ। ମାନସିକସ୍ତରରେ ଯୋଜନାର ଅଙ୍କୁରୋଦ୍‌ଗମ ହେଲା। ନୂଆ ମନ୍ଦିର ପାଇଁ ଉପଯୁକ୍ତ ଜମିର ସନ୍ଧାନ କାର୍ଯ୍ୟ ଆରମ୍ଭ ହେଲା। କୋଣାର୍କ ନିକଟବର୍ତ୍ତୀ ଅଞ୍ଚଳ ଅଧିକାଂଶ ଅଭୟାରଣ୍ୟର ଅଂଶ ବିଶେଷ ହୋଇଥିବାରୁ ସେଠାରେ ଜମି ମିଳିବା ସମ୍ଭବ ହେଲାନାହିଁ। ତଥାପି ରଘୁନାଥ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହୋଇନାହାନ୍ତି। ନିଜ ପ୍ରଚେଷ୍ଟାରେ ସେ ଏକ ମନ୍ଦିର ପୁନର୍ଗଠନ ପାଇଁ ପୁରୀ ଜିଲାର ସାକ୍ଷୀଗୋପାଳ ନିକଟବର୍ତ୍ତୀ ଅଞ୍ଚଳରେ ପ୍ରାୟ ଅଶୀ ଏକର ଜମି କିଣି ମନ୍ଦିର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କଲେ। ଏହି ମନ୍ଦିରପୁରରେ ଗଣପତି, ଶିବ, ନାରାୟଣ, ମା' ଅମ୍ବିକା ଓ ଭାସ୍କର ବା ଆଦିତ୍ୟ ନାରାୟଣଙ୍କ ମନ୍ଦିର ରହିବାର ଯୋଜନା କଲେ। ଏହି ଘୋଷଣା ମୂଳରେ ଥିଲା ରଘୁନାଥଙ୍କର ଗଭୀର ଆତ୍ମବିଶ୍ୱାସ, ଶ୍ରୀଜଗନ୍ନାଥଙ୍କ ନିକଟରେ ସମର୍ପଣ ଭାବ ଏବଂ ସର୍ବୋପରି ତାଙ୍କ ଗୁରୁ ବୁଢ଼ାବାପାଙ୍କର ଆଶୀର୍ବାଦ। ସେ ବିଭିନ୍ନ ସଭାସମିତିରେ ବାରମ୍ବାର କହିଲେ ଯେ ଏହି ପ୍ରସ୍ତାବିତ ମନ୍ଦିର ସ୍ଥଳୀରେ କଳିଙ୍ଗଶୈଳୀର କାରୁକାର୍ଯ୍ୟ ରହିବ, ଯାହାକି ଆମ ରାଜ୍ୟର ପୁରୁଣା ନଷ୍ଟପ୍ରାୟ ଶିଳ୍ପସମ୍ଭାରର ନକଲ ନ ହେଲେ ମଧ୍ୟ ସମକକ୍ଷ ହେବ। ଏହା ଅଙ୍ଗୀକାରମୁକ୍ତ ଚିନ୍ତକମାନଙ୍କର ବିପୁଳ ସମର୍ଥନ ଲାଭକଲା। ଏହାର କାରଣ ମହାପାତ୍ର ପୂର୍ବରୁ ଅନୁଗୋଳର ଜିନ୍ଦଲ କମ୍ପାନୀ ପରିସର ଏବଂ ବାଲେଶ୍ୱରର ଇମାମୀ କମ୍ପାନୀ ଦ୍ୱାରା ନିର୍ମିତ ବୃହତ୍ ମନ୍ଦିର, ଭୁବନେଶ୍ୱର ବିମାନବନ୍ଦରରେ ଅନେକ ବୃହଦାକାର କୋଣାର୍କ ଚକ ସହିତ ରାଜ୍ୟ ବାହାରେ ଆହୁରି ଅନେକ ଭାସ୍କର୍ଯ୍ୟ ଶିଳ୍ପ ସଫଳଭାବେ ସ୍ଥାପନ କରିପାରିଥିଲେ ଏବଂ ତାଙ୍କର କର୍ମକୁଶଳତା ସକାଶେ ଭାରତ ସରକାର ତାଙ୍କୁ ପର୍ଯ୍ୟାୟକ୍ରମେ ପଦ୍ମଶ୍ରୀ (୧୯୭୪), ପଦ୍ମଭୂଷଣ (୨୦୦୧) ଏବଂ ୨୦୧୩ରେ ପଦ୍ମବିଭୂଷଣ ଉପାଧିରେ ଭୂଷିତ କରିଛନ୍ତି। ପୁନଶ୍ଚ ନିକଟରେ ରାଷ୍ଟ୍ରପତି ତାଙ୍କୁ ରାଜ୍ୟ ସଭା ସଦସ୍ୟ ଭାବେ ମନୋନୀତ କରିଛନ୍ତି।

ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଏହି ପ୍ରସ୍ତାବିତ ମନ୍ଦିରପୁର ନିର୍ମାଣ କାର୍ଯ୍ୟପାଇଁ ରାଜ୍ୟ ବା କେନ୍ଦ୍ର ସରକାରଙ୍କଠାରୁ କୌଣସି ଅନୁଦାନର ଆଶା ରଖିନାହାନ୍ତି। ନିଜେ ଏକ ଟ୍ରଷ୍ଟ ଗଠନକରି ସେହି ନାମରେ ଜମିକିଣି ନିଜସ୍ୱ ଉଦ୍ୟମରେ ଶୁଭେଚ୍ଛୁମାନଙ୍କଠାରୁ ପାଣ୍ଠି ସଂଗ୍ରହକରି ଏହି ମହାନ୍ କାର୍ଯ୍ୟକୁ ଆଗେଇ ନେବାକୁ ଆଶା ବାନ୍ଧିଛନ୍ତି। ଆମେ ଓଡ଼ିଆମାନେ ଏଥିରେ ସକ୍ରିୟ ସହଯୋଗ ନ କରିପାରିଲେ ମଧ୍ୟ ସାମାଜିକ ସ୍ୱୀକୃତି ଦେଇ ଉଦ୍ୟମୀଙ୍କୁ ଉତ୍ସାହିତ କରିବାରେ ଅସୁବିଧା କେଉଁଠି?

ପ୍ରକାଶଯୋଗ୍ୟ ଯେ, ପୁରୀ-କୋଣାର୍କ ରାସ୍ତାରେ ଏକ ସ୍ୱାମୀନାରାୟଣ ମନ୍ଦିର ତଥା ପୁରୀଠାରୁ ଚନ୍ଦନପୁର ମଧ୍ୟରେ ଅକ୍ଷୟପାତ୍ର ଫାଉଣ୍ଡେଶନ ଦ୍ୱାରା ବୃହତ୍ ରାଧାକୃଷ୍ଣ ମନ୍ଦିର ନିର୍ମାଣପାଇଁ ଯୋଜନା ଚାଲିଥିବା ଜଣାଯାଏ। ଭବିଷ୍ୟତରେ ଏସବୁ ମନ୍ଦିରର ସଫଳ ରୂପାୟନ ଘଟିଲେ ପୁରୀ-କୋଣାର୍କ-ଭୁବନେଶ୍ୱରକୁ ନେଇ ଗଠିତ ସ୍ୱର୍ଣ୍ଣ ତ୍ରିଭୁଜର ଆଧ୍ୟାତ୍ମିକ ବର୍ଣ୍ଣାଢ୍ୟ ପରିବେଶ ଆହୁରି ଉଜ୍ଜ୍ୱଳ ହୋଇଉଠିବ। ଏହାଦ୍ୱାରା କୌଣସି ପୁରୁଣା ମନ୍ଦିରର ଆକର୍ଷଣ କମିଯିବ ବୋଲି ଚିନ୍ତାକରିବା ଆଦୌ ସୁସ୍ଥ ମସ୍ତିଷ୍କର କାର୍ଯ୍ୟ ନୁହେଁ। ରଘୁନାଥଙ୍କୁ ସେ ସୁଯୋଗ ଦିଆଯାଉ। ସେ ତାଙ୍କ ପାରଦର୍ଶିତା ପ୍ରତିପାଦିତ କରନ୍ତୁ। ଆମ ରାଜ୍ୟର ଐତିହ୍ୟ ବିଭବରେ ଆଉ ଗୋଟିଏ କୀର୍ତ୍ତି ସଂଯୁକ୍ତ ହେଉ।

ସମ୍ପାଦକ, ଐତିହ୍ୟ ସଂରକ୍ଷଣ ପରିଷଦ, ପୁରୀ,
ମୋ- ୯୪୩୭୧୬୬୩୬୯

# ଜନ୍ମାଷ୍ଟମୀର ବାର୍ତ୍ତା



ଡ. ପ୍ରଫୁଲ୍ଲ କୁମାର ସାହୁ

ଆଉ ଦିନକ ପରେ ଆସୁଛି ଜନ୍ମାଷ୍ଟମୀ, ଲୀଳାପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଜନ୍ମତିଥି। ଦୁଷ୍ଟ ସଂହାର ଓ ଧର୍ମ ସଂସ୍ଥାପନା ପାଇଁ ଭଗବାନ ଯୁଗେ ଯୁଗେ ଧରାଧାମକୁ ଅବତରି ଆସିଛନ୍ତି ଭିନ୍ନ ଭିନ୍ନ ରୂପରେ। ଭାଗବତରେ ଅଛି- ''ଯୁଗକୁ ଯୁଗ ଏହି ମତେ, ପରମାନନ୍ଦ ଏ ଜଗତେ।'' ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଠିକ୍ ଏହି କଥା କହିଛନ୍ତି ଗୀତାରେ। ଅର୍ଥାତ୍ ଆସୁରିକ ଶକ୍ତିର ବିନାଶ ଓ ଧର୍ମର ପୁନଃସଂସ୍ଥାପନ ହେଉଛି ଭଗବାନଙ୍କ ଧରାବତରଣର ମହାନ୍ ଉଦ୍ଦେଶ୍ୟ।

ଆଜକୁ ପ୍ରାୟ ୫୨୪୬ ବର୍ଷ ତଳର କଥା (ବିଦ୍ୱାନ୍ ବିଶ୍ୱନାଥ ଚକ୍ରବର୍ତ୍ତୀଙ୍କ କାଳ ନିରୂପଣ ଅନୁସାରେ)। ସେତେବେଳେ ନିରଙ୍କୁଶ କ୍ଷମତାର ଅଧିକାରୀ ପ୍ରବଳପ୍ରତାପୀ ମହାରାଜ କଂସର ଏକଚ୍ଛତ୍ରବାଦ ଶାସନରେ ଥରହର ହେଉଥିଲା ମଥୁରାକଟକ। ରାଜକର୍ମଚାରୀଙ୍କ ଶୋଷଣ ଓ କଷଣରେ ଅତିଷ୍ଠ ହୋଇ ତ୍ରାହି ତ୍ରାହି ଡାକୁଥିଲେ ଦୁର୍ବଳ ଏବଂ ସଦାଚାରୀ ପ୍ରଜାକୁଳ। ଏଭଳି ଅନ୍ଧାରି ଶାସନକୁ ମନେ ମନେ ବିରୋଧ କରି ଏକ ନୂତନ ରାଜନୈତିକ ଶକ୍ତିର ଅଭ୍ୟୁତ୍ଥାନ ଅପେକ୍ଷାରେ ଥିଲେ ରାଜ୍ୟର ଚିନ୍ତାଶୀଳ ପ୍ରଜା। ସମୟର ଏ ଆହ୍ୱାନକୁ ଗ୍ରହଣ କରି ରାଜତନ୍ତ୍ରବିରୋଧୀ ଏକ ବୈପ୍ଲବିକ ଶକ୍ତି ଭାବରେ ଉଭା ହେଲେ ଭଗବାନ ଶ୍ରୀକୃଷ୍ଣ।

ସେଦିନ ଥିଲା ନିଗିଡ଼ା ଭୋଦୁଅର ଅନ୍ଧାର ପକ୍ଷ। ପୂର୍ଣ୍ଣିମା ଓ ଅମାବାସ୍ୟାର ମଝାମଝି ଅଷ୍ଟମୀ ତିଥି। କଂସର କୁଶାସନ ପରି ଚାରିଆଡ଼େ ଘୋଟିଥିଲା କିଟି କିଟି ଅନ୍ଧାର। ଠିକ୍ ଅର୍ଦ୍ଧରାତ୍ର ବେଳକୁ ଏକ ଦିବ୍ୟ ଆଲୋକରେ ଝଲସିଉଠିଲା କଂସର ବନ୍ଦୀଶାଳା। ଅସହାୟତାର ବୁକୁ ଚିରି ପ୍ରତୀୟମାନ ହେଲା ବିପ୍ଳବର ବହ୍ନିମାନ ରୂପ। ବନ୍ଦିନୀ ଦେବକୀଙ୍କ ଅଷ୍ଟମ ଗର୍ଭରୁ ସାକାର ରୂପେ ପ୍ରକଟ ହେଲେ ଭଗବାନ ଶ୍ରୀକୃଷ୍ଣ। କଂସ କାରାଗାରର ଅନ୍ଧକାର ଭିତରେ ଜନ୍ମଲାଭ କରି ଜଗତ୍‌କର୍ତ୍ତା ଜଗତକୁ ଜଣେଇଦେଲେ ଅତ୍ୟାଚାରୀ କି ସ୍ୱେଚ୍ଛାଚାରୀ ପକ୍ଷରେ ନୁହେଁ, ସେ ଥାଆନ୍ତି ଦୁର୍ବଳ ଓ ସଦାଚାରୀଙ୍କ ପକ୍ଷରେ।

ଭକ୍ତିର ଅନ୍ୟ ନାମ ଆତ୍ମସମର୍ପଣ ଓ ଅହଂକାରଶୂନ୍ୟ ଆତ୍ମନିବେଦନ। ସେଭଳି ଅଂହକାରଶୂନ୍ୟ ଆତ୍ମନିବେଦନର ପ୍ରତୀକ ହେଉଛନ୍ତି ଦେବକୀ ଓ ବସୁଦେବ। ତେଣୁ ତାଙ୍କୁ ଆଦୌ ଅପ୍ରକଟ ହୋଇ ରହିଲାନି ଭଗବାନ ଶ୍ରୀକୃଷ୍ଣଙ୍କ ରୂପ। ସନ୍ତାନର ଦିବ୍ୟ ରୂପ ସଂଦର୍ଶନ ମାତ୍ରେ ଏକ ଅବ୍ୟକ୍ତ ଆନନ୍ଦରେ ଛଳ ଛଳ ହୋଇଗଲା ସେମାନଙ୍କ ଆଖି। କୃଷ୍ଣ ଚେତନାର ଅଫୁରନ୍ତ ପୁଲକରେ ପୂରିଉଠିଲା ପ୍ରାଣ। ଭକ୍ତିପୂର୍ଣ୍ଣ



ଆବେଗରେ ଆପେ ଆପେ ଯୋଡ଼ିହୋଇଗଲା ହାତ। ପରମୁହୂର୍ତ୍ତରେ ମନେ ପଡ଼ିଗଲା କ୍ରୂର କଂସର ନିଷ୍ଠୁର ଆଦେଶ। ଭୟରେ ଥରି ଉଠିଲା ଛାତି। ପିତା ବସୁଦେବଙ୍କ ତୁଣ୍ଡରୁ ସ୍ୱତଃ ବାହାରି ପଡ଼ିଲା- ''ତୋତେ ହୋ ତୁହି ରକ୍ଷା କର, ମୁଁ ଛାର ମନୁଷ୍ୟ ମାତର।'' ଦୁରାଚାରୀ କଂସ କବଳରୁ ନିଜକୁ ରକ୍ଷା କରିବାର ସାମର୍ଥ୍ୟ ଯେ ଶିଶୁ-ଶ୍ରୀହରିଙ୍କର ନ ଥିଲା ତାହା ନୁହେଁ, ମାତ୍ର ସମୟ ଯାଏ ଧୈର୍ଯ୍ୟର ସହ ଅପେକ୍ଷା କରିବା ଥିଲା ତାଙ୍କ ଚରିତ୍ରର ବୈଶିଷ୍ଟ୍ୟ। ତେଣୁ କଂସ ଭୟରେ ଗୋପପୁରରେ ଆତ୍ମଗୋପନ କରିବାର ନିଷ୍ପତ୍ତି ନେଇ ସେ ଜଗତକୁ ଜଣେଇଦେଲେ ଯେ ବିଧିର ବିଧାନ ଆଗରେ ସ୍ୱୟଂ ଭଗବାନ ବି ଅସହାୟ।

ଲକ୍ଷ୍ୟ ହାସଲ ପାଇଁ ସଂକଳ୍ପ ଦୃଢ଼ ହେଲେ ହାର୍ ମାନେ ବିପଦ। ଅଦୃଷ୍ଟର ଇଙ୍ଗିତରେ ଲକ୍ଷ୍ୟପଥରୁ ହଟିଯାଏ ଗୋଟିଏ ପରେ ଗୋଟିଏ ପ୍ରତିବନ୍ଧକ। ସେହି ନ୍ୟାୟରେ ବସୁଦେବଙ୍କ ହସ୍ତପାଦରୁ ଖୋଲିଗଲା ଶୃଙ୍ଖଳ। ଉନ୍ମୁକ୍ତ ହୋଇଗଲା କାରାଗାରର ଦ୍ୱାର ଏବଂ ପ୍ରହରୀମାନେ ଶୋଇଗଲେ ଗଭୀର ନିଦ୍ରାରେ। ଏଥିସହିତ ମୁହଁକୁ ମୁହଁ ଦିଶୁ ନ ଥିବା ମେଘଅନ୍ଧାର ରାତିରେ ବସୁଦେବଙ୍କୁ ବାଟ କଢେଇ ନେବା ପାଇଁ କ୍ଷଣକୁ କ୍ଷଣ ଚମକିଲା ବିଜୁଳି। ଉଛୁଳା ନଈ ବି ଛାଡ଼ିଦେଲା ବାଟ। ଅର୍ଥାତ୍ ପ୍ରକୃତି କେବେ ଓଗାଳେ ନାହିଁ ପ୍ରଗତିର ବାଟ। ଅନନ୍ତ ଫଣା ଟେକି ବର୍ଷାରୁ ଶିଶୁକୁ ରକ୍ଷା କଲା। ଶିଶୁ ପ୍ରତି ଏକ ମାନବେତର ପ୍ରାଣୀର ଏହି ମମତ୍ୱବୋଧ ସଂପ୍ରତି ସମାଜରେ ବଢିଚାଲିଥିବା ଶିଶୁ ନିର୍ଯାତନା ବିରୋଧରେ ଏକ ପ୍ରତିବାଦ। ଏକ ମଧୁର ଚେତାବନୀ। ବାସ୍ତବରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଥିଲେ ଅହଂକାର ଓ ଅତ୍ୟାଚାରର ଶତ୍ରୁ। ତାଙ୍କ ଧରାବତରଣ ଅନ୍ତରାଳରେ ରହିଛି ଶିଶୁ ଓ ନାରୀ ନିର୍ଯାତନା ତଥା ସକଳ ପ୍ରକାର ଅନ୍ୟାୟ ବିରୋଧରେ ସଂଗ୍ରାମର ସନ୍ଦେଶ। ଏହି ପରିପ୍ରେକ୍ଷୀରେ ଜନ୍ମାଷ୍ଟମୀର ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାଟି ହେଉଛି ପ୍ରତିକୂଳତା ସହିତ ସଂଘର୍ଷ କରି ଆଗକୁ ବଢିବାରେ ଥାଏ ଅସଲ ବୀରତ୍ୱ। ଡାରଉଇନ୍‌ଙ୍କ ବିବର୍ତ୍ତନ ତତ୍ତ୍ୱ ଅନୁସାରେ ଯିଏ ଲଢ଼ିପାରେ, ସେହି କେବଳ ଜାହିର କରିପାରେ ନିଜର ଅସ୍ତିତ୍ୱ। ଜନ୍ମାଷ୍ଟମୀ ସେହି ଲଢୁଆପଣର ଶାଶ୍ୱତ ଉଦ୍‌ଘୋଷଣା।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ- ୯୪୩୮୮୫୫୦୮୮

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସ ଫେଲ

ମହାଶୟ,

ଆପଣଙ୍କ ସମ୍ପାଦକୀୟ 'ପୋଲିସ ଫେଲ' ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ। ୧୨୨ରୁ ୧୧୯-ଆଇପିଏସ୍ ଅଫିସର ଫେଲ ବୋଲି ପ୍ରକାଶ ପାଇଛି। ଦେଶର ଆଇନକାନୁନ୍ ବ୍ୟବସ୍ଥା କିପରି ନିମ୍ନଗାମୀ ହୋଇସାରିଲାଣି, ତାହା ବେଶି ଭାବିବସିଲେ ରକ୍ତଚାପ ବଢ଼ିଯାଇପାରେ। ଏପରି ପରୀକ୍ଷାମାନ ପୂର୍ବ ସରକାର ଅମଳରେ ବି ହେବା ଉଚିତ ଥିଲା। ଏହି ଅଫିସରମାନଙ୍କ ଉପରେ ଥିବା ଟାଣୁଆ ପୋଲିସ ଅଫିସର ମଧ୍ୟ (ଡିଜି ଓ ଡିଆଇଜି ପ୍ରମୁଖ) ଏହି ଦିଗ ସମୂହକୁ ଅଧିକ ଧ୍ୟାନ ଦେବା ଆବଶ୍ୟକ।

ପ୍ରଫୁଲ୍ଲ କୁମାର ନାୟକ, ବୋଷ କଲୋନୀ, କଟକ

### ପାହାଡ଼ିଆ ଜମିରେ ମିଶ୍ରିତ ଚାଷ

ଧରିତ୍ରୀରେ ପ୍ରକାଶିତ ବିଚିତ୍ର ବିଶ୍ୱାଳଙ୍କ ନିବନ୍ଧ ଅନୁଯାୟୀ, ପାହାଡ଼ିଆ ଜମି କି ଡଙ୍ଗରରେ ଆଦିବାସୀମାନେ କେଉଁ କାଳରୁ ବିଭିନ୍ନ ପ୍ରକାର ଫସଲ ଯଥା କାନ୍ଦୁଲ, ମାଣ୍ଡିଆ, ମକା, ଜନା, ତୈଳବୀଜ, ପରିବା ଆଦି ଚାଷ କରିଆସୁଛନ୍ତି। ସମତଳ ଜମିର ଚାଷୀ କେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲ ନଷ୍ଟ ହେବାରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଥିବା ବେଳେ ଆଦିବାସୀ ଏପରି ଆତ୍ମହତ୍ୟା କରିବା କ୍ୱଚିତ୍ ଦେଖାଯାଏ। କୃଷି ବିଭାଗ ଏହି ଚାଷୀମାନଙ୍କୁ କୃଷିରେ ଉନ୍ନତି ନିମନ୍ତେ ସହାୟତା କଲେ ସେମାନଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ହେବ, ଏଥିରେ ସନ୍ଦେହ ନାହିଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ପୋଲିସର ଅନ୍ୟ ନାମ ଶାନ୍ତିରକ୍ଷକ। କିନ୍ତୁ ପୋଲିସ ପୋଷାକ ପିନ୍ଧି ଅଭିଯୋଗକାରୀ ମନରେ ଅଶାନ୍ତିର ମଞ୍ଜି ବୁଣିଲେ ସେ ସହିପାରେ ନାହିଁ। ଆତ୍ମହତ୍ୟାର ପଥ ବାଛିନିଏ। ଏପରି ଏକ ସ୍ପର୍ଶକାତର ଘଟଣା ଉତ୍ତରପ୍ରଦେଶର ଶାହାଜାହାନପୁରରେ ଘଟିଛି। ୨୮ବର୍ଷର ଜଣେ ମହିଳା ବଳାତ୍କାରର ଶିକାର ହୋଇ ଅଭିଯୋଗ ଦାଏର କରିବାକୁ ଥାନାକୁ ଯାଇଥିଲେ। ଏତଲା ଗ୍ରହଣ ବଦଳରେ ୩ ଜଣ ପୋଲିସ ଅଭିଯୁକ୍ତଙ୍କ ସହ ରଫାଦଫା କରିବାକୁ ସମ୍ପୃକ୍ତ ମହିଳାଙ୍କ ଉପରେ ଚାପ ପକାଇଥିଲେ। ଏଥିନେଇ ମହିଳା ଜଣକ ଅତ୍ୟନ୍ତ ନିରାଶ ହୋଇପଡ଼ିଥିଲେ। ସେ ଏତେ ଧୈର୍ଯ୍ୟହରା ହୋଇପଡିଥିଲେ ଯେ, ଥାନା ପରିସରରେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଗୁରୁବାର ତାଙ୍କୁ ଜିଲା ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମହିଳାଙ୍କ ସ୍ୱାମୀ ବଳାତ୍କାର ଏବଂ ଆତ୍ମହତ୍ୟା ପାଇଁ ସୁଯୋଗ ସୃଷ୍ଟିକରିବା ଅଭିଯୋଗରେ ଏକ ମାମଲା ଦାଏର କରିଛନ୍ତି। ଉକ୍ତ ଘଟଣାରେ ଥାନା ଇନ୍-ଚାର୍ଜଙ୍କ ସମେତ ଦୁଇଜଣ ସବ୍‌ଇନ୍ସପେକ୍ଟରଙ୍କୁ ନିଲମ୍ବିତ କରାଯାଇଛି।

### ଚିରନ୍ତନୀ

ମଳିନ କ୍ଷୀଣ ଧୂସର ଦେହ ତୁଟିଛି ତା'ର ଆକାଶ ଗେହ
ଭୂତଳେ ପଡ଼ି ପରାଣ ତା'ର ମାଗଇ ସୁଖ ମାଗଇ ସ୍ନେହ।
(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧ ସେପ୍ଟେମ୍ବର ୧୯୯୩

- ବ୍ରାଜିଲର ଏକ ବସ୍ତି ଉପରେ କେତେକ ଅଜ୍ଞାତ ବନ୍ଧୁକଧାରୀ ଆଖିବୁଜା ଗୁଳି ଚାଳନା କରିବା ଫଳରେ ୨୧ ଜଣଙ୍କ ମୃତ୍ୟୁ।
- ଯୋଜନା କମିଶନ ଉପାଧ୍ୟକ୍ଷ ପ୍ରଣବ ମୁଖାର୍ଜୀ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବାଣିଜ୍ୟ ମନ୍ତ୍ରୀ ଭାବେ ସାମିଲ ହେଲେ।



### ଜିଲା ଡାଏରୀ
## ଢେଙ୍କାନାଳ

### ଶୃଙ୍ଖଳିତ ବିଭାଗରେ ବିଶୃଙ୍ଖଳା

ଢେଙ୍କାନାଳ ଜିଲାରେ ପୋଲିସ ପ୍ରଶାସନ ଭଳି ଶୃଙ୍ଖଳିତ ବିଭାଗରେ ବିଶୃଙ୍ଖଳା ଚିନ୍ତାଜନକ ହୋଇଛି। ଗତ ୨୪ ତାରିଖରେ ଏକ କୋଇଲା ଡିପୋରେ ଚୋରାଚାଲାଣ ଓ ଅପମିଶ୍ରଣକୁ ନେଇ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ଘଟଣା ସମ୍ପର୍କରେ ତଥ୍ୟ ଜାଣିବା ପାଇଁ ଖବରଦାତାମାନେ ଥାନା ଅଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଥାନା ଅଧିକାରୀ ଜଣେ ଏଏସ୍‌ଆଇଙ୍କ ଜରିଆରେ ଜଣେ ଗିରଫ ଅଭିଯୁକ୍ତଙ୍କୁ ସମ୍ମୁଖକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇ ତାଙ୍କଠାରୁ ସିଧାସଳଖ ସବୁ ଶୁଣିବା ପାଇଁ କହିଥିଲେ। କିଛି ସମୟ ପରେ ଏଏସ୍‌ଆଇ ଜଣକ ଏସ୍‌ଆଇ ଅଭିଯୁକ୍ତଙ୍କୁ ନେବା ପାଇଁ ମନାକଲେ ବୋଲି କହି ଖାଲି ହାତରେ ଫେରିଆସିବାରୁ ଖବରଦାତାମାନଙ୍କ ସମ୍ମୁଖରେ ଥାନା ଅଧିକାରୀ ଉତ୍ତେଜିତ ହୋଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କଲେ। ଏସ୍‌ଆଇ ବାଧ୍ୟହୋଇ ଅଭିଯୁକ୍ତଙ୍କୁ ପଠାଇଲେ। ଅଭିଯୁକ୍ତଙ୍କୁ ଏଭଳି ଶିକ୍ଷା ଦିଆଯାଇଥିଲା ଯେ, ସେ ଖବରଦାତାଙ୍କ ଆଗରେ ମୁହଁ ଖୋଲିଲେ ନାହିଁ। ଶୃଙ୍ଖଳିତ ବିଭାଗରେ ଏଭଳି ବିଶୃଙ୍ଖଳା ସ୍ପୃହଣୀୟ ନୁହେଁ।

-ରତନ ନାୟାର

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | A | 3 | 5 | D | | | C | | | | 7 | | 8 | |
| 9 | | | 2 | | | | 4 | D | 1 | B | | | | |
| | 6 | 0 | | | 1 | | | 9 | | | | | | |
| | | 2 | 7 | | | | | | | 3 | | D | 4 | 5 |
| | C | | 8 | | | 3 | A | | | | | | | 6 |
| E | | C | | | D | 4 | 3 | | | | 2 | | B | |
| | 4 | | | | | 9 | | A | | 6 | | E | | |
| D | | | | | | | | 5 | | 1 | | | | 7 |
| | 8 | | | | 9 | B | | | 3 | E | | | 5 | |
| | | B | 4 | 8 | A | | 0 | | C | D | | | | |
| | | | | | | | | 0 | 6 | 2 | | | D | B |
| | | | E | | | | | 7 | | | | | | |
| | | | A | 5 | 2 | | 6 | | | | D | 9 | | 0 |
| B | | | | | | | 5 | 3 | 9 | | | 6 | | 2 |
| 0 | 9 | 1 | | 6 | | | | 2 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | E | 4 | 0 | 3 | 7 | 8 | A | 6 | C | D | 2 | 5 | B | 1 |
| 7 | C | 1 | 8 | 9 | B | 2 | 3 | D | 0 | A | 5 | E | 6 | 4 |
| D | B | 2 | C | 1 | 4 | E | 9 | 5 | 8 | 7 | 6 | A | 3 | 0 |
| A | 6 | 0 | D | 2 | 5 | B | 4 | 1 | E | 3 | 9 | C | 8 | 7 |
| 3 | 5 | 8 | E | A | 6 | C | 0 | 7 | 4 | B | 1 | D | 9 | 2 |
| 0 | 9 | C | A | E | 2 | 7 | 6 | B | 1 | 4 | 3 | 8 | 5 | D |
| 2 | A | B | 5 | 7 | D | 4 | 8 | C | 6 | 0 | E | 3 | 1 | 9 |
| 6 | 4 | E | 9 | 0 | C | D | 1 | 3 | A | 5 | 8 | 2 | 7 | B |
| 1 | 3 | 5 | 4 | B | 8 | 9 | E | 2 | D | C | 7 | 6 | 0 | A |
| 8 | 7 | D | 1 | 6 | 3 | 0 | 5 | A | 2 | 9 | B | 4 | C | E |
| C | 0 | 7 | B | 5 | 9 | A | D | 8 | 3 | E | 4 | 1 | 2 | 6 |
| E | 2 | 6 | 7 | C | 0 | 3 | B | 4 | 5 | 1 | D | 9 | A | 8 |
| 4 | 1 | 3 | 6 | 8 | E | 5 | 7 | 0 | 9 | 2 | A | B | D | C |
| B | 8 | 9 | 3 | D | A | 1 | 2 | E | 7 | 6 | C | 0 | 4 | 5 |
| 5 | D | A | 2 | 4 | 1 | 6 | C | 9 | B | 8 | 0 | 7 | E | 3 |

ଗତକାଲିର ଉତ୍ତର



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।

- ସତ୍ୟସାଇ ବାବା

## ସଂକ୍ଷେପରେ

### ଜିଏମ୍‌ୟୁରେ ସିଭିଲ ସର୍ଭିସ କୋଚିଂ ଆରମ୍ଭ

ସମ୍ବଲପୁର,୩୧।୮(ବ୍ୟୁରୋ)
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ପରିସରସ୍ଥ ଅଧାପନା ପ୍ରକୋଷ୍ଠ-୧ରେ ଶୁକ୍ରବାର ତୃତୀୟ ବ୍ୟାଚ ସିଭିଲ ସର୍ଭିସ କୋଚିଂ ଆରମ୍ଭ ହୋଇଛି । ଏଥିପାଇଁ ୧୭୦ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରେ ୬୦ ଜଣଙ୍କୁ ଚୟନ କରାଯାଇଛି । କୁଳପତି ପ୍ରଫେସର ଅତନୁ କୁମାର ପତି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମ ଆବାହକ ଡା. ହେମ କୁମାର ନାୟକ ସୂଚନା ପ୍ରଦାନ କରିଥିଲେ । ସେହିପରି ଉପ କୁଳସଚିବ ଉମାଚରଣ ପତି ସିଭିଲ ସର୍ଭିସ ପରୀକ୍ଷା ଓ ପାଠ୍ୟକ୍ରମ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ । ଏଥିପାଇଁ ବିଶ୍ୱବିଦ୍ୟାଳୟ ରାଜ୍ୟ ତଥା ରାଜ୍ୟ ବାହାରୁ ବିଶେଷଜ୍ଞମାନଙ୍କୁ ନିୟୋଜନ କରିବ।

### ୨ରେ ଓଡ଼ିଶା ଅସ୍ଥାୟୀ ବନ କର୍ମଚାରୀ ସ୍ୱାଡ ସଂଘ ସମ୍ମିଳନୀ

ସମ୍ବଲପୁର,୩୧।୮ (ବ୍ୟୁରୋ)
ଓଡିଶା ଅସ୍ଥାୟୀ ବନ କର୍ମଚାରୀ ସ୍କ୍ୱାଡ ସଂଘ ସମ୍ମିଳନୀ ସେପ୍ଟେମ୍ବର ୨ ତାରିଖରେ ଭଡ୍ରା ଆଦିତ୍ୟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ। ଏଥିରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯିବ । ସେହିପରି ରାଜ୍ୟ ସରକାରଙ୍କ ବିଚାରଧାରାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା କାର୍ଯ୍ୟକ୍ରମ ରହିଛି ବୋଲି ସଂଘ ସଭାପତି ଅନିରୁଦ୍ଧ ସେଠ ଶୁକ୍ରବାର ଏକ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି ।

### ସମଲେଶ୍ୱରୀ ଦଶହରା ପୂଜା କମିଟି ଗଠିତ

ସମ୍ବଲପୁର,୩୧।୮(ବ୍ୟୁରୋ)
ଶ୍ରୀ ଶ୍ରୀ ସମଲେଶ୍ୱରୀ ଦଶହରା ପୂଜା କମିଟି ନୂତନ କର୍ମକର୍ତ୍ତା ଗଠନ କରାଯାଇଛି । ଆଖଡା ମାଷ୍ଟର ସୁରେନ୍ଦ୍ର ନାୟକଙ୍କ ଅଧକ୍ଷତାରେ ସଭା ହୋଇଥିଲା। ବିଭିନ୍ନ ବିଷୟରେ ଆଲୋଚନା ହେବା ପରେ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ଅକ୍ଷୟ ରାୟ ସଭାପତି, ସବନ୍ ରାୟ ଉପସଭାପତି, ଇନ୍ଦ୍ରନୀଳ ପ୍ରିୟଦର୍ଶୀ ସମ୍ପାଦକ, ସଞ୍ଜୀବ ସିଂ ସହ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ସେହିପରି ଧୀରେନ ମହାପାତ୍ର କୋଷାଧକ୍ଷ, ଗୋକୁଳ କୃଷ୍ଣ ଧର ସହ କୋଷାଧକ୍ଷ, ସଞ୍ଜୀବ ମହାପାତ୍ର ହିସାବ ରକ୍ଷକ, ଦେବବ୍ରତ ଦଫେଦାର ସାଂସ୍କୃତିକ ସମ୍ପାଦକ, ରଣଜିତ ଦେବ, ଶଙ୍କର ଶର୍ମା, ଟୁକୁ ପାଣିଗ୍ରାହୀ ସହ ସାଂସ୍କୃତିକ ସମ୍ପାଦକ, ନୟନ ଶଙ୍କର ଦାସ, ସଞ୍ଜୀବ ମେହେର, ଆଶିଷ ରାୟ ସାଜସଜ୍ଜା ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ଚଳିତ ବର୍ଷ ଦଶହରାକୁ ଅଧିକ ଆକର୍ଷଣୀୟ କରିବାକୁ ମତପ୍ରକାଶ ପାଇଛି ।

### ସ୍ୱାୟତ୍ତ ଶାସନ ଦିବସରେ କୁଚିଣ୍ଡା ଏନ୍‌ଏସି ପକ୍ଷରୁ ବୃକ୍ଷରୋପଣ

ସମ୍ବଲପୁର/କୁଚିଣ୍ଡା,୩୧।୮(ବ୍ୟୁରୋ/ଡି.ଏ ନ.ଏ)
କୁଚିଣ୍ଡା ଏନଏସି ପକ୍ଷରୁ ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଛି । ଏହି ଅବସରରେ ସକାଳୁ ପ୍ରଭାତ ଫେରୀ କରାଯିବା ସହ ଏନଏସି ଅଫିସଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଏନଏସି ଅଧକ୍ଷା ରେବତୀ ବଲୁଆ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଫରେଷ୍ଟ ପାର୍କରେ ଏନଏସି ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର ମହାପାତ୍ର, କାଉନସିଲର ଅଖିଳ ପ୍ରତାପ ସିଂ, ସୁଶୀଲ କର ପ୍ରମୁଖ ଉପସ୍ଥିତ ଥିଲେ।

### ବିଭିନ୍ନ ପ୍ରକଳ୍ପର ଭୂମିପୂଜା

ଦେବଗଡ,୩୧।୮(ସ୍ୱ.ପ୍ର.)
ଦେବଗଡ କଲେଜର ଅଡିଟୋରିୟମ ଓ କଙ୍କ୍ରିଟ ରାସ୍ତା ନିର୍ମାଣ ପାଇଁ ଭୂମିପୂଜନ କରାଯାଇଛି। ଅନ୍ୟପକ୍ଷେ ଆଦିବାସୀ ଛାତ୍ରୀ ନିବାସର ଉଦ୍‌ଘାଟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ କିଶୋର ମହାନ୍ତି, ସମ୍ବଲପୁର ଏମ୍‌ପି ନଗେନ୍ଦ୍ର କୁମାର ପ୍ରଧାନ, ଦେବଗଡ ବିଧାୟକ ନିତେଶ ଗଙ୍ଗଦେବ ପ୍ରମୁଖ ଯୋଗ ଦେଇଥିଲେ । କଲେଜ ପରିଚାଳନା କମିଟିର ସଭାପତି ସୁଧୀର କପରଦାର ସଭାପତିତ୍ୱ କରିଥିଲେ। କଲେଜ ଅଧକ୍ଷା ସନ୍ତୋଷିନୀ ଶତପଥୀ ଓ ଅନ୍ୟମାନେ ସହଯୋଗ କରିଥିଲେ ।

# ରାଫେଲ ମହାଦୁର୍ନୀତିରେ ନିଜେ ପ୍ରଧାନମନ୍ତ୍ରୀ ଜଡ଼ିତ

ସମ୍ବଲପୁର,୩୧।୮(ବ୍ୟୁରୋ)



ସମ୍ବଲପୁରରେ ଶୁକ୍ରବାର ଅଖିଳ ଭାରତୀୟ କଂଗ୍ରେସ କମିଟି ପ୍ରବକ୍ତା ପବନ ଖେରା ଖବରଦାତାଙ୍କୁ ରାଫେଲ ମହାଦୁର୍ନୀତି ବିଷୟରେ ସୂଚନା ଦେଉଛନ୍ତି ।

ରାଫେଲ ମହାଦୁର୍ନୀତିରେ କେନ୍ଦ୍ର ସରକାର ଜଡିତ ଅଛନ୍ତି । ପ୍ରଧାନମନ୍ତ୍ରୀ ପ୍ରତ୍ୟେକ୍ଷ ଭାବେ ଲିପ୍ତ ରହିଛନ୍ତି। ଲୋକଙ୍କୁ କିନ୍ତୁ ଭୁଆ ବୁଲାଇ ମିଛ କହୁଛନ୍ତି ପ୍ରଧାନମନ୍ତ୍ରୀଙ୍କ ଛତ୍ର ଛାୟାରେ ରହି ଉଦ୍ୟୋଗପତିମାନେ ରାଜନୈତିକ ଦଳ ଓ ଅନ୍ୟମାନଙ୍କୁ ଧମକ ଦେଉଛନ୍ତି। ଏହା ଭାରତୀୟ ଗଣତନ୍ତ୍ରକୁ ବିପଦରେ ପକାଇବ। ଶୁକ୍ରବାର ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପ୍ରବକ୍ତା ପବନ ଖେରା ଏହା କହିଛନ୍ତି ।

୨୦୧୨-୧୩ ମସିହାରେ ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିଲା ବେଳେ ବାୟୁସେନାର ୧୨୬ଟି ବିମାନର ଆବଶ୍ୟକତା ରହିଥିଲା । ଗୋଟିଏ ଯୁଦ୍ଧ ବିମାନକୁ ୫୨୬ କୋଟି ଟଙ୍କା ବିନିୟମରେ କିଣିବାକୁ ଫ୍ରାନ୍ସ କମ୍ପାନୀ ସହିତ ଯୁକ୍ତି କରାଯାଇଥିଲା1 ଏପରିକି ନୀତି ନିୟମ ଅନୁସାରେ ଟେଣ୍ଡର ଆହ୍ୱାନ ହୋଇଥିଲା । ୧୨୬ରୁ ୧୮ଟି ବିମାନ ଆସିବାର ଥିଲା । ବାକି ୧୦୮ଟି ଯୁଦ୍ଧ ବିମାନ ଭାରତୀୟ ବୈଷୟିକ ଜ୍ଞାନକୌଶଳରେ ତିଆରି ହୋଇଥାନ୍ତା । ଏହାଦ୍ୱାରା ଦେଶର ବେକାରୀ ଯୁବତୀ ଯୁବକଙ୍କୁ ଚାକିରି ମିଳିଥାନ୍ତା । ଏଥିସହ ଖର୍ଚ୍ଚ ମଧ କମ୍ ହୋଇଥାନ୍ତା । କିନ୍ତୁ ୨୦୧୫ ଏପ୍ରିଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସ ଗସ୍ତରେ ଯାଇଥିବା ବେଳେ ବିନା ଟେଣ୍ଡରରେ ୩୬ଟି ବିମାନ କିଣିବାକୁ ଘୋଷଣା କରିଥିଲେ । ଦେଶର ଜଣେ ଶିଳ୍ପ ଉଦ୍ୟୋଗିଙ୍କୁ ଠିକା ମଧ ଦେଇଥିଲେ । ଯାହାକି ଗୋଟିଏ ବିମାନର ମୂଲ୍ୟ ୧ହଜାର ୬୭୦ କୋଟି ରହିଥିଲା । ତତ୍‌କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାଲିକର୍‌ଙ୍କୁ ମଧ ଅନ୍ଧାରରେ ରଖାଯାଇଥିଲା । ୧୨୬ଟି ଆବଶ୍ୟକ ଥିବାବେଳେ ୩୬ଟି ଅଣପ୍ରକ୍ରିୟାରେ କିଣା ଯାଇଛି । ଯାହାକି ବ୍ୟୟ ବହୁଳ। ତେଣୁ ଏଥିରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଛି । ଏନେଇ କଂଗ୍ରେସ ଦଳ ପକ୍ଷରୁ ସ୍ପଷ୍ଟିକରଣ ମାଗିଲେ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ବଦଳରେ ଅର୍ଥମନ୍ତ୍ରୀ ଅରୁଣ ଜେଟଲି ସୂଚନା ଦେଉଛନ୍ତି । ଏହା ଭାରତୀୟ ଗଣତନ୍ତ୍ର ପାଇଁ ଦୁର୍ଦ୍ଦିନ ଆସୁଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷେ ରାଜ୍ୟରେ ବିଜେଡି ଓ ଭାଜପା ବିକାଶ କରିବାକୁ ଆଗେଇ ଆସୁ ନାହାନ୍ତି । ଦେଶ ଓ ରାଜ୍ୟରେ ବେରୋଜଗାର, ଦଳିତଙ୍କ ପ୍ରତି ଅତ୍ୟାଚାର, ମହିଳା ଅସୁରକ୍ଷିତ, ଚାଷୀ ଆତ୍ମହତ୍ୟା ବଢ଼ିବାରେ ଲାଗିଛି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଠିକ ଭାବେ କାର୍ଯ୍ୟକାରୀ ହୋଇନାହିଁ । କେବଳ ବୀମା କମ୍ପାନୀମାନଙ୍କୁ ଲାଭ ଦେବାକୁ ଫସଲ ବୀମା ପରିକଳ୍ପନା କରାଯାଇଛି । କଂଗ୍ରେସ ଦଳ ହିଁ ରାଜ୍ୟ ଓ ଦେଶରେ ବିକାଶ ଆଣି ପାରିବ ବୋଲି ସେ କହିଛନ୍ତି। ତେବେ କଂଗ୍ରେସ ଦଳ ଖବରଦାତା ସମ୍ମିଳନୀରେ ସୀମିତ ରହୁଥିବା ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ, କଂଗ୍ରେସ ଏକ ପୁରୁଣା ଦଳ। ପର୍ଯ୍ୟାୟ କ୍ରମେ ଦଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତିର ମୁଖା ଖୋଲିବ। ଏହି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ସୂଚନା ପ୍ରଦାନ କରିଥିବା ବେଳେ ଦେବେନ୍ଦ୍ର କିଶୋର ପତି ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧରେ ପଶ୍ଚିମ ଓଡିଶା ପର୍ଯ୍ୟବେକ୍ଷକ ତଥା ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ମସ୍ତାନ ଭଲି, ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ରାଜେଶ ଦାସ, ସମ୍ପାଦକ ଦୁଲାଲଚନ୍ଦ୍ର ପ୍ରଧାନ, ସୁରେଖା ସାହୁ, ଜାନକୀ ବଲ୍ଲଭ ପଟ୍ଟନାୟକ, ଜିତେନ୍ଦ୍ର ପଟ୍ଟନାୟକ, ପୂର୍ବତନ ସମ୍ବଲପୁର ଲୋକସଭା ଏମ୍‌ପି ଅମରନାଥ ପ୍ରଧାନ, ଅଖିଳ ଭାରତୀୟ କଂଗ୍ରେସ କମିଟି ସଭ୍ୟ ଆସବ ଅଲ୍ଲିଖାନ୍‌ଙ୍କ ସମେତ ଜିଲାସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

### ମୁଁ ହିରୋ ରଥକୁ ସ୍ୱାଗତ

ବାରକୋଟ,୩୧।୮(ଡି.ଏନ.ଏ.)

ଦେବଗଡ ଜିଲା କଣ୍ଢେଇଠାରେ ଓଡିଶା ସରକାରଙ୍କ ମୁଁ ହିରୋ ମୁଁ ଓଡିଶା ରଥକୁ କଣ୍ଢେଇ ଜୋନର ଯୁବ ବାହିନୀ ଦ୍ୱାରା ସ୍ୱାଗତ କରାଯାଇଛି । କଣ୍ଢେଇ କଲେଜ ଛକଠାରେ ବାରକୋଟ ବିଡିଓ ଟୁନୁ ମେହେରଙ୍କ ତତ୍ତ୍ୱାବଧାନରେ କଣ୍ଢେଇ ଜୋନର ୭ଟି ପଞ୍ଚାୟତର ବିଜୁ ଯୁବ ବାହିନୀର ଯୁବକମାନେ ସ୍ୱାଗତ କରିଥିଲେ । ଏହାପରେ ଏକ ରାଲିରେ ରଥକୁ କଣ୍ଢେଇ ତାରିଣୀ ମନ୍ଦିର ଛକ ନିକଟକୁ ନିଆଯାଇ ସେଠାରେ ପଥପ୍ରାନ୍ତ ନାଟକର ଆୟୋଜନ କରାଯାଇଥିଲା । ନାଟକ ମାଧମରେ ଯୁବକଙ୍କୁ ସଚେତନ କରିବା ସହ ଯୁବ ପ୍ରତିଭା ଚୟନ ପାଇଁ ନିର୍ଦ୍ଧାରିତ ଫର୍ମ ପୂରଣ କରିବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମର କଣ୍ଢେଇ ସରପଞ୍ଚ ବିରଞ୍ଚି ବେହେରା, ସମିତି ସଭ୍ୟ ମଞ୍ଜୁ ସାହୁ, ପୂର୍ବତନ ସରପଞ୍ଚ ପ୍ରଶନ ନାଏକ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ । ଏହାପରେ ରଥକୁ ବାରକୋଟ ନିଆଯାଇଥିଲା । ବାରକୋଟଠାରେ ପିଏ ଝସକେତନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇ କଲା ଅଭିମୁଖେ ଯାଇଥିଲା । କଲା ଗ୍ରାମଠାରେ କଲା ସରପଞ୍ଚ ସସ୍ମିତା ବେହେରା ରଥକୁ ସ୍ୱାଗତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭୋଟରଙ୍କୁ ପ୍ରଭାବିତ କରିବାକୁ କଂଗ୍ରେସର ଚେଷ୍ଟା

ସମ୍ବଲପୁର, ୩୧।୮(ବ୍ୟୁରୋ)

ନିର୍ବାଚନ ଯେତିକି ପାଖେଇ ଆସୁଛି କଂଗ୍ରେସ ଦଳ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ସେତିକି ପାଖକୁ ପହଞ୍ଚୁଛି। ଗୁରୁବାର ମଧ୍ୟ ରେଢାଖୋଲ ନର୍ବାଚନ ମଣ୍ଡଳୀ ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତରେ କଂଗ୍ରେସର ଜିଲା ଓ ବ୍ଲକ ନେତୃବୃନ୍ଦ ପହଞ୍ଚି ଘରକୁ ଘର ବୁଲିଛନ୍ତି। ଲୋକମାନଙ୍କ ସହିତ ଆଲୋଚନା କରି ନିଜ ଆଡକୁ ଆଣିବା ପାଇଁ ପ୍ରୟାସ କରିଛନ୍ତି । ପରେ ଡକରା ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଜିଲା ସଭାପତି ଅଶ୍ୱିନୀ ଗୁରୁ, ଆସଫ ଅଲି ଖାନ, ଗୋବିନ୍ଦ ମିଶ୍ର, ମାନେଶ୍ୱର ଜୋନ ୨ ସଭାପତି ମହେନ୍ଦ୍ର ସାହୁ, ଗୌରାଙ୍ଗ ପୁରୋହିତ ଯୋଗ ଦେଇଥିଲେ । ତୃଣମୂଳସ୍ତରରୁ କଂଗ୍ରେସ ଦଳକୁ ଆହୁରି ମଜଭୁତ କରିବା ପାଇଁ ନେତା ଓ କର୍ମୀମାନେ ମତ ରଖିଥିଲେ । ଡକରା ପଞ୍ଚାୟତ ସଭାପତି ଭାବେ ସୋନୁ ସେଠଙ୍କୁ ଚୟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଦେବିଲାଲ ପ୍ରଧାନ, କୃଷ୍ଣ ସାହୁ, ମୁରଲୀ ସେଠ, ଦାମୋଦର ଝାଙ୍କର, ଲକ୍ଷ୍ମଣ ନାୟକ, ହରିହର ସେଠ, ଯୁବନେତା ଜୟନ୍ତ ବେହେରା, ବିଦ୍ୟୁତ ମିଶ୍ର, ଶ୍ରୀକାନ୍ତ ବାଦିଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।



ରେଢାଖୋଲ ନର୍ବାଚନ ମଣ୍ଡଳୀ ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତରେ କଂଗ୍ରେସର ଜିଲା ଓ ବ୍ଲକ ନେତୃବୃନ୍ଦ ପହଞ୍ଚି ଘରକୁ ଘର ବୁଲିଛନ୍ତି ।

### ଖବରଦାତାଙ୍କ ଘରୁ ସେକ୍ସ ର୍‍ୟାକେଟ ଠାବ ଘଟଣା
## ସିଲ୍ ଘର ଖୋଲାକୁ ନେଇ ପୋଲିସର ଭୂମିକା ସନ୍ଦେହଜନକ

ସମ୍ବଲପୁର, ୩୧।୮(ବ୍ୟୁରୋ)

ସମ୍ବଲପୁର ସହା ଅଇଁଠାପାଲି ଥାନା ଅଧୀନ ବୃନ୍ଦାବନ ବିହାର ଅଞ୍ଚଳରେ ଏକ ପ୍ରମୁଖ ଖବରକାଗଜର ଖବରଦାତାଙ୍କ ଘରୁ ଗତ ଜୁଲାଇ ୨୭ ତାରିଖ ପୋଲିସ ସେକ୍ସ ର୍‍ୟାକେଟ ଠାବ କରିଥିଲା। ଘଟଣାକୁ ଏକମାସ ବିତିଯାଇଥିଲେ ମଧ୍ୟ ଉକ୍ତ ଘର ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ପୋଲିସ ଓଲଟା ପ୍ରସୟ ଦେଉଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଏପରିକି ପୋଲିସର କାର୍ଯ୍ୟକଳାପକୁ ନେଇ ମଧ ସନ୍ଦେହ ଉଠିଛି । ଘଟଣାଦିନ ଚଢାଉ ପରେ ପୋଲିସ ଉକ୍ତ ଘରକୁ ସିଲ୍ କରି ଦେଇଥିବା ସୂଚନା ଦେଇଥିଲା । ହେଲେ ପ୍ରାୟ ଏକମାସ ପରେ ଏବେ ଏହି ଘର ମେଲା ଥିବା ସ୍ଥାନୀୟ ଲୋକେ ଜାଣିବାକୁ ପାଇଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ପୋଲିସ ଖବର ପାଇ ଉକ୍ତ ଘରେ ପହଞ୍ଚି ଘରେ ଥିବା ଜିନିଷପତ୍ର ଥାନାକୁ ଆଣିଛି। ତେବେ କିଏ ଓ କାହିଁକି ସିଲ୍ ଖୋଲିଲା ତାହା ପ୍ରଶ୍ନ ଉଠୁଛି । ପୋଲିସ ଜାଣତରେ ହିଁ ପ୍ରମାଣ ନଷ୍ଟ କରିବା ପାଇଁ ଉକ୍ତ ଘର ମାଲିକଙ୍କୁ ସହଯୋଗ କରିଥିବା ଅଭିଯୋଗ ହୋଇଛି। କୌଣସି ଘରେ ସେକ୍ସ ର୍‍ୟାକେଟ ଧରାପଡିଲେ ଉକ୍ତ ଘରକୁ ସିଲ୍ କରାଯାଇଥାଏ । ତଦନ୍ତ ସରିବା ପର୍ଯ୍ୟନ୍ତ ତାହା ବଳବତ୍ତର ରହିଥାଏ । ହେଲେ ପୋଲିସ ଉକ୍ତ ଖବରଦାତାଙ୍କୁ ପ୍ରସୟ ଦେଇ ସହଯୋଗ କରୁଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଅଇଁଠାପାଲି ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ କହିଛନ୍ତି ଯେ ଖବର ମିଳିବା ପରେ ପୋଲିସ ପୁଣି ଘର ସିଲ୍ କରିଦେଇଛି। ତଦନ୍ତ ଜାରି ରହିଛି।

## ଆଇପିପିବି ଲୋକଙ୍କ ଦ୍ୱାରରେ ସୁବିଧା ଯୋଗାଇବ



ସମ୍ବଲପୁର ଆଞ୍ଚଳିକ ଅଫିସରେ ପୋଷ୍ଟ ମାଷ୍ଟର ଜେନେରାଲ ଲଳିତେନ୍ଦୁ ପ୍ରଧାନ ଖବରଦାତାଙ୍କୁ ଆଇପିପିବି ବ୍ୟାଙ୍କ ବିଷୟରେ ସୂଚୀତ କରୁଛନ୍ତି ।

ସମ୍ବଲପୁର, ୩୧।୮ (ବ୍ୟୁରୋ)

ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ (ଆଇପିପିବି) ଜନସାଧାରଣଙ୍କ ଦ୍ୱାର ଦେଶରେ ସୁବିଧା ପହଞ୍ଚାଇବ । ଆଧାର କାର୍ଡ ଦେଖାଇବା ସହ ଟିପ ଚିହ୍ନ ଦେଇ ଜନସାଧାରଣ ଏହି ସୁବିଧା ପାଇପାରିବେ। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଇପିପିବିର ଶୁଭାରମ୍ଭ କରିବେ। ଶୁକ୍ରବାର ସମ୍ବଲପୁର ଆଞ୍ଚଳିକ ଅଫିସରେ ପୋଷ୍ଟ ମାଷ୍ଟର୍ସ ଜେନେରାଲ ଲଳିତେନ୍ଦୁ ପ୍ରଧାନ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଥିଲେ ଯେ, ସମ୍ବଲପୁର ଆଞ୍ଚଳିକ ଅଫିସ ଦ୍ୱାରା ୧୦ଟି ମୁଖ୍ୟ ଡାକଘର, ୩୨୧ଟି ଉପ ଡାକଘର ଓ ୧୯୫୭ଟି ଶାଖା ରହିଛି । ତେଣୁ ସମ୍ବଲପୁର, ଝାରସୁଗୁଡା, ବରଗଡ, ଦେବଗଡ, ସୁନ୍ଦରଗଡ, ରାଉରକେଲା, ବଲାଙ୍ଗୀର, ସୋନପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ମୁଖ୍ୟାଳୟରେ ଆଇପିପିବି କେନ୍ଦ୍ର ଖୋଲାଯିବ। ସେହିପରି ପ୍ରଥମ ପର୍ଯ୍ୟାୟରେ ୫୫ଟି ଡାକଘରେ ଆଇପିପିବି ପଏଣ୍ଟ କାର୍ଯ୍ୟକାରୀ ହେବ । ଖବରଦାତା ସମ୍ମିଳନୀରେ ସମ୍ବଲପୁର ମଣ୍ଡଳ ସୁପରିଣ୍ଟେଣ୍ଡେଣ୍ଟ ବାନାମ୍ବର ସେଠୀ, ପୋଷ୍ଟ ଅଫିସ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ସଞ୍ଜୟ ବିଶ୍ୱାଳ, ପୋଷ୍ଟାଲ ସର୍ଭିସ ଆସିଷ୍ଟାଣ୍ଟ ଡାଇରେକ୍ଟର କମଳେନ୍ଦୁ ପଣ୍ଡା ଓ ରଘୁନାଥ ସାହୁ, ସମ୍ବଲପୁର ଆଇପିପିବି ବ୍ରାଞ୍ଚ ମ୍ୟାନେଜର ସୁନୀତା ମହାପାତ୍ର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ମହାଲକ୍ଷ୍ମୀ ପୂଜା କମିଟିର କର୍ମକର୍ତ୍ତା ଚୟନ

ରିଆମାଳ, ୩୧।୮(ଡି.ଏନ.ଏ.)

ରିଆମାଳ ମହାଲକ୍ଷ୍ମୀ ପୂଜା କମିଟିର ନୂତନ କର୍ମକର୍ତ୍ତା ଶୁକ୍ରବାର ଚୟନ କରାଯାଇଛି। ସଭାପତି ତ୍ରିଲୋଚନ ବେହେରାଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଗୋଲବଦନ ବିଶ୍ୱାଳ, ଉପସଭାପତି ବୀରେନ୍ଦ୍ର ପ୍ରଧାନ, ବଜରଙ୍ଗ ଅଗ୍ରୱାଲ, ସମ୍ପାଦକ ତୀର୍ଥବାସୀ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରକାଶ ବିଶ୍ୱାଳ, ସତ୍ୟବ୍ରତ ବେହେରା, କୋଷାଧକ୍ଷ ଶମ୍ଭୁଲାଲ ଅଗ୍ରୱାଲ, ଯୁଗ୍ମ କୋଷାଧକ୍ଷ ବେଦଭୂଷଣ ପ୍ରଧାନ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ଚଳିତବର୍ଷ ୫ଲକ୍ଷ ବ୍ୟୟ ଅଟକଳରେ ମହାଲକ୍ଷ୍ମୀଙ୍କ ପୂଜାର ଆୟୋଜନ କରିବାକୁ ସ୍ଥିର ହୋଇଥିବାବେଳେ ଭଜନ ସମାରୋହ, ମେଲୋଡ଼ି ଓ ମହାଲକ୍ଷ୍ମୀଙ୍କ ନଗର ପରିକ୍ରମା କରିବାକୁ ସ୍ଥିର କରାଯାଇଛି।

## ସ୍ୱାୟତ୍ତ ଶାସନ ଦିବସ ପାଳିତ

ସମ୍ବଲପୁର,୩୧।୮(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ମହାନଗର ନିଗମ କମିଶନର ବିମଳେନ୍ଦୁ ରାୟଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହାପରେ ନାରୀସେବା ସଦନଠାରେ ସଭା ଅନୁଷ୍ଠିତ ହୋଇଥିଲା । ଡେପୁଟି



ସମ୍ବଲପୁର ମହାନଗର ନିଗମ ପରିସରରେ ସ୍ୱାୟତ୍ତ ଶାସନ ଦିବସରେ ଅତିଥିମାନେ।

କମିଶନର ସୁଧାଂଶୁ ଭୋଇ, ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର ନନ୍ଦ, ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା, ଅଧିକାରୀ ଅପର୍ଣ୍ଣା ପାଢ଼ୀ, ଜିଲା ସହରାଞ୍ଚଳ ପ୍ରାଧିକରଣ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବିକାଶ ବେନ୍ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ ।

## ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଅନାବରଣ, ସ୍ୱର୍ଗଦ୍ୱାର ଲୋକାର୍ପିତ

ଦେବଗଡ଼,୩୧।୮(ସ୍ୱ.ପ୍ର.)

ଦେବଗଡ ପୌର ପରିଷଦ ପକ୍ଷରୁ ଶୁକ୍ରବାର ସର୍ବଭାରତୀୟ ସ୍ୱାୟତ ଶାସନ ଦିବସ ସମାରୋହ ପାଳନ କରାଯାଇଛି। କାର୍ଯ୍ୟାଳୟ ପରିସରରେ ପୌରାଧକ୍ଷା ଅନୀତା ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ଅପରାହ୍ନରେ ପ୍ରଧାନପାଟସ୍ଥିତ ଶିଶୁ ଉଦ୍ୟାନରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ କିଶୋର କୁମାର ମହାନ୍ତି, ସମ୍ବଲପୁର ଏମ୍‌ପି ନଗେନ୍ଦ୍ର କୁମାର ପ୍ରଧାନ, ଦେବଗଡ ବିଧାୟକ ନିତେଶ ଗଙ୍ଗଦେବ ପ୍ରମୁଖ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବା ସହ ଶ୍ମଶାନ ଘାଟରେ ନୂତନ ସ୍ୱର୍ଗଦ୍ୱାର ଲୋକାର୍ପଣ କରିଥିଲେ।

କାର୍ଯ୍ୟାଳୟ ପରିସରରେ ଅପରାହ୍ନରେ ଏକ ସାଧାରଣ ସଭାରେ ଡିଆରଡିଏର ପିଡି ଭିନ୍‌ସେଂଟ ପୁନମକାନ୍ତ ଏକ୍କା,ଏଡିଏମ ଧରମ ହାଁସଦା, ଜିଲା ଓକିଲ ସଂଘ ସଭାପତି ଦିଲିପ ଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ସଭା ପରିଚାଳନା କରିଥିଲେ। ପୌର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ, କାଉନସିଲର୍ ଅହିଂସା ନାୟକ, ମାନସ ପ୍ରଧାନ, ସବିତା ନାଏକ, ପାର୍ବତୀ ମହାପାତ୍ର, ମନୋଜ ମଂଜରୀ ସେଠୀ, ଯାତ୍ରାକର ବେହେରା, ରାଜେଶ ମାଝି, କୁଳଚନ୍ଦ୍ରମା ହସ୍ତି, ମିନାକ୍ଷୀ ମିଶ୍ର ଓ ପ୍ରିୟମ୍ବଦା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଯନ୍ତ୍ରୀ ସରସ୍ୱତୀ ମହାନନ୍ଦ ଓ ସିଇଓ ମୋନାଲିସା ପଣ୍ଡା, ପ୍ରିୟଙ୍କା ଦେଓ, ସଂଜୟ ଆଚାର୍ଯ୍ୟ,ବିନୋଦ ନାଗ, ପଦ୍ମଲୋଚନ ଦେହୁରୀ, ଅନ୍ନଦା ଶଙ୍କର ପାଣି, ପ୍ରଦୀପ ଦ୍ୱିବେଦୀ, ଅଜିତ ନାଏକ ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଏମପି, ବିଧାୟକ।



ଅନ୍ୟକୁ ଘୃଣା କରିବା ଅର୍ଥ ମୂଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ।
-ଇମରସନ



## ସଂକ୍ଷେପରେ

### ବଡ଼ମାଳ ଚର୍ଚ୍ଚରେ ସ୍ୱାସ୍ଥ୍ୟ ଶିବିର

ରେଢ଼ାଖୋଲ,୩୧।୮(ଡି.ଏନ.ଏ.)- ରେଢ଼ାଖୋଲ କେନ୍ଦୁପତ୍ର ବନଖଣ୍ଡର ଶିମିଳିପାଳ ରେଞ୍ଜ ପକ୍ଷରୁ ଘୋଷରାମାଳ ପଞ୍ଚାୟତର ବଡମାଳସ୍ଥିତ ଚର୍ଚ୍ଚ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ନାକ୍ଟିଦେଉଳ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଅମୂଲ୍ୟରତ୍ନ ମହନ୍ତ ଯୋଗ ଦେଇ ୧୯୧ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କେନ୍ଦୁପତ୍ର ବିଭାଗ ପକ୍ଷରୁ ରୋଗୀମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏସିଏଫ ରୁପଚାନ୍ଦ ସୋରେନ, ରେଂଜ ଅଧିକାରୀ ଅଶୋକ କୁମାର ବିଶ୍ୱାଳ, ଫରେଷ୍ଟର କୃପାସିନ୍ଧୁ ପ୍ରଧାନ, ମିନତି ନାଏକ, ଫରେଷ୍ଟ ଗାର୍ଡ ସନ୍ତୋଷ କୁମାର ବେହେରା ଶିବିରରେ ସହଯୋଗ କରିଥିଲେ।

### ବାରମ୍ବାର ଅଭିଯୋଗ ପରେ ବି ରାସ୍ତା ମରାମତି ହେଉନି

ରେଙ୍ଗାଲି,୩୧।୮(ଡି.ଏନ.ଏ)- ଗାଁର ଉନ୍ନତିରେ ରାଜ୍ୟ ତଥା ଦେଶର ଉନ୍ନତି ହୋଇଥାଏ । ଗାଁ ମାନଙ୍କର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପ୍ରଶାସନର ସଂକିର୍ଣ୍ଣ ମନଭାବ ଯୋଗୁ ସବୁ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ଗାଁ ଗୁଡ଼ିକୁ ସହର ସହିତ ଯୋଡିବା ଏବଂ ଗମନା ଗମନ ସୁବିଧା ପାଇଁ ପ୍ରତ୍ୟେକ ଗାଁକୁ ପକ୍କା ରାସ୍ତା କରିବା ପାଇଁ ସରକାର କହୁଥିବା ବେଳେ ଏମିତି ବି ଗାଁ ଅଛି ଯେଉଁଠିକୁ ଯିବା ଅତି କଷ୍ଟକର । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ରେଙ୍ଗାଲି ବ୍ଲକ କତରବଗା ପଞ୍ଚାୟତ ଅନ୍ତର୍ଗତ ଗଧାନପାଲି ଗ୍ରାମକୁ ଯିବା ପାଇଁ ଥିବା ମୁଖ୍ୟରାସ୍ତା । ଏହି ରାସ୍ତା ଅବସ୍ଥା ନ କହିବା ଭଲ। କେଉଁଠି ରାସ୍ତାରେ ପଥର ବାହାରି ପଡିଛି ତ ଆଉ କେଉଁଠି ରାସ୍ତାରେ କାଦୁଅ। ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଗୁହାରି କଲେ ମଧ ପ୍ରଶାସନ ଗ୍ରାମବାସୀଙ୍କ କଥାକୁ କର୍ଣ୍ଣପାତ କରୁନାହିଁ । ଗ୍ରାମବାସୀ ଯେତେ ଦରଖାସ୍ତ ଦେଲେ ମଧ ପ୍ରଶାସନ ପକ୍ଷରୁ କୌଣସି ଉତ୍ତର ମିଳୁନାହିଁ।

### ଗୋବିନ୍ଦପୁର ଥାନାରେ ଆମ ପୋଲିସ ସମିତି ବୈଠକ

ବାମରା, ୩୧।୮(ସ୍ୱ.ପ୍ର.)- ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନାରେ ଆମ ପୋଲିସ ସମିତିର ବୈଠକ ହୋଇଯାଇଛି। ଥାନାଧିକାରୀ ବିଶ୍ୱପତି ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏସ.ଆଇ ଥୋମାସ୍ କେର୍କେଟ୍ଟା, ଦିଲୀପ ଛତ୍ରିଆ, ପ୍ରଶାନ୍ତ ଶତପଥୀ, ବିରଞ୍ଚି ପଟେଲ, ମନମୋହନ ସାହୁ, ଶାନ୍ତିକଂସଲ ଓ ନିର୍ମଳା କାଶ୍ୟପ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପରା-୨ କାର୍ଯ୍ୟକ୍ରମ, ଶିଶୁ ଶ୍ରମିକ ଉଦ୍ଧାର ଓ ଥଇଥାନ, ସ୍ଥାନୀୟ ବସଷ୍ଟାଣ୍ଡରେ ଟ୍ରାଫିକ ସମସ୍ୟା ଓ ସୌନ୍ଦର୍ଯ୍ୟକରଣ, ଜବରଦଖଲ ଉଚ୍ଛେଦ ଉପରେ ଆଲୋଚନା କରାଯାଇଥିଲା।

# ବିପଦ ମୁଣ୍ଡେଇ ରହୁଛନ୍ ଅନ୍ତେବାସୀ

**ପାର୍ବତୀ ଗିରି ରେଡକ୍ରସ ମାତୃଭବନ**
- ଛାତୁ ପାଏନ୍ ଗଲୁଛେ
- କାଁଥି ଫାଟି ଆଁ କଲାନ
- ନୂତନ୍ କୁଠା ତିଆରି ଲାଗି ଦାବି

ସମ୍ବଲପୁର, ୩୧।୮(ବ୍ୟୁରୋ)

ଛାତୁ ପାଏନ୍ ଗଲୁଛେ, କାଁଥି ଫାଟି ଆଁ କଲାନ। ବେଭାର ହେଇଥିବାର ପୁର୍‌ନା କାଠ୍ ଯାକ କୁଥିରେଇ ଦୁର୍‌ବଲ୍ ହେଲାନ। ଏନ୍‌ତାଥି ବିପଦ୍‌ମୁଣ୍ଡେଇ ରହୁଛନ୍ ୨୮ ବୁର୍‌ଧା। ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ଫୁଲଝରନରେ ଥିବାର ପାର୍ବତୀ ଗିରି ରେଡକ୍ରସ ମାତୃଭବନ ଏନ୍‌ତା ଅବସ୍‌ତାରେ ଅଛେ। ନୂତନ୍ ଘର୍ ତିଆର କରି ଥଇଥାନ୍ ନାଇଁକଲେ କେତେବେଲେ ଯେ କେନ୍‌ପର୍‌କାର ଅଘଟନ୍ ଘଟ୍‌ବା କହି ନାଇଁହୁଏ। ଇ ଘଟ୍‌ନାକେ ନେଇ ପରିଚାଲନା କମିଟି ଆର୍ ଅଂଚଲ୍‌ବାସୀ ଚିନ୍‌ତାରେ ପଡିଯାଇଛନ୍। ଏନ୍‌ତା କି ଜିଲାପାଲଙ୍କର ଗସ୍ତ ସମିଆରେ ବି ଅଭିଯୋଗ୍ କରିଛନ୍। ଜାତୀୟ ରାଜ୍‌ପଥ ଉସାର ବେଲେ ବାଡା ଭାଂଗିଯିବାର ସଂଗେ ସାମ୍‌ନାରେ ପାର୍ବତୀଗିରିଙ୍କର ନାଁରେ ଥିବାର ଗୁଟେ ସୁଆସ୍‌ତିଅ କେନ୍ଦ୍ର ବି ଉଛେଦ୍ ହେଇଛେ। ଇଥିରେ ଭୂଅର୍ଜନ ଅଧିକାରୀ ବିଭାଗ୍ ତର୍‌ଫୁ ପାଖାପାଖି ୫୩ ଲକ୍ଷ ଟଁକା ପାର୍ବତୀଗିରି ଟ୍ରଷ୍ଟକେ ଦେବାର କାମ୍ ଆରମ୍ ହେଇଛେ। ଇଟା ଗୁଟେ ଭଲ୍ ପଦକ୍ଷେପ, ଟେଣ୍ଡର କରି ଇ ଟଁକାରେ ଗୁଟେ ଅତ୍ୟାଧୁନିକ୍ ଘର୍ ତିଆର କରାଯାଉ ବଲି କମିଟି ଆର୍ ଅଂଚଲ୍‌ବାସୀ ଦାବି କରୁଛନ୍। ସୂଚ୍‌ନା ହିସାବେ, ସ୍ୱାଧୀନତା ସଂଗ୍ରାମୀ ପାର୍ବତୀଗିରି ଫୁଲଝରଣନେ ଥାନୀୟ ସାମାଜିକ କର୍‌ମୀ ନିୟମ ବାରିକଙ୍କର ସହଯୋଗ୍‌ରେ ବୃଦ୍ଧାଶ୍ରମ ଆରମ୍ କରିଥିଲେ। ୧୯୯୦ ମସିହା ମାର୍ଚ୍ଚ ୧୮ରେ ସେବେଲର ରାଜ୍ୟପାଳ ଯଜ୍ଞଦତ୍ତ ଶର୍ମା ଉଦ୍‌ଘାଟନ୍ କରିଥିଲେ। ପହେଲାରୁ ୪ରୁ ୫ ଝନ୍ ଆଶ୍ରେ ନେଇଥିଲେ। ନିଜର ଖରଚ୍‌ରେ ପରିଚାଲନା କରୁଥିଲେ। ହେଲେ କେତେ ବଛର୍ ହେଲା ଇଟା ଜିଲା ରେଡକ୍ରସ ପରିଚାଲନା କରୁଥିଲା ବେଲେ ତଦାରଖ୍ ଲାଗି ଗୁଟେ ଥାନୀୟ କମିଟି କରାଯାଇଛେ। ବୁର୍‌ଧାମାନ୍‌କୁ ଖାଏବା ପିଇବାରନୁ ଆରମ୍ କରି ସୁଆସ୍‌ତିଅର ବି ଯତନ୍ ନିଆଯାଉଛେ। ସେ ସମିଆରେ ତିଆରି ବେଲେ ଲାଗି ଥିବାର କାଠ୍‌ଖୁଁଟ୍, ଆଜବେଷ୍ଟସ ଘର୍ ଏହେଦେ ବିପଦ୍ ଅବସ୍‌ତାରେ ରହିଛେ। ୨୫ ଝନ୍ ବୁର୍‌ଧା ରହେବାର ଲାଗି ବେବସ୍‌ତା ଅଛେ ହେଲେ ଏହେଦେ ୨୮ ଝନ୍ ରହୁଛନ୍। କେତେବେଲେ କେନ୍‌ତା ଇ ସଂଖ୍ୟା ବଢ଼ି ବି ଯାଉଛେ। ଗୁଟେ କୁଠିଥି ଦର୍‌କାର ଠାନୁ ଅଧିକା ଲୋକ୍ ବି ରହୁଛନ୍।



ଜୁଜୁମୁରା ବ୍ଲକ୍ ଫୁଲଝରନ୍‌ଠାନେ ବିପଦ୍ ଅବସ୍‌ତାରେ ଥିବାର ମାତୃଭବନ।

# ସାହେବୀରେ ହାତୀ ଉପଦ୍ରବ କମୁନି, ବ୍ୟାପକ ଫସଲ ନଷ୍ଟ

ନାକଟିଦେଉଳ, ୩୧।୮ (ଡି.ଏନ.ଏ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାହେବୀ ଗ୍ରାମରେ ଗତ ଏକ ସପ୍ତାହ ହେଲା ହାତୀ ଉପଦ୍ରବ ଜାରି ରହିଛି । ହାତୀ ପଲଙ୍କ ଏହି ଉପଦ୍ରବରେ ବ୍ୟାପକ ଧାନ ଫସଲ ନଷ୍ଟ ହେଉଥିବାରୁ ଚାଷୀମାନେ କ୍ଷତି ଗ୍ରସ୍ତ ହୋଇଛନ୍ତି । ଏଥିଯୋଗୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ରାତ୍ରିରେ ଏହି ହାତୀପଲ ସାହେବୀ ଗ୍ରାମରେ ଧାନ କ୍ଷେତରେ ପଶି ଦଳିଚକଟି ନଷ୍ଟ କରି ଦେଇଥିବା ସହ ଧାନ ଗଛ ଗୁଡିକ ମଧ୍ୟ ଖାଇ ଯାଇଛନ୍ତି । ହାତୀ ଉପଦ୍ରବରେ ସାହେବୀ ଗ୍ରାମର ରାଜକିଶୋର ସାହୁ, ରବିନାରାୟଣ ସାହୁ, ନନ୍ଦ ସାହୁ, କେଷ୍ଟ ସାହୁ, ଦୟା ସାହୁ, ଭୀମସେନ ସାହୁ, ଚନ୍ଦ୍ର ସାହୁଙ୍କ ସମେତ ବହୁ ଚାଷୀମାନଙ୍କର ଧାନ ଚାଷ କ୍ଷତି ଘଟିଛି । ଏଥିରେ ଗ୍ରାମର ପ୍ରାୟ ୧୦ ଏକରରୁ ଉର୍ଦ୍ଧ୍ୱ ଧାନ ଚାଷ ନଷ୍ଟ ହୋଇଛି । ଏହି ହାତୀ ପଲରେ ପ୍ରାୟ ୧୭ଟି ହାତୀ ରହିଛନ୍ତି। ସନ୍ଧ୍ୟା ହେବା ମାତ୍ରେ ନିକଟସ୍ଥ ଜଙ୍ଗଲରୁ ହାତୀପଲ ଗାଁ ମୁଣ୍ଡକୁ ଚାଲି ଆସୁଛନ୍ତି। ଧାନ କ୍ଷେତରେ ପଶି ଦଳିଚକଟି ନଷ୍ଟ କରି ଦେଉଛନ୍ତି। ଗ୍ରାମବାସୀ ଏହି ଅଭିଯୋଗ କରିଛନ୍ତି । କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ଦାବି କରିଛନ୍ତି । ଏଥି ସହିତ ହାତୀ ଘଉଡାଇବା ପାଇଁ ଜଙ୍ଗଲ ବିଭାଗ ପଦକ୍ଷେପ ନେବାକୁ ମଧ୍ୟ ଗ୍ରାମବାସୀମାନେ ଦାବି କରିଛନ୍ତି ।




ରେଢାଖୋଲରେ ଶୁକ୍ରବାର ନାଗରିକ ମଞ୍ଚ କର୍ମକର୍ତ୍ତା ପିକେଟିଂ କରୁଛନ୍ତି।




ବାମରା ହାଇସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

# ବାମରା ହାଇସ୍କୁଲ ପରିସରରେ ସଚେତନତା ସଭା

ବାମରା, ୩୧।୮ (ସ୍ୱ.ପ୍ର.)

ବାମରା ହାଇସ୍କୁଲ ପରିସରରେ ଶୁକ୍ରବାର ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଇଣ୍ଡିଆନ ଅଏଲ କର୍ପୋରେସନ୍ ଲିମିଟେଡ ପକ୍ଷରୁ ଗ୍ରାମ୍ୟ ସଚେତନତା ସଭା ଓ ସ୍ୱଚ୍ଛ ଭାରତ ଅଭିଯାନର ସ୍ୱଚ୍ଛତା ପକ୍ଷ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ, ଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବି, ମହିଳା ସଂଘର କର୍ମକର୍ତ୍ତା ସମେତ ଶତାଧିକ ଗ୍ରାମବାସୀ ଯୋଗଦାନ କରିଥିଲେ । ଆୟୋଜିତ ସଭାରେ ବାମରା ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାଳତୀ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରବୀଣ କୁମାର ସିଂଙ୍କ ସଭାପତିତ୍ୱରେ ସନ୍ତୋଷ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପାଇପ ଲାଇନର ସୁରକ୍ଷା, ନିରାପତ୍ତା, ସତର୍କତା, ଆବଶ୍ୟକତା ଓ ଭାରତ ସରକାରଙ୍କ ପରିଯୋଜନା ବିଷୟରେ ମାର୍ଗଦର୍ଶନ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ସୁରେଶ ମହାପାତ୍ର, ସତ୍ୟପ୍ରକାଶ ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟତ୍ରୀ ସଂଗୀତା ନାଏକ, ଛାତ୍ର ମାନସ ରଞ୍ଜନ ସାହୁ, ଛାତ୍ରୀ ତେଜସ୍ୱିନୀ ବିଶ୍ୱାଳ, ସୁରକ୍ଷା ଅଧିକାରୀ ପି.କେ. ଦାଶ ପ୍ରମୁଖ ନିଜ ନିଜ ମତ ରଖିଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ପ୍ରସଙ୍ଗ ଉପରେ ଆଧାରିତ ଦଶମ ଶ୍ରେଣୀ ବର୍ଗ ବକ୍ତୃତା ପ୍ରତିଯୋଗିତାରେ ବାମରା ହାଇସ୍କୁଲର ଅଞ୍ଜୁଲତା ମାଝି ପ୍ରଥମ, ନମିତା ମାଝି ଦ୍ୱିତୀୟ ଓ ଗୁରୁଦେବ ମାଝି ତୃତୀୟ ଏବଂ ନବମ ଶ୍ରେଣୀ ବର୍ଗରେ ବୋଧୟନ ମହାପାତ୍ର ପ୍ରଥମ, ତେଜସ୍ୱିନୀ ବିଶ୍ୱାଳ ଦ୍ୱିତୀୟ ଓ ସରିତା ଟପ୍ପୋ ତୃତୀୟ ହୋଇଥିଲେ । ସେହିଭଳି ଭାଷଣ ପ୍ରତିଯୋଗିତାରେ ମାନସ ରଞ୍ଜନ ସାହୁ ପ୍ରଥମ ଓ ରଘୁବେନ୍ଦ୍ର କେଶରୀ ଦ୍ୱିତୀୟ ହୋଇଥିଲେ । ଚଳିତ ମାସ ୧୬ରୁ ୩୧ ପର୍ଯ୍ୟନ୍ତ ଜାରି ରହିଥିବା ସ୍ୱଚ୍ଛତା ପକ୍ଷର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେବା ସହ ବିଭିନ୍ନ ପ୍ରକାର ସ୍ୱଚ୍ଛତା କିଟ୍ ସ୍କୁଲକୁ ପ୍ରଦାନ କରାଯାଇଥିଲା। ଏହା ସହ ବିଦ୍ୟାଳୟକୁ ବିଭନ୍ନ ଚାରା ଦିଆଯାଇଥିଲା। ଦୀପକ ଶୁକ୍ଲା, ଅଶୋକ ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ । ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ ସହ ପୁରସ୍କୃତ କରାଯାଇଥିଲା ।

## ପୂର୍ବତନ ସରପଞ୍ଚଙ୍କୁ ହତ୍ୟା ଘଟଣା: ଦୋଷୀମାନଙ୍କୁ ଗିରଫ ଦାବି କଲା ଭାଜପା

ନାକଟିଦେଉଳ, ୩୧।୮ (ଡି.ଏନ.ଏ)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ସାଲେଭଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ପର୍ଶୁରାମ ପ୍ରଧାନଙ୍କୁ ଗୋଡାଇ ଗୋଡାଇ ନିର୍ମମ ଭାବେ ହତ୍ୟା ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଭାଜପା। ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ଅପରାହ୍ନରେ ଚେମେର୍ଡା ଗ୍ରାମକୁ ଯାଇ ମୃତ ପର୍ଶୁରାମ ପ୍ରଧାନଙ୍କ ପରିବାର ବର୍ଗଙ୍କୁ ଭେଟି ଶୋକସନ୍ତପ୍ତ ସଦସ୍ୟାମାନଙ୍କୁ ଗଭୀର ସମବେଦନା ଜଣାଇବା ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଭାଜପା ଜିଲା ଉପସଭାପତି ସମର କୁମାର ପ୍ରଧାନଙ୍କ ନେତୃତ୍ୱରେ ଭାଜପା ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳ, କୁମାରେଶ ସ୍ୱାଇଁ, ହରିହର ସାହୁ ଏବଂ ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ସାହୁ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ । ଅପରପକ୍ଷରେ ଭାଜପାର ଏହି ପ୍ରତିନିଧି ଦଳ ନାକଟିଦେଉଳ ଥାନାକୁ ଯାଇ ପର୍ଶୁରାମଙ୍କ ହତ୍ୟା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏଥି ସହିତ ହତ୍ୟା କାଣ୍ଡରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତ ଓ ଷଡଯନ୍ତ୍ରକାରୀମାନଙ୍କୁ ଶୀଘ୍ର ଗିରଫ କରିବାକୁ ମଧ୍ୟ ଦାବି କରିଛନ୍ତି।

■ ହାଇକୋର୍ଟ ବେଞ୍ଚ ଦାବି ପ୍ରସଙ୍ଗ

## ତୃତୀୟ ଦିନରେ ନାଗରିକ ମଞ୍ଚର ଆନ୍ଦୋଳନ

ରେଢ଼ାଖୋଲ,୩୧।୮(ଡି.ଏନ.ଏ.)

ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ରେଢ଼ାଖୋଲ ନାଗରିକ ମଞ୍ଚ ପକ୍ଷରୁ ଚାଲିଥିବା ୩ ଦିନିଆ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ନାଗରିକ ମଞ୍ଚର କର୍ମକର୍ତ୍ତା ଦିନ ୧୦ଟା ବେଳେ ରେଢ଼ାଖୋଲ ସିଭିଲ କୋର୍ଟ ସମ୍ମୁଖରେ ଧାରଣାରେ ବସିଥିଲେ। ପିକେଟିଂ ଯୋଗୁ ସବ୍‌ଜଜ୍ ବାସୁଦେବ ଆଚାର୍ଯ୍ୟ, ଏସ୍‌ଡିଜେଏମ ଅପୂର୍ବା ଚୌଧୁରୀ ଓ କୋର୍ଟ କର୍ମଚାରୀମାନେ କୋର୍ଟ ଭିତରକୁ ଯାଇ ପାରି ନ ଥିଲେ। ବରିଷ୍ଠ ନାଗରିକ ସମିତିର ବିବେକାନନ୍ଦ ମହାକୁଡ, ଭାସ୍କର ପ୍ରଧାନ, ଲଳିତ ବାହାଦୁର ସିଂ, ନରେଶ ଦାସ,ବିଷ୍ଣୁପ୍ରସାଦ ଦାସ, ସନ୍ତୋଷ କୁମାର ମହାକୁଡ, ଧନୁର୍ଯ୍ୟୟ ପ୍ରଧାନ, ଉମାକାନ୍ତ ପ୍ରଧାନ, ସନାତନ ଖିଲାରୀ, ଶ୍ରୀବନ୍ତ ପୁରୋହିତ, ଶ୍ରମିକ ନେତା ଅନାଦି ସାହୁ, ପଞ୍ଚାନନ ପୁରୋହିତ, ପୁରୁଷୋତ୍ତମ ଅଗ୍ରୱାଲ, ଗୋବିନ୍ଦ ଅଗ୍ରୱାଲ ପ୍ରତାପ ପ୍ରଧାନ, ବିଚିତ୍ରାନନ୍ଦ ସାହୁଙ୍କ ସମେତ ବହୁ ସଂଗଠନର କର୍ମକର୍ତ୍ତା ଓ ନାଗରିକ ଧାରଣାରେ ସାମିଲ ହୋଇଥିଲେ। ପ୍ରକାଶଯୋଗ୍ୟ, ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତିକ୍ରମେ ପ୍ରତ୍ୟେକ ମାସର ଶେଷ ୩ ଦିନ କାର୍ଯ୍ୟ ଦିବସକୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇ ଆସୁଛି। ଏହି ପରିପ୍ରେକ୍ଷୀରେ ଓକିଲଙ୍କ ଆନ୍ଦୋଳନକୁ ନାଗରିକ ମଞ୍ଚ ସମର୍ଥନ କରି ଶେଷ ୩ ଦିନ କାର୍ଯ୍ୟ ଦିବସରେ ଆନ୍ଦୋଳନ କରୁଛନ୍ତି।



ରେଢାଖୋଲ ଏନ୍‌ଏସି ପରିସରରେ ଶୁକ୍ରବାର ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ଅଧକ୍ଷା, ଅଧକ୍ଷ, ଇଓ ଏବଂ କାଉନ୍‌ସିଲର।

# ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ

ରେଢ଼ାଖୋଲ,୩୧।୮(ଡି.ଏନ.ଏ.)

ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ଅଧକ୍ଷା ସନ୍ଧ୍ୟାରାଣୀ ଦେହୁରୀ ଜାତୀୟ ପତାକା ଉତ୍ତୋଳନ କରି ସହରକୁ ସରସ ସୁନ୍ଦର କରିବା ତଥା ଅଞ୍ଚଳର ବିକାଶ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ପାଣୀଗ୍ରାହୀ, ଉପାଧକ୍ଷ ସୁନିଲ କୁମାର ପ୍ରଧାନ, କାଉନସିଲର ଜ୍ଞାନରଞ୍ଜନ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ଗୋଲାପି ମୁଖି, ମମତା ସାହୁ, ଗୋପବନ୍ଧୁ ବାହୁକ, ନିର୍ମଳା ନାଏକଙ୍କ ସହିତ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ପରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ସନ୍ଥକବି ଭୀମ ଭୋଇ, ଗୋପବନ୍ଧୁ ଦାସ, ଡ. ବିଆର ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ଓ ଗାନ୍ଧୀସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## ୧୪୪ ୟୁନିଟ ରକ୍ତ ସଂଗ୍ରହ

ଦେବଗଡ,୩୧।୮(ସ୍ୱ.ପ୍ର.)

ବାରକୋଟ ଏଲଏଣ୍ଡଟି କନଷ୍ଟ୍ରକସନ ପକ୍ଷରୁ ଏକ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରୋଜେକ୍ଟ ମ୍ୟାନେଜର ଏସ୍. ମୁରଲୀ, ଆଇ.ଆର୍ ମ୍ୟାନେଜର ପ୍ରଭାକର ବରାଳ ଏବଂ ସହକାରୀ ମ୍ୟାନେଜର ଅକ୍ଷୟ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ଶିବିରରେ ମୋଟ ୧୪୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଡା. ଅମିତ୍ ମହାପାତ୍ର, ବଂପରଡା ଆୟୁଷ ମେଡିକାଲ ଅଫିସର ଡ. ସମ୍ବିତ ପ୍ରଧାନ, ଷ୍ଟାଫନର୍ସ ଅମ୍ବିକା ଦାଶ, ଗୋପାଳକୃଷ୍ଣ ସାହୁ, ପିଆରଓ ମଳୟ ବେହେରା, କଳ୍ପନା ସାହୁ, ଶ୍ରୀକାନ୍ତ ଆଚାର୍ଯ୍ୟ, ଭୋଳାନାଥ ସାହୁ, ଲିପୁନ ସାହୁ, ରୁଲୁ ପ୍ରଧାନ, କମଳା ମୁଖୀ, ଟିକେଶ୍ୱର ମୁଖୀଙ୍କ ସମେତ ସଂସ୍ଥାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଚାଷୀଙ୍କୁ ସୁବିଧା, ଅସୁବିଧା ପଚାରିଲେ କୃଷି ନିର୍ଦ୍ଦେଶକ

ରେଢ଼ାଖୋଲ,୩୧।୮(ଡି.ଏନ.ଏ.)

ରାଜ୍ୟ କୃଷି ନିର୍ଦ୍ଦେଶକ ଡ.ଏମ.ମୁଥୁକୁମାର ଶୁକ୍ରବାର ରେଢ଼ାଖୋଲ ଗସ୍ତରେ ଆସିଛନ୍ତି। ସେ ବିଭିନ୍ନ କୃଷି ଯୋଜନାରେ ଚାଲିଥିବା ଚାଷ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହା ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଶୁକ୍ରବାର ଦିନ ୯ଟା ବେଳେ ରେଢ଼ାଖୋଲ ବ୍ଲକ ଚାରମାଳ ପଞ୍ଚାୟତର ରାଶିବେଡା ଗ୍ରାମରେ ପୂର୍ବ ଭାରତରେ ଦ୍ୱିତୀୟ ସବୁଜ ବିପ୍ଳବ ଯୋଜନାରେ ହୋଇଥିବା ଧାଡିରୁଆ ଧାନ ଫସଲ ବୁଲି ଦେଖିଥିଲେ। ଜାତୀୟ ଖାଦ୍ୟ ନିରାପତ୍ତା ମଶନ ଯୋଜନାରେ ଡାଲି ଜାତୀୟ ଫସଲ, ତୈଳବୀଜ ଚାଷ ସମ୍ପର୍କରେ କୃଷି ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସମବାୟ ସମିତିରେ ସାର ମିଳୁଛି ନା ନାହିଁ, ଚାଷୀମାନେ କେତେ ଦାମରେ କିଣୁଛନ୍ତି, ରସିଦ ଦିଆଯାଉଛି ନା ନାହିଁ ଓ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ଓ ଔଷଧ ପାଇଛ ନା ନାହିଁ ବୋଲି ଚାଷୀମାନଙ୍କୁ ପଚାରି ବୁଝିଥିଲେ। ଡାଲି ଜାତୀୟ ଫସଲରେ କେଉଁ ରୋଗପୋକ ଲାଗିଛି ଓ କ'ଣ ଔଷଧ ଦିଆଯାଉଛି ସେ ସମ୍ପର୍କରେ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ପଚାରିଥିଲେ। ଚାରମାଳ ପଞ୍ଚାୟତରେ ୫୦ ହେକ୍ଟର ଚାଷ ଜମିରେ ଧାଡିରୁଆ ପ୍ରଣାଳିରେ ଧାନ ଚାଷ କରାଯାଇଥିବା ବେଳେ, ରେଢ଼ାଖୋଲ ବ୍ଲକରେ ୨ଶହ ହେକ୍ଟର ଜମିରେ ଧାଡିରୁଆ ଧାନ ଚାଷ କରାଯାଇଥିବା କୃଷି ଅଧିକାରୀ ନିର୍ଦ୍ଦେଶକଙ୍କୁ ସୂଚନା ଦେଇଥିଲେ। ରେଢ଼ାଖୋଲ ଜିଲା କୃଷି ଅଧିକାରୀ ଦୁଃଶାସନ ପ୍ରହରାଜ, ସହକାରୀ କୃଷି ଅଧିକାରୀ ଗଗନ ବିହାରୀ ନାଏକ, ଗ୍ରାମ୍ୟ ମହିଳା କୃଷି କର୍ମଚାରୀ ସୁଜାତା ପଣ୍ଡା ପ୍ରମୁଖ ନିର୍ଦ୍ଦେଶକଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।



## ଫଟୋରେ ଖବର



ନାକଟୀଦେଉଳ ବ୍ଲକ ଘୋଷରାମାଳ-ଲାଣ୍ଡିମାଳ ରାସ୍ତାର ଘୋଷରାମାଳ ଚମ୍ପାଳି ପୋଲ ବିପଦସଙ୍କୁଳ ଅବସ୍ଥାରେ।




ଶୁକ୍ରବାର ସମ୍ବଲପୁର ଜେଲ ଛକଠାରେ ଛାତ ଉପରେ ବର୍ଷା ଜଳ ଅମଳ ବ୍ୟବସ୍ଥା ଶୀର୍ଷକ ପଥପ୍ରାନ୍ତ ନାଟକ ।




ଖୋଲାରେ ମଳତ୍ୟାଗ ଦ୍ୱାରା ପରିବେଷ ପ୍ରଦୂଷିତ ହେଉଛି। ଏଣୁ ଏଥିପାଇଁ ସଚେତନତା ଉଦ୍ଦେଶ୍ୟରେ ଶୁକ୍ରବାର ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଖୋଲା ଶୌଚମୁକ୍ତ ପଦଯାତ୍ରା ବାହାରିବା ଅବସରରେ ସାମିଲ ହୋଇଥିବା ମହିଳାମାନେ।



ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳା ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ, ୨ ଗିରଫ

ଲହୁଣୀପଡ଼ା,୩୧।୮(ଡି.ଏନ୍.ଏ.) ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଶୁକ୍ରବାର ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଦ୍ୱୟ ହେଲେ ବେଦବ୍ୟାସ ଥାନା ଅନ୍ତର୍ଗତ ଲୁଙ୍ଗେଇ ଗ୍ରାମର ଛୋଟୁ ଜାନୁଆର (୧୯) ଏବଂ ରାଜକୁମାର ସିଂ ମୁଣ୍ଡା (୨୦)। ନାବାଳିକାଙ୍କୁ ଜୋରଜବରଦସ୍ତ ଅପହରଣ କରାଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଗତ ଜୁଲାଇ ୧୯ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। କୌଣସି ସୂତ୍ରରୁ ଖବରପାଇ ପୋଲିସ ଚାନ୍ଦିପୋଷ ପଣ୍ଡାଟୋଲର ଏକ ଭଡ଼ା ଘରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଛୋଟୁ ଓ ରାଜକୁମାରଙ୍କୁ ଗିରଫ କରିଛି। ଛୋଟୁଙ୍କ ସହ ନାବାଳିକାଙ୍କ ପ୍ରେମ ସମ୍ପର୍କ ଥିବା ପୋଲିସ ସନ୍ଦେହ କରୁଛି। ଏହି କାରଣରୁ ଉଭୟ ନାବାଳିକାଙ୍କୁ ଅପହରଣ କରି ଚାନ୍ଦିପୋଷ ପଣ୍ଡାଟୋଲରେ ରହୁଥିଲେ ବୋଲି ପୋଲିସ କହିଛି।

### କୁନ୍ତରା ଗୋକୁଳ-ପାର୍ବତୀ କଲେଜରେ ଅଣଛାତ୍ରଙ୍କ ରାଜୁତି, ଛାତ୍ରୀ ଅସୁରକ୍ଷିତ

# ପାଖକୁ ଡାକିଲେ, ନ ଆସିବାରୁ ତଣ୍ଟିରେ ବ୍ଲେଡ୍ ମାରିଦେଲେ

ସମ୍ବଲପୁର/କୁଚିଣ୍ଡା,୩୧।୮(ବ୍ୟୁରୋ/ଡି.ଏନ.ଏ) ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁନ୍ତରା ଗୋକୁଳ-ପାର୍ବତୀ କଲେଜରେ ଅଣଛାତ୍ରଙ୍କ ରାଜୁତି ଦେଖା ଦେଇଛି। ଫଳରେ ଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଶୁକ୍ରବାର ଏମିତି ଏକ ଘଟଣା ଘଟିଛି। କଲେଜ ପରିସରରେ ଦିନ ଦିପହରେ ଜଣେ ଅଣଛାତ୍ର ପୁଣି ସମସ୍ତଙ୍କ ଆଗରେ ଜଣେ ଛାତ୍ରୀଙ୍କ ତଣ୍ଟି କାଟି ହତ୍ୟା ଉଦ୍ୟମ କରିଛନ୍ତି। ଏହା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିବା ସହ କଲେଜରେ ଭୟର ବାତାବରଣ ଖେଳାଇଛି। କୁସୁମି ଫାଣ୍ଡି ପୋଲିସ ପହଞ୍ଚି ଅଭିଯୁକ୍ତ ଯୁବକ ସିପୁନ କିଷାନଙ୍କୁ ଥାନାକୁ ନେଇଛି। ଏ ନେଇ ଏକ ମାମଲା (ନଂ. ୧୨୪/୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ପ୍ରାଥମିକ ତଦନ୍ତରୁ ଏହା ଏକତରଫା ପ୍ରେମ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ପୋଲିସ କହିଛି ଯେ, ଯୁକ୍ତ ୨ ପ୍ରଥମ ବର୍ଷର କଳାର ଏହି ଛାତ୍ରୀ ଜଣକ କ୍ଲାସ ସାରି ଅନ୍ୟ ଏକ କ୍ଲାସକୁ ଯାଉଥିଲେ । ଏହି ସମୟରେ ସମ୍ପୃକ୍ତ ଅଣ ଛାତ୍ର ଜଣକ ତାଙ୍କୁ ପାଖକୁ ଡାକିଥିଲେ। ହେଲେ ସେ ନ ଆସିବାରୁ ତାଙ୍କ ପାଖକୁ ଦୌଡି ଯାଇ ଧରିଥିବା ଏକ ବ୍ଲେଡରେ ତାଙ୍କ ତଣ୍ଟି କାଟି ଦେଇଥିଲେ। ଛାତ୍ରୀଙ୍କ ଚିତ୍କାର ଶୁଣି ଅନ୍ୟ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକମାନେ ପହଞ୍ଚି ସମ୍ପୃକ୍ତ ଅଣ ଛାତ୍ରଙ୍କୁ କାବୁ କରିଥିଲେ। ଛାତ୍ରୀ ଜଣଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ଇଣ୍ଡିପେଣ୍ଡେଣ୍ଟ କପ ଫୁଟବଲ

# ଫାଇନାଲରେ ପାଟଣାଗଡ ପ୍ରବେଶ

For details & downloadable tender document log on to our SAIL Website https:// www.sailtenders.co.in(unit RSP, Category'Contracts')
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

# ମହିଳା ହକିରେ ଭାରତକୁ ରୌପ୍ୟ

**ଜାକର୍ତ୍ତା, ୩୧।୮ (ପି.ଟି.)**

ଏସିଆନ ଗେମ୍ସ ହକି ଇଭେଣ୍ଟରେ ଭାରତୀୟ ମହିଳା ଦଳ ନିରାଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଭାରତ ୧-୨ ଗୋଲରେ ଜାପାନଠାରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଫଳରେ ୨୦୨୦ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବାର ସୁଯୋଗ ଭାରତ ହାତଛଡ଼ା କରିଛି। ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରି ଜାପାନ ସ୍ୱର୍ଣ୍ଣ ଜିତିଥିବା ବେଳେ କୋରିଆକୁ ୨-୧ ଗୋଲରେ ହରାଇ ଚାଇନା ବ୍ରୋଞ୍ଜ୍ ପଦକ ହାସଲ କରିଛି। ଦୀର୍ଘ ୩୬ ବର୍ଷ ପରେ ଭାରତ ପୁଣି ସ୍ୱର୍ଣ୍ଣ ଜିତିବାର ସୁଯୋଗ ହାସଲ କରିଥିଲେ ମଧ୍ୟ ଶେଷରେ ବିଫଳ ହୋଇଛି। ଶେଷଥର ପାଇଁ ଭାରତୀୟ ମହିଳ ଦଳ ୧୯୮୨ ସଂସ୍କରଣରେ ଫାଇନାଲରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ମୋଟ ଉପରେ ଏସିଆନ ଗେମ୍ସରେ ଭାରତୀୟ ମହିଳା ଦଳ ଏଥି ସହିତ ଷଷ୍ଠ ପଦକ ହାସଲ କରିଛି। ଗତ ସଂସ୍କରଣରେ ଭାରତ ବ୍ରୋଞ୍ଜ୍ ଜିତିଥିଲା। ଅନ୍ୟପଟେ ସେମିଫାଇନାଲରେ ମାଲେସିଆଠାରୁ ପରାସ୍ତ ହୋଇଥିବା ଭାରତୀୟ ପୁରୁଷ ଦଳ ଶନିବାର ବ୍ରୋଞ୍ଜ୍ ପଦକ ପାଇଁ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।

ଫାଇନାଲ ମ୍ୟାଚ୍‌ରେ ବେଶ୍ ସଂଘର୍ଷ ଦେଖିବାକୁ ମିଳିଥିଲା। ଜାପାନ ଖେଳାଳିମାନେ ଗୋଟିଏ ପାଦ ଆଗରେ ଥିବା ପରି ମନେହେଉଥିଲା। ଭାରତ ପକ୍ଷରୁ ୨୫ ମିନିଟରେ ନେହା ଗୋଏଲ ଏକ ମାତ୍ର ଗୋଲ ଦେଇଥିଲେ। ତେବେଜାପାନ ପେନାଲ୍ଟି କର୍ନର ମାଧ୍ୟମରେ ଦୁଇଟି ଗୋଲ ଦେଇ ଶେଷରେ ବାଜି ମାରିଥିଲେ। ମ୍ୟାଚର ୧୧ ଓ ୪୪ତମ ମନିଟରେ ଜାପାନର ମିନାମି ଶିମିଜୁ ଓ ମୋଟୋମୋରି କାୱାମୁରା ଏହି ଗୋଲ ପ୍ରଦାନ କରିଥିଲେ। ଚାଇନାକୁ ସେମିରେ ହରାଇ ଦୀର୍ଘ ୨୦ ବର୍ଷ ପରେ ଭାରତ ଏସିଆନ ଗେମ୍ସ ଫାଇନାଲରେ ପ୍ରବେଶ କରିଥିଲା। ଜାପାନ ଏଥିସହ ପ୍ରଥମ ଏସିଆନ ଗେମ୍ସ ସ୍ୱର୍ଣ୍ଣ ଜିତିଛି। ତେବେ ପୂର୍ବରୁ ଜାପାନ ୩ଥର ରନସଅପ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ବିଶ୍ୱ ର୍‍ୟାଙ୍କିଙ୍ଗରେ ଭାରତ ପଞ୍ଚମ ସ୍ଥାନରେ ରହିଥିଲେ ମଧ୍ୟ ନବମ ସ୍ଥାନରେ ଥିବା ଜାପାନ ଶେଷରେ ବାଜି ମାରିଛି।

ମ୍ୟାଚ ପ୍ରଥମ କ୍ୱାର୍ଟରରେ ଦୁଇ ଦଳ ଆକ୍ରମଣାତ୍ମ ଖେଳି ପ୍ରଦର୍ଶନ କରିଥିଲେ। ପ୍ରଥମ ୧୦ ମିନିଟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ତେବେ ଦଶମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଗୁରଜିତଙ୍କ ପ୍ରୟାସକୁ ଜାପାନ ଗୋଲ କିପର ପଣ୍ଡ କରିଥିଲେ। ଏହାର ଠିକ୍ ଗୋଟିଏ ମିନିଟ ପରେ ଜାପାନକୁ ପେନାଲ୍ଟି କର୍ନର ମିଳିଥିଲା। ଜାପାନ ଏହାପୁ ବେକାର ହେବାକୁ ନ ଦେଇ ଗୋଲ ସ୍କୋର କରିଥିଲା ୧-୦ରେ ଅଗ୍ରଣୀ ହାସଲ କରିଥିଲା।


ଏସିଆଡ୍ ମହିଳା ହକିରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ।

## ଜାପାନକୁ ସ୍ୱର୍ଣ୍ଣ, ଚାଇନାକୁ ବ୍ରୋଞ୍ଜ

ଦ୍ୱିତୀୟ କ୍ୱାର୍ଟରରେ ଦେଖିଚାହିଁ ଦୁଇ ଦଳ ଆରମ୍ଭ କରିଥିଲେ। ଭାରତୀୟ ଡିଫେନ୍ସ ଦୃଢତା ପ୍ରଦର୍ଶନ କରିଥିଲା ଓ ଜାପାନ ଖେଳାଳିଙ୍କୁ କୌଣସି ସୁଯୋଗ ଦେଇ ନ ଥିଲା। ସୁବିଧା ପାଇଁ ଭାରତ ୨୫ ତମ ମିନିଟରେ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲା। ଏହା ଏକ ଫିଲ୍ଡ ଗୋଲ୍ଡ ଥିଲା ଓ ଏହାକୁ ନେହା ପ୍ରଦାନ କରିଥିଲେ। ରିଭର୍ସ ହିଟ୍ କରି ନବନୀତ କୌର ଗୋଲ ପୋଷ୍ଟ ଆଡକୁ ମାରିଥିଲେ ଓ କୌଣସି ତ୍ରୁଟି ନ କରି ଏହାକୁ ନେହା ଗୋଲରେ ପରିଣତ କରିଥିଲେ।

ତୃତୀୟ କ୍ୱାର୍ଟରରେ ଅଗ୍ରଣୀ ହାସଲ କରିବାକୁ ଉଭୟ ଦଳ ଚେଷ୍ଟା କରିଥିଲେ। ତେବେ ୪୪ତମ ମିନିଟରେ ଭାରତ ଜାପନକୁ ପେନାଲ୍ଟି ସୁଯୋଗ ଦେଇଥିଲା ଓ ଏହାର ଫାଇଦା ଉଠଇ ଗୋଲ ଦେବା ସହ ଜାପାନ ୨-୧ରେ ଅଗ୍ରଣୀ ହାସଲ କରିଥିଲା।

ଚତୁର୍ଥ କ୍ୱାର୍ଟରରେ ମ୍ୟାଚକୁ ସମାନ ସ୍ଥିତିକୁ ଆଣିବାକୁ ଭାରତ ଖୁବ ପ୍ରୟାସ କରିଥିଲା। ତେବେ ଜାପାନ ଡିଫେନ୍ସ ଭାରତକୁ କୌଣସି ସୁଯୋଗ ଦେଇ ନ ଥିଲା। ମ୍ୟାଚ ଶେଷ ହେବାକୁ ୨ ମିନିଟ ବାକିଥିବା ବେଳେ ଗୋଲ ଦେବାକୁ ଭାରତ ଗୋଲକିପର ସବିତାଙ୍କୁ ହଟାଇଥିଲା। ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ତଥା ଶେଷ ୪୦ ସେକେଣ୍ଡରେ ଭାରତକୁ ୨ଟି ସୁଯୋଗ ମିଳିଥିଲା। କିନ୍ତୁ ଲକ୍ଷ୍ୟ ଭେଦ କରିବାରେ ଭାରତୀୟ ଖେଳାଳି ବିଫଳ ହୋଇଥିଲେ। ଶେଷରେ ୨-୧ରେ ବିଜୟୀ ହୋଇ ଜାପାନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଷ୍ଟାଡିୟମରେ ଉପସ୍ଥିତ ଭାରତୀୟ ପ୍ରଶଂସକ ନିରାଶ ହୋଇଥିଲେ।

# ଫାଇନାଲରେ ଏକମାତ୍ର ଭାରତୀୟ ବକ୍ସର ଅମିତ

**ଜାକର୍ତ୍ତା,୩୧।୮ (ପି.ଟି.)**

ଅମିତ ପାଙ୍ଘଲ (୪୯ କିଗ୍ରା) ଏକମାତ୍ର ଭାରତୀୟ ବକ୍ସର ଭାବେ ଚଳିତ ଏସିଆନ୍ ଗେମ୍ସରେ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଅମିତ ଫିଲିପାଇନ୍ସର କାର୍ଲୋ ପାଲାମଙ୍କୁ ପରାସ୍ତ କରିଛନ୍ତି। ଭାରତୀୟ ବକ୍ସର ୩-୨ ବ୍ୟବଧାନରେ ବାଉଟ୍‌କୁ ଜିତି ନେଇଛନ୍ତି। ଅନ୍ୟପକ୍ଷରେ ୭୫ କେ.ଜି ବର୍ଗ ସେମିଫାଇନାଲରେ ପ୍ରବେଶ କରିଥିବା ବିକାଶ କ୍ରିଷ୍ଣନଙ୍କୁ ଅନ୍‌ଫିଟ୍ ବୋଲି ଘୋଷଣା କରାଯାଇଛି। କାଜାଖସ୍ତାନର ଅମନକୁଲ ଅବିଲଖାନଙ୍କ ବିପକ୍ଷ ସେମି ଫାଇନାଲ ମ୍ୟାଚରୁ ତାଙ୍କୁ ଓହରିବାକୁ ପଡିଛି। ଫଳରେ ତାଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

### ଆହତ ବିକାଶ ବ୍ରୋଞ୍ଜରେ ସନ୍ତୁଷ୍ଟ

ଭାରତୀୟ ବକ୍ସର ବିକାଶ କ୍ରିଷ୍ଣନ (୭୫ କିଗ୍ରା)ଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିବ। କାରଣ ସେ ସେମିଫାଇନାଲ ବାଉଟ୍‌ରେ ଖେଳିପାରିବେ ନାହିଁ ବୋଲି ମେଡିକାଲ ଟିମ୍ ପକ୍ଷରୁ ଘୋଷଣା କରାଯାଇଛି। ତାଙ୍କ ବାମଆଖିରେ ଆଘାତ ଲାଗିଛି। ୨୬ ବର୍ଷୀୟ ବକ୍ସର କାଜାଖସ୍ତାନର ଆମାନକୁଲ ଅବିଲଖାଁଙ୍କ ସହ ମୁକାବିଲା କରିଥାନ୍ତେ। କିନ୍ତୁ ଆହତ ସମସ୍ୟା ଯୋଗୁ ତାଙ୍କୁ ମୁକାବିଲାରୁ ଓହରିବାକୁ ପଡ଼ିଛି। ଏହି ନିଷ୍ପତ୍ତି ସତ୍ତ୍ୱେ ସେ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ଭାରତୀୟ ବକ୍ସର ଭାବେ କ୍ରମାଗତ ୩ଟି ଏସିଆନ୍ ଗେମ୍ସରେ ପଦକ ନେବାକୁ ସକ୍ଷମ ହୋଇଛନ୍ତି। ବିକାଶ ୨୦୧୦ ଗୁଆଙ୍ଗଝୁ ଗେମ୍ସରେ ୬୦ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ୨୦୧୪ ସଂସ୍କରଣରେ ବ୍ରୋଞ୍ଜ ପଦକ ପାଇଥିଲେ। ଚଳିତ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲ ବାଉଟ୍ ବେଳେ ତାଙ୍କ ଆଖି ଉପରେ ଆଘାତ ଲାଗିଥିଲା। ଏହାସତ୍ତ୍ୱେ କ୍ୱାର୍ଟର ଫାଇନାଲରେ ରିଙ୍ଗକୁ ଓହ୍ଲାଇ ବିଜୟ ହାସଲ କରିଥିଲେ। ଏହି ବାଉଟ୍‌ରେ ତାଙ୍କ ଆହତ ସମସ୍ୟା ବୃଦ୍ଧି ପାଇଛି। ଏଣୁ ଉପସ୍ଥିତ ଡାକ୍ତରି ଦଳ ତାଙ୍କୁ ଶୁକ୍ରବାର ଅନ୍‌ଫିଟ୍ ଘୋଷଣା କରିଛନ୍ତି।


ଅମିତ ପାଙ୍ଘଲ ଓ କାର୍ଲୋ ପାଲାମଙ୍କ ମଧ୍ୟରେ ଅନୁଷ୍ଠିତ ଲଢେଇ।

# ସେଲିଂରେ ଭାରତକୁ ୩ ପଦକ

**ଜାକର୍ତ୍ତା, ୩୧।୮(ପି.ଟି.)**

ଚଳିତ ଏସିଆନ ଗେମ୍ସର ୧୩ତମ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ସେଲିଂରେ ଗୋଟିଏ ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ସହ ମୋଟ ୩ଟି ପଦକ ହାସଲ କରିଛନ୍ତି। ବର୍ଷା ଗୌତମ ଓ ଶ୍ୱେତା ଶେରଭେଗର ୪୯ଇଆର ଏଫ୍‌ଏକ୍ସ ମହିଳା ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିବାବେଳେ ଓପନ୍ ଲେଜର ୪.୭ ଇଭେଣ୍ଟରେ ଅନ୍ୟତମ ଭାରତୀୟ ହର୍ଷିତା ତୋମାର ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ବରୁଣ ଥାକ୍କର ଅଶୋକ ଓ ଚେନଗାପ୍ପା ଗନପତି କେଲାପଣ୍ଡା ୪୯ଇଆର ପୁରୁଷ ଇଭେଣ୍ଟ ରେସ୍ ୧୫ରେ ବ୍ରୋଞ୍ଜ୍ ଜିତିଛନ୍ତି।

ସ୍ଥାନୀୟ ଇଣ୍ଡୋନେସିଆ ସେଲିଂ ସେଣ୍ଟରରେ ୨୦ ବର୍ଷୀୟା ବର୍ଷା ଓ ୨୭ ବର୍ଷୀୟା ଶ୍ୱେତା ମିଳିତଭାବେ ଦମ୍‌ଦାର ପ୍ରଦର୍ଶନ କରି ୧୫ ରେସ ପରେ ୪୦ ସ୍କୋର କରି ଦ୍ୱିତୀୟସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ୧୬ ବର୍ଷୀୟା ହର୍ଷିତା ରେସ ୧୨ ପରେ ୬୨ ସ୍କୋର କରି ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଦେଶ ପାଇଁ ପଦକ ଜିତିବା ନିଶ୍ଚିତ ଭାବେ ଗର୍ବର ବିଷୟ ଓ ଆନନ୍ଦ ଦାୟକ। ଏହାକୁ ମୁଁ ଭାଷାରେ କହି ପାରିବି ନାହିଁ ବୋଲି ପଦକ ଜିତିବା ପରେ ହର୍ଷିତା କହିଛନ୍ତି। ଅନ୍ୟତମ ଭାରତୀୟ ସେଲର ଗୋବିନ୍ଦ ବାଇରଗୀ ଓପନ୍ ଲେଜର ୪.୭ ଇଭେଣ୍ଟରେ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ନେଥ୍ରା କୁମାନନ ଲେଜର ରେଡିଆଲ ସେଲିଂ ଇଭେଣ୍ଟରେ ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି।

**ଫାଇନାଲରେ ମହିଳା ସ୍କ୍ୱାଶ ଦଳ**

ଭାରତୀୟ ମହିଳା ସ୍କ୍ୱାଶ ଦଳ ଏଠାରେ ଚାଲିଥିବା ଏସିଆନ୍ ଗେମ୍ସର ଫାଇନାଲରେ ପ୍ରବେଶ କରିଛି। ଫଳରେ ଦଳର ରୌପ୍ୟ ପଦକ ଜିତିବା ନିଶ୍ଚିତ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ମାଲେସିଆକୁ ପରାସ୍ତ କରିଛି। ଜୋସ୍ନା ଚିନ୍ନାପା, ଦୀପିକା ପାଲିକଲ କାର୍ତ୍ତିକ, ସୁନୟନା କୁରୁଭିଲା ଓ ତାନ୍‌ଭୀ ଖାନାଙ୍କୁ ନେଇ ଗଠିତ ଭାରତୀୟ ଦଳ ୨-୦ ବ୍ୟବଧାନରେ ବିଜୟ ଲାଭ କରିଛି।

## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୧୮ | ୮୫ | ୬୦ | ୨୬୩ |
| ଜାପାନ | ୬୯ | ୫୦ | ୭୦ | ୧୮୯ |
| ଦକ୍ଷିଣ କୋରିଆ | ୪୩ | ୫୪ | ୬୩ | ୧୬୦ |
| ଇଣ୍ଡୋନେସିଆ | ୩୦ | ୨୩ | ୪୦ | ୯୩ |
| ଇରାନ | ୧୯ | ୧୯ | ୨୦ | ୫୮ |
| ଚାଇନିଜ୍ ତାଇପେ | ୧୬ | ୧୭ | ୨୭ | ୬୦ |
| ଉଜବେକିସ୍ତାନ | ୧୫ | ୧୯ | ୨୩ | ୫୭ |
| ଭାରତ | ୧୩ | ୨୩ | ୨୯ | ୬୫ |
| କାଜାଖସ୍ତାନ | ୧୨ | ୧୧ | ୪୧ | ୬୪ |
| ଉତ୍ତର କୋରିଆ | ୧୨ | ୯ | ୧୩ | ୩୪ |
| ବାହାରିନ | ୧୨ | ୭ | ୭ | ୨୬ |

# ପୁରୁଷ ଦଳଗତ ଟିଟି: ଭାରତକୁ ବ୍ରୋଞ୍ଜ

**ଜାକର୍ତ୍ତା,୩୧।୮**

ଭାରତୀୟ ମହିଳା ଟେବୁଲ ଟେନିସ୍ (ଟିଟି) ଦଳ ମାଲେସିଆକୁ ହରାଇ ଫାଇନାଲରେ ପ୍ରବେଶ କରିଥିବାବେଳେ ପୁରୁଷ ଦଳ ସେମିଫାଇନାଲରେ ହଂକଂଠାରୁ ପରାସ୍ତ ହୋଇଛି। ଫଳରେ ପୁରୁଷ ଦଳ ବ୍ରୋଞ୍ଜ ପଦକ ସହ ଅଭିଯାନ ଶେଷ କରିଛି। ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ହଂକଂ ୨-୦ ବ୍ୟବଧାନରେ ଭାରତକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚ୍‌ରେ ସୌରଭ ଘୋଷାଲ ଓ ୨ୟ ମ୍ୟାଚ୍ ହରିନ୍ଦର ପାଲ ସିଂ ସାନ୍ଧୁ ପରାସ୍ତ ହୋଇଥିଲେ। ଉଭୟ ସିଧାସଳଖ ଗେମ୍‌ରେ ହାରି ଯାଇଥିଲେ।

# ବ୍ଲାକ୍ ବେଲ୍ଟ, ଡାନ୍ ଗ୍ରେଡିଂ ପରୀକ୍ଷା



ବ୍ଲାକ୍ ବେଲ୍ଟ, ଡାନ୍ ଗ୍ରେଡିଂ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା କରାଟେକାମାନେ ଅତିଥିଙ୍କ ସହ।

**ଭୁବନେଶ୍ୱର, ୩।୮ (କ୍ରୀଡ଼ା ପ୍ରତିନିଧି)**

ଉତ୍କଳ କରାଟେ ସ୍କୁଲ ପରିସରରେ ବ୍ଲାକ୍ ବେଲ୍ଟ ଓ ଉଚ୍ଚତର ଡାନ୍ ଗ୍ରେଡିଂ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିସରରେ ୨ ଦିନ ଧରି ଇନ୍‌ଷ୍ଟ୍ରକ୍ଟର କ୍ୟାମ୍ପ ହେବାପରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଡାନ୍ ଗ୍ରେଡିଂରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ହେଲେ ସୁରେଶ ଚନ୍ଦ୍ର ଜାଲ୍(୫ମ ଡାନ), ସରୋଜ କାନ୍ତ ବେହେରା(୫ମ ଡାନ), ଦିଲୀପ କୁମାର ଜେନା(୩ୟ ଡାନ), ଗୋପାଳ ଚନ୍ଦ୍ର ଜିପ୍ ଓ ଗୋପାଳ ଚନ୍ଦ୍ର କଅଁର(୩ୟ ଡାନ), ସୁଜାତା ସାହୁ, କୃଷ୍ଣଚନ୍ଦ୍ର ମହାରଣା, ଅଭିଷେକ ପଟ୍ଟନାୟକ, ବିଶ୍ୱଜିତ ସାମଲ, ସଙ୍କେତ ନାୟକ(ସମସ୍ତେ ୨ୟ ଡାନ), କୃଷ୍ଣଚନ୍ଦ୍ର ନାୟକ, ସୁସ୍ମିନ ପାଲ୍‌ଟାସିଂ, ଅନୁରାଧା ପାତ୍ର, ଜିତେନ୍ଦ୍ର କୁମାର ଦାସ, ଲୋମା ସ୍ୱାଇଁ, ସାଗରିକା ହରିଚନ୍ଦନ, ଅନୁଷ୍କା ପ୍ରିୟଦର୍ଶିନୀ, ଚନ୍ଦ୍ରଶେଖର ପଣ୍ଡା, ତୁଷାର କାନ୍ତ ନାୟକ, ଆଶୁତୋଷ ମହାପାତ୍ର, ମଧୁପ୍ରିୟା, ରିତେଶ ମହାନ୍ତି, ଅବିନାଶ ମହାପାତ୍ର, ଆଦିତ୍ୟ କୁମାର, ଜୟକୃଷ୍ଣ ପାତ୍ର ଓ ରଞ୍ଜନ ପାତ୍ର(୧ମ ଡାନ୍)।

# ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ବିସିସିଆଇର ଯୋଜନା

**ନୂଆଦିଲ୍ଲୀ, ୩୧।୮ (ପି.ଟି.)**

ଆସନ୍ତା ସିଜନରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପ୍ରଥମ ଥର ପାଇଁ ଘରୋଇ କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ସେମାନଙ୍କ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜେନେରାଲ ମ୍ୟାନେଜର କ୍ରିକେଟ ଅପରେଶନ୍ସ ସବା କରିମ ଏବଂ ତାଙ୍କ ଟିମ୍ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ଏଥର ୯ଟି ନୂଆ ରାଜ୍ୟର କ୍ରିକେଟ ଦଳ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଏଥିପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଆବଶ୍ୟକତା ଦୃଷ୍ଟିରୁ ଚଳିତ ସିଜନରେ ଆମ ନିକଟରେ ୧୨ ନୂଆ ମ୍ୟାଚ୍ ରେଫରି ଓ ୧୪ ନୂଆ ଅମ୍ପାୟର ରହିବେ। ଏଥର ଆକଳନ ପ୍ରକ୍ରିୟାରେ ପରିବର୍ତ୍ତନ କରାଯିବ। ଅମ୍ପାୟରମାନେ ମ୍ୟାଚ୍ ରେଫରିଙ୍କ ମୂଲ୍ୟାୟନ କରିବେ। ଏହି ପ୍ରକ୍ରିୟା ଉପରେ କ୍ରିକେଟ ଅପରେଶନ୍ସ ଟିମ୍ ନଜର ରଖିବ ବୋଲି କରିମ ଏଠାରେ ଖବରଦାତାମାନଙ୍କ ନିକଟରେ ସୂଚନା ଦେଇଛନ୍ତି। ବିହାର, ଉତ୍ତରାଖଣ୍ଡ ଓ ପୁଡୁଚେରୀ ଭଳି କେତେକ ନୂଆ ଦଳ ନିଜକୁ ଭଲରୂପେ ପ୍ରସ୍ତୁତ କରିଛନ୍ତି। ସେମାନେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ମଧ୍ୟ କେତେକ ପ୍ରତିଭା ଖେଳାଳି ରହିଛନ୍ତି। ସେମାନଙ୍କ ଦକ୍ଷତା ବୃଦ୍ଧିର ଆବଶ୍ୟକତା ରହିଛି। ପ୍ରତ୍ୟେକ ନୂଆ ରାଜ୍ୟକୁ ୪ଜଣ ଲେଖାଏଁ ପ୍ରଶାସନିକ ଷ୍ଟାଫ୍ ଯୋଗାଇ ଦିଆଯିବ। ଯଥା- ଆର୍ଥିକ ବିଶାରଦ, କ୍ରିକେଟ ପରିଚାଳକ ଏବଂ ଦୁଇଜଣ ଲଜିଷ୍ଟିକ୍ସ ଯୋଗାଇ ଦେବେ। ଏହାଛଡ଼ା ସେମାନଙ୍କୁ ବିସିସିଆଇ ସ୍ୱୀକୃତିପ୍ରାପ୍ତ ୪ ପ୍ରଶାସନିକ ଷ୍ଟାଫ୍ ମଧ୍ୟ ଯୋଗାଇ ଦିଆଯିବ। ସେମାନଙ୍କ ମଧ୍ୟରେ ଜଣେ ମୁଖ୍ୟ କ୍ୟୁରେଟର, ଜଣେ ମେଣ୍ଟେନାନ୍ସ ମ୍ୟାନେଜର ଓ ୨ଜଣ ଆସିଷ୍ଟାଣ୍ଟ କ୍ୟୁରେଟର ରହିବେ। ଉତ୍ତର ପୂର୍ବାଞ୍ଚଳ ଗ୍ରାଉଣ୍ଡଗୁଡ଼ିକ ସେପ୍ଟେମ୍ବର ୭ ସୁଦ୍ଧା ପ୍ରସ୍ତୁତ ହୋଇଯିବ ବୋଲି କରିମ ଆଶା ପ୍ରକାଶ କରି କହିଛନ୍ତି।

## ଇଂଲଣ୍ଡରେ ଖେଳିବ ଭାରତୀୟ ଖୋ ଖୋ ଦଳ

**ନୂଆଦିଲ୍ଲୀ, ୩୧।୮ (ପି.ଟି.)**

ଇଂଲଣ୍ଡରେ ସେପ୍ଟେମ୍ବର ୧ରୁ ୪ ପର୍ଯ୍ୟନ୍ତ ପ୍ରଥମ ଅନ୍ତର୍ଜାତୀୟ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ଦଳକୁ ଅଂଶଗ୍ରହଣ କରିବା ଲାଗି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଅନୁମତି ଦେବା ସହ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇଦେବ ବୋଲି କହିଛି। ସରକାରଙ୍କ ଅନ୍ୟାନ୍ୟ କ୍ରୀଡ଼ା ତାଲିକାରେ ଖୋ ଖୋ ରହିଥିବାରୁ କୌଣସି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେବା ଲାଗି ଏହା ଆର୍ଥିକ ସହାୟତା ପାଇବା କଥା ନୁହେଁ। ମାତ୍ର ମନ୍ତ୍ରଣାଳୟ ପ୍ରଥମ ଥର ତାଙ୍କ ଗାଇଡ୍‌ଲାଇନ୍‌ରେ କୋହଳତା ଅବଲମ୍ବନ କରିଛନ୍ତି। ଖୋ ଖୋ ହେଉଛି ଭାରତର ଏକ ପାରମ୍ପରିକ ଖେଳ। ଏହାକୁ ପ୍ରୋତ୍ସାହନର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ କ୍ଷେତ୍ରରେ ଖୋ ଖେଳ ଖେଳ ପ୍ରସାରିତ ହେବାରେ ଲାଗିଛି। ତେଣୁ ଏହାକୁ ଏସିଆନ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଅଲିମ୍ପିକ୍ସରେ ସାମିଲ କରାଯିବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

## ବାଂଲାଦେଶ ଦଳ ଘୋଷିତ

**ଢାକା,୩୧।୮**

ଆଗାମୀ ମାସ ୧୫ରୁ ଆରମ୍ଭ ହେବାକୁ ଥିବା ଏସିଆ କପ୍ ଲାଗି ଶୁକ୍ରବାର ୧୫ ଜଣିଆ ବାଂଲାଦେଶ ଦଳ ଘୋଷଣା କରାଯାଇଛି। ଦଳରେ ନିୟମିତ ସ୍ଥାନ ପାଉଥିବା ଅନମୋଲ ହକ ଓ ସାବିର ରେହମାନ ବାଦ୍ ପଡ଼ିଛନ୍ତି। ଉଭୟଙ୍କ ବଦଳରେ ମହମ୍ମଦ ମିଥୁନ ଓ ଆରିଫୁଲ ହକଙ୍କୁ ସାମିଲ କରାଯାଇଛି। ୨୮ ବର୍ଷୀୟ ମିଥୁନ ୨୦୧୪ରେ ଅନ୍ତିମ ଥର ଦିନିକିଆ ଦଳରେ ସ୍ଥାନ ପାଇଥିଲେ। ଅନ୍ୟପକ୍ଷରେ ଆରିଫୁଲଙ୍କୁ ପ୍ରଥମ ଥର ପାଇଁ ଜାତୀୟ ଦିନିକିଆ ଦଳକୁ ଡାକରା ଦିଆଯାଇଛି।

# ୟୁନିଲାଇଟ୍ କପ୍: କ୍ୱାର୍ଟରରେ କିସ୍ ସ୍କୁଲ

**ଭୁବନେଶ୍ୱର, ୩୧।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ୟୁନିଟ- ୬ ଆଥଲେଟିକ ଆସୋସିଏଶନ ଅନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ ଭୁବନେଶ୍ୱର ଆନ୍ତଃ ସ୍କୁଲ ଫୁଟବଲ ପ୍ରତିଯୋଗିତାରେ କିସ୍ ସ୍କୁଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ କିସ୍ ୪-୦ ଗୋଲରେ ସିଆରପିଏଫ୍ କେନ୍ଦ୍ରୀୟ ବିଦ୍ୟାଳୟ ସ୍କୁଲକୁ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ଉଠିଛି। କିସ୍ ତରଫରୁ କୁନାରାମ ସୋରେନ ଦୁଇଟି ଓ ଜଗନ୍ନାଥ ସୋରେନ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ଅତିଥିଭାବେ କ୍ରୀଡ଼ା ନିର୍ଦ୍ଦେଶାଳୟର ଅଧିକାରୀ ଅମିୟକାନ୍ତ ମିଶ୍ର କୁନାରମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଦେବେନ୍ଦ୍ର ମିଶ୍ର, ଦିଲିପ ଦାସ, ପ୍ରଫୁଲ୍ଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ପରିଚାଳନା କରିଥିଲେ ସରୋଜ ମହାରଣା, ପ୍ରକାଶ ଦାସ, ଶ୍ରୀକାନ୍ତ ପଣ୍ଡା, ରାଜେନ୍ଦ୍ର ବାରିକ, ଚନ୍ଦ୍ରକାନ୍ତ ବାରିକ, ପାକା ପଣ୍ଡା, ମହେଶ୍ୱର ସିଂ।

ଏହାପୂର୍ବରୁ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସରାକାରୀ ୟୁନିଟ-୨ ହାଇସ୍କୁଲ ଓ ରାମକୃଷ୍ଣ ହାଇସ୍କୁଲ ପରସ୍ପରକୁ ଭେଟିଥିଲେ। ଏହି ମୁକାବିଲା ୨-୨ରେ ଅମୀମାଂସିତ ରହିଥିଲା। ୟୁନିଟ- ୬ ତରଫରୁ ରାକେଶ ମଲ୍ଲିକ ଓ ସୁଜିତ କୁମାର ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟପଟେ ରାମକୃଷ୍ଣ ପକ୍ଷରୁ ଶକିତ ରଞ୍ଜନ ପଟ୍ଟନାୟକ ଓ ଦଇତାରାମ ସୋରେନ ଗୋଟିଏ କରି ଗୋଲ ଦେଇଥିଲେ। ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ଆଥଲେଟିକ ଆସୋସିଏଶନ ସମ୍ପାଦକ ନବରଞ୍ଜନ ପଟ୍ଟନାୟକ ରାକେଶ ମଲିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ସୈନିକ ସ୍କୁଲ ଓ ଟାଇମ୍ସ ଗୁରୁକୂଳ ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି।



କୁନାରାମ ସୋରେନ ଅତିଥିଙ୍କ ଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

## ଉର୍ମିଳା ଫୁଟ୍‌ବଲ ଏକାଡେମୀ ବିଜୟୀ

**ଭୁବନେଶ୍ୱର, ୩୧।୮ (ସ୍ପୋର୍ଟ୍ସ ବ୍ୟୁରୋ)**- ଓଡ଼ିଶା ସେକ୍ରେଟାରିଏଟ ଏମ୍ପ୍ଲଇଜ୍ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଫାଇଭ୍-ଏ-ସାଇଡ୍ ଆନ୍ତଃ ବିଭାଗୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ବିଶ୍ରାମ ଦିବସରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିଟ-୯ ଉର୍ମିଳା ଫୁଟ୍‌ବଲ ଏକାଡେମୀ ୨-୧ ଗୋଲରେ ଘାଟିକିଆ ବଜରଙ୍ଗୀ ୟୁନାଇଟେଡ୍‌କୁ ପରାସ୍ତ କରିଛି। ଉର୍ମିଳା ଏକାଡେମୀର ସ୍ୱପ୍ନାରାଣୀ ଦାସ, ଅନୁପ୍ରିୟା ମହାରଣା ଏବଂ ବଜରଙ୍ଗୀ କ୍ଲବର ଜ୍ୟୋତ୍ସ୍ନା ସ୍ୱାଇଁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମୁଖ୍ୟ ପ୍ରତିଯୋଗିତାର ସେମିଫାଇନାଲରେ ପରାଜିତ ହୋଇଥିବା ଦୁଇ ଦଳ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଖଣି ଓ ଇସ୍ପାତ ବିଭାଗ ମଧ୍ୟରେ ଶନିବାର ପ୍ଲେ-ଅଫ୍ ମ୍ୟାଚ୍ ଅନୁଷ୍ଠିତ ହେବ।

## କ୍ଷମା ମାଗିଲେ ୟୁଏସ୍ ଓପନ ଆୟୋଜକ

**ନ୍ୟୁୟର୍କ,୩୧।୮**

ଚଳିତ ୟୁଏସ୍ ଓପନରେ ମହିଳା ଫ୍ରେଞ୍ଚ ଖେଳାଳି ଆଲିଜେ କର୍ନେଟଙ୍କୁ ଖେଳର ଭଙ୍ଗ କରିବା ଲାଗି ଚେତାବନୀ ଦିଆଯାଇଥିଲା। ବୁଧବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମ୍ୟାଚ୍ ବେଳେ ସେ ଶାର୍ଟ ଚେଞ୍ଜ କରିଥିଲେ। ମ୍ୟାଚ୍‌ର ୨ୟ ସେଟ୍ ଶେଷ ହେବା ପରେ ଫ୍ରେଞ୍ଚ ଖେଳାଳି ୧୦ ମିନିଟ୍‌ର ବିରତି ନେଇଥିଲେ। ଏଥିଯୋଗୁ ତାଙ୍କୁ ମ୍ୟାଚ୍ ଅମ୍ପାୟର କ୍ରିଷ୍ଟିଆନ ରାସ୍କ ଚେତାବନୀ ଦେଇଥିଲେ। କିନ୍ତୁ ଶାର୍ଟ ପରିବର୍ତ୍ତନ କରିବା ନିୟମ ବିରୋଧ ନୁହେଁ। ଏଣୁ ଟୁର୍ନାମେଣ୍ଟ ଆୟୋଜକଙ୍କ ପକ୍ଷରୁ କ୍ଷମାପ୍ରାର୍ଥନା କରାଯାଇଛି। ପୁରୁଷ ଖେଳାଳିମାନେ ବହୁ ବାର ଶାର୍ଟ ପରିବର୍ତ୍ତନ କରନ୍ତି ଓ ବେଳେବେଳେ ବିନା ଶାର୍ଟରେ ମଧ୍ୟ ବସନ୍ତି।



❝ ଭାରତ ଆମର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲା। ଏଥିରେ ଆଶଙ୍କା ନ କରି ପ୍ରଚେଷ୍ଟା ଦ୍ୱାରା ଆମେ ଏକ ଲଢୁଆ ସ୍କୋର ଛିଡ଼ା କରିପାରିଲୁ।

–ସାମ କୁରାନ, ଇଂଲଣ୍ଡ କ୍ରିକେଟର



❝ ସେଲିଂ ଏକ ଗ୍ଲାମର ରେସ୍ ବୋଲି ଅନେକଙ୍କ ମନରେ ଯେଉଁ ଧାରଣା ରହିଛି ତାହା ଠିକ୍ ନୁହେଁ, ବରଂ ଏହା ଏକ ସଂଘର୍ଷପୂର୍ଣ୍ଣ କଷ୍ଟସାଧ୍ୟ ଇଭେଣ୍ଟ।

–ବର୍ଷା ଗୌତମ, ଭାରତୀୟ ମହିଳା ସେଲର

## ସଂକ୍ଷେପରେ

### ନୀରଜ ଅଳ୍ପକେ ବ୍ରୋଞ୍ଜରୁ ବଞ୍ଚିତ



ଜୁରିଚ୍, ୩୧।୮(ପି.ଟି.)- ଏସିଆନ ଗେମ୍ସ ନୂଆ ଚାମ୍ପିୟନ ନୀରଜ ଚୋପ୍ରା ଏଠାରେ ଚାଲିଥିବା ସମ୍ମାନଜନକ ଡାଇମଣ୍ଡ ଲିଗ୍ ଫିନାଲେରେ ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ୨୦ ବର୍ଷୀୟ ଏହି ଭାରତୀୟ ଜାଭେଲିନ୍ ଥ୍ରୋୟର ୩ ଦିନ ପୂର୍ବେ ଜାକର୍ତ୍ତାଠାରେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏଠାରେ ଗୁରୁବାର ରାତିରେ ବିଶ୍ୱର ବଛା ବଛା ୮ଜଣଙ୍କୁ ନେଇ ଅନୁଷ୍ଠିତ ଇଭେଣ୍ଟରେ ସେ ୮୫.୭୩ ମିଟର ଦୂର ଜାଭେଲିନ୍ ଫିଙ୍ଗି ଚତୁର୍ଥ ହୋଇଥିଲେ। ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ବିଜେତା ୫ମ ରାଉଣ୍ଡ ପର୍ଯ୍ୟନ୍ତ ତୃତୀୟ ସ୍ଥାନ ବଜାୟ ରଖିଆସିଥିଲେ। କିନ୍ତୁ ଫାଇନାଲ ରାଉଣ୍ଡରେ ଅଲିମ୍ପିକ ଚାମ୍ପିୟନ ତଥା ଜର୍ମାନୀର ଥୋମାସ ରୋଲର (୮୫.୭୬)ତାଙ୍କୁ ମାତ୍ର ୦.୦୩ ମିଟର ବ୍ୟବଧାନରେ ପଛରେ ପକାଇ ଦେଇଥିଲେ। ଭାରତୀୟ ଷ୍ଟାର ଜାଭେଲିନ ଥ୍ରୋୟର ଯଦି ତାଙ୍କ ଜାତୀୟ ରେକର୍ଡ ପ୍ରଦର୍ଶନ ୮୮.୬୦ ମିଟର ଦୋହରାଇ ପାରିଥାନ୍ତେ, ତେବେ ୬୦୦୦ ଆମେରିକୀୟ ଡଲାର ପୁରସ୍କାର ଜିତିପାରିଥାନ୍ତେ। ଜର୍ମାନୀର ଆନ୍ଦ୍ରିଆସ ହଫମ୍ୟାନ (୯୧.୪୪ ମିଟର) ପ୍ରଥମ ସ୍ଥାନ ଅଧିକାର ସହ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଇସ୍ତୋନିଆର ମାଗ୍ନସ କିର୍ଟ ୮୭.୫୭ ମିଟର ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

# ଦୂତୀଙ୍କ ଅଲିମ୍ପିକ୍ସ ପ୍ରସ୍ତୁତି ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର

**ଭୁବନେଶ୍ୱର, ୩୧।୮(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଚାଲିଥିବା ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ହାସଲ କରି ଦେଶ ଓ ରାଜ୍ୟକୁ ଗର୍ବିତ କରିଥିବା ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ଶୁକ୍ରବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ, କିଟ୍ ଓ କିସ୍‌ର କର୍ମକର୍ତ୍ତା, ମେୟର ଅନନ୍ତ ନାରାୟଣ ଜେନା, କ୍ରୀଡ଼ାପ୍ରେମୀ ଓ ଶୁଭେଚ୍ଛୁମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ବିମାନବନ୍ଦରରୁ ଦୂତୀ ସିଧା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବାକୁ ସଚିବାଳୟ ଯାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ୩ କୋଟି ଟଙ୍କାର ଚେକ୍ ପୁରସ୍କାର ଆକାରରେ ପ୍ରଦାନ କରିଥିଲେ। ଦୂତୀ ପଦକ ଜିତିବା ପରେ ଦେଢ଼ କୋଟି ଲେଖାଏଁ ପୁରସ୍କାର ରାଶି ପୂର୍ବରୁ ଘୋଷଣା କରାଯାଇଥିଲା। ‘‘ଦୂତୀ କେବଳ ରାଜ୍ୟ ପାଇଁ ନୁହେଁ, ସମଗ୍ର ଦେଶ ଲାଗି ସମ୍ମାନ ଆଣିଛନ୍ତି। ଆଗକୁ ଆହୁରି ଭଲ ପ୍ରଦର୍ଶନ କରି ଦେଶ ପାଇଁ ସଫଳତା ଆଣିବା କାମନା କରୁଛି। ୨୦୨୦ରେ ଟୋକିଓରେ ହେବାକୁ ଥିବା ଅଲିମ୍ପିକ୍ସରେ ଦୂତୀଙ୍କ ପ୍ରସ୍ତୁତିର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ’’ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ନିଜ ମାଟିରେ ସମ୍ବର୍ଦ୍ଧନା ଦୂତୀଙ୍କୁ ଭାବବିହ୍ୱଳ କରିଥିଲା। ‘‘ପ୍ରତି ୪ ବର୍ଷରେ ହେଉଥିବା ଏସିଆନ ଗେମ୍ସରେ ଦେଶ ପାଇଁ ୨ଟି ପଦକ ନେଇ ଫେରିବା ତାଙ୍କ ପାଇଁ ଗୌରବର ବିଷୟ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ପାଇଁ ଭଗବାନ ସାବସ୍ତ ହୋଇଛନ୍ତି’’ ବୋଲି ଦୂତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ରାଜ୍ୟର ସମସ୍ତ ଜନସାଧାରଣଙ୍କ ଭଲପାଇବା ଏବଂ କ୍ରୀଡାପ୍ରେମୀଙ୍କ ଶୁଭେଚ୍ଛା ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି। ବିବାଦୀୟ ହାଇପରଆଣ୍ଡ୍ରୋଜେନିଜମ୍ ନିୟମ ପାଇଁ ଦୂତୀଙ୍କ କ୍ୟାରିୟର ୨୦୧୪ରେ ସଙ୍କଟ ମଧ୍ୟକୁ ଚାଲିଯାଇଥିଲା।




ସଚିବାଳୟଠାରେ ଶୁକ୍ରବାର ଦୂତୀ ଚାନ୍ଦଙ୍କୁ ସ୍ୱାଗତ କରିବା ସହ ଚେକ୍ ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

- ରାଜଧାନୀରେ ଭବ୍ୟ ସ୍ୱାଗତ
- ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା
- ୩ କୋଟି ଟଙ୍କାର ଚେକ୍ ପ୍ରଦାନ

ଫଳରେ ସେ ସେତେବେଳେ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇପାରି ନ ଥିଲେ। ହେଲେ ୧୦ ଜଣ ଆଇନଜୀବୀଙ୍କ ପ୍ରଚେଷ୍ଟାରୁ ଦୂତୀ କୋର୍ଟ ଫର ଆର୍ବିଟ୍ରେଶନ ଅଫ୍ ସ୍ପୋର୍ଟ୍ସ (କାସ୍)ରେ ନ୍ୟାୟ ପାଇଥିଲେ। ଏସିଆଡ୍ ସଫଳତା ପରେ ଦୂତୀ ଅତୀତର ସେଇ କେତେଦିନ ମନେ ପକାଇ ଭାବବିହ୍ୱଳ ହୋଇଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କଠାରୁ ବିଦାୟ ନେଇ ସେ କିଟ୍ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିଲେ। ଜାକର୍ତ୍ତାରେ ଅନୁଷ୍ଠିତ ମହିଳା ୧୦୦ ମିଟର ରେସ୍‌ରେ ସେ ୧୧.୩୨ ଓ ୨୦୦ ମିଟରରେ ୨୩.୨୦ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ। ଓଡ଼ିଶାର ପ୍ରଥମ ଆଥଲେଟ୍ ଭାବେ ସେ ଏହି ସଫଳତା ପାଇଥିଲେ। ପୂର୍ବରୁ ଓଡ଼ିଶାର କୌଣସି ଆଥଲେଟ୍ ଗୋଟିଏ ଏସିଆନ ଗେମ୍ସରେ ୨ଟି ପଦକ ଜିତି ନ ଥିଲେ।

## ୧୦୦ମିଟର ପଦକକୁ ନେଇ ଅଧିକ ଖୁସି: ଦୂତୀ

ଦେଶର ଦ୍ରୁତତମ ଧାବିକା ତଥା ତାରକା ମହିଳା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଚଳିତ ଏସିଆନ ଗେମ୍ସରେ ଦୁଇଟି ରୌପ୍ୟ ପଦକ ହାସଲ କରିଛନ୍ତି। ନିଜର ଦୁଇ ଫେଭରାଇଟ୍ ଇଭେଣ୍ଟ ୧୦୦ ଓ ୨୦୦ ମିଟର ଦୌଡରେ ସେ ରୌପ୍ୟ ଜିତି ଇତିହାସ ସୃଷ୍ଟି କରି ସବୁ ମହଲରୁ ପ୍ରଶଂସାର ପାତ୍ର ହୋଇଛନ୍ତି। ତେବେ ୨୦୦ ମିଟର ଅପେକ୍ଷା ୧୦୦ ମିଟର ପଦକ ମୋତେ ଅଧିକ ଆନନ୍ଦ ଦେଇଛି ବୋଲି ୨୨ ବର୍ଷୀୟା ଦୂତୀ କହିଛନ୍ତି। ଦୁଇଟି ପଦକ ଜିତି ଦୂତୀ କିମ୍ବଦନ୍ତୀ ଧାବିକା ତଥା ଦୌଡ଼ରାଣୀ ପି.ଟି. ଉଷାଙ୍କ ସମକକ୍ଷ ହୋଇଛନ୍ତି। ଉଷା ପୂର୍ବରୁ ଏସିଆନ ଗେମ୍ସରେ ଏକାଧିକ ପଦକ ହାସଲ କରିଥିଲେ।

ପଦକ ଜିତିବା ପାଇଁ ମୋତେ ବେଶ୍ କଠିନ ପରିଶ୍ରମ କରିବାକୁ ପଡିଥିଲା। ଏହି ମେଗା ଇଭେଣ୍ଟରେ ଦୁଇଟି ପଦକ ଜିତିବା ମୋ ପାଇଁ ଏକ ବଡ଼ ସଫଳତା। ତେବେ ୧୦୦ ମିଟର ପଦକକୁ ମୁଁ ଅଧିକ ପସନ୍ଦ କରୁଛି। କାରଣ ଏହି ଇଭେଣ୍ଟ ମୋର ସବୁଠାରୁ ଫେଭରାଇଟ। ୧୦୦ ମିଟର ଦୌଡ ଉପରେ ମୁଁ ସବୁବେଳେ ଫୋକସ କରିଥାଏ। ତେବେ ଅଳ୍ପକେ ମୁଁ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିପାରି ନ ଥିଲି ବୋଲି ସେ କହିଛନ୍ତି।

ଏସିଆନ ଗେମ୍ସ ୧୦୦ମିଟର ଇଭେଣ୍ଟରେ ଦୂତୀ ୧୧.୩୨ ସେକେଣ୍ଡ ସମୟ ନେଇ ରୌପ୍ୟ ଜିତିଥିଲେ। ତେବେ ବାହାରିନର ଓଡିଓଙ୍ଗ୍ ଏଡିଡିଅଙ୍ଗ୍ ୧୧.୩୦ ସେକଣ୍ଡ ନେଇ ସ୍ୱର୍ଣ୍ଣ ହାତେଇ ନେଇଥିଲେ। ସେହିପରି ଚାଇନାର ୱେଇ ୟୋଙ୍ଗଲି ୧୧.୩୩ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲେ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଦୂତୀ ଭାରତୀୟ ଦଳରୁ ବାଦ ପଡିଥିଲେ। ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ)ର ହାଇପରଆଣ୍ଡ୍ରୋଜେନିଜମ ନୀତି କାରଣରୁ ସେ କ୍ରୀଡ଼ାରୁ ବାସନ୍ଦ ହୋଇଥିଲେ। ସେ ଏତିକି ବେଳେ ବେଶ୍ ଖରାପ ସମୟ ଦେଇ ଗତି କରିଥିଲେ। ତେବେ ଏତିକି ବେଳେ ତାଙ୍କୁ ବ୍ୟାଡମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ ସାହାଯ୍ୟର ହାତ ବଢାଇଥିଲେ। ଗୋପୀଚାନ୍ଦଙ୍କ ହାଇଦ୍ରାବାଦ ଏକାଡେମୀରେ ମୁଁ ୪ ବର୍ଷ ରହିଥିଲି। ଏଠାରେ ରହି ମୁଁ କୋର୍ଟ ଅଫ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ରେ ଆଇନଗତ ଲଢେଇ ଜାରି ରଖିଥିଲି। ଏହା ପରେ ମୁଁ ଜାତୀୟ, ଆନ୍ତର୍ଜାତିକ ଓ ଶେଷରେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲି ବୋଲି ଦୂତୀ କହିଛନ୍ତି। ଆଗାମୀ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମୁଁ ଫାଇନାଲକୁ ଉଠିବାର ଲକ୍ଷ୍ୟ ରଖିଛି।

ମୁଁ ଦୁଇଥର ସ୍ୱର୍ଣ୍ଣ ପଦକ ହରାଇଥିଲି। ବୋଧେ ଏହା ଭଗବାନଙ୍କର ଇଚ୍ଛା ଥିଲା। ପାରୁ ପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥିଲି। ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହେବା ନିଶ୍ଚିତ ଭାବେ ଆଘାତ ଦେଇଛି। ଏବେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଫାଇନାଲରେ ପହଞ୍ଚିବା ମୋର ମୁଖ୍ୟ ଲକ୍ଷ୍ୟ ରହିଛି। ରାଜ୍ୟ ସରକାର ମୋତେ ସବୁ ଦିଗରୁ ସମର୍ଥନ କରିଛନ୍ତି। ଆଗାମୀ ଅଲିମ୍ପିକ୍ସ ପର୍ଯ୍ୟନ୍ତ ରାଜ୍ୟ ସରକାର ମୋର ସବୁ ଖର୍ଚ୍ଚ ବହନ କରିବେ। ଏଥିପାଇଁ ରାଜ୍ୟ ସରକାରଙ୍କଠାରେ ମୁଁ କୃତଜ୍ଞ।

# ପୂଜାରାଙ୍କ ଶତକ

**ସାଉଥାମ୍ପଟନ, ୩୧।୮ (ପି.ଟି.)**

ସ୍ଥାନୀୟ ରୋଜ ବାଓଲଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟ ମ୍ୟାଚରେ ଭାରତ ଚେତେଶ୍ୱର ପୂଜାରାଙ୍କ ଶତକ ସତ୍ତ୍ୱେ ଆଖି ଦୃଶିଆ ସ୍କୋର କରିପାରିନାହିଁ। ଶୁକ୍ରବାର ଦ୍ୱିତୀୟ ଦିବସରେ ଭାରତର ଆରମ୍ଭ ଉତ୍ସାହଜନକ ରହିଥିଲା। କିନ୍ତୁ ମୋଇନ ଅଲି ୫ଟି ଉଇକେଟ ନେଇ ଭ୍ରମଣକାରୀ ଦଳର ସ୍କୋରକୁ ଅଧିକ ବାଟ ଆଗେଇବାକୁ ଦେଇ ନ ଥିଲେ। ଖବର ନେବାବେଳକୁ ଭାରତ ୯ ଉଇକେଟ ବିନିମୟରେ ୨୩୬ ରନ କରିଥିଲା।

ସକାଳେ ଭାରତ ପୂର୍ବଦିନର ଅସମାପ୍ତ ସ୍କୋର ୧୯/୦ରୁ ଖେଳ ଆରମ୍ଭ କରିଥିଲା। ପ୍ରଥମ ଦିବସ ଖେଳରେ ଭାରତୀୟ ପେସ୍ ବୋଲରମାନେ ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ଯେଭଳି ସମସ୍ୟାରେ ପକାଇଥିଲେ ସେହି ଆଶଙ୍କାରେ ଶିଖର ଧାୱନ (୨୩) ଓ କେ.ଏଲ ରାହୁଲ (୧୯) ଧୈର୍ଯ୍ୟର ସହିତ ଖେଳ ଆରମ୍ଭ କରିଥିଲେ। ଜେମ୍ସ ଆଣ୍ଡରସନ ବଲ୍ ମୁଭମେଣ୍ଟ କରାଇବାରେ ବିଫଳ ରହିଥିଲେ। କିନ୍ତୁ ଷ୍ଟୁଆର୍ଟ ବ୍ରଡ୍ ବାମହାତୀ ଧାୱନଙ୍କ ପାଇଁ କଣ୍ଟା ସାଜିଥିଲେ। ଦ୍ୱିତୀୟ ଦିବସ ଖେଳର ଚତୁର୍ଥ ତଥା ଇନିଂସର ୮ମ ଓଭରରେ ବ୍ରଡ ବ୍ରେକ୍ ଥ୍ରୁ ଆଣିବାରେ ସଫଳ ରହିଥିଲେ। ରାହୁଲଙ୍କୁ ସେ ଏଲବିଡବ୍ଲ୍ୟୁ କରିଦେଇଥିଲେ। ବ୍ୟାଟ୍ସମ୍ୟାନ ଡିଆରଏସର ସହାୟତା ନେଇଥିଲେ କିନ୍ତୁ ନିଷ୍ପତ୍ତି ଇଂଲଣ୍ଡ ସପକ୍ଷରେ ଯାଇଥିଲା। ୧୪ତମ ଓଭରରେ ଏହି ପେସ୍ ବୋଲର ଧାୱନଙ୍କ ବିରୋଧରେ ଏକ ଏଲବି ଡବ୍ଲ୍ୟୁ ଅପିଲ କରି ବିଫଳ ହୋଇଥିଲେ। ସେ ଡିଆରଏସର ମଧ୍ୟ ସହାୟତା ନେଇଥିଲେ। ମାତ୍ର ତାହା ବୃଥା ପ୍ରମାଣିତ ହୋଇଥିଲା। ବ୍ରଡ ଶେଷରେ ୧୮ତମ ଓଭରରେ ସଫଳ ହୋଇଥିଲେ। ଧାୱନଙ୍କୁ ସେ କଟ୍ ବିହାଇଣ୍ଡ କରାଇଥିଲେ। ଭାରତର ସ୍କୋର ସେତେବେଳକୁ ୫୦ ଛୁଇଁଥିଲା।



ଶତକ ହାସଲ ଅବସରରେ ଶଟ୍ ଖେଳୁଛନ୍ତି ଚେତେଶ୍ୱର ପୂଜାରା।

ମଧ୍ୟାହ୍ନଭୋଜନ ବିରତି ବେଳକୁ ଭାରତ ୨ ଉଇକେଟ ବିନିମୟରେ ୧୦୦ ରନ କରିଥିଲା। ଚେତେଶ୍ୱର ପୂଜାରା (୧୦୧*) ଓ ଅଧିନାୟକ ବିରାଟ କୋହଲି (୪୬) ତୃତୀୟ ଉଇକେଟରେ ୯୨ ରନ ଯୋଗ କରି ଦଳର ସ୍ଥିତିରେ ସୁଧାର ଆଣିଥିଲେ। ସାମ କୁରାନ କୋହଲିଙ୍କୁ ଆଲିଷ୍ଟର କୁକ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ କରି ଏହି ପାର୍ଟନରଶିପକୁ ଭାଙ୍ଗିଦେବା ପରେ ଭାରତ ଅଳ୍ପ ରନ ବ୍ୟବଧାନରେ ୫ ଜଣ ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ (୧୧), ରିଶଭ ପନ୍ତ(୦), ହାର୍ଦ୍ଦିକ ପାଣ୍ଡ୍ୟା(୪), ରବିଚନ୍ଦ୍ରନ ଅଶ୍ୱିନ (୧), ମହମ୍ମଦ ଶାମି (୦) ଓ ଇଶାନ୍ତ ଶର୍ମା (୧୪) ଙ୍କ ଉଇକେଟ ହରାଇଥିଲା। ରାହାନେଙ୍କୁ ବେନ୍ ଷ୍ଟୋକ୍ସ ଏଲବିଡବ୍ଲ୍ୟୁ କରିଥିବାବେଳେ ପନ୍ତ, ପାଣ୍ଡ୍ୟା, ଅଶ୍ୱିନ, ଶାମି ଓ ଇଶାନ୍ତ ମୋଇନ ଅଲିଙ୍କ ବୋଲିଂର ଶିକାର ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୨୪୬

**ଭାରତ ପ୍ରଥମ ଇନିଂସ:** ୨୩୬/୯ (ଚେତେଶ୍ୱର ପୂଜାରା–୧୦୧*, ବିରାଟ କୋହଲି–୪୬, ଶିଖର ଧାୱନ–୨୩ ; ମୋଇନ ଅଲି–୫/୫୮, ଷ୍ଟୁଆର୍ଟ ବ୍ରଡ୍–୨/୫୦, ସାମ୍ କୁରାନ–୧/୨୯, ବେନ୍ ଷ୍ଟୋକ୍ସ–୧/୨୩)।

## ବାସ୍କେଟ୍‌ବଲ ଚୟନ ଟ୍ରାଏଲ

**ଭୁବନେଶ୍ୱର, ୩୧।୮(କ୍ରୀଡ଼ା ପ୍ରତିନିଧି)**

ସେପ୍ଟେମ୍ବର ୬ରୁ ୯ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ୟୁଥ୍ ବାସ୍କେଟ୍‌ବଲ ଚାମ୍ପିୟନଶିପ୍ ରାଉରକେଲାରେ ଅନୁଷ୍ଠିତ ହେବ। ଏଥିପାଇଁ ଭୁବନେଶ୍ୱର ଦଳର ଚୟନ ଟ୍ରାଏଲ କଳିଙ୍ଗ ଷ୍ଟାଡିୟମରେ ସନ୍ଧ୍ୟା ୫ଟାରୁ ୬ଟା ପର୍ଯ୍ୟନ୍ତ ଶନିବାର ଅନୁଷ୍ଠିତ ହେବ। ୨୦୦୨ ଜାନୁୟାରୀ ୧ ପରେ ଜନ୍ମଗ୍ରହଣ କରିଥିବା ପିଲାମାନେ ଏଥିରେ ଭାଗ ନେଇପାରିବେ ବୋଲି ଭୁବନେଶ୍ୱର ଆଥ୍ଲେଟିକ୍ ଆସୋସିଏଶନ ସୂତ୍ରରୁ ପ୍ରକାଶ।




## କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟ ସ୍କୁଲ ଚେସ୍ ୮ରୁ

**କଟକ ଅଫିସ,୩୧।୮**

ଏସ୍ଆର୍ ଚେସ ସେଣ୍ଟର ଆନୁକୂଲ୍ୟରେ ସେପ୍ଟେମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଚାମ୍ପିୟନଶିପ ଅନୁଷ୍ଠିତ ହେବ। କଟକ ରେଳଷ୍ଟେଶନ ନିକଟସ୍ଥ ପୂର୍ବତଟ ରେଲୱେ ଇନ୍‌ଷ୍ଟିଚ୍ୟୁଟଠାରେ ହେବାକୁ ଥିବା ଏହି ଚାମ୍ପିୟନଶିପ୍‌ରେ ପୁରସ୍କାର ରାଶି ବାବଦ ମୋଟ୍ ୧୦ହଜାର ଟଙ୍କା ପ୍ରଦାନ କରାଯିବାକୁ ଥିବାବେଳେ ୮୦ଟି ଟ୍ରଫି ଓ ୯୦ଟି ପଦକ ପ୍ରଦାନ କରାଯିବ। ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର କିମ୍ବା ୨୦୦୩ ମସିହା ଜାନୁୟାରୀ ୧ ତାରିଖ ପରେ ଜନ୍ମଗ୍ରହଣ କରିଥିବା ଖେଳାଳି ଅଂଶଗ୍ରହଣ କରିପାରିବେ। ଭାଗନେବା ନିମନ୍ତେ ପ୍ରବେଶିକା ଶୁଳ୍କ ୩୦୦ଟଙ୍କା ରହିଛି। ଏହି ଅବସରରେ ବିଶ୍ୱ ଜୁନିୟର ଦୃଷ୍ଟିହୀନ ଚେସ୍‌ରେ ରୌପ୍ୟ ବିଜୟୀ ସୌନ୍ଦର୍ଯ୍ୟ ପ୍ରଧାନ, ବରିଷ୍ଠ କ୍ରୀଡ଼ା ଖବରଦାତା ଦେବୀ ପ୍ରସନ୍ନ ମହାନ୍ତି, ଅବସରପ୍ରାପ୍ତ ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ ବନମାଳୀ ବିଶୋୟୀ, ଏସିଆନ ସ୍କୁଲ ଚେସ୍‌ରେ ପଦକ ଜିତିଥିବା ଆରୁଷୀ ଶ୍ରୀଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହାଛଡ଼ା ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ନାମ ପଞ୍ଜୀକରଣ କରିବା ନିମନ୍ତେ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

## ସଂକ୍ଷେପରେ

### ଡେଙ୍ଗୁ ନେଲା ଜୀବନ

**ଗାଇସିଲେଟ, ୩୧।୮(ଡି.ଏନ.ଏ.)-** ଗାଇସିଲେଟ ବ୍ଲକ ତାଲପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜକେଡା ଗ୍ରାମର ଯାହ୍ନବୀ ବରିହା (୩୫)ଙ୍କ ଗୁରୁବାର ଡେଙ୍ଗୁରେ ମୃତ୍ୟୁ ଘଟିଛି। ଜ୍ୱର ହେବାରୁ ସେ ପ୍ରଥମେ ତାଲପାଲି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । ପରେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ । ସେଠାରେ ଡେଙ୍ଗୁ ଚିହ୍ନଟ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।

### ଟ୍ରେନରୁ ଖସି ଯୁବକ ଗୁରୁତର

**ବାମରା,୩୧।୮(ସ୍ୱ.ପ୍ର.)–**ସମ୍ବଲପୁର ଜିଲା ବାମରା-ଧାରୁଆଡିହି ମଧବର୍ତ୍ତୀ ରାମଣଡିହି ନିକଟରେ ଶୁକ୍ରବାର ସକାଳେ ଏକ ଚଳନ୍ତା ଟ୍ରେନରୁ ଖସି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଏହି ଯୁବକ ଜଣକ ହେଲେ ପଶ୍ଚିମବଙ୍ଗ ହାୱଡା ଅଞ୍ଚଳର ରଞ୍ଜନ ବିଶ୍ୱାଳଙ୍କ ପୁଅ ଅଜୟ ଉଇଲିୟମ ବିଶ୍ୱାସ (୩୨)। ତାଙ୍କୁ ଚିକିତ୍ସା ପାଇଁ ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାୟରେ ଭର୍ତ୍ତି କରାଯାଇଛି।

■ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ

# ସ୍ୱପ୍ନ ନେଲା ବାସ୍ତବ ରୂପ

**ବଲାଙ୍ଗୀର ଅଫିସ, ୩୧।୮**

ଦୀର୍ଘ ୧୮ ବର୍ଷର ପ୍ରତୀକ୍ଷା ଶେଷ ହେବା ପରେ ସ୍ୱପ୍ନ ଆଜି ବାସ୍ତବ ରୂପ ନେଇଛି । ବଲାଙ୍ଗୀର ଗନ୍ଧରେଲ ପାହାଡ ପାଦଦେଶରେ ଦଣ୍ଡାୟମାନ ହୋଇଛି ବହୁ ପ୍ରତୀକ୍ଷିତ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଡିକାଲ କଲେଜକୁ ଶୁକ୍ରବାର ଉଦ୍‌ଘାଟନ କରିବା ପରେ ବଲାଙ୍ଗୀର ଜିଲା ସମେତ ପଶ୍ଚିମ ଓଡିଶାରେ ଖୁସିର ଲହରି ଖେଳିଯାଇଛି। ଏହିଅବସରରେ ଛାତ୍ରୀଛାତ୍ର, ଅଧାପକ, ଅଭିଭାବକ, ଡାକ୍ତର ଓ ଜନସାଧାରଣ ସେମାନଙ୍କର ଖୁସି ଜାହିର କରିଛନ୍ତି ।

**ଭାବବିହ୍ୱଳ ହେଲେ ଛାତ୍ରୀଛାତ୍ର, ସାଧାରଣ ଜନତା**

**ସେମାନେ ଯାହା କହନ୍ତି...**


ସୁଶ୍ରୀ ପ୍ରତିଭା ତ୍ରିପାଠୀ


ସାଇଶିଖା ପ୍ରଧାନ


ଶ୍ରୀଦିପ ସାହୁ


ଆକାଂକ୍ଷା ସିଂ


ଆଶୁତୋଷ ପାତ୍ର


ଗୋଲକ ବିହାରୀ ସାହୁ


ଡ.ଶ୍ରୀନିବାସ ଉଦ୍‌ଗାତା


ଡ. ମଧୁସୂଦନ ପତି

“ ଭୀମଭୋଇ ମେଡିକାଲ କଲେଜ ଉଦ୍‌ଘାଟନ ହେବା ପରେ ବହୁ ଖୁସି ଲାଗୁଛି । ପ୍ରଥମ ବ୍ୟାଚ୍‌ରେ ଡାକ୍ତରୀ ଛାତ୍ରୀ ଭାବେ ଆମେ ଗର୍ବିତ । ଏଠାରୁ ଜଣେ ଭଲ ଡାକ୍ତର ଭାବେ ବାହାରିବାର ଇଚ୍ଛା ରଖିଛି।

*–ସୁଶ୍ରୀ ପ୍ରତିଭା ତ୍ରିପାଠୀ, ମେଡିକାଲ ଛାତ୍ରୀ, ବାଲେଶ୍ୱର*

“ ବାସ୍ତବିକ ଆଜି ଏକ ଐତିହାସିକ ଦିନ । ବୁର୍ଲା ପରେ ପଶ୍ଚିମ ଓଡିଶାରେ ଆଉ ଏକ ମେଡିକାଲ କଲେଜ ପ୍ରତିଷ୍ଠା ହେଲା। ଆମ ସ୍ୱପ୍ନ ସାକାର ହେବା ଦେଖି ଖୁସି ଲାଗୁଛି।

*–ସାଇଶିଖା ପ୍ରଧାନ, ମେଡିକାଲ ଛାତ୍ରୀ, ସମ୍ବଲପୁର*

“ ଭୀମ ଭୋଇ ମେଡିକାଲ କଲେଜ ଉଦ୍‌ଘାଟନୀ ଉତ୍ସବରେ ନିଜକୁ ସାମିଲ କରି ମୁଁ ଖୁସି। ଆଶା କରୁଛି ଏହି କଲେଜରୁ ପାଠପଢ଼ି ଭଲ ଡାକ୍ତର ହୋଇ ଲୋକଙ୍କ ସେବା କରିବି।

*–ଶ୍ରୀଦିପ ସାହୁ, ମେଡିକାଲ ଛାତ୍ରୀ, ଅନୁଗୋଳ*

“ ମୂଳରୁ ମେଡିକାଲ ପାଠ ପଢ଼ିବାର ଇଚ୍ଛାଥିଲା । ଏହି ଆଶା ଏବେ ବଲାଙ୍ଗୀରରେ ପୂରଣ ହୋଇଛି। ମୁଁ ପ୍ରଥମ ଛାତ୍ରୀଭାବେ ଏଠାରେ ଆଡମିଶନ୍ ନେଇଥିଲି। ଆଜି ବହୁତ ଖୁସି ଲାଗୁଛି।

*–ଆକାଂକ୍ଷା ସିଂ, ମେଡିକାଲ ଛାତ୍ରୀ, ସରଗୁଜା, ଛତିଶଗଡ*

“ ପ୍ରଥମ ଛାତ୍ର ଭାବେ ଏହି କଲେଜରେ ମୁଁ ଆଡମିଶନ୍ କରିଥିଲି । ଆଜି ଏହି କଲେଜର ଉଦ୍‌ଘାଟନୀ ସଭାରେ ସାମିଲ ହୋଇଥିଲି । ଏଠାରେ ଜଣେ ଭଲ ଡାକ୍ତର ହେବାର ଆଶା ରଖିଛି ।

*–ଆଶୁତୋଷ ପାତ୍ର, ମେଡିକାଲ ଛାତ୍ର, ମୟୁରଭଞ୍ଜ*

“ ଆଜି ଭୀମଭୋଇ ମେଡିକାଲ କଲେଜର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ବେଶ୍ ଖୁସି । ଏଠାରେ ଭଲ ପାଠପଢ଼ା ହେବ ବୋଲି ଆଶା ରଖିଛି । ଏଠାକାର ସୁନ୍ଦର ପରିବେଶ ମନଲୋଭା ହୋଇଛି ।

*–ଗୋଲକ ବିହାରୀ ସାହୁ, ମେଡିକାଲ ଛାତ୍ର, ରେଢ଼ାଖୋଲ*

“ ବହୁତ ଦିନର ସ୍ୱପ୍ନ ସାକାର ହୋଇଛି । ତେବେ ଏଠାରେ ମେଶିନ୍ ଅପେକ୍ଷା ଭାବାବେଗ ବେଶୀ କାମ କରିବ । ଆମେ ଆଶା କରୁଛୁ ଏଠାକାର ଡାକ୍ତର ଛାତ୍ରୀଛାତ୍ରମାନେ ଭଲ ଡାକ୍ତର ହୋଇ ଜନସେବାରେ ନିୟୋଜିତ ହେବେ।

*–ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା, କବି ଓ କଥାକାର*

“ ଆଜି ଆମ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ନିଶ୍ଚୟ। ତେବେ ଏତିକିରେ ଦାୟିତ୍ୱ ସରିଯିବ ନାହିଁ। ଏବେ ଆମ ନେତା, ସିଭିଲ ସୋସାଇଟି ଓ ଜନସାଧାରଣଙ୍କ ଦାୟିତ୍ୱ ବଢ଼ିଯାଇଛି। ଆଗକୁ ଯେଭଳି ଏହି ଅନୁଷ୍ଠାନ ସୁନାମଧନ୍ୟ ଅନୁଷ୍ଠାନ ହେବ ଓ ଜନସେବାରେ ଉତ୍ସର୍ଗ ହେବ ସେଥିପ୍ରତି ସମସ୍ତେ ଧ୍ୟାନଦ ଦେବା ଉଚିତ୍ ।

*– ପ୍ରଫେସର ଡ ମଧୁସୂଦନ ପତି, ବଲାଙ୍ଗୀର*

### ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ



**ଢେଙ୍କାନାଳ ଅଫିସ, ୩୧।୮**

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ମହାଲୁଣ୍ଡା ପଞ୍ଚାୟତର ନୂଆପଡା ଗ୍ରାମ ଡେଙ୍ଗବୁରୀ ଜଙ୍ଗଲରେ ଶୁକ୍ରବାର ସକାଳେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ଜନ୍ତୁ ଶିକାର ପାଇଁ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ହୁକ ପକାଯାଇ ଜଙ୍ଗଲରେ ତାର ବିଛାଯାଇଥିବା ବେଳେ ଏହା ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି। ସକାଳେ ହାତୀ ମରିପଡିଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ମଧୁସୂଦନ ପାତ୍ର, ବନପାଳ ଆର୍ଯ୍ୟରଞ୍ଜନ ସାହୁ ହାତୀ ସ୍କ୍ୱାଡ୍ କର୍ମଚାରୀଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀ ଦାୟିତ୍ୱରେ ଥିବା ମିରେଜ ପ୍ରଦୀପ ଦେବୀଦାସ, ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ର ନାଥ ଦାସ କର୍ମଚାରୀଙ୍କ ସହ ପହଞ୍ଚି ତଦନ୍ତ କରିଥିଲେ। ଅପରାହ୍ନରେ ରାସୋଳ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଡାକ୍ତର ବ୍ୟବଚ୍ଛେଦ କରିବା ପରେ ବିଭାଗ ପକ୍ଷରୁ ୨ଟି ଦାନ୍ତକୁ ଜବତ କରାଯାଇ ହାତୀ ମୃତଦେହ ସେଠାରେ ପୋତି ଦିଆଯାଇଥିଲା। ଘଟଣାସ୍ଥଳରୁ କିଛି ବିଦ୍ୟୁତ୍ ତାର ଜବତ କରାଯାଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହାକୁ ମିଶାଇ ଗତ ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ଜିଲାରେ ପ୍ରାୟ ୧୧ ହାତୀଙ୍କ ମୃତ୍ୟୁ ଘଟିଛି। ସେଥିରୁ ବିଦ୍ୟୁତ୍ ଆଘାତରେ ୨ଟି ହାତୀ ପ୍ରାଣ ହରାଇଥିବା ବିଭାଗ ସୂତ୍ରରୁ ଜଣାପଡିଛି।

## ବୃଦ୍ଧଙ୍କୁ ଦଳି ମାରିଲା ହାତୀ

■ କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**କନ୍ଧମାଳ,୩୧।୮ (ଡି.ଏନ.ଏ.)**

ବୌଦ୍ଧ ଜିଲା କନ୍ଧମାଳ ରେଞ୍ଜ୍ ଅଧୀନ ଶିରମାଳ ମାଙ୍କଡଡିଆଁ ନାଳ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କନ୍ଧମାଳ କଲରାଗୋଠା ଗାଁର କରୁଣାକର ରଣା (୫୬) । ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଗ୍ରାମବାସୀ ୪୧ନମ୍ବର ରାଜ୍ୟ ରାଜପଥର ଶିରମାଳଠାରେ ଶବରଖି ୨ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ । ଖବର ପାଇ ଘଟଣାସ୍ଥଳକୁ ମାଜଷ୍ଟ୍ରେଟ୍ ଭାବେ କନ୍ଧମାଳ ତହସିଲଦାର ବନ୍ଦନା ଖଟୁଆ ଓ ଥାନା ଅଧିକାରୀ ନରେଶ ପ୍ରଧାନ ପହଞ୍ଚି ଲୋକଙ୍କୁ ବୁଝାଇବା ସହ ରେଡକ୍ରସ୍‌ରୁ ୧୦ହଜାର, ବନ ବିଭାଗ ପକ୍ଷରୁ ୫ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରୁ ୨ହଜାର ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ କରିଥିଲେ । ପରିବାର ପକ୍ଷରୁ ଡିଏଫ୍‌ଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କନ୍ଧମାଳ ରେଞ୍ଜରଙ୍କୁ ପ୍ରଦାନ କରାଯାଇଥିଲା । ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ ପ୍ରତ୍ୟାହାର କରିଥିଲେ । ଜଙ୍ଗଲ ବିଭାଗ ଶବ ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ପଠାଇଥିବା ଜଣାଯାଇଛି ।



## ଭିତରକନିକାରେ ୯୧,୨୨୪ ଦେଶୀୟ ପକ୍ଷୀ

**ପକ୍ଷୀ ଗଣନା ଶେଷ**

■ ଗତ ବର୍ଷଠାରୁ ୧୩,୨୬୬ ପକ୍ଷୀ କମ୍

**ରାଜନଗର, ୩୧।୮ (ଡି.ଏନ୍.ଏ.)**

ପକ୍ଷୀବିହାର ଭାବେ ପରିଚିତ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତ ବର୍ଷ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଛି। ଗତବର୍ଷ ଭିତରକନିକାରେ ୧ ଲକ୍ଷ ୪ ହଜାର ୪୯୦ ଦେଶୀୟ ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ୯୧ ହଜାର ୨୨୪ ପକ୍ଷୀ ଆସିଛନ୍ତି। ଗତ ବର୍ଷ ଅପେକ୍ଷା ୧୩ ହଜାର ୨୬୬ ପକ୍ଷୀ କମ୍ ଆସିଛନ୍ତି। ତେବେ ଜଳବାୟୁର ପରିବର୍ତ୍ତନ ଓ ବିଶ୍ୱତାପନ ଯୋଗୁ ଭିତରକନିକାର ଜୈବ ବିବିଧତା ପ୍ରଭାବିତ ହେଉଥିବାରୁ ପକ୍ଷୀ ସଂଖ୍ୟା କମିଥିବା ଜଣାପଡିଛି। ଏ ନେଇ ପ୍ରକୃତି ପ୍ରେମୀ ଓ ପରିବେଶବିତ୍‌ମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନାଥାଉ କି, ଗତ ଅଗଷ୍ଟ ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଭିତରକନିକାରେ ଦେଶୀୟ ପକ୍ଷୀମାନଙ୍କ ଗଣନା କରାଯାଇଥିଲା। କନିକା ଅତିରିକ୍ତ ବନ ସଂରକ୍ଷକ ସୁବ୍ରତ ପାତ୍ର ଓ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ୩ଟି ଟିମ୍ ଏହି ଗଣନାରେ ସାମିଲ ହୋଇଥିଲେ।

## କେରମେଲି ଜଙ୍ଗଲ ଅଞ୍ଚଳରେ ହାତୀ ଆତଙ୍କ

**ନୂଆପଡା ଅଫିସ,୩୧।୮**

ସ୍ଥାନୀୟ ନୂଆପଡା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ କେରମେଲି ଜଙ୍ଗଲ ଅଞ୍ଚଳରେ ଆଜକୁ ଦୁଇ ଦିନ ହେବ ହାତୀ ଆତଙ୍କରେ ଲୋକେ ଭୟଭୀତ ହୋଇପଡିଛନ୍ତି। ପଡୋଶୀ ଛତିଶଗଡ ଅଞ୍ଚଳରୁ ସୁନାବେଡା ଅଭୟାରଣ୍ୟକୁ ଏକ ହାତୀପଲ ପ୍ରବେଶ କରିଛନ୍ତି । ଏହି ପଲରେ ୩/୪ଟି ହାତୀ ଥିବା ବନ ବିଭାଗ ଅନୁମାନ କରିଛି । ଦିନକ ତଳେ ସୁନାବେଡା ଅଭୟାରଣ୍ୟ ତଳି ଅଞ୍ଚଳ ଖୁଟବନ ଭେରା ଗ୍ରାମପଞ୍ଚାୟତ ସାଧୁପଣ୍ଡ୍ରିପାଣି ଗାଁକୁ ଆସିଥିଲେ । ଏହି ଗାଁର କେତେଜଣ ଚାଷୀଙ୍କୁ ଚାଷ ନଷ୍ଟ କରି ପୁଣି ଥରେ ଜଙ୍ଗଲକୁ ଚାଲିଯାଇଥିଲେ । ଶୁକ୍ରବାର ନୂଆପଡାରୁ ବନ ବିଭାଗ କର୍ମଚାରୀମାନେ ଯାଇ ଘଉଡାଉଛନ୍ତି। ଏହି ଅଞ୍ଚଳକୁ ଲୋକମାନଙ୍କୁ ନ ଯିବାକୁ ସତର୍କ କରି ଦିଆଯାଇଛି । ଲୋକମାନେ ଭୟରେ ସନ୍ଧ୍ୟା ହେଲେ ତାଟିକବାଟ ବନ୍ଦ କରିଦେଉଥିବା ଦେଖିବାକୁ ମିଳିଛି ।

■ ନ୍ୟାଶନାଲ କଲେଜକୁ ସରକାରୀ ମାନ୍ୟତା ଦାବି

# ରାସ୍ତାକୁ ଓହ୍ଲାଇଲେ ଛାତ୍ରୀଛାତ୍ର

■ ଜିଲା ହେଡକ୍ୱାର୍ଟରରେ ଉଚ୍ଚଶିକ୍ଷା ଉଜୁଡିଲା

■ ସରକାରଙ୍କ ବୈମାତୃକ ମନୋଭାବ ଅଭିଯୋଗ

■ ସରକାର ନ ଶୁଣିଲେ ଆନ୍ଦୋଳନ ହେବ

**ନୂଆପଡା ଅଫିସ,୩୧।୮**


ନ୍ୟାଶନାଲ କଲେଜକୁ ସରକାରୀ ମାନ୍ୟତା ଦାବିରେ ଛାତ୍ରୀଛାତ୍ର ଜାତୀୟ ରାଜପଥକୁ ଅବରୋଧ କରି ବସିଛନ୍ତି ।

ନୂଆପଡା ଏକ ଆଦିବାସୀ ଅଧୁଷିତ ଉପାନ୍ତ ଜିଲା । ଏଠାରେ ଶିକ୍ଷାର ମାନ ଅତି ନିମ୍ନରେ ରହିଛି । ଉଚ୍ଚ ଶିକ୍ଷା କ୍ଷେତ୍ରରେ କୌଣସି ପ୍ରକାର ସୁବିଧା ନାହିଁ । ନୂଆପଡା ନ୍ୟାସନାଲ କଲେଜକୁ ସରକାରୀ ମାନ୍ୟତା ଦାବି ହେଉଥିଲେ ମଧ୍ୟ ରାଜ୍ୟ ସରକାର ଅଣଦେଖା କରୁଛନ୍ତି । ବର୍ତ୍ତମାନ ସରକାର ରାଜ୍ୟର ୧୧ଟି କଲେଜକୁ ସରକାରୀ ଘୋଷଣା କରିଥିଲେ ହେଁ ଏଥିରୁ ନୂଆପଡାକୁ ବାଦ୍ ଦିଆଯାଇଛି । ଏହାକୁ ନେଇ କଲେଜ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଯାହା ଶୁକ୍ରବାର ଏଠାରେ ଦେଖିବାକୁ ମିଳିଛି । କଲେଜ ଛାତ୍ରୀଛାତ୍ରମାନେ ଜାତୀୟ ରାଜପଥକୁ ଓହ୍ଲାଇଛନ୍ତି । ଜାତୀୟ ରାଜପଥ ୩୫୩କୁ ଅବରୋଧ କରି ଆନ୍ଦୋଳନ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ କଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟକାଳ ଯାଏଁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ଶୁକ୍ରବାର ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପତ୍ରାଙ୍କ ସଂଖ୍ୟା ୨୪୫୪୬/୧୮ରେ ରାଜ୍ୟର ବାଲେଶ୍ୱର, କେଉଁଝର, କନ୍ଧମାଳ, ମୟୁରଭଞ୍ଜ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, ସମ୍ବଲପୁର ଏବଂ ସୁନ୍ଦରଗଡ ଜିଲାର ୧୧ଟି କଲେଜକୁ ସରକାରୀ ମାନ୍ୟତା ଦେଇଥିବା ଘୋଷଣା କରିଥିଲେ । ଏହା କୌଣସି ସୂତ୍ରରୁ ଖବର ପାଇବା ପରେ ନ୍ୟାସନାଲ କଲେଜରେ ଛାତ୍ର ଅଶାନ୍ତି ଦେଖାଦେଇଥିଲା । ପୂର୍ବାହ୍ନ ୧୧ଟାରେ ତୁରନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଠକ ବସିଥିଲା । ଏହା ଉପରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଜରୁରୀ ମନେକରି ମଧ୍ୟାହ୍ନ ୧୨ଟାରେ ଜାତୀୟ ରାଜପଥକୁ ଓହ୍ଲାଇଥିଲେ । କଲେଜ ଗେଟ ସମ୍ମୁଖରେ ୬ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ରୁଣ୍ଡ ହୋଇ ଦୀର୍ଘ ସମୟ ଧରି ନାରାବାଜି କରି ସରକାରୀ ମାନ୍ୟତା ଦେବାକୁ ଦାବି କରିଥିଲେ । ଏଥିରେ ଏବିଭିପି ତରଫରୁ ଛାତ୍ର ନେତା, ଜିଲା ସଂଯୋଜକ ରିଙ୍କୁ ବଗର୍ତ୍ତି, ବରିଷ୍ଠ କର୍ମକର୍ତ୍ତା ଦୃଷ୍ଟି ଚନ୍ଦ୍ର ମାଝି, ଆମ ଆଦମୀ ପାର୍ଟିରୁ ଅଂଶୁମାନ ଶତପଥି, ଭାଜପା ତରଫରୁ ଟେକରାମ ସାହୁ, ଟେକରାମ ସାହୁ, ଯୁବ କଂଗ୍ରେସର ରବୀନ୍ଦ୍ର ମଙ୍ଗରାଜ ପ୍ରମୁଖ ଯୋଗଦେଇ ନେତୃତ୍ୱ ନେଇଥିଲେ । ଦୀର୍ଘ ସମୟ ଧରି ଆନ୍ଦୋଳନ କରିବା ପରେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ଘଟଣାସ୍ଥଳରେ ପହଞ୍ଚିଥିଲେ । ତାଙ୍କୁ ଛାତ୍ର ସଙ୍ଗଠନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ନୂଆପଡାକୁ ତୁରନ୍ତ ସରକାରୀ କଲେଜର ମାନ୍ୟତା ପ୍ରଦାନ କରିବାକୁ ଦାବି କରାଯାଇଛି । କୌଣସି କାର୍ଯ୍ୟାନୁଷ୍ଠାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇଛି । ଅନ୍ୟପକ୍ଷେ ଅତିରିକ୍ତ ଜିଲାପାଳ ପଟେଲ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି କହିବାରୁ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଓହରିଥିଲେ । ଜାତୀୟ ରାଜପଥରେ ଶତାଧିକ ଗାଡିମୋଟର ଅଟକି ରହିଥିଲା । ନୂଆପଡା ପୋଲିସ ତରଫରୁ ଥାନାଧିକାରୀ ବିବେକାନନ୍ଦ ମହନ୍ତ ନିଜ ଟିମ ସହ ଆନ୍ଦୋଳନସ୍ଥଳରେ ପହଞ୍ଚି ଆଇନ ଶୃଙ୍ଖଳା ବ୍ୟବସ୍ଥା ବୁଝିଥିଲା । ଏହାକୁ ନୂଆପଡାରେ ବିଭିନ୍ନ ସଙ୍ଗଠନ ତରଫରୁ ସମର୍ଥନ କରି ସରକାରଙ୍କ ଏହା ଉଦାସୀନତାର ପରିଚୟ ହୋଇଛି ବୋଲି ନିନ୍ଦା କରାଯାଇଛି ।




■ ୧୬ଦିନରେ ଶିକ୍ଷକଙ୍କ ଆନ୍ଦୋଳନ

## ସାମିଲ ହେବେ ଛାତ୍ରୀଛାତ୍ର, ଅଭିଭାବକ

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ଏବଂ ଅବସରକାଳୀନ ସୁବିଧାସୁଯୋଗ ପ୍ରଦାନ କରିବା ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତମଞ୍ଚର ଆନ୍ଦୋଳନ ଶୁକ୍ରବାର ୧୬ ଦିନରେ ପହଞ୍ଚିଛି। ଆସନ୍ତା ସେପ୍ଟେମ୍ବର ୫ରେ ସମସ୍ତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ଗାନ୍ଧୀମାର୍ଗରେ ଏକତ୍ରିତ ହୋଇ ଗୁରୁଦିବସକୁ କଳାଦିବସ ଭାବେ ପାଳନ କରିବେ। ଏଥିସହ ୪ହଜାର ବିଦ୍ୟାଳୟ ଏବଂ ଦେଢ଼ ହଜାର ମହାବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ସେମାନଙ୍କ ଅଭିଭାବକଙ୍କ ସହିତ ଭୁବନେଶ୍ୱର ଆସି ଏହି ଆନ୍ଦୋଳନରେ ସାମିଲ ହେବେ ବୋଲି ଶୁକ୍ରବାର ମିଳିତମଞ୍ଚ ଆବାହକ ମଣ୍ଡଳୀ ସଦସ୍ୟ ପବିତ୍ର ମହାଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଗୁରୁଦିବସ ପୂର୍ବରୁ ସରକାର ସମସ୍ୟା ସମାଧାନ କରନ୍ତୁ। ନଚେତ୍ ଗୁରୁଦିବସ ଦିନଠାରୁ ହିଁ ସ୍କୁଲ କଲେଜ ବନ୍ଦ ରହିବ। ଛାତ୍ର–ଶିକ୍ଷକ–ଅଭିଭାବକଙ୍କୁ ନେଇ ଏକ ବୃହତ୍ ମଞ୍ଚ ତିଆରି ହେବ ବୋଲି ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ

### ସିପିଆଇର ଆମରଣ ଅନଶନ ପ୍ରତ୍ୟାହୃତ

ବୌଦ୍ଧ,୩୧।୮(ସ୍ୱ.ପ୍ର): ୨୫ ଦଫା ଦାବି ନେଇ ବୁଧବାର ଠାରୁ ବୌଦ୍ଧ ଜିଲାପାଳଙ୍କ ଅଫିସ୍ ଆଗରେ ସିପିଆଇ ପକ୍ଷରୁ ଚାଲିଥିବା ଆମରଣ ଅନଶନ ତିନିଦିନ ପରେ ପ୍ରତ୍ୟାହୃତ ହୋଇଛି। ଶୁକ୍ରବାର ଏହି ଅନଶନ ତୃତୀୟ ଦିନରେ ପହଞ୍ଚିଥିଲା । ପ୍ରଶାସନ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟନାୟକ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ରଞ୍ଜନ ନାଏକ, ଏଡିଏମଓ ବୌଦ୍ଧ, ବୌଦ୍ଧ ଟେଲିକମ ଏସଡିଓ, ଜିଲା ଶ୍ରମ ଅଧିକାରୀ ପ୍ରମୁଖ ଯାଇ ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଜିଲା ପ୍ରଶାସନ ପକ୍ଷରୁ ଚାଷୀଙ୍କ ସବସିଡ ଇନପୁଟ, ଜଙ୍ଗଲ ଜମିପଟା, ବକେୟା ଥିବା ବୀମାରାଶି ଆଦି ଉପରେ ତୁରନ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଅନ୍ୟ ଦାବିଗୁଡିକ ମଧ୍ୟ ଉଚ୍ଚସ୍ତରରେ ଆଲୋଚନା କରି ପଦକ୍ଷେପ ନେବାକୁ ମଧ୍ୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ସିପିଆଇ ସମ୍ପାଦକ ଅବକାଶ ସାହୁଙ୍କୁ ପଚାରିବାରୁ ଦୁଇ ମାସ ମଧ୍ୟରେ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କହିଥିଲେ। ଉପଜିଲାପାଳ ନାଏକଙ୍କୁ ପଚାରିବାରୁ ଜିଲା ପ୍ରଶାସନ ଦ୍ୱାରା ଯେଉଁ ସମସ୍ୟାର ସମାଧାନ ହୋଇପାରିବ ସେ ନେଇ ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି କହିଥିଲେ। ଆମରଣ ଅନଶନରେ ସିପିଆଇ ନେତା ଅବକାଶ ସାହୁ, ପବିତ୍ର ବେହେରା, ପ୍ରଦୀପ କୁମାର ସାହୁ, ସତ୍ୟ କହଁର ଓ ନେତ୍ରାନନ୍ଦ କହଁର ବସିଥିଲେ ।

ମାଟ୍ରିକ ପ୍ରଶ୍ନପତ୍ର ଢାଞ୍ଚା ବଦଳିବା ପ୍ରସଙ୍ଗ

# ଶିକ୍ଷାବର୍ଷ ଆରମ୍ଭରୁ ହେବାର ଥିଲା

ଅମରପାଲି, ୩୧।୮(ଡି.ଏନ.ଏ.)

ଚଳିତ ଶିକ୍ଷାବର୍ଷରୁ ବଦଳିବ ମାଟ୍ରିକ ପ୍ରଶ୍ନପତ୍ର ଢାଞ୍ଚା। ୨୦୧୯-୨୦ ଶିକ୍ଷାବର୍ଷରୁ ଉଠିବ ଓ ଏମଆର ବ୍ୟବସ୍ଥା। ଅବଜେକଟିଭ ଓ ସବଜେକଟିଭ ୫୦-୫୦ ମାର୍କ ଲେଖାଏଁ ରହିବ। ମାତ୍ର ଅବଜେକଟିଭରେ ପ୍ରଶ୍ନପତ୍ରର ବିକଳ୍ପ ଉତ୍ତର ରହିବ ନାହିଁ। ତେବେ ଚଳିତ ଶିକ୍ଷାବର୍ଷଠାରୁ ଏହି ବ୍ୟବସ୍ଥାରେ ନବମ ଶ୍ରେଣୀ ପିଲା ପରୀକ୍ଷା ଦେବେ। ମାତ୍ର ୨୦୧୮-୧୯ରେ ମାଟ୍ରିକ ପରୀକ୍ଷାରେ ଓଏମଆର ସିଟ୍ ୪ଟି ସେଟ ବିଶିଷ୍ଟ ହେବା ବେଳେ ପ୍ରତି ସେଟର ପ୍ରଶ୍ନପତ୍ର ପ୍ରତ୍ୟେକଠାରୁ ଭିନ୍ନ ରହିବ। ଏଣିକି ସବଜେକଟିଭରେ ୧୫ ଓ ଅବଜେକଟିଭରେ ୧୫ମାର୍କ ଲେଖାଏ ରଖିବାକୁ ଦେବ। ମାଟ୍ରିକ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ଶିକ୍ଷା ବିଭାଗ ଦ୍ୱାରା ବଦଳିଥିବା ପ୍ରଶ୍ନପତ୍ର ଢାଞ୍ଚାକୁ ସ୍ୱାଗତ କରାଯାଇଥିବା ବେଳେ ଏହା ଶିକ୍ଷାବର୍ଷ ଆରମ୍ଭରୁ କରିଥିଲେ ଭଲ ହୋଇଥାନ୍ତା ବୋଲି ସାଧାରଣରେ ଛାତ୍ରୀଛାତ୍ରଙ୍କ ମତ ପ୍ରକାଶ ପାଇଛି। ବଦଳିଥିବା ପ୍ରଶ୍ନପତ୍ର ଢାଞ୍ଚାକୁ ନେଇ କିଛି ଛାତ୍ରୀଛାତ୍ର ଦେଇଥିବା ମତାମତକୁ ନେଇ ଏକ ଉପସ୍ଥାପନା।

**ଏମାନେ ଯାହା କୁହନ୍ତି...**



“ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆଗରୁ ଜଣେ ଅବଜେକଟିଭ୍‌ରେ ୫୦ରୁ ୫୦ ନମ୍ବର ରଖି ସବଜେକଟିଭରେ କିଛି ନ ଲେଖିଲେ ମଧ ଭଲ ଡିଭିଜନରେ ପାସ୍ କରିଯାଉଥିଲେ କିଛି ପରୀକ୍ଷାର୍ଥୀ। ଅସତ୍ ଉପାୟ ଅବଲମ୍ବନ କରି ତାର ଫାଇଦା ନେଉଥିଲେ। ନୂତନ ଢାଞ୍ଚାରେ ପ୍ରଶ୍ନପତ୍ର ହେବା ଦ୍ୱାରା ଉଭୟ ସବ୍‌ଜେକଟିଭ ଓ ଅବଜେକଟିଭକୁ ସମାନ ଧ୍ୟାନ ଦେବାକୁ ହେବ।

**-ମାମି ପୋଢ଼, ଦଶମ ଶ୍ରେଣୀ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ, କେଞ୍ଚିରିଆପାଲି**



“ ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଢାଞ୍ଚା ପରିବର୍ତ୍ତନ ବର୍ଷର ଅଧାରୁ ହେବା ଠିକ୍ ହୋଇ ନାହିଁ। ଏହି ଢାଞ୍ଚାରେ ପରୀକ୍ଷା ଦେବା ପାଇଁ ଅଧିକ ସମୟ ଲାଗିବ। ପୂର୍ବରୁ ଥିବା ପ୍ରଶ୍ନପତ୍ର ଶୈଳୀ ହିସାବରେ ଆମେ ପ୍ରସ୍ତୁତ ହେଉଥିଲୁ। ଅବଶ୍ୟ ଏହା ହେବା ଦ୍ୱାରା ଛାତ୍ରୀଛାତ୍ର ଅନ୍ୟମାନଙ୍କଠାରୁ ନକଲ କରିପାରିବେ ନାହିଁ।

**-ବିଶ୍ୱରଞ୍ଜନ ସାହୁ, ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲ**

“ ପ୍ରଶ୍ନପତ୍ର ଢାଞ୍ଚା ବଦଳିବା ଦ୍ୱାରା ପରୀକ୍ଷାରେ ନକଲ କମିଯିବ। ପରୀକ୍ଷାରେ ସ୍ୱଚ୍ଛତା ଆସିବ। ପୂର୍ବରୁ କିଛି ଅସାଧୁ ଭାବରେ ଅଧିକ ନମ୍ବର ରଖୁଥିଲେ। ତେଣୁ ଏହା ବଦଳିବା ଜରୁରୀ ଥିଲା । ମାତ୍ର ଗୋଟିଏ ବିଷୟରେ ଉଭୟ ଅବଜେକଟିଭ ଓ ସବଜେକଟିଭରେ ୧୫-୧୫ ମାର୍କ ବଦଳରେ ଉଭୟରେ ମିଶିକରି ୩୦ ମାର୍କ ପାସ୍ ମାର୍କ ହୋଇଥିଲେ ଭଲ ହୋଇଥାନ୍ତା।



**-କୁଶ ପଧାନ, ଇନ୍ଦିରାଗାନ୍ଧୀ ହାଇସ୍କୁଲ, ଖଣ୍ଡହତା**



“ ପରୀକ୍ଷା ପ୍ରଶ୍ନପତ୍ରର ଢାଞ୍ଚା ପରିବର୍ତ୍ତନ ସ୍ୱାଗତଯୋଗ୍ୟ । ନବମ ଶ୍ରେଣୀରେ ପଢୁଥିବା ପିଲା ଚଳିତ ବର୍ଷଠାରୁ ଏହି ଢାଞ୍ଚାରେ ଅଭ୍ୟସ୍ତ ହେବେ। ଏଥିରେ ଉଭୟ ସବଜେକଟିଭ ଓ ଅବଜେକଟିଭକୁ ଭଲରେ ପଢ଼ିବାକୁ ହେବ। ଏହା ଦ୍ୱାରା ନକଲ କମିବା ସହିତ ମେଧାବୀ ଛାତ୍ରୀଛାତ୍ରମାନେ ବେଶ ଉପକୃତ ହେବେ।

**-ସ୍ୱାଗତିକା ମହାକୁର, ଅମରପାଲି ହାଇସ୍କୁଲ**



“ ଏହି ବ୍ୟବସ୍ଥା ଶିକ୍ଷାବର୍ଷ ଆରମ୍ଭରୁ ହେବାର ଥିଲା। ଏହି ଢାଞ୍ଚାରେ ପରୀକ୍ଷାକୁ ମୁଁ ସ୍ୱାଗତ କରୁଛି । ପାଠ୍ୟ ପୁସ୍ତକକୁ ଠିକ୍‌ରେ ଅଧ୍ୟୟନ ନକଲେ ଜଣେ ପରୀକ୍ଷାରେ ଭଲ କରିପାରିବ ନାହିଁ । ଏହି ବ୍ୟବସ୍ଥା ହେବା ଦ୍ୱାରା ବହୁମାତ୍ରାରେ ନକଲ କମିଯିବ ।

**-ଆଲୋକ ନାଏକ, ଅମରପାଲି ହାଇସ୍କୁଲ**

ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଛି ପ୍ରଶାସନ

# ବ୍ୟବହାର ହେବ ଭିଭିପିଏଟି ମେଶିନ

ସୋନପୁର,୩୧।୮(ନି.ପ୍ର.)

ଆସନ୍ତା ସାଧାରଣ ନିର୍ବାଚନ ପରିଚାଳନା ପାଇଁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପ୍ରସ୍ତୁତ ହେଉଛି। ସେପ୍ଟେମ୍ବର ୧ରୁ ଅକ୍ଟୋବର ୩୧ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ରହିଛି। ଭାରତର ନିର୍ବାଚନ ଆୟୋଗଙ୍କ ସୂଚୀ ଅନୁସାରେ ୨୦୧୯ ଜାନୁୟାରୀ ପହିଲା ସୁଦ୍ଧା ୧୮ବର୍ଷରେ ପହଞ୍ଚିଥିବା ନାଗରିକଙ୍କୁ ଭୋଟର ତାଲିକାରେ ନାମ ପଞ୍ଜିକରଣ, ମୃତ ଭୋଟରଙ୍କୁ ତାଲିକାରୁ ବାଦ୍‌ଦେବା ଓ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବ। ଜାନୁୟାରୀ ୧ ଜାତୀୟ ମତଦାତା ଦିବସ ପାଳନ ଅବସରରେ ନୂତନ ରୂପେ ପଞ୍ଜିକୃତ ଯୁବ ମତଦାତାଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯିବାର ନିଷ୍ପତ୍ତି ହୋଇଛି। ୨୦୧୪ସାଧାରଣ ନିର୍ବାଚନରେ ଜିଲାର ଦୁଇଟି ନିର୍ବାଚନ ମଣ୍ଡଳୀ ବୀରମହାରାଜପୁର ଓ ସୋନପୁର ମିଶି ୫୭୫ଟି ବୁଥ ରହିଥିଲା। ମୋଟ ୪ଲକ୍ଷ ୪୨ହଜାର ୪୭୦ ମତଦାତା ଥିଲେ। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶରେ ବୁଥଗୁଡିକ ୨ କିମି ମଧ୍ୟରେ ରହିବ। ପଞ୍ଚାୟତ ଭୋଟରମାନେ ନିଜ ପଞ୍ଚାୟତରେ ଭୋଟ ଦେବେ। ଲୋକସଂଖ୍ୟା ବୃଦ୍ଧିରୁ ଅଧିକ ୧୧ ବୁଥ୍ ବୃଦ୍ଧି କରାଯାଇଛି। ପୂର୍ବରୁ ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ୨୬୧ଟି ବୁଥ୍ ରହିଥିବା ବେଳେ ଅଧିକ ୬ଟି ବୁଥ୍ ଓ ସୋନପୁର ନିର୍ବାଚନମଣ୍ଡଳୀରେ ପୂର୍ବରୁ ୩୧୪ଟି ବୁଥ୍ ଥିବା ବେଳେ ଅଧିକ ୫ଟି ବୁଥ୍ କରାଯିବ। ତେଣୁ ଆସନ୍ତା ସାଧାରଣ ନିର୍ବାଚନରେ ଜିଲାରେ ମୋଟ ୫୮୬ଟି ବୁଥ୍‌ରେ ଭୋଟ ଗ୍ରହଣ କରାଯିବ, ଏଥି ସକାଶେ ନିର୍ବାଚନ କମିଶନଙ୍କ ମଞ୍ଜୁରୀ ମିଳିଛି। ଗତ ୯ ତାରିଖରେ ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟରେ ସମ୍ଭାବ୍ୟ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା ହୋଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର ଏଥିରେ ଯୋଗଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବୁଥ୍ ଚେକିଂ କାର୍ଯ୍ୟ ଆରମ୍ଭ ହୋଇଛି। ଉତ୍ତରପ୍ରଦେଶରୁ ୧୪୦୨ଟି କଣ୍ଟ୍ରୋଲ ୟୁନିଟ୍(ସିୟୁ) ଓ ୧୪୦୨ଟି ବାଲାଟ ୟୁନିଟ୍(ବିୟୁ) ଜିଲାକୁ ଆସିଛି। ଜିଲାରେ ସ୍ଥାୟୀ ଷ୍ଟ୍ରଙ୍ଗରୁମ୍ ନିର୍ମାଣାଧିନ ଥିବାରୁ ଏଗୁଡ଼ିକୁ ସୋନପୁର ପଲିଟେକ୍‌ନିକ୍‌ରେ ଅସ୍ଥାୟୀ ଭାବେ ରଖାଯାଇଛି। ସେହିପରି ଆସନ୍ତା ନିର୍ବାଚନରେ ପ୍ରଥମ ଥର ପାଇଁ ଭୋଟର ଭେରିଫାଏଡ୍ ପେପର ଅଡିଟ୍ ଟ୍ରାୟଲ ବା ଭେରିଫିଏବଲ ପେପର ରେକର୍ଡ(ଭିଭିପିଏଟି) ବ୍ୟବହାର ହେବ। ଯାହାଦ୍ୱାରା ମତଦାତା ଯେଉଁ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି ତାହା ସଠିକ୍ ପ୍ରାର୍ଥୀଙ୍କୁ ଯାଇଛି କି ନାହିଁ ଜାଣି ପାରିବେ। ଜିଲାକୁ ୧୪୧୨ଟି ଭିଭିପିଏଟି ମେସିନ ଆସିବ ବୋଲି ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି ।

## ଡିଏଲ୍‌ସିଙ୍କ ସୁକାନ୍ତି ଏକାଡେମୀ ପରିଦର୍ଶନ

ସୋନପୁର,୩୧।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଉଚ୍ଚ ଶିକ୍ଷା ପରାମର୍ଶଦାତା(ଡିଏଲସି) ଡ. ପ୍ରଫୁଲ୍ଲ କୁମାର ରଥ ସୋନପୁର ସୁକାନ୍ତି ଏକାଡେମୀର ଯୁକ୍ତ ୩ ବିଭାଗ ପରିଦର୍ଶନ କରିଛନ୍ତି। ସେ ଶିକ୍ଷକ କର୍ମଚାରୀଙ୍କ ସହ ଏକ ବୈଠକ ଆୟୋଜନ କରି ମହାବିଦ୍ୟାଳୟର ଶୈକ୍ଷିକ ଗୁଣବତ୍ତାର ସମୀକ୍ଷା କରିଥିଲେ। ତାଙ୍କର ପରିଦର୍ଶନ ସମୟରେ ବିଭିନ୍ନ ଶ୍ରେଣୀ ପ୍ରକୋଷ୍ଠକୁ ଯାଇ ଶିକ୍ଷାଦାନର ମାନ ନିରୀକ୍ଷଣ କରିବା ସହ ସନ୍ତୋଷ ବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଶିକ୍ଷକମାନଙ୍କ ସହ କଲେଜ ଛାତ୍ରାବାସର ସୁବିଧା ସୁଯୋଗ ଦେଖି ଖୁସି ପ୍ରକାଶ କରିଥିଲେ। ଏଥିସହ କଲେଜର କେସବୁକ୍, ଲେସନ ପ୍ଲାନ, ପ୍ରୋଗ୍ରେସ ରେଜିଷ୍ଟର ଓ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଖାତା ମଧ ଦେଖିଥିଲେ। ଚଳିତ ବର୍ଷର ନାମଲେଖା ପ୍ରକ୍ରିୟା ସହ ବିଗତ ବର୍ଷର ଯୁକ୍ତ ୨ ଓ ଯୁକ୍ତ୩ ପରୀକ୍ଷା ଫଳ ସମୀକ୍ଷା କରି ଡ. ରଥ ସନ୍ତୋଷ ବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଆହୁରି ଉନ୍ନତି ପାଇଁ ଶିକ୍ଷକ କର୍ମଚାରୀଙ୍କୁ କଠିନ ପରିଶ୍ରମ କରିବା ପାଇଁ ଶିକ୍ଷକ କର୍ମଚାରୀଙ୍କୁ କଠିନ ପରିଶ୍ରମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ସକାଶେ ବିଭିନ୍ନ ସମ୍ପାନ ଆୟୋଜନ କରି ଛାତ୍ରୀଛାତ୍ରଙ୍କୁ ଉଚ୍ଚତର ଗବେଷଣା ପାଇଁ ଉତ୍ସାହିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଡିଏଲସିଙ୍କ ପରିଦର୍ଶନ ସମୟରେ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗର ଅଧକ୍ଷ ଡ. ସ୍ମୃତି ରଞ୍ଜନ ରାଉତ ଓ ଡ. ଦେବଦତ୍ତ ଦାସଙ୍କ ସହ ସମସ୍ତ ଅଧ୍ୟାପକ, ଅଧ୍ୟାପକ ଉପସ୍ଥିତ ଥିଲେ। ନାମ ଲେଖା ଦାୟିତ୍ୱରେ ଥିବା ରମେଶ ମିଶ୍ର ଏଥିରେ ସମସ୍ତ ପ୍ରକାର ସହଯୋଗ କରିଥିଲେ।

## ସୁବର୍ଣ୍ଣପୁରକୁ ସୁନ୍ଦର ସହର ଭାବେ ଗଢ଼ି ତୋଳିବାକୁ ଆହ୍ୱାନ

ସୋନପୁର,୩୧।୮(ନି.ପ୍ର.)



ଜଣେ କୃତୀ ଛାତ୍ରୀଙ୍କୁ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପୁରସ୍କୃତ କରୁଛନ୍ତି।

ସୁବର୍ଣ୍ଣପୁର ସହରକୁ ସବୁଜ ସୁନ୍ଦର କରାଯିବ। ଲୋକମାନଙ୍କ ସହଯୋଗରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ପ୍ରତିଟି ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ଏଲଇଡି ଲାଇଟ୍ ଯୋଗେ ସବୁ ଗଳିକୁ ଆଲୋକିତ କରାଯିବ। ଆମ ସହର ଆମ ଉନ୍ନତି ଯୋଜନାରେ ପ୍ରତି ୱାର୍ଡକୁ ୨୫ ଲକ୍ଷ ଟଙ୍କାର ଅନୁଦାନ ମିଳିଛି। ସହରବାସୀଙ୍କ ଯେଉଁ ସମସ୍ୟା ରହିଛି ତାର ସମାଧାନ କରିବେ ବୋଲି ଶୁକ୍ରବାର ସୋନପୁର ଟାଉନ ହଲଠାରେ ଆୟୋଜିତ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ରାଜ୍ୟ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରତିଶ୍ରୁତି ଦେଇଛନ୍ତି। ପରିଷଦର ଅଧକ୍ଷା ସିମନ୍ତିନୀ ନାଏକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଦାଶ ତାଙ୍କ ବକ୍ତବ୍ୟରେ ପୌର ପରିଷଦ ଏକ ସ୍ୱାୟତ୍ତ ସଂସ୍ଥା, ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ସମସ୍ତ କ୍ଷମତା ମିଳିଛି। ସଭିଙ୍କ ସହଯୋଗରେ ପରିଷଦ ବିକାଶମୂଳକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି କହିଥିଲେ। ଇଓ ଅଶୋକ କୁମାର ମିଶ୍ର ତାଙ୍କ ବକ୍ତବ୍ୟରେ ଟିକସ ଯଥା ସମୟରେ ପଇଠ କରିବା, ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ନିର୍ଦ୍ଧାରିତ ସ୍ଥାନରେ ପକାଇବା ଓ ପଲିଥିନ ବ୍ୟବହାର ବନ୍ଦ ପାଇଁ ସହରବାସୀଙ୍କ ସହଯୋଗ ଲୋଡିଥିଲେ। ଡିଆଇପିଆରଓ ଭୁଜଙ୍ଗ ଭୂଷଣ ରାଓ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତି ଛାତ୍ରୀଛାତ୍ରମାନଙ୍କୁ ମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ପରିବାର ମଙ୍ଗଳ ଯୋଜନାରେ ସହାୟତା ରାଶି ପ୍ରଦାନ କରିଥିଲେ। ମନ୍ତ୍ରୀ ପୂଜାରୀ ପ୍ରାରମ୍ଭରେ ଆମ୍ବେଡକର ଛକଠାରେ ସର୍ବସାଧାରଣଙ୍କ ନିମନ୍ତେ ପାଇଖାନା, କଳିଙ୍ଗ ନଗର ଠାରେ କମ୍ୟୁନିଟି ସେଣ୍ଟର, ତହସିଲ ଅଫିସ ସମ୍ମୁଖରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ, ଘୋଡାଘାଟପଡା କଲ୍ୟାଣ ମଣ୍ଡପ, ମଙ୍ଗଳବାର ବଜାରଠାରେ ଦୋକାନ ଗୃହ, ୭ନଂ ୱାର୍ଡରେ ଅଙ୍ଗନୱାଡି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସେହିପରି ଢେରାପଡାଠାରେ ସାଂସ୍କୃତିକ ମଣ୍ଡପର ଶିଳାନ୍ୟାସ କରିଥିଲେ। ଭୋରରେ ପ୍ରଭାତଫେରୀ ଅନୁଷ୍ଠିତ ହୋଇଥିଲା। ପୌରାଞ୍ଚଳ ର ବିଭିନ୍ନ ମୁଖ୍ୟସ୍ଥଳରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିମାନଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ସକାଳ ସାଢେ ୮ଟାରେ ପୌରାଧକ୍ଷା ନାଏକ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରିଥିଲେ। ପୌର କର୍ମଚାରୀମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ପରିଷଦର ସଭ୍ୟାସଭ୍ୟ ଓ କର୍ମଚାରୀ ବୃନ୍ଦ ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ପ୍ରଶାସନ, ରାଜନୈତିକ ଦଳର ମିଳିତ ବୈଠକ

ସୋନପୁର,୩୧।୮(ନି.ପ୍ର.)

ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୧୯ସମ୍ପର୍କିତ ରାଜନୈତିକ ଦଳ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଜିଲା ପ୍ରଶାସନର ମିଳିତ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜେଡି, ଭାଜପା, କଂଗ୍ରେସ ଓ ଏସ୍‌ୟୁସିଆଇ ରାଜନୈତିକ ଦଳର ପ୍ରତିନିଧିଙ୍କ ସମେତ ଜିଲା ଓ ଉପଖଣ୍ଡସ୍ତରୀୟ ନିର୍ବାଚନ ଅଧିକାରୀ ଯୋଗ ଦେଇଥିଲେ। ଆସନ୍ତା ସେପ୍ଟେମ୍ବର ୧ରୁ ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ଅତିରିକ୍ତ ଜିଲାପାଳ ସୂଚନା ଦେଇଥିଲେ । ଜାନୁୟାରୀ ୧ରେ ପୋଲିଂ ବୁଥ୍ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ । ଚଳିତ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସମୟରେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବାକୁ ଯୋଗ୍ୟ ଥାଇ ମଧ୍ୟ ନାମ ପଞ୍ଜିକରଣ କରି ନଥିବା ଦିବ୍ୟାଙ୍ଗ ମାନଙ୍କୁ ପଞ୍ଜିକୃତ କରିବା ପାଇଁ ବିଶେଷ ଦୃଷ୍ଟି ଦିଆଯିବ। ପ୍ରତି ବୁଥ୍‌ରେ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି କରି ତାର ତାଲିକା ସମ୍ପୃକ୍ତ ଉପଜିଲାପାଳଙ୍କୁ ପ୍ରଦାନ କରିବାକୁ ଅତିରିକ୍ତ ଜିଲାପାଳ ପଣ୍ଡା ରାଜନୈତିକ ଦଳର ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ବୈଠକରେ କଂଗ୍ରେସର ସର୍ବେଶ୍ୱର ପୁରୋହିତ, ନିମାଇଁ ଚରଣ ପାଣିଗ୍ରାହୀ, ବିଜେଡିରୁ କଇରୁ ସ୍ୱାଇଁ, ଭାଜପାରୁ ଗଣେଷ ସାହୁ, ଦିଲ୍ଲିପ ପୂଜାହାରୀ ଓ ଏସୟୁସିଆଇ ପକ୍ଷରୁ ଗୋବିନ୍ଦ ମହାରଣା ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ଉପଜିଲାପାଳ ସୁବ୍ରତ କୁମାର ବେହେରା, ଡିଆଇପିଆରଓ ଭୁଜଙ୍ଗ ଭୂଷଣ ରାଓ ବୈଠକରେ ଯୋଗ ଦେଇଥିଲେ।

## ସ୍ୱାୟତ୍ତ ଶାସନ ଦିବସ ପାଳିତ

ସିଂଘିଯୁବା,୩୧।୮(ଡି.ଏନ୍.ଏ.)

ବିନିକା ଏନଏସିଅଫିସ୍‌ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଏନ୍‌ଏସି ଅଧ୍ୟକ୍ଷା ମମତା ମଶ୍ରଙ୍କ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏନ୍‌ଏସି ସଭାଗୃହରେ ଅନୁଷ୍ଠିତ ବୈଠକରେ ଅଧକ୍ଷା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ ଓ କାଉନସିଲରମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଜାତୀୟ ପରିବାର କଲ୍ୟାଣ ଯୋଜନାରୁ ୨ଜଣ ହିତାଧିକାରୀଙ୍କୁ ୨୦ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଥିଲା । ଏଥିସହ ଏନ୍‌ଏସି ଅଞ୍ଚଳାଭୁକ୍ତ ୯ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା।

## ଜାରି ରହିଛି ଆଇନଜୀବୀଙ୍କ କୋର୍ଟବର୍ଜନ ଆନ୍ଦୋଳନ

ବୀରମହାରାଜପୁର, ୩୧।୮(ଡି.ଏନ.ଏ.)

ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ବୀରମହାରାଜପୁର ଉପଖଣ୍ଡର ଆଇନଜୀବୀମାନେ ପୂର୍ବଭଳି ମାସର ଶେଷ ୩କାର୍ଯ୍ୟ ଦିବସ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏଣେ କଟକଠାରେ ଜଣେ ଓକିଲଙ୍କୁ ପୋଲିସ ମାଡ ମାରିବା ଘଟଣାକୁ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଏହା ପ୍ରତିବାଦରେ ସେପ୍ଟେମ୍ବର ୧ ଓ ୩ ଦୁଇଦିନ କୋର୍ଟ ବର୍ଜନ କରିବାକୁ ସଂଘ ନିଷ୍ପତ୍ତି ଗ୍ରହଣ କରିଛି। ଏହି ପ୍ରସଙ୍ଗରେ ହାଇକୋର୍ଟ ବାର ଆସୋସିଏଶନର ନିଷ୍ପତ୍ତିକୁ ସମର୍ଥନ କରାଯିବ ସଙ୍ଗେ ସଙ୍ଗେ ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କୁ କେବଳ ନିଲମ୍ବନ ନୁହେଁ, ତୁରନ୍ତ ଗିରଫ କରିବାକୁ ଓକିଲ ସଂଘ ତରଫରୁ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ଦାବି ଜଣାଇଛନ୍ତି।

ସଡ଼କ ସୁରକ୍ଷା କମିଟି ବୈଠକ

# ସ୍ପିଡ୍ ବ୍ରେକର, ସୂଚନା ଫଳକ ଲାଗିବ

- ଅନୁପସ୍ଥିତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହେବ
- ସ୍କୁଲ ଯାନର ସୁରକ୍ଷା ସମ୍ପର୍କରେ ଯାଞ୍ଚ କଡ଼ାକଡ଼ି

ସୋନପୁର,୩୧।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧକ୍ଷତାରେ ସଡକ ସୁରକ୍ଷା କମିଟିର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ସଡକ ସୁରକ୍ଷା ସମ୍ପର୍କରେ ଜନସଚେତନତା, ବ୍ଲାକସ୍ପଟ୍ ଅଞ୍ଚଳ ଚିହ୍ନଟ, ରାସ୍ତାରେ ସ୍ପିଡ୍ ବ୍ରେକର ଓ ସୂଚନା ଫଳକ ଲାଗିବା ଏବଂ ଯାନବାହାନ ଚେକିଂ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାରେ ଗତ ଫେବୃୟାରୀ ୧ତାରିଖରୁ ନୋ ହେଲମେଟ୍ ନୋ ପେଟ୍ରୋଲ ନିୟମ ଲାଗୁ ହୋଇଛି। ହେଲମେଟ୍ ପିନ୍ଧି ନଥିବା ବାଇକ୍ ଆରୋହୀଙ୍କୁ ପେଟ୍ରୋଲ ପମ୍ପରେ ପେଟ୍ରୋଲ ନଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜିଲାର ସମସ୍ତ ପେଟ୍ରୋଲ ପମ୍ପ ମାଲିକଙ୍କୁ ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି ହୋଇଥିଲା। ତେବେ ପମ୍ପ ମାଲିକମାନେ ଏଭଳି ଏକ ଭଲ କାମରେ ସହଯୋଗ କରୁ ନଥିବା ଅଭିଯୋଗ ହୋଇଥିଲା। ୧୮ବର୍ଷରୁ କମ୍ ବୟସର ଝିଅପୁଅ ବେପରୁଆ ଭାବେ ବାଇକ ଚାଳନା କରୁଛନ୍ତି। ଅଭିଭାବକମାନଙ୍କର ତାଗିଦ୍ ରହୁନି। ତେଣୁ ସଡକ ଦୁର୍ଘଟଣାକୁ ରୋକିବା ପାଇଁ ଆଞ୍ଚଳିକ ପରିବହନ ବିଭାଗ ଏବଂ ପୋଲିସ ବିଭାଗ ପକ୍ଷରୁ ଯାନବାହାନ ଯାଞ୍ଚକୁ କଡାକଡି କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବଲାଙ୍ଗୀର-ସୋନପୁର ଜାତୀୟ ରାଜପଥର ଅର୍ଜୁନପୁର ନିକଟସ୍ଥ ବୁଲାଣି ରାସ୍ତାରେ ଅଧିକ ଦୁର୍ଘଟଣା ହେଉଛି। ଜନସାଧାରଣଙ୍କ ଅବଗତି ନିମନ୍ତେ ଚିହ୍ନଟ ହୋଇଥିବା ଏଭଳି ୮ଟି ବ୍ଲାକସ୍ପଟ୍ ଏରିଆରେ ସୂଚନା ଫଳକ ଲାଗିବ, ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ପ୍ରମୁଖ ରାସ୍ତା ପାର୍ଶ୍ୱମାନଙ୍କରେ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା, ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ଆଲୋଚନା ହୋଇଥିଲା। ସ୍କୁଲ, କଲେଜ ବସ୍‌ଗୁଡିକର ସୁରକ୍ଷା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ସେମାନଙ୍କୁ ସଚେତନ କରିବା ପାଇଁ ଖୁବଶୀଘ୍ର ଏକ ବୈଠକ ଆହ୍ୱାନ କରାଯିବା ପାଇଁ ଏମଭିଆଇ ରବିନ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ । ଅନ୍ୟପକ୍ଷରେ ଏହି ବୈଠକରେ ସିଡିଏମପିଏଚଓ ଡାକ୍ତର ବିଜୟଲକ୍ଷ୍ମୀ ଗୁରୁ, ଡିଇଓ ପୁଷ୍ପା ମିଞ୍ଜଙ୍କ ସମେତ କେତେକ ଅଧିକାରୀ ଅନୁପସ୍ଥିତ ଥିଲେ। ଅନୁପସ୍ଥିତ ଥିବା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ଜିଲାପାଳ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଡିଏସପି କ୍ରାଇମ୍ ହେମସାଗର ନନ୍ଦ, ଏନଏଚଏଆଇ ବଲାଙ୍ଗୀର ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇଂ ଅଶୋକ କୁମାର ପାଣିଗ୍ରାହୀ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଫୁଲ୍ଲ କୁମାର ମିଶ୍ର, ଡିଆଇପିଆରଓ ଭୁଜଙ୍ଗ ଭୂଷଣ ରାଓ, ରୋଡ ସେଫ୍ଟି କମିଟିର ସଭ୍ୟ ପୁରୁଷୋତ୍ତମ ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ଶତପଥୀ, ସ୍ୱାଧୀନ ମେହେର ପ୍ରମୁଖ ବୈଠକରେ ଉପସ୍ଥିତ ରହି ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଜୁନିୟର ଏମଭିଆଇ ଜନ ପ୍ରତାପ କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବୌଦ୍ଧରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

# ସହରକୁ ସରସ ସୁନ୍ଦର କରିବା ସମସ୍ତଙ୍କ ଦାୟିତ୍ୱ

ବୌଦ୍ଧ,୩୧।୮(ସ୍ୱ.ପ୍ର)



ବୌଦ୍ଧ ସ୍ୱାୟତ୍ତ ଶାସନ ଦିବସ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

ବୌଦ୍ଧରେ ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି । ଏହି ଅବସରରେ ସ୍ଥାନୀୟ ଟାଉନହଲ ସ୍ଥିତ ଗୁରୁ ଭିକାରୀ ନାୟକ କଳାମଣ୍ଡପ ଠାରେ ଆୟୋଜିତ ଉତ୍ସବରେ ଓଡ଼ିଶା ବିଧାନସଭାର ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ସହରର ବିକାଶ ଓ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ । ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ଦିପ୍ତୀପ୍ରଭା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବାଚସ୍ପତି ଅମାତ ବୌଦ୍ଧ ଏନଏସି ଗଠନର ୫୯ ବର୍ଷ ପୂର୍ତ୍ତି ଅବସରରେ ସହରର ବିକାଶରେ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ । ଏହାସହିତ ବର୍ତ୍ତମାନ ସହରର ରାସ୍ତାଘାଟରେ ଉନ୍ନତି, ଡ୍ରେନେଜ ବ୍ୟବସ୍ଥାର ଆଧୁନିକୀକରଣ, ସହରରେ ଆଲୋକୀକରଣ ଓ ଏନଏସିର ଦୁଇଟି ୱାର୍ଡ ମହାନଦୀରେ ଥିବା ମର୍ଯ୍ୟାକୁଦକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଖୁବ ଶୀଘ୍ର ବ୍ରିଜ ନିର୍ମାଣ ପାଇଁ ଶୁଭ ଦିଆଯିବ ବୋଲି କହିଥିଲେ। କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, କଣ୍ଟାମାଳ ବିଧାୟକ ମହୀଧର ରଣା, ଜିଲା ପରିଷଦ ଅଧକ୍ଷା ଜ୍ୟୋସ୍ନା ଭୋଇ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଉପାଧକ୍ଷ ଲଳିତ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସହରର ଉନ୍ନତି ଠିକ୍ ଭାବେ ହୋଇଥିବା କହିଥିଲେ। ଏହି ଅବସରରେ ଏନଏସିର ନିବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କର୍ମଜୀବୀ ମହିଳା ଛାତ୍ରାବାସ, ମହାନଦୀ ବିହାର ପାର୍କ ଠାରେ ଫୁଡ ପ୍ଲାଜା, ବାପୁଜୀ ନଗର ଠାରେ ଶିଶୁ ଉଦ୍ୟାନ, ବୁଢୁପାଲି ଠାରେ ଉଚ୍ଚ ଜଳଭଣ୍ଡାର , ଭୈରବୀଛକ ଠାରେ ଗୋଷ୍ଠୀକେନ୍ଦ୍ର, ପୋଡାପୋଡା ହରିଗୁଡି ଠାରେ ଗୋଷ୍ଠୀକେନ୍ଦ୍ର, ଓ ବ୍ରାହ୍ମଣସାହି ଗୋଷ୍ଠୀକେନ୍ଦ୍ରର ଶୁଭ ଉଦଘାଟନ କରାଯାଇଥିଲା । ସକାଳେ ଅଧ୍ୟକ୍ଷା ସ୍ୱାଇଁ ପରିଷଦ ଅଫିସ୍‌ରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ କର୍ମଚାରୀମାନଙ୍କୁ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ସହରର ବିକାଶ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ପରେ ଅଧ୍ୟକ୍ଷାଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ, ୱାର୍ଡସଭ୍ୟା ସଭ୍ୟାମାନେ ସହର ବିଭିନ୍ନ ଛକ ଜାଗାମାନଙ୍କରେ ସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ମଧୁବାବୁ ପେନସନ, ଜାତୀୟ ପରିବାର ମଙ୍ଗଳ ଯୋଜନା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ବିଦ୍ୟାଳୟସ୍ତରରେ ହୋଇଥିବା ବଭିନ୍ନ ପ୍ରତିଯୋଗିତାରେ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଭିକାରୀ କଳାମଣ୍ଡପ ଠାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧ ସେପ୍ଟେମ୍ବର, ୨୦୧୮



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଝାରବନ୍ଧ, ୩୧।୮ (ଡି.ଏନ.ଏ):** ପଦ୍ମପୁର ବିଧାୟକ ପ୍ରଦୀପ କୁମାର ପୁରୋହିତଙ୍କୁ ଓଡିଶା ବିଧାନସଭାରେ ୨୦୧୬ ମସିହାର ଶ୍ରେଷ୍ଠ ବିଧାୟକ ଭାବେ ଉତ୍କଳମଣି ଗୋପବନ୍ଧୁ ସମ୍ମାନରେ ସମ୍ମାନୀତ କରାଯାଇଛି । ଏହି ପରିପ୍ରେକ୍ଷୀରେ ତାଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଝାରବନ୍ଧ ଚାନ୍ଦିନୀ ଛକଠାରେ ବ୍ଲକ ଭାଜପା ମଣ୍ଡଳ ତରଫରୁ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ବିରାଜ କୁମାରୀ ତାଣ୍ଡି, ସରପଞ୍ଚ ଧନମତୀ ପାଣ୍ଡେ, ଲାଲେଶ୍ୱରୀ ପଟେଲ, କଳ୍ପନା ପଣ୍ଡା, ଡ. ମୋହନ ପ୍ରସାଦ ନାୟକ, ଲମ୍ବୋଦର ପଣ୍ଡା, ରାମକୃଷ୍ଣ ନିଗମ, ହରିହର ସାହୁ ପ୍ରମୁଖ ଭାଜପା ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ। ସଭାରେ ଝାରବନ୍ଧ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ, ବ୍ୟବସାୟୀ ସଂଘ, ସାମ୍ବାଦିକ ସଂଘ ସମେତ ବ୍ୟକ୍ତି ବିଶେଷଙ୍କ ତରଫରୁ ବିଧାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ରାମକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅଇଲପୁରରେ ଉଜ୍ଜ୍ୱଳା କାର୍ଯ୍ୟକ୍ରମ

**ବିଜେପୁର, ୩୧।୮(ଡି.ଏନ.ଏ.):** ବିଜେପୁର ବ୍ଲକ ଅନ୍ତର୍ଗତ ଅଇଲପୁର ଗ୍ରାମରେ ଜିଲା ପରିଷଦ ଜୋନସ୍ତରୀୟ ଉଜ୍ଜ୍ୱଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଦସ୍ୟା ସବିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ମମତାଞ୍ଜଳି ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜିତ ସାହୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ତପସ୍ୱିନୀ ପ୍ରଧାନ, ପୂର୍ବତନ ସରପଞ୍ଚ ସୁନିତ ପ୍ରଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଥିରେ ୨୨ଜଣ ହିତାଧିକାରୀଙ୍କୁ ଗ୍ୟାସ୍ ବଣ୍ଟନ କରାଯାଇଥିଲା।

### ବାଜପେୟୀଙ୍କ ଚିତାଭସ୍ମ ବିସର୍ଜନ

**ବରଗଡ଼ ଅଫିସ୍,୩୧।୮:** ବରଗଡ଼ ଜିଲା ନାଗରିକ କମିଟି ପକ୍ଷରୁ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ ଜୀରାନଦୀରେ ବିସର୍ଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ ପୁରୋହିତ, ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ମନୋରଞ୍ଜନ ସାହୁ, ମୋହନ ସାହୁ, ଶିରିଶ ବଲ୍ଲଭ ମିଶ୍ର, ଡି. ମୁରଲିକ୍ରୀଷ୍ଣା, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ଅଶୋକ ପାଣିଗ୍ରାହୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

# ଥମୁନି ଚାଷୀଙ୍କ ବୀମା ଅସନ୍ତୋଷ

**ବରଗଡ଼ ଅଫିସ୍,୩୧।୮**

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବୀମା କ୍ଷତିପୂରଣ ପ୍ରଦାନରେ ବିଭ୍ରାଟକୁ ନେଇ ଅସନ୍ତୋଷ ଥମିବା ନାଁ ନେଉନି। ଏହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଚାଲିଛି । ତଥାପି ଏପର୍ଯ୍ୟନ୍ତ ଗତ ୨୦୧୭ ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ ପ୍ରଦାନ କରିବାରେ ବୀମା କମ୍ପାନୀ ସକ୍ଷମ ହୋଇପାରିନାହିଁ। ଶୁକ୍ରବାର ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ନାରାୟଣ ପ୍ରାଥମିକ କୃଷି ସମବାୟ ସମିତି ଲିଃ, ସତଲମାର ଶତାଧିକ ଚାଷୀ ବୀମା କ୍ଷତିପୂରଣ ମିଳି ନ ଥିବାରୁ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଏ ନେଇ ସେମାନେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ନାରାୟଣ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ସତଲମା, ବିଶିପାଲି ଏବଂ ସିର୍କିଡ଼ିର ଚାଷୀମାନେ ଅଛନ୍ତି । ଗତ ୨୦୧୭ ଖରିଫରେ ଉକ୍ତ ଗ୍ରାମ ଗୁଡ଼ିକର ଧାନ ଫସଲରେ ଚକଡ଼ା ରୋଗପୋକ ଉପଦ୍ରବ ଯୋଗୁ ସେସବୁ ନଷ୍ଟ ହୋଇଥିଲା । ସମସ୍ତ କ୍ଷତିଗ୍ରସ୍ତ ଚାଷୀ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବାରୁ ସେମାନଙ୍କୁ ନିର୍ଦ୍ଧାରିତ ସମୟରେ ବୀମା କ୍ଷତିପୂରଣ ମିଳିବ ବୋଲି ସେମାନେ ଆଶା ବାନ୍ଧିଥିଲେ । ମାତ୍ର ୨୦୧୮ ଖରିଫ ଋତୁର ଅର୍ଦ୍ଧାଧିକ ସମୟ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀଙ୍କୁ ଏପର୍ଯ୍ୟନ୍ତ ବୀମା କ୍ଷତିପୂରଣ ମିଳିପାରି ନାହିଁ। ଫଳରେ ଚଳିତ ଖରିଫ ଫସଲ ବାଧାପ୍ରାପ୍ତ ହୋଇଛି। ଅନେକ ଚାଷୀ ରୁଆ, ବିହୁଡ଼ା କରି ପାରି ନ ଥିବାବେଳେ ଋଣ ପରିଶୋଧ ମଧ୍ୟ କରି ପାରିନାହାନ୍ତି। ଫଳରେ କ୍ଷତିଗ୍ରସ୍ତ ଚାଷୀମାନେ ୬ଦଫା ଦାବି ପୂରଣ ପାଇଁ ଅଡି ବସିଛନ୍ତି । ଏହି ଦାବି ନେଇ ଶୁକ୍ରବାର ଚାଷୀମାନେ ଜିଲାପାଳ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ । ସହକାରୀ ସମବାୟ ନିବନ୍ଧକ ଦିବାକର ଭୋଇ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ସେଠାକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନାରେ ଚାଷୀଙ୍କୁ ତୁରନ୍ତ ବୀମା କ୍ଷତିପୂରଣ ପ୍ରଦାନ କରିବା ପାଇଁ ବିହିତ ପଦକ୍ଷେପ ନିଆଯାଉଥିବା ନେଇ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ଏହାପରେ ଚାଷୀମାନେ ଧାରଣାରୁ ଓହରିଥିଲେ । ଯୁବରାଜ ପୂଜାରୀ, ସୁନୀଲ କୁମାର ସାହୁ, ଦିଲୀପ କୁମାର ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ଧାରଣାରେ ସାମିଲ ହୋଇଥିଲେ ।



ଜିଲାପାଳ ଅଫିସ ସମ୍ମୁଖରେ ଚାଷୀଙ୍କ ସହିତ ସହକାରୀ ସମବାୟ ନିବନ୍ଧକ ଆଲୋଚନା କରୁଛନ୍ତି ।

## ସମବାୟ ବ୍ୟାଙ୍କରେ ତାଲା ପକାଇଲେ ଚାଷୀ

**ଭେଡ଼େନ, ୩୧।୮(ଡି.ଏନ.ଏ)**

ଭେଡ଼େନ ଅଞ୍ଚଳରେ ବୀମା ବିଭ୍ରାଟକୁ ନେଇ ଚାଷୀ ଅସନ୍ତୋଷ ଆନ୍ଦୋଳନର ରୂପ ନେଇଛି । ଗୁରୁବାର ସଂକ୍ରୀଡ଼ା ପ୍ରାଥମିକ କୃଷି ସମବାୟ ସମିତି ଅନ୍ତର୍ଗତ ଅର୍ଜୁଣ୍ଡା ଏବଂ ସଂକ୍ରୀଡ଼ା ଗ୍ରାମପଞ୍ଚାୟତର ଚାଷୀମାନେ ସଂକ୍ରୀଡ଼ା ପ୍ୟାକ୍ସରେ ତାଲା ପକାଇ ଧାରଣାରେ ବସିଥିଲେ। ସେହିପରି ଶୁକ୍ରବାର ଭେଡ଼େନ, ରେଶମ, ଅରେଇଗୁଡ଼ି, ଅଏଁଲାପାଲି ଆଦି ଗ୍ରାମର ଚାଷୀମାନେ ସମ୍ପୂର୍ଣ୍ଣ ବୀମା ଟଙ୍କା ପଇଠ କରିବା, ଚାଷୀଙ୍କୁ ଭୁଆଁ ବୁଲାଉଥିବା ଏସିଏଫ ସଂଶୋଧନ ଦାବି ନେଇ ଭେଡ଼େନ ସ୍ଥିତ ପ୍ରାଥମିକ କୃଷି ସମବାୟ ସମିତିରେ ତାଲା ବନ୍ଦ ଆନ୍ଦୋଳନ କରିଥିଲେ । ପରେ ସେଠାରୁ ଶୋଭାଯାତ୍ରାରେ ଯାଇ ଭେଡ଼େନ ସ୍ଥିତ ସମ୍ବଲପୁର ଜିଲା କୃଷି ସମବାୟ ବ୍ୟାଙ୍କ ଶାଖାରେ ତାଲା ପକାଇ ବ୍ୟାଙ୍କ ଆଗରେ ଧାରଣାରେ ବସିଥିଲେ । ଏ ନେଇ ଏକ ଦାବିପତ୍ର ବରଗଡ଼ ଜିଲାପାଳ, ଉପଜିଲାପାଳ, ଏଆରସିଏସ ବରଗଡ଼, ଭେଡ଼େନ ତହସିଲଦାର, ବ୍ୟାଙ୍କ ପରିଚାଳକ, ପ୍ୟାକ୍ସ ସମ୍ପାଦକଙ୍କୁ ପ୍ରଦାନ କରାଯାଇଛି । ବିଜୟ ପଧାନ, ନରେନ୍ଦ୍ର ଭୋଇ, ଉତ୍ପନ୍ନ ଭୋଇ, ରାଜ କୁମାର ବେହେରା, ମହେଶ ପଧାନ, ରମେଶ ମହାପାତ୍ର, ଉମାକାନ୍ତ ନାଇକ, ଶୁଶାନ୍ତ ଭୋଇ, ମଳୟ ଭୋଇ, ସୁଦାମ ଭୋଇ ତଥା ଅଞ୍ଚଳର ବହୁ ଚାଷୀ ଧାରଣାରେ ସାମିଲ ହୋଇଛନ୍ତି ।



ଭେଡ଼େନ ସମବାୟ ବ୍ୟାଙ୍କ ଶାଖା ଆଗରେ ଚାଷୀମାନେ ଧାରଣାରେ ବସିଛନ୍ତି ।

## ସତୀଭଟା ଏୟାରଷ୍ଟ୍ରିପ୍‌ରେ ମୁଖ୍ୟମନ୍ତ୍ରୀଙ୍କ ବିମାନ ଅବତରଣ

**ପଦ୍ମପୁର, ୩୧।୮ (ଡି.ଏନ.ଏ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ବଲାଙ୍ଗୀର ଜିଲା ଗସ୍ତ ଅବସରରେ ଭୁବନେଶ୍ୱରରୁ ଉଡାଜାହାଜରେ ଆସି ପଦ୍ମପୁର ସ୍ଥିତ ସତୀଭଟା ଏୟାର ଷ୍ଟ୍ରିପ୍‌ରେ ଅବତରଣ କରି ସେଠାରୁ ହେଲିକ୍ୟାପ୍ଟର ଯୋଗେ ବଲାଙ୍ଗୀର ଗସ୍ତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂବରିହା, ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଜିଲା ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମ୍ପୁ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଚକ୍ରଧର ପ୍ରସାଦ ଗନ୍ତାୟତ, ଉପଖଣ୍ଡ ପୋଲିସ ଆରକ୍ଷୀ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଗସ୍ତ ସାରି ଅପରାହ୍ନରେ ପୁଣି ସତୀଭଟା ଏୟାରଷ୍ଟ୍ରିପ୍‌ରୁ ବିମାନ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।




ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି ।

## ସରପଞ୍ଚ ସଂଘ ବୈଠକ

**ବିଜେପୁର, ୩୧।୮(ଡି.ଏନ.ଏ.)**

ବିଜେପୁର ବ୍ଲକ ଲାଉମୁଣ୍ଡା ପଞ୍ଚାୟତ ଅଫିସ୍ ପରିସରରେ ବ୍ଲକସ୍ତରୀୟ ସରପଞ୍ଚ ସଂଘର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି । ସଭାପତି ଜୟକୃଷ୍ଣ ଡନସନାଙ୍କ ଅଧ୍ୟକ୍ଷତାରେ ବିଡିଓ ପଦ୍ମନାଭ ସାମନ୍ତରାୟ ମୁଖ୍ୟଅତିଥି, ଗାଇସିଲେଟ ବ୍ଲକ ସରପଞ୍ଚ ସଂଘ ସଭାପତି ସରୋଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉଚ୍ଛେଦ, ମାସିକ ଭତ୍ତା ୧୦ ହଜାରକୁ ବୃଦ୍ଧି, ଅବସରକାଳୀନ ଭତ୍ତା ୨ ହଜାର ଟଙ୍କା କରିବା, ହାତପାଣ୍ଠି ଯୋଗାଣ ଆଦି ୮ଦଫା ଦାବି ଉପରେ ଆଲୋଚନା ହୋଇଥିଲା । ଉପସଭାପତି ପ୍ରଭାସିନୀ ବିଭାର ଉଦ୍ଦେଶ୍ୟ ଜ୍ଞାପନ, ସମ୍ପାଦକ ସୀତାରାମ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । କୋଷାଧ୍ୟକ୍ଷ ଟଙ୍କଧର ସାହୁ, ମଙ୍ଗଲୁ ସାହୁ, ଶୌଭାଗିନୀ ଡନସନା, ନମିତା ଭୁକ୍ତା, ବନିତା ପଟେଲ ପ୍ରମୁଖ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଯୋଗ ଦେଇଥିଲେ । ସରପଞ୍ଚ ସୁବର୍ଣ୍ଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ଖବରଦାତାଙ୍କ ପ୍ରତି ଅଶୋଭନୀୟ ଆଚରଣ ଘଟଣା

# ପୋଲିସ ପାଇଁ ବଢୁଛି ଅଡୁଆ

**ବରଗଡ଼ ଅଫିସ୍,୩୧।୮**

ଏକ ଖବରଦାତା ସମ୍ମିଳନୀରେ ଖବରଦାତାଙ୍କ ପ୍ରତି ବରଗଡ଼ ଏସପି ମୁକେଶ କୁମାର ଭାମୁଙ୍କ ଆଚରଣ ଏବଂ ପ୍ରତିବାଦରେ ଖବରଦାତା ସମ୍ମିଳନୀ ବର୍ଜନକୁ ନେଇ ପୋଲିସ ପାଇଁ ଅଡୁଆ ବଢ଼ିବାରେ ଲାଗିଛି । କର୍ତ୍ତବ୍ୟରତ ଖବରଦାତାଙ୍କ ପ୍ରତି ଜଣେ ଏସପିଙ୍କ ସେଭଳି ଆଚରଣ ଜିଲାରେ ପ୍ରଥମ ହୋଇଥିବାବେଳେ ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ନିନ୍ଦା ଏବଂ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଘଟଣା ସମୟର ଭିଡ଼ିଓ ଏବଂ ଘଟଣା ସମ୍ପର୍କୀତ ତଥ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିବାବେଳେ ଏହି ଘଟଣାକୁ ସମସ୍ତେ ଦୃଢ଼ ନିନ୍ଦା କରି ଗଣମାଧ୍ୟମର କଣ୍ଠରୋଧ ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି । ଏହି ଘଟଣାକୁ ନେଇ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଲାଙ୍ଗୀର ଗସ୍ତବେଳେ ତାଙ୍କୁ ଅବଗତ କରିଥିବା କହିଛନ୍ତି । ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମଧ୍ୟ ଏଡି ଘଟଣା ନିନ୍ଦନୀୟ ବୋଲି ପ୍ରକାଶ କରି ଉଦବେଗ ପ୍ରକାଶ କରିଛନ୍ତି । ବରଗଡ଼ ଏମପି ଡଃ ପ୍ରଭାସ ସିଂ କହିଛନ୍ତି, ବରଗଡ଼ବାସୀ ଶାନ୍ତିପ୍ରିୟ ଏବଂ ଏଠାକାର ଖବରଦାତାଙ୍କ ପ୍ରତି ଏସପିଙ୍କ ଦୁର୍ବ୍ୟବହାର ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ । ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ଘଟଣାର ଦୃଢ଼ ନିନ୍ଦା କରି ଏହା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଛନ୍ତି ।

ସେହିପରି ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ମିଳନ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଖବରଦାତାଙ୍କ ପ୍ରତି ଏସପିଙ୍କ ଅଶୋଭନୀୟ ଆଚରଣକୁ ନିନ୍ଦା କରାଯାଇଛି । ସେହିପରି ବିଭିନ୍ନ ସଂଘ କର୍ମକର୍ତ୍ତା ବରଗଡ଼ ଜିଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଗୁରୁବାର ଜିଲାର ୩୦ଜଣିଆ ଖବରଦାତା ମଣ୍ଡଳୀ ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇଙ୍କ ପାଖରେ ଅଭିଯୋଗ ଉପସ୍ଥାପନ କରିଥିଲେ । ଅଭିଯୋଗ ପାଇ ଶନିବାର ଡିଆଇଜି ଭୋଇ ବରଗଡ଼ ଆସୁଥିବା ସୂଚନା ମିଳିଛି ।

**ବରଗଡ଼**
- ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଶ୍ରମମନ୍ତ୍ରୀ
- ଦଳମତ ନିର୍ବିଶେଷରେ କାର୍ଯ୍ୟାନୁଷ୍ଠାନ ଦାବି
- ଆଜି ବରଗଡ଼ ଆସୁଛନ୍ତି ଉତ୍ତରାଞ୍ଚଳ ଡିଆଇଜି

## କଲେଜ ଅଧକ୍ଷଙ୍କ ବଦଳି ଦାବିରେ ଧାରଣା



ଅଧକ୍ଷଙ୍କ ବଦଳି ଦାବିରେ ଛାତ୍ରମାନେ କଲେଜ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଛନ୍ତି ।

**ପାଇକମାଳ, ୩୧।୮(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ବିନ୍ଧ୍ୟବାସିନୀ ଜୁନିୟର ମହାବିଦ୍ୟାଳୟ ଅଧକ୍ଷଙ୍କ ବଦଳି ଦାବିରେ ଛାତ୍ରମାନେ ମହାବିଦ୍ୟାଳୟ ଗେଟରେ ତାଲା ପକାଇ ଧାରଣାରେ ବସିଛନ୍ତି। ଛାତ୍ରମାନଙ୍କ କହିବା ଅନୁସାରେ, ଅଧକ୍ଷ ଶ୍ୟାମଲାଲ ପ୍ରଧାନ ସରକାରୀ ନିୟମରେ କାମ କରୁନାହାନ୍ତି । କୌଣସି ଛାତ୍ର କ୍ୟାଣ୍ଟିନକୁ ଖାଇବା କିମ୍ବା ପରିଶ୍ରା ପାଇଁ ବାହାରକୁ ଗଲେ ତାଙ୍କୁ ୨ସପ୍ତାହ ବହିଷ୍କାର କରାଯାଉଛି । ଏଥିପାଇଁ ଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା । ଫଳରେ ଅଧକ୍ଷଙ୍କୁ ବଦଳି କରିବା ପାଇଁ ଦାବି କରି ରବି ସାହୁ, କୃଷ୍ଣ ସାହୁ, ଅଭିଶେଖ ପୁନିଆ, ଖେମେଶ୍ୱର ରାଉତ, ଦିଗମ୍ବର ଦାସ, ବିକାଶ ଗୁଆରି ଶତାଧିକ ଛାତ୍ର କଲେଜ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ମଧ୍ୟାହ୍ନ ୧୨ଟାରେ ଯୁକ୍ତ ୩ କଲେଜ ପାଠପଢା ଲାଗି ଗେଟ୍‌ରୁ ତାଲା ଖୋଲାଯାଇଥିଲା । ଶନିବାର ପୁଣି ଗେଟ୍‌ରେ ତାଲା ପଡିବ ବୋଲି ଛାତ୍ରମାନେ କହିଛନ୍ତି । ଏ ନେଇ କଲେଜ ଅଧକ୍ଷ ପ୍ରଧାନଙ୍କୁ ପଚାରାଯିବାରୁ କୌଣସି ପ୍ରକାର ସୂଚନା ନ ଦେଇ ଛାତ୍ରମାନେ ଗେଟରେ ତାଲା ପକାଇଛନ୍ତି । ଫଳରେ ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଛି । ସାତ ଦିନ ପାଇଁ ବହିଷ୍କୃତ ହୋଇଥିବା କେତେକ ଛାତ୍ର କଲେଜରେ ବିଶୃଙ୍ଖଳା କରିବା ସହ ଲକ୍ଷାଧିକ ଟଙ୍କା ଆସବାବ ପତ୍ର ନଷ୍ଟ କରିଛନ୍ତି । ଏଥିପାଇଁଶୃଙ୍ଖଳା କମିଟି ଉକ୍ତ ଛାତ୍ରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ।

## ରାଫେଲ କିଣାରେ ମହାଦୁର୍ନୀତି ହୋଇଛି: କଂଗ୍ରେସ

**ବରଗଡ଼ ଅଫିସ୍,୩୧।୮**

ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନଡ଼ିଏ ସରକାରଙ୍କ ରାଫେଲ ଯୁଦ୍ଧ ବିମାନ କିଣା କେବଳ ଏକ ଦୁର୍ନୀତି ନୁହେଁ, ଏହା ଦେଶର ମହାଦୁର୍ନୀତି ଅଟେ । ଶୁକ୍ରବାର ବରଗଡ଼ ଗଙ୍ଗାଧର ନଗରସ୍ଥିତ ମିଳନ ମଣ୍ଡପରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅଖିଳ ଭାରତୀୟ କଂଗ୍ରେସ(ଏଆଇସିସି)ର ମୁଖପାତ୍ର ପୱନ ଖେରା ଏହା କହିଛନ୍ତି। ସେ କହିଥିଲେ, ୟୁପିଏ ସରକାର ଶାସନ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଦେଶ ପାଇଁ ରାଫେଲ ଯୁଦ୍ଧ ବିମାନ କିଣା ପ୍ରକ୍ରିୟା ଆରମ୍ଭ କରିଥିଲେ ଏବଂ ଏଥିପାଇଁ ଫ୍ରାନ୍ସ ସହିତ ଯୋଗାଯୋଗ କରିଥିଲେ । ସେତେବେଳେ ବିମାନ ପ୍ରତି ୫୨୬ କୋଟି ଟଙ୍କାରେ ୧୨୬ଟି ଯୁଦ୍ଧ ବିମାନ କିଣିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ପ୍ରାୟ ୯୫ ପ୍ରତିଶତ କାମ ମଧ୍ୟ ସରି ଯାଇଥିଲା । କିନ୍ତୁ ସେହି କାମର ଆଉ ମାତ୍ର ୫ପ୍ରତିଶତ ବାକି ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିରକ୍ଷା ମନ୍ତ୍ରୀଙ୍କ ସମେତ ଅନ୍ୟମାନଙ୍କୁ ଅନ୍ଧାରରେ ରଖି ଫ୍ରାନ୍ସ ଯାଇ ବିମାନ ପ୍ରତି ୧୬୧୭ କୋଟି ଟଙ୍କାରେ ମାତ୍ର ୩୬ଟି ବିମାନ କିଣିବାକୁ ନିଷ୍ପତ୍ତି ନେଲେ। ବିମାନ ତିଆରି କୌଣସି କୌଶଳରେ ପରିବର୍ତ୍ତନ ହୋଇ ନ ଥିବାବେଳେ ୫୨୬ କୋଟି ଟଙ୍କାର ବିମାନକୁ ୧୬୧୭ କୋଟି ଟଙ୍କାରେ ମୋଦି ସରକାର କିଣିବା ପଛରେ ମହାଦୁର୍ନୀତି ରହିଛି ବୋଲି ସେ କହିଥିଲେ। ସେହିପରି ୟୁପିଏ ସରକାର ଶାସନରେ ଥିବାବେଳେ ଫ୍ରାନ୍ସରୁ ମାତ୍ର ୧୮ଟି ଏବଂ ବାକି ୧୦୮ଟି ଦେଶର ଓଡ଼ିଶା ଏବଂ କର୍ଣ୍ଣାଟକରେ ନିର୍ମାଣ କରିବାର କାର୍ଯ୍ୟକ୍ରମ ରହିଥିଲା। ତାହା ହୋଇଥିଲେ ଆମ ଦେଶର କାରିଗରୀ, ବୈଷୟିକ କୌଶଳ ପ୍ରୟୋଗ ହୋଇଥାନ୍ତା ଏବଂ ଦେଶବାସୀ ରୋଜଗାର ପାଇଥାନ୍ତେ । କିନ୍ତୁ ମୋଦି ସେସବୁକୁ ଭୁଲି ଫ୍ରାନ୍ସକୁ ଯାଇ ଯେଭଳି ନିଷ୍ପତ୍ତି ନେଲେ ଆଗାମୀ ସାଧାରଣ ନିର୍ବାଚନରେ ଦେଶବାସୀ ଆଉ ବରଦାସ୍ତ କରିବେ ନାହିଁ ଏବଂ ଏହାର ଉଚିତ ଜବାବ ଦେବେ ବୋଲି ଖାରେ କହିଥିଲେ। ଖବରଦାତା ସମ୍ମିଳନୀରେ ଏଆଇସିସି ସମ୍ପାଦକ ତଥା ଓଡ଼ିଶା ସହପ୍ରଭାରୀ ମକ୍ତାନ ଅଲ୍ଲୀ, ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ, କାର୍ଯ୍ୟକାରୀ ସଭାପତି ଯୁଗଳ ପ୍ରସାଦ ସିଂ, ବିଜୟ ସ୍ୱାଇଁ, ପିସିସି ସମ୍ପାଦକ ହରଦୀପ ସିଂ, ନିପନ ଦାଶ, ଉନ୍ନିକ୍ରିଷ୍ଣନ ନାୟାର ପ୍ରମୁଖ ମଞ୍ଚାସୀନ ଥିଲେ ।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କଂଗ୍ରେସ ନେତୃବୃନ୍ଦ ।

## ଧାଡିରୁଆ ଧାନଚାଷ ପରିଦର୍ଶନ କଲେ କୃଷି ନିର୍ଦ୍ଦେଶକ

**ବରଗଡ଼ ଅଫିସ୍,୩୧।୮**

କୃଷି ନିର୍ଦ୍ଦେଶକ ଏମ. ମୁଥୁକୁମାର ଶୁକ୍ରବାର ବରଗଡ଼ ଜିଲା ଗସ୍ତରେ ଆସିଥିଲେ । ତାଙ୍କର ଏହି ଗସ୍ତକାଳରେ ସେ ଜିଲାର ଅତାବିରା ବ୍ଲକ ଅନ୍ତର୍ଗତ କୁଲିତାଟୁକୁରାଠାରେ ବିଜିଆର୍‌ଇଆଇ ଯୋଜନାରେ ହେଉଥିବା ଶହେ ହେକ୍ଟର ଜମିର ଧାଡ଼ିରୁଆ ଧାନଚାଷ ପରିଦର୍ଶନ କରିଥିଲେ । ସେହିପରି ସେ ଅତାବିରାର କୀଟନାଶକ ଓ ସାର ଦୋକାନ ଗୁଡ଼ିକୁ ବୁଲି ଦେଖିଥିଲେ । ଅତାବିରା ସେବା ସମବାୟ ସମିତିରେ ପସ୍(ପିଓଏସ) ମେଶିନ ଦ୍ୱାରା ସାର ବିକ୍ରୟ ଏବଂ ସୁରଭି ଦୋକାନ ଦ୍ୱାରା ରିହାତି ମୂଲ୍ୟରେ କୃଷି ସାମଗ୍ରୀ ଯୋଗାଣ ତଦାରଖ କରିଥିଲେ । ଏହା ସହିତ ଚକୁଲି କୃଷିଫାର୍ମକୁ ଯାଇଥିଲେ ଏବଂ ସେଠାରେ କୃଷିଫାର୍ମ ପରିଚାଳକ ଫକୀର କର୍ଣ୍ଣଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ବରପାଲି ବ୍ଲକର ବାରଙ୍ଗପାଲିକୁ ଯାଇ ସେଠାରେ ମଧ୍ୟ ଧାଡ଼ିରୁଆ ଧାନଚାଷ ପରିଦର୍ଶନ କରିଥିବାବେଳେ ଜିଲାର ସମସ୍ତ କୃଷି ଅଧିକାରୀଙ୍କ ସହିତ କୃଷି ନିର୍ଦ୍ଦେଶକ ମୁଥୁକୁମାର ଜିଲାର କୃଷିକାର୍ଯ୍ୟ ଏବଂ ଏଠାରେ ଚାଲିଥିବା ଯୋଜନା ଉପରେ ସମୀକ୍ଷା କରିଥିଲେ । ତାଙ୍କ ପରିଦର୍ଶନ ସମୟରେ କୃଷି ଉପନିର୍ଦ୍ଦେଶକ ଦିନବନ୍ଧୁ ଗାନ୍ଧୀ, ଜିଲା କୃଷି ଅଧିକାରୀ ପ୍ରସନ୍ନ ମହାପାତ୍ର, ସହକାରୀ କୃଷି ଅଧିକାରୀ ପ୍ରମୋଦିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ପଦ୍ମପୁର ଓ ବିଜେପୁର ଏନଏସିରେ ସ୍ୱାୟତ୍ତ ଶାସନ ଦିବସ

# ବିକାଶ ତ୍ୱରାନ୍ୱିତ ପାଇଁ ଆହ୍ୱାନ

**ପଦ୍ମପୁର/ବିଜେପୁର, ୩୧।୮(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ୫୬ତମ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ କାଉନସିଲର ଗାଦି ନାରାୟଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରିଷଦର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପରିଷଦର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଚିତ୍ରପ୍ରୋଜ୍ଜା ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏହାପୂର୍ବରୁ ମୁଖ୍ୟ ଅତିଥି ପଟ୍ଟନାୟକଙ୍କ ସହ କାଉନସିଲର ସନ୍ତୋଷ ସେଠ, ଟେଭାବତୀ ମେହେର, ପରିଷଦର କର୍ମଚାରୀ ଶ୍ୟାମସୁନ୍ଦର ପଟ୍ଟନାୟକ, ରଘୁ ସାହୁ, ଗୋପୀନାଥ ବେହେରା, ରମେଶ ସୁନା, ଏସ୍‌ବି ଲାଲ ମହାପାତ୍ର ପ୍ରମୁଖ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପଦ୍ମପୁର ଡାକ୍ତରଖାନା ଓ କୁଷ୍ଠାଶ୍ରମରେ ଫଳ ବଣ୍ଟନ କରିଥିଲେ । ସଭା ଶେଷ ହେବା ପରେ ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

**ବିଜେପୁର, (ଡି.ଏନ.ଏ.):** ବରଗଡ଼ ଜିଲା ବିଜେପୁର ଏନଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଶୁକ୍ରବାର ପାଳିତ ହୋଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ର ପତାକା ଉତ୍ତୋଳନ କରି ପ୍ରଶାସନ ଓ ନାଗରିକମାନଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ ହେଲେ ବିକାଶଧାରା ତ୍ୱରାନ୍ୱିତ ହେବା ସହ ସ୍ୱାୟତ୍ତ ଶାସନ ମଜଭୁତ ହେବ ବୋଲି ମତପୋଷଣ କରିଥିଲେ । ପରେ ପୂଜ୍ୟପୂଜା ପରମ୍ପରାକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ମେହେର ମଧ୍ୟପଡାସ୍ଥିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ଭାରତୀୟ ମୁକ୍ତି ସଂଗ୍ରାମର ସେନାନୀଙ୍କ ସ୍ମୃତିସ୍ତମ୍ଭରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଏନଏସିର କର୍ମଚାରୀ ସହଯୋଗ କରିଥିଲେ ।

## ସଂକ୍ଷେପରେ

### କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଧମକ ଘଟଣାରେ ୨ ଗିରଫ

ନୂଆପଡା ଅଫିସ,୩୧।୮

ନୂଆପଡା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଖରିଆରରୋଡ ଇଓ ଦେବେନ୍ଦ୍ରନାଥ ମହାରଣାଙ୍କୁ ମାଡ ମାରିବା ଅଭିଯୋଗରେ ନୂଆପଡାର ଦୁଇ ଜଣ ଯୁବକ ନିର୍ମଳ ରାଉତ (୪୦) ଏବଂ ହିତେଶ ସାହୁ(୩୦)ଙ୍କୁ ନୂଆପଡା ପୋଲିସ ଗିରଫ କରିଛି । ଦୁହେଁ କୌଣସି କାମକୁ ନେଇ ଗୁରୁବାର ନୂଆପଡା ଏନଏସିକୁ ଯାଇଥିଲେ । ସେଠାରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ବଚସା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଇଓଙ୍କୁ ଯୁବକ ଦ୍ୱୟ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ଏ ନେଇ ଥାନାରେ ଦଫା ୨୯୪, ୩୫୩, ୫୫୧, ୫୦୬, ୩୪ରେ ଏକ ମାମଲା (ନଂ. ୧୧୬/୧୮) ରୁଜୁ ହୋଇଛି । ଶୁକ୍ରବାର ସନ୍ଧ୍ୟାରେ ଗିରଫ ୨ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି ।




### ପିଆଇ କଲେଜ ପୂର୍ବତନ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଜୁନାଗଡ,୩୧।୮(ସ୍ୱ.ପ୍ର.)

ଜୁନାଗଡ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟ ଆରମ୍ଭରୁ ଅଧକ୍ଷ ଭାବରେ ଦାୟିତ୍ୱ ତୁଲାଇ ସଫଳତା ଭାବରେ ଏହି ଅନୁଷ୍ଠାନରେ ନିଜ କ୍ୟାରିୟର ସମାପନ କରିଥିବା ପୂର୍ବତନ ଅଧକ୍ଷ ବିଭୁତି ଭୁଷଣ ପଣ୍ଡାଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଏକ ସଭାରେ ଅଧକ୍ଷ ବିଭୁତି ଭୁଷଣ ମେହେରଙ୍କ ଅଧକ୍ଷତାରେ ପ୍ରିୟରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ସିନାପାଲିର ଦୁଇ ଜଣ ଅଧାପକଙ୍କ ସମେତ ସମସ୍ତ ଅଧାପକ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଭୁତ ପଣ୍ଡାଙ୍କ ସହ ଥିବା ନିଜ ଅନୁଭୁତି କହିଥିଲେ । ଅଧାପକ ପଣ୍ଡା ଏହି କଲେଜରୁ ଅଧାପକ ଜିବନ ଆରମ୍ଭ କରି ବହୁବାର ଅଧକ୍ଷ ହେବା ସହିତ ଶେଷ କର୍ମୀ ଜିବନ ପର୍ଯ୍ୟନ୍ତ ଏହି ଅନୁଷ୍ଠାନରେ ନିଜକୁ ସାମିଲ କରିଥିବାରୁ ସମସ୍ତ କର୍ମଚାରୀ, ସହାକରୀ ଅଧାପିକା ଅଧାପକ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଥିଲେ ।

# ଘର୍ ଭାଂଗି ନିଆଁସି ହେଲେ ୨ ଗରିବ୍ ପରିବାର

ସିନାପାଲି,୩୧।୮(ଡି.ଏନ.ଏ.)

ଗଲା କେତେ ଦିନ୍ ହେଲା ସିନାପାଲି ଅଂଚଲ୍‌ରେ ଝରି ବର୍‌ଷାର ଲାଗି ବହୁତ୍ କ୍ଷୟକ୍ଷତି ହେଇଛେ । ଏନ୍‌ତା କି ବହୁତ୍‌ଟେ ଗରିବ୍ ଲୁକ୍‌କର ଘର୍ ଭାଂଗି ଯାଇଛେ । ଏହେଦେ ଇ ପରିବାରମାନେ ବାସ୍ ଶୁଇନ୍ ହେଇ ନିଆଁସି ହେଇଯାଇଛନ୍ । ନୂଆପଡା ଜିଲା ସିନାପାଲି ବ୍ଲକ୍ କୁସୁମଯୋର ପଁନ୍‌ଚେତ କସେଇପାଣି ଗାଁରେ ଦୁଇ ଗରିବ୍ ପରିବାରକଁର ଘର୍ ଭାଂଗି ଗଲାରୁ ଏହେଦେ ସେମାନେ ଉନିଆ ଲୁକ୍‌କର ଘରେ ଆଶ୍‌ରେ ନେଇଥିବାର ଜନାଯାଇଛେ । ଗାଁର ଧର୍ମୁ ଘିଭେଲାକଁର ପରିବାର କହେଲେ ମାଏଝି ବୁଧ, ଦୁଇପୁଓ, ଦୁଇବହ, ନାତିନାତେନ୍‌କୁ ଧରି ୧୨ ଝନିଆଁ ପରିବାର । ଗଲା ଅଗଷ୍ଟ ୨୭ ତାରିଖ୍‌ରେ ସଭେ ଶୁଇଥିଲା ବେଲେ ବର୍‌ଷାରେ ଘର୍‌ଟା ଭାଂଗି ଯାଇଥିଲା । ପରିବାର ଲୋକ୍ ଅଲପ୍‌କେ ଇ ବିପତିରୁ ବର୍‌ତି ଯାଇଛନ୍ । ସେ ଝନେ ନିହାତି ଗରିବ୍ ହେଇଥିଲା ବେଲେ ଜମିବାଡି କିଛି ନାଇଁ । ସରକାରୀ ଯୋଜ୍‌ନା କହେଲେ ରାଶନ କାର୍ଡରେ ଫିମାସ ଯାହା ଚାଉଲ୍ ପାଉଛନ୍ । ଗାଁରେ କୁଲି ମଜୁରୀ କରି ବଡା କଷ୍‌ଟେ ଚଲୁଛନ୍ । ଘର୍‌ଟା ଭାଂଗି ଗଲାରୁ ଏହେଦେ ଇ ଗରିବ୍ ପରିବାର ପର୍‌ଶାସନ୍‌ର ସାହାଯ୍‌କେ ଟାକି ବସିଛନ୍ । ଆଗ୍‌ରୁ ଗୁଟେ ସଂସ୍ଥା


କୁଟୁମ୍ ବସିଆ ଧର୍ମୁ ଘିଭେଲା ଭଂଗା ଘର୍ ଆଘେ ଠିଆ ହେଇଛନ୍

ଜରିଆରେ ବାରହଜାର ଟଁକାରେ ଛୁଟିଆ ଘର୍ ବଖ୍‌ରେ ବନେଇ ସେଠାନେ କୁଟୁମ୍‌ବସିଆ ରହୁଥିଲେ । ଘର୍‌ଟା ଭାଂଗି ଗଲାରୁ ଏଡ଼େବଡ ପରିବାର ମୁଡ୍ ରଖିବାକେ କାହିଁ ଜାଗାଟିକେ ନାଇଁ । ବଡା କଷ୍‌ଟେ ପରିବାରଟା ଝନେ ପଡିସା ଘରେ ଆଶ୍‌ରେ ନେଇଛନ୍ । ଘରର୍ କେତେ ଲୋକ୍ ବିପଦ୍ ଅବସ୍‌ତାରେ ଥିବାର ଭାଂଗା ଘରେ ବି ରହୁଛନ୍ । ସେନ୍‌ତା ଗାଁର ରତନଲାଲ ଚିନାଗୁନ ଆର୍ ମାଏଝି ମୂଳା ଚିନାଗୁନକଁର ସଂଗେ ପିଲାଛୁଆକୁ ନେଇ ତାକର ଘରେ ଶୁଇଥିଲେ । ଇ ସମିଆରେ ଘର୍‌ଟା ମାଡି ବସ୍‌ଲା, ଏହେଦେ ସେ ବି ନିଆଁସି ପାଲ୍‌ଟିଯାଇଛନ୍ । ରତନଲାଲ ବି ଝନେ ନିହାତି ଗରିବ୍ ଲୋକ୍ ହେଇଥିଲା ବେଲେ ଜମିବାଡି କିଛି ନାଇଁ । କୁଲି ମଜୁରୀ କରି ଯାହା ପାଉଛନ୍ ସେଥିରେ ସେ କୁଟୁମ୍ ପୁଷୁଛନ୍ । ରାଶନ୍ କାର୍ଡ ଆର୍ ସରକାରନୁ ପାଇଥିବାର ୪ ଡିସିମିଲ ଜାଗାନ ତାକର ସଁପତି । ହେଲେ ଇ ପରିବାରକେ ବି ଆବାସ ଯୋଜ୍‌ନାରେ ସାମିଲ ନାଇଁ କରାଯାଇ । ସରକାର ଗରିବ୍ ଲୁକ୍‌କର ଲାଗି ଆବାସ୍ ଯୋଜ୍‌ନା କାଯ୍‌କାରୀ କରୁଥିଲେ ବି ଏନ୍‌ତା ନିହାତି ଗରିବ୍ ଲୋକ୍‌ମାନେ ଯୋଜ୍‌ନାରୁ ବାଦ୍ ପଡ଼ିଛନ୍ । ଥାନୀୟ ପର୍‌ଶାସନ୍, ଜନପର୍‌ତିନିଧିକଁର ଦୂରଦୁରୁଷ୍‌ଟି ଅଭାବ୍ ଲାଗି ଏନ୍‌ତା ବହୁତ୍‌ଟେ ଗରିବ୍ ଯୋଜ୍‌ନାର ସୁଫଲ୍ ପାଏବାରୁ ବଁଚିତ୍ ହେଉଛନ୍ ବଲି ସାଧାରନ୍‌ରେ ଚର୍‌ଚା ହେଉଛେ । ଅଭିଯୋଗ୍ ପାଇ ଥାନୀୟ ସରପଁଚ୍ ଉଦିତ ପ୍ରତାପ ଜ୍ୟୋତି, ସିନାପାଲି ସଦର ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ସିଂଗଝର ଆର୍‌ଆଇ ଏସ୍.ଅଗ୍ରୱାଲ ପୁହୁଁଚି ତଦଁତ୍ କରି ଫିରିଯାଇଛନ୍ । ଏହେଦେ ଇ ପରିବାର୍‌ମାନ୍‌କୁ ପଲିଥିନ୍ ଦିଆଯାଇଥିବାର ଜନାଯାଇଛେ । ଇ ବାବ୍‌ଦେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରକୁଁ ପଚ୍‌ରାବାରେ ତଦଁତ୍ କରାଯାଇ ସେମାନ୍‌କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନାରେ ଘର୍ ଯୁଗେଇ ଦିଆଯିବା ବଲି କହିଛନ୍ ।

## କୋଶଲ ରାଜ୍ୟ ସମନ୍ୱୟ ସମିତି ତରଫରୁ ସ୍ୱର୍ଗତ ଚନ୍ଦନ ମେହେରଙ୍କୁ ଶ୍ରଦ୍ଧାଞ୍ଜଳି

ସିନାପାଲି,୩୧।୮(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ଶିଶୁ ମନ୍ଦିର ପରିସରରେ କୋଶଳ ରାଜ୍ୟ ସମନ୍ୱୟ ସମିତି ତରଫରୁ ସ୍ୱର୍ଗତ ଚନ୍ଦନ ମେହେରଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସୁବ୍ରତ କୁମାରଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ବୈଷ୍ଣବ ମେହେର ସଭାକାର୍ଯ୍ୟ ସଂଯୋଜନା କରିଥିଲେ । ସଭାରେ ତ୍ରିନାଥ ମେହେର, ଅରିଗଞ୍ଜନ ଯୋଷୀ, ମାର୍କଣ୍ଡ ଗହୀର, ନିକାଶ ରନ ମେହେର, ବୁଦ୍ଧଦେବ ମେହେର, କିସନଲାଲ ମେହେର, ଆଶିଷ କୁମାର ସା, ଫଣିନ୍ଦ୍ର ମେହେର, ଯୁଧିଷ୍ଠିର ମେହେର, କାହ୍ନୁ ମେହେର ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ଚନ୍ଦନ ମେହେରଙ୍କ ସ୍ମୃତିଚାରଣ କରିଥିଲେ । ଜିତେନ୍ଦ୍ର ମେହେର, ବୀରେନ୍ଦ୍ର ମେହେର, ସୁରେନ୍ଦ୍ର ମେହେର, ଅରୁଣ ମେହେର, ଶିବପ୍ରସାଦ ମେହେର, ପ୍ରଦୀପ ମେହେର, ସଞ୍ଜୀବ ଭକ୍ତ, ମଣ୍ଟୁ ମେହେର, ଜିତୁ ମେହେର, ପ୍ରଦ୍ୟୁମ୍ନ ସିଂ ଚିନ୍ଦା, ସନ୍ତୋଷ କୁମାର ବାଗ, ବବଲୁ ମେହେର, ଟିଙ୍କୁ ମେହେର, ରାମ ମେହେର, ନିତେଶ ମେହେର, ନରସିଂହ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଥାଉ କି ସ୍ୱର୍ଗତ ଚନ୍ଦନ ମେହେର ଜଣେ ବିଶିଷ୍ଟ ଓଡିଶୀ ନୃତ୍ୟ ଶିଳ୍ପୀ ଭାବେ ଏ ଅଞ୍ଚଳରେ ଜଣାଶୁଣା ଥିଲେ । ଏହା ସହ ଅନେକ ସାଂସ୍କୃତିକ ଅନୁଷ୍ଠାନ ସହିତ ସମ୍ପୃକ୍ତ ଥିବା ବେଳେ କୋଶଳ ରାଜ୍ୟ ସମନ୍ୱୟ ସମିତି ସକ୍ରିୟ ସଦସ୍ୟ ଥିଲେ । ସେ ସିନାପାଲି ମହାବିଦ୍ୟାଳୟର ବିଜ୍ଞାନ ବିଭାଗରେ କେମିଷ୍ଟ୍ରି ଡେମୋନଷ୍ଟ୍ରେଟର୍ ଭାବେ କାର୍ଯ୍ୟରତ ଥିଲେ । ଗତ ଗୁରୁବାର ତାଙ୍କ ଅକାଳ ବିୟୋଗରେ ସିନାପାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଶେଷ ଇଚ୍ଛା ଥିଲା ଚକ୍ଷୁଦାନ କରିବା ପାଇଁ କିନ୍ତୁ ଯୋଗାଯୋଗର ଅସୁବିଧା ହେତୁ ତାହା ସମ୍ଭବ ହୋଇପାରି ନ ଥିଲା ।


ସ୍ୱର୍ଗତ ଚନ୍ଦନ ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି ।


ଖଡିଆଳରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ସ୍ୱାୟତ୍ତ ଶାସନ ଦିବସ ପାଳିତ

ଖଡିଆଳ,୩୧।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ଏନଏସି ଅଫିସ ପରିସରରେ ଏନଏସି ଅଧ୍ୟକ୍ଷା ଖୁଲଣା ବେହେରା ପତାକା ଉତ୍ତୋଳନ କରିବା ପରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ସଭା କାର୍ଯ୍ୟ ହୋଇଥିଲା । ଏଥିରେ ଏନଏସି ଅଧ୍ୟକ୍ଷା ବେହେରା ମୁଖ୍ୟଅତିଥି, କାର୍ଯ୍ୟ ନିର୍ବାହୀ ଅଧିକାରୀ କିଶୋର କୁମାର ସାହୁ, ଉପାଧ୍ୟକ୍ଷ ଛବିଲା ଦୀପ, ସିଦ୍ଧାର୍ଥ ଶଙ୍କର ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱାୟତ୍ତ ଶାସନ ପାଳନର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ । ସଭାରେ ୧୩ଟି ୱାର୍ଡର କାଉନସିଲର୍‌ଙ୍କ ସମେତ ସହରର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

## ବିଜେଡି ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ଜୁନାଗଡ,୩୧।୮(ଡି.ଏନ.ଏ./ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ସାପ୍ତାହିକ ବଜାର ପରିସରରେ ଶୁକ୍ରବାର ସ୍ଥାନୀୟ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଗତ ୨୪ ତାରିଖ ବିଧାନ ସଭା ପରିସରରେ ୨୦୧୫ ବର୍ଷ ପାଇଁ ଉତ୍କଳମଣି ଗୋପବନ୍ଧୁ ଦାସ ଶ୍ରେଷ୍ଠ ବିଧାୟକ ପୁରସ୍କାର ଭାବେ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ ବିଜେଡି ଜୁନାଗଡ ବ୍ଲକ ଓ ଏନଏସି ପକ୍ଷରୁ କର୍ମୀମାନେ ସହର ନିକଟରେ ଥିବା ଗୋବିନ୍ଦଢାବାରେ ବିଧାୟକଙ୍କୁ ଫୁଲମାଳ ଦେଇ ସମ୍ବର୍ଦ୍ଧନା କରିଥିଲେ । ପରେ ଏକ ବାଇକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସାପ୍ତାହିକ ବଜାରରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ମିଶ୍ର ଯୋଗଦେଇ ଏହି ପୁରସ୍କାର ଜୁନାଗଡ ନିର୍ବାଚନ ମଣ୍ଡଳୀର ସମସ୍ତଙ୍କ ପାଇଁ ଏହିପୁରସ୍କାର ଉତ୍ସର୍ଗୀକୃତ ବୋଲି କହିଥିଲେ । ଏଥିରେ ଜୁନାଗଡ ଏନଏସି ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ବିଜେଡି ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ବ୍ଲକ ସଭାନେତ୍ରୀ ମନିଷା ସାହୁ, ରାଜ୍ୟ ପରିଷଦ ସଦସ୍ୟ ଦିଗାମ୍ବର ନାଏକ, କୃଷକ ମୋର୍ଚ୍ଚା ଜିଲା ସଭାପତି ଦିଲୀପ ଠାକୁର, ଯୁବ ନେତା ହିମାଂଶୁ ଶେଖର ବରାଡ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଶ୍ମି ରଞ୍ଜନ ନାୟକ, ଉପାଧ୍ୟକ୍ଷ ପ୍ରମୋଦ ବେହେରା ପ୍ରମୁଖ ଯୋଗଦେଇ ଦିବ୍ୟ ଶଙ୍କର ମିଶ୍ରଙ୍କ ସମୟରେ ଜୁନାଗଡ ବ୍ଲକରେ ହୋଇଥିବା ବିଭିନ୍ନ ଉନ୍ନୟନ କାମ ଉପରେ କହିଥିଲେ ।

## ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କେସିଙ୍ଗା/କୋକସରା,୩୧।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅମାଠଛକଠାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କୁ ନର୍ଲା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଶୁକ୍ରବାର ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା । ସାଧାରଣ ସମ୍ପାଦକ ପ୍ରଦେଶ କଂଗ୍ରେସ କମିଟି ଓଡିଶାର ହିମାଂଶୁ ଶେଖର ଦାଶଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲାରେ ୯ଟି ଜିଲାର ଜୋନସ୍ତରୀୟ ସଭାପତିମାନଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଭବାନୀପାଟଣା ଅଭିମୁଖେ ଯାଉଥିବା ବେଳେ ଅମାଠ ଛକଠାରେ ଶତାଧିକ କଂଗ୍ରେସ କର୍ମୀ ନର୍ଲା ନିର୍ବାଚନ ମଣ୍ଡଳୀର ଉପଯୁକ୍ତ ବିଧୟାକ ପ୍ରାର୍ଥୀ ଭାବେ ସାଧାରଣ ସମ୍ପାଦକ ପ୍ରଦେଶ କଂଗ୍ରେସ କମିଟି ଓଡିଶାର ହିମାଂଶୁ ଶେଖର ଦାଶଙ୍କୁ କଂଗ୍ରେସ ପକ୍ଷରୁ ଟିକେଟ ଦେବା ପାଇଁ ଦାବି ଜଣାଇଥିଲେ । ଏଥିରେ ସମ୍ପାଦକ ପ୍ରଦେଶ କଂଗ୍ରେସ କମିଟିରୁ ଟୁନା ମହାପାତ୍ର, ଜିଲା କାର୍ଯ୍ୟକାରୀ ସଭାପତି ପର୍ଶୁରାମ ପାଢୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ଭବାନୀପାଟଣା ଜୟଦେବ ନାଏକ, କୃଷକ ସେଲ ସଭାପତି ସାୱନ ଅଲିଖନ, ଉଦିଆ ସୁନାନୀ, ରାଷ୍ଟ୍ର ସାହୁ, ଟୁକୁ ସାହୁ, ଅନାଦି ପ୍ରଧାନ, ବିକ୍ରମ ବାରିକ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ । ଏହି ଅବସରରେ ଶୁକ୍ରବାର ସନ୍ଧ୍ୟାରେ କୋକସରାରେ ପହଞ୍ଚିବା ପରେ ରାଜ୍ୟ ସଭାପତି ପଟ୍ଟନାୟକଙ୍କୁ କୋକସରା ବ୍ଲକ କଂଗ୍ରେସ କମିଟି ତରଫରୁ ସ୍ୱାଗତ କରାଯାଇଥିଲା । କୋକସରାଠାରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୋକସରା ବ୍ଲକ ସଭାପତି ରାଜେନ୍ଦ୍ର ନାଏକ, ଯୁବ ନେତା ତ୍ରିଭୂବନ ନାଏକ, ପରୁଷୋତ୍ତମ ଗୁପ୍ତା, ନିମାଇ ଧ.ମାଝି, ଅରୁଣ ମାଝି, କୃପାସିନ୍ଧୁ ପ୍ରଧାନୀଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

## ବିଶ୍ୱନାଥପୁରଠାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ଭବାନୀପାଟଣା,୩୧।୮(ଡି.ଏନ.ଏ.)

ଗ୍ରାମ୍ୟସ୍ତରରେ ଜନସାଧାରଣଙ୍କ ଜୀବନଧାରଣ ମାନରେ ବୃଦ୍ଧି ତଥା ପରିମଳ ବ୍ୟବସ୍ଥା ଉନ୍ନତୀ ଏବଂ ଭାରତକୁ ଏକ ସ୍ୱଚ୍ଛ ସୁସ୍ଥ ରାଷ୍ଟ୍ରରୂପେ ଗଠନ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ଭବାନୀପାଟଣା କ୍ଷେତ୍ର ଜନସମ୍ପର୍କ ବ୍ୟୁରୋ ଆନୁକୂଲ୍ୟରେ ଶୁକ୍ରବାର ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁରଠାରେ ମା’ ହୀରାନୀଳା ମହାବିଦ୍ୟାଳୟଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଲାଞ୍ଜିଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷ ଫକୀର ମୋହନ ମାଝି ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଜିଲା ଜଳ ଓ ପରିମଳ ମିଶନ ଜିଲା ପରାମର୍ଶଦାତା ତପନ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ଯଶୋବନ୍ତ ମାଝି ଓ ମା’ ହୀରାନୀଳା କଲେଜର ଅଧ୍ୟକ୍ଷ କଙ୍କଣ କୁମାର ରାଏ ପ୍ରମୁଖ ଯୋଗଦେଇ ଶୌଚାଳୟର ବ୍ୟବହାର ଏବଂ ଖୋଲା ଜାଗାରେ ଶୌଚ ନ କରିବା ତଥା ଗ୍ରାମପଞ୍ଚାୟତ ମାଧ୍ୟମରେ ବର୍ଜ୍ୟବସ୍ତୁର ପରିଚାଳନାକୁ ତ୍ୱରାନ୍ୱିତ କରି ଦେଶର ସାମଗ୍ରୀକ ଅର୍ଥିକ ବିକାଶକୁ ସାହାଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱଚ୍ଛତା ସମ୍ପର୍କିତ ଏକ ଶୋଭାଯାତ୍ରା ବିଶ୍ୱନାଥପୁର ଗ୍ରାମ ପରିକ୍ରମା କରିଥିଲା । ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କ୍ଷେତ୍ର ଜନ ସମ୍ପର୍କର ବ୍ୟୁରୋ ଭବାନୀପାଟଣା ଅଧିକାରୀ ବିଷ୍ଣୁ ଚରଣ ସାହୁ ପରିଚାଳନା କରିଥିଲେ ।

## ଡେଙ୍ଗୁ, ମ୍ୟାଲେରିଆ, ଝାଡ଼ାବାନ୍ତି ସଚେତନତା ଶୋଭାଯାତ୍ରା

କୋକସରା,୩୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ତାରାପୁର ଗାଁରେ ଡେଙ୍ଗୁ, ମ୍ୟାଲେରିଆ ଓ ଝାଡ଼ାବାନ୍ତି ରୋଗର ନିରାକରଣ ନେଇ ଗୁରୁବାର ଏକ ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଆର୍ଟ ଅଫ ଲିଭିଂ ସ୍କୁଲ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇ ତରାପୁର ଗାଁର ଗଳିକନ୍ଦି ବୁଲି ସଚେତନତା ବାର୍ତ୍ତା ଦେଇଥିଲେ । ଶୋଭାଯାତ୍ରା ବେଳେ ବର୍ଷା ଦିନରେ ହେବାକୁ ଥିବା ରୋଗଗୁଡିକର ନିରାକରଣ ପାଇଁ ସଚେତନ ହୋଇ ଆବଶ୍ୟକ ଚିକିତ୍ସା ସେବା ନେବା ପାଇଁ ଛାତ୍ରୀଛାତ୍ରମାନେ ଲୋକଙ୍କୁ ଅବଗତ କରାଇଥିଲେ । ସଚେତନତା କାର୍ଯ୍ୟକ୍ରମକୁ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ପରିଚାଳନା କରିଥିବା ବେଳେ ଆଶା, ଅଙ୍ଗନୱାଡି କର୍ମୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ ।


ତାରାପୁର ଗାଁରେ ଆୟୋଜିତ ସଚେତନତା ଶୋଭାଯାତ୍ରା ।

## ଦକ୍ଷିଣ ଓଡ଼ିଶା ବ୍ଲକ ଜୋନ୍ ସଭାପତିଙ୍କ ପ୍ରଶିକ୍ଷଣ ଶିବିର

ଭବାନୀପାଟଣା,୩୧।୮(ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଦକ୍ଷିଣ ଓଡିଶା ବ୍ଲକ ଜୋନ୍ ସଭାପତିଙ୍କ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରାଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ, ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ଜାତୀୟ କଂଗ୍ରେସ କମିଟି ସମ୍ପାଦକ ଅନିଲ ଚୌଧୁରୀ, ବିଧାୟକ କୃଷ୍ଣ ସଗଡିଆ, ରାଜ୍ୟ ଆଟିସିଏଲ ମୁଖ୍ୟ ମହାନନ୍ଦ, ପୂର୍ବତନ ମନ୍ତ୍ରୀ ଜଗନାଥ ପଟ୍ଟନାୟକ, ଜିଲା କଂଗ୍ରେସ କମିଟି ସଭାପତି ଭାରତ ବେମାଲ ଉପସ୍ଥିତ ରହିଥିଲେ । ଏଥିରେ ବୁଥସ୍ତରରେ ସଙ୍ଗଠନ ଶକ୍ତିଶାଳୀ କରିବା ସକାଶେ ଆମ ବୁଥ ଆମ ଗୌରବ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । କଂଗ୍ରେସକୁ ବୁଥସ୍ତରରୁ ଦୃଢ଼ସଙ୍ଗଠିତ କରିବା ପାଇଁ ଏଣିକି ନିର୍ବାଚନ ପରିଚାଳନା କରିବା ସହ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରି ସେମାନଙ୍କ ସୁଖ ଦୁଃଖରେ ସାମିଲ ହେବା ପାଇଁ ଏବଂ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କ ପ୍ରିୟ ଭାଜନ ହେବା ପାଇଁ ଉପସ୍ଥିତ ନବନିର୍ବାଚିତ ଜିଲା ପରିଷଦ ଜୋନ୍ ସଭାପତିମାନଙ୍କୁ ଆହ୍ୱାନ ଦେଇଥିଲେ । କଳାହାଣ୍ଡି ଜିଲା ବରିଷ୍ଠ କଂଗ୍ରେସ ନେତା ସଚ୍ଚିଦାନନ୍ଦ ମହାଖୁଡ, ଚିତରଞ୍ଜନ ମଣ୍ଡଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଆଗାମୀ ୨୦୧୯ରେ ସାଧାରଣ ନିର୍ବାଚନ ହେବାକୁ ଥିବା ଯୋଗୁ କଂଗ୍ରେସ ରାଜ୍ୟର ସମସ୍ତ ଜିଲାରେ ସଙ୍ଗଠନକୁ ମଜଭୁତ କରିବା ଏବଂ କର୍ମୀମାନଙ୍କୁ ଉତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମ କଂଗ୍ରେସ ଚାଲୁରଖି ଥିବା ଦଳିୟ ନେତାଙ୍କ ଠାରୁ ପ୍ରକାଶ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ଗୋବର୍ଦ୍ଧନ ଦାସ, ତରୁଣ ମାଝି, ଉଦିଆ ସୁନାନି, ନରହରୀ ବାଗଙ୍କ ସମେତ କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ପରେ ଉକ୍ତନେତାମାନେ ସ୍ଥାନୀୟ ସାର୍କିଟ ହାଉଠାରେ ଏକ ଖବରଦାତା ସମ୍ମିଳନୀରେ ରାଫେଲ ଶତାବ୍ଦିର ସବୁଠୁ ବଡଦୁର୍ନିତୀ ବୋଲି ଅଭିଯୋଗ କରାଯାଇଛି । ଏଥିସହ ଏହି ଦୁର୍ନୀତି ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ପାଇଁ ସବୁ ହେଡକ୍ୱାଟରେ ବୈଠକ କରାଯିବ ବୋଲି ସୂଚନା ଦିଆଯାଇଛି ।


ଦକ୍ଷିଣ ଓଡିଶା ବ୍ଲକ ଜୋନ୍ ସଭାପତିଙ୍କ ପ୍ରଶିକ୍ଷଣ ଶିବିରରେ କଂଗ୍ରେସ ନେତୃମଣ୍ଡଳୀ ।

## ଓଡ଼ିଶା ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ବୈଠକ

ଭବାନୀପାଟଣା,୩୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଏସଏନ କନଫରେନ୍ସ ହଲଠାରେ ଓଡିଶା ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟରେ ବସଷ୍ଟାଣ୍ଡଗୁଡିକର ଅବସ୍ଥା ଶୋଚନୀୟ ଅବସ୍ଥାରେ ଅଛି । ଯାତ୍ରୀମାନଙ୍କ ସୁବିଧା ପାଇଁ ତୁରନ୍ତ ବସ୍‌ଷ୍ଟାଣ୍ଡ ଗୁଡିକର ଆଧୁନୀକକରଣ କରାଯାଉ । ଯାତ୍ରୀବାହୀ ବସ ଉପରେ ବୀମା କମ୍ପାନୀମାନଙ୍କ ଅହେତୁକ ବୀମା ରାଶି ବୃଦ୍ଧି ପାଇଁ ସର୍ବଭାରତୀୟସ୍ତରରେ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ବସ ବୀମା ଉପରୁ ଜିଏସ୍‌ଟି ପ୍ରତ୍ୟାହାର ପାଇଁ ଦାବି କରାଯାଇଛି । ରାଜ୍ୟରେ ପର୍ବ ପର୍ବାଣି ସମୟରେ ବିଶେଷ କରି ଦଶହାରା ସମୟରେ ବସଗୁଡିକରୁ ବେଆଇନ ଭାବେ ଚାନ୍ଦା ଆଦାୟ ରୋକିବା ପାଇଁ ସରକାରଙ୍କଠାରେ ଦାବି କରାଯାଇଥିଲା । ରାଜ୍ୟ ରାଜପଥ ଓ ଜାତୀୟ ରାଜପଥ ରାସ୍ତାଗୁଡିକରେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଶୌଚ କେନ୍ଦ୍ର ଓ ରାତ୍ରୀ ରହଣି ପାଇଁ ବ୍ୟବସ୍ଥା କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କାରାଯାଇଥିଲା । ସ୍ଥାୟୀ ପରମିଟ ପାଇଥିବା ବସ୍‌ଗୁଡିକ ଆଗରେ ନୂତନ ଭାବରେ ପରମିଟ ଦରଖାସ୍ତ କାରୀଙ୍କୁ ପରମିଟ ପ୍ରଦାନ କଲା ବେଳେ ସ୍ଥାୟୀ ପରମିଟ ପାଇଥିବା ବ୍ୟକ୍ତିଙ୍କ ପଛରେ ଦିଆଯାଉ ବୋଲି ବୈଠକରେ ଦାବି କରାଯାଇଥିଲା । ବୈଠକରେ ସଂଘ ରାଜ୍ୟ ସଭାପତି ପ୍ରକାଶ ମିଶ୍ର ଅଧକ୍ଷତା କରିଥିବା ବେଳେ ସଦର ବିଧାୟକ ଅନାମ ନାଏକ ମୁଖ୍ୟଅତିଥି, ଆଞ୍ଚଳିକ ପରିବହନ ଅଧିକାରୀ ଦିନବନ୍ଧୁ ସୁଣ୍ଡି, କଳାହାଣ୍ଡି ଘରୋଇ ବସ ମାଲିକ ସଂଘ ସଭାପତି ପ୍ରବୋରଥ, ସମ୍ପାଦକ ସୁବାସଚନ୍ଦ୍ର ପଣ୍ଡା, ରାଜ୍ୟ ସାଧାରଣ ସମ୍ପଦକ ଦେବେନ୍ଦ୍ର ସାହୁ, କୋଷାଧକ୍ଷ ଲୋକନାଥ ପାଣି, ସହ କୋଷାଧକ୍ଷ ବରଦା ପ୍ରଶନ୍ନ ଆଚାର୍ଯ୍ୟ, ମୁଖପାତ୍ର ଦେବାଶିଷ ନାୟକ ସମେତ ରାଜ୍ୟର ସମସ୍ତ ଆଞ୍ଚଳିକ ସଂଘର ପ୍ରତିନିଧିମାନେ ଯୋଗଦେଇ ଯାତ୍ରୀମାନଙ୍କୁ ସୁବିଧା ଓ ବସ୍ ଚଳାଚଳ ସମ୍ପର୍କରେ ଏବଂ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ । କଳାହାଣ୍ଡି ଘରୋଇ ବସ୍ ମାଲିକ ମାନସ ରଞ୍ଜନ ଦାସ, ସନ୍ଦିପ ଦାସ, ପ୍ରବିଣ ଖାମାରି, ପ୍ରଦୀପ କୁମାର ଦାସ, କାଶିନାଥ ହୋତା, ବିଶ୍ୱରଞ୍ଜନ ରାଉତ, ବିଜୟ କୁମାର ପାଣିଗ୍ରାହୀ, ନରେଶ ପଟ୍ଟନାୟକ, ବଟ ପ୍ରଧାନ, ବିର ପ୍ରହରାଜ, ଜାମିନି ମାଝି, ଆଶୁତୋଷ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ଓଡିଶା ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ବୈଠକରେ ଆଲୋଚନା କରାଯାଉଛି ।

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୧ ସେପ୍ଟେମ୍ବର, ୨୦୧୮



"ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ତୁଷୁରାରେ ସ୍ୱାୟତ୍ତ ଶାସନ ଦିବସ

**ଗୁଡ଼ଭେଲା,୩୧।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଏନଏସି ପରିସରରେ ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏନଏସି ଅଧକ୍ଷା ଭାଗ୍ୟଶ୍ରୀ ନାଗ ପତାକା ଉତ୍ତୋଳନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଏମପି ପ୍ରତିନିଧି କମଳ ଜୈନ, ଉପାଧକ୍ଷ ଦିନଦୟାଲ ଶର୍ମା, ଅଧାପକ ନିରଞ୍ଜନ ଶର୍ମା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଏନଏସି ତରଫରୁ ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ କୃତି ପ୍ରତିଯୋଗୀମାନଙ୍କୁ ପୁରଷ୍କୃତ କରାଯାଇଥିଲା। ଇଞ୍ଜିନିୟର ସନ୍ତୋଷ ବେହେରା ମଞ୍ଚ ପରିଚାଳନା କରିଥିଲେ। ଜୁନିୟର ଆସିଷ୍ଟାଣ୍ଟ ପ୍ରକାଶ ଚନ୍ଦ୍ର ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ପଞ୍ଚାୟତ ଦୁର୍ନୀତି ବିରୋଧରେ ନାଏବ ସରପଞ୍ଚଙ୍କ ଧାରଣା



ଲୋଇସିଂହା,୩୧।୮(ଡି.ଏନ.ଏ) ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତରେ ଉନ୍ନୟନ କାମରେ ବ୍ୟାପକ ଅନିୟମିତତା ହେଉଛି। ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ପଞ୍ଚାୟତର ନାଏବ ସରପଞ୍ଚ ଜଗମୋହନ ସାହୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୪ଦିନ ହେଲା ଧାରଣାରେ ବସିଛନ୍ତି। ଅଭିଯୋଗ ମୁତାବକ, ବୁର୍ଡା ପଞ୍ଚାୟତରେ ଉନ୍ନୟନମୂଳକ କାମ ନିମ୍ନମାନର ହେଉଛି । ପିସି ନହେଲେ କାମ ହେଉନାହିଁ । ଏମଜିଏନଆରଇଜିଏସରେ ଶ୍ରମିକ ବଦଳରେ ମେଶିନରେ କାମ କରାଯାଉଛି। ବିଭିନ୍ନ ଆବାସ ଯୋଜନାରେ ଯୋଗ୍ୟ ବ୍ୟକ୍ତିଙ୍କୁ ଅବହେଳା କରାଯାଇ ସ୍ୱଚ୍ଛଳ ବର୍ଗ ଲୋକଙ୍କୁ ଘର ଦିଆଯାଇଛି । ଏପରିକି ଗୋଟିଏ ପରିବାରରୁ ଦୁଇଦୁଇ ଜଣକୁ ଘର ମିଳୁଛି। ଏସବୁର ତଦନ୍ତ ପାଇଁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲି । ବିଡମ୍ବନାର ବିଷୟ ଏହିକି ଯେ, ତଦନ୍ତକୁ ଚାପି ଦିଆଯାଉଛି। ଯେ ପର୍ଯ୍ୟନ୍ତ ଜିଲାପାଳ ଘଟଣାରେ ହସ୍ତକ୍ଷେପ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠନ ନ କରିବେ ସେ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ସରପଞ୍ଚ ଓ ପିଇଓଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

**ଆଜି କ'ଣ କେଉଁଠି ସ୍ତମ୍ଭ**ରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।





ବଲାଙ୍ଗୀର ମେଡିକାଲ କଲେଜ ଉଦ୍‌ଘାଟନ ଅବସରରେ ପ୍ରଥମ ବ୍ୟାଚର ଛାତ୍ରୀଛାତ୍ରଙ୍କ ସହ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ଏମ୍‌ପି କଲିକେଶ ନାରାୟଣ ସିଂଦେଓ ପ୍ରମୁଖ(ବାମ) । କଂଗ୍ରେସ କର୍ମୀମାନେ ବଲାଙ୍ଗୀର ସହରର ଟିକ୍ରାପଡ଼ା ଛକରେ ନରସିଂହଙ୍କ ମୁଖା ଲଗାଇ ମିଷ୍ଟାନ୍ନ ବଣ୍ଟନ ସହ ସହରବାସୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି। (ଫଟୋ: ସୁନୀଲ)

# ବଲାଙ୍ଗୀର ମେଡିକାଲ କଲେଜ ଉଦ୍‌ଘାଟନୀ ଉତ୍ସବର ଏପାଖ ସେପାଖ

### ଯେସାକୁ ତେସା

**ବଲାଙ୍ଗୀର ଅଫିସ, ୩୧।୮:** ବଲାଙ୍ଗୀର ମେଡ଼ିକାଲ କଲେଜ ଉଦ୍‌ଘାଟନୀ ଉତ୍ସବରେ ବଲାଙ୍ଗୀର ଏମପି କଲିକେଶ ନାରାୟଣ ସିଂହଦେଓ ବକ୍ତବ୍ୟ ରଖିବାକୁ ଯାଇଥିଲେ । ସେଠାରେ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ମଞ୍ଚାସୀନ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ଜିଲାପାଳ, ଡ଼ିନ ଓ ଉପସ୍ଥିତ ଅନ୍ୟାନ୍ୟ ବିଧାୟକ ତାଙ୍କ ପିତା ପୂର୍ବତନ ସାଂସଦ ଅନଙ୍ଗ ଉଦୟ ସିଂଦେଓଙ୍କୁ ସମ୍ୱୋଧନ କରିଥିଲେ। ହେଲେ ମଞ୍ଚାସୀନ ବିରୋଧୀଦଳ ନେତା ତଥା ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କୁ ସମ୍ୱୋଧନ କରି ନ ଥିଲେ । ଏହା ପରେ ବକ୍ତବ୍ୟ ଦେବାକୁ ଆସି ବିରୋଧୀ ଦଳ ନେତା ନରସିଂହ ମିଶ୍ର ଯେସାକୁ ତେସା ନୀତି ଅବଲମ୍ବନ କରି ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତଙ୍କୁ ସମ୍ୱୋଧନ କରିଥିଲେ ମଧ ଏମ୍‌ପି ସିଂଦେଓଙ୍କୁ ସମ୍ୱୋଧନ କରି ନ ଥିଲେ। ଏହି ଘଟଣା ଉପସ୍ଥିତ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ହୋଇଛି ।

### ଚର୍ଚ୍ଚାରେ ମୁଖ୍ୟମନ୍ତ୍ରୀଙ୍କୁ ନରସିଂହଙ୍କ ପ୍ରଶଂସା

ଭୀମଭୋଇ ମେଡ଼ିକାଲ କଲେଜ ଏବଂ ହସ୍‌ପିଟାଲ ଉଦ୍‌ଘାଟନୀ ଉତ୍ସବରେ ବିରୋଧୀ ଦଳ ନେତା ତଥା ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ଦେବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ । ବଲାଙ୍ଗୀର ମେଡ଼ିକାଲ କଲେଜ ସାକାର ହେବା ପଛରେ ମୁଖ୍ୟମନ୍ତ୍ରୀଙ୍କ ଢ଼େର ଅବଦାନ ରହିଛି ବୋଲି କହିଥିଲେ। ନବୀନ ବଲାଙ୍ଗୀର ଜିଲାରେ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ କରିବାକୁ ଚାହୁଁଥିଲେ ମଧ କିଛି ଲୋକ ଏହାକୁ ବିରୋଧ କରୁଥିବାରୁ ଅଟକି ଯାଉଥିବା କହିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲା ବେଳେ ପରୋକ୍ଷରେ ମିଶ୍ର ତାଙ୍କର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ସିଂଦେଓ ପରିବାରକୁ ଟିପ୍ପଣୀ କରିଥିବା ଚର୍ଚ୍ଚାର ବିଷୟ ହୋଇଥିଲା ।

### ମିଠାମୟ ବଲାଙ୍ଗୀର

ବଲାଙ୍ଗୀର ମେଡିକାଲ କଲେଜ ଉଦ୍‌ଘାଟନୀ ଉତ୍ସବରେ ଆଜି ବଲାଙ୍ଗୀର ଉତ୍ସବ ମୁଖର ହୋଇଉଠିଥିଲା। କଂଗ୍ରେସ ଦଳ ତରଫରୁ ସହରର ବିଭିନ୍ନ ଛକରେ ଜନସାଧାରଣଙ୍କୁ ମିଠା ବଣ୍ଟାଯାଇଥିଲା। ୧୯୯୯ ମସିହାରେ ନରସିଂହ ମିଶ୍ରଙ୍କ ଉଦ୍ୟମରେ ମେଡ଼ିକାଲ କଲେଜ ଆରମ୍ଭ ହୋଇଥିଲା ଓ ତାଙ୍କ ପ୍ରଚେଷ୍ଟାରେ ଆଜି ଏହା ସାହାର ରୂପ ନେଇଥିବାରୁ ସହରରେ ଲୋକଙ୍କୁ ମିଠାବଣ୍ଟନ କରିଥିଲେ । କଂଗ୍ରେସ କର୍ମୀମାନେ ନରସିଂହଙ୍କ ମୁଖା ଲଗାଇ ମିଠା ବାଣ୍ଟିବା ଦୃଶ୍ୟ ଆମୋଦିତ କରିଥିଲା ।

### ନରସିଂହଙ୍କୁ ଡାକିଲେ ଏୟୁ

ମେଡିକାଲ କଲେଜ ଉଦ୍‌ଘାଟନୀ ସଭା ସରିବା ପରେ ପ୍ରଥମ ବ୍ୟାଚ ଛାତ୍ରୀଛାତ୍ରଙ୍କ ସହ ଫଟୋ ହେବା ପାଇଁ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା, ବଲାଙ୍ଗୀର ଏମ୍‌ପି ସଭାରୁ ଓହ୍ଲାଇଥିଲେ । ଏହାପରେ ଫଟୋ ହେବା ପାଇଁ ପ୍ରଥମ ଧାଡିରେ ବସିବା ବେଳେ ଅନଙ୍ଗ ଉଦୟ ସିଂହଦେଓ ଗୋଟିଏ ଚୌକିରେ ବସି ପଡ଼ିଥିଲେ । ଆଉ ଚୌକି ନଥିବା ଦେଖି ବିରୋଧୀ ଦଳ ନେତା ମିଶ୍ର ସେଠୁ ଫେରିଯିବା ଉଦ୍ୟମ କରୁଥିବା ବେଳେ ଅନଙ୍ଗ ଉଦୟ ଉଠିଆସି ତାଙ୍କ ହାତ ଧରି ସେହି ଚୌକିରେ ବସାଇଥିଲେ । ଏହାପରେ ଛାତ୍ରୀଛାତ୍ରଙ୍କ ଫଟୋ ସେସନ ଶେଷ ହୋଇଥିଲା।

### ବିରୋଧୀ ଦଳ ନେତାଙ୍କୁ ଡାକିଲେ ନାହିଁ

ମେଡ଼ିକାଲ କଲେଜ ପରିସରରେ ସ୍ଥାପିତ ହୋଇଥିବା ସନ୍ଥକବି ଭୀମଭୋଇ ପ୍ରତିମୂର୍ତ୍ତି ଓ ଉଦ୍‌ଘାଟନୀ ଫଳକ ଉନ୍ମୋଚନସ୍ଥଳକୁ ବିଧାୟକ ନରସିଂହ ମିଶ୍ରଙ୍କୁ ଡ଼କାଯାଇ ନ ଥିଲା । ସେଠାରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ । ପରେ ମନେ ପକାଇ ଉପଜିଲାପାଳ ମିଶ୍ରଙ୍କୁ ଡାକିବାକୁ ଯାଇଥିଲେ। ମାତ୍ର ସେତେବେଳେ ବହୁ ବିଳମ୍ବ ହୋଇ ସାରିଥିଲା ଏବଂ ମିଶ୍ର ସେଥିରେ ଯୋଗ ଦେଇ ପାରି ନ ଥିଲେ।

# ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

- କ୍ଷତିପୂରଣ ଦାବିରେ ଗଛ ପକାଇ ରାସ୍ତା ଅବରୋଧ
- କ୍ଷତିପୂରଣ ପ୍ରତିଶ୍ରୁତି ପରେ ୯ଘଣ୍ଟାର ଅବରୋଧ ପ୍ରତ୍ୟାହୃତ

**ମୁରିବାହାଲ, ୩୧।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅଧିନ ଜମୁନାଠାରେ ଗତ ସୋମବାର ସଡ଼କ ଦୁର୍ଘଟଣାରେ ଆହତ ହୋଇ ବୁର୍ଲାରେ ଚିକିତ୍ସାଧୀନ ଜଣେ ଯୁବକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଜମୁନା ଗାଁର ସୁଦୀପ ରଞ୍ଜନ ମହାକୁର(୩୧)। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ପୂର୍ବାହ୍ନ ୧୧ଟାରୁ ଗ୍ରାମବାସୀ ଜମୁନା ଗ୍ରାମ ନିକଟ ମୁରିବାହାଲ-ଟିଟିଲାଗଡ ରାସ୍ତାକୁ ଗଛ କାଟି ଅବରୋଧ କରିଥିଲେ। ଦୁର୍ଘଟଣା ଘଟାଇଥିବା ବୋଲେରୋ ଡ୍ରାଇଭରଙ୍କୁ ଯଥାଶୀଘ୍ର ଗିରଫ ସହ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇ ଦେବାକୁ ଦାବି କରିଥିଲେ। ଏହିପରିକି ଉକ୍ତ ବୋଲେରୋ ଜଣେ ଜିଲା ପରିଷଦ ସଭ୍ୟଙ୍କର ବୋଲି ବିକ୍ଷୋଭକାରୀମାନେ ପୂର୍ବରୁ ଜଣାଇ ଆସୁଥିଲେ ହେଁ ପୋଲିସ କାହିଁକି ଗିରଫ କରୁନାହିଁ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଖବର ପାଇ ସ୍ଥାନୀୟ ତହସିଲଦାର ଜୟେନ୍ଦ୍ର କୁମାର ସେଠୀ, ମୁରିବାହାଲ ଥାନା ଅଧିକାରୀ ଲୋକନାଥ ଭୋଇ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଦାବି ପୂରଣ ନ ହେବା ଯାଏ ସେମାନେ ଅବରୋଧରୁ ହଟିବେ ନାହିଁ ବୋଲି ଜିଦ୍ କରିଥିଲେ। ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ ହୋଇ ଜମୁନାରେ ପହଞ୍ଚିଲା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇ ଯାଇଥିଲା। ଉତ୍ୟକ୍ତ ଲୋକେ ମୃତଦେହକୁ ରାସ୍ତାରେ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପାଇ କଣ୍ଟାବାଞ୍ଜି ଏସଡିପିଓ ପ୍ରଫୁଲ୍ଲ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ଜବତ ସହ ଗାଡି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥି ସହିତ ରେଡକ୍ରସରୁ ୧୦ହଜାର ଟଙ୍କା ଓ ଶବ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରୁ ୨ହଜାର ଟଙ୍କାର ସହାୟତା ଦିଆଯିବା ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ରାତି ୮ଟାରେ ପ୍ରତ୍ୟାହୃତ ହୋଇଥିଲା। ଅପରପକ୍ଷରେ ଗାଡି ମାଲିକ ବେଲାରସେନ ବେହେରା ମଧ ମୃତକଙ୍କ ପରିବାରକୁ ସହାୟତା ରାଶି ଦେବା ପାଇଁ କହିଥିବା ଆନ୍ଦୋଳନକାରୀ କହିଛନ୍ତି।

ପ୍ରକାଶ ଯେ, ଗତ ସୋମବାର ସକାଳ ପ୍ରାୟ ସାଢ଼େ ୭ଟାରେ ମୁରିବାହାଲ ଦୁଗ୍ଧ କେନ୍ଦ୍ରକୁ ଜମୁନା ଗ୍ରାମର ସୁଦୀପ ଏକ ବାଇକରେ ଆସୁଥିବା ବେଳେ ବିପରୀତ ଦିଗ ଆଡରୁ ଆସୁଥିବା ଏକ ଧଳା ରଙ୍ଗର ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସୁଦୀପ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୁରୁତ୍ୱର ଅବସ୍ଥାରେ ପ୍ରଥମେ ଟିଟିଲାଗଡ ଓ ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ୪ଦିନ ଚିକିତ୍ସା ପରେ ଶୁକ୍ରବାର ସୁଦୀପଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା।



ମୁରିବାହାଲ-ଟିଟିଲାଗଡ ରାସ୍ତାର ଜମୁନା ଗାଁ ନିକଟରେ ଲୋକେ ଗଛ ପକାଇ ରାସ୍ତାରୋକୋ କରିଛନ୍ତି।

### ଓଡ଼ିଆ ସାହିତ୍ୟ ପ୍ରତି ଗଙ୍ଗାଧରଙ୍କ ଅବଦାନ ଅତୁଳନୀୟ

**ବେଲପଡା, ୩୧।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ମଣ୍ଡଳ ଆଧ୍ୟାତ୍ମ ପରିଷଦ ଓ ମେହେର ଜୟନ୍ତୀ ସମାରୋହ କମିଟି ମିଳିତ ଆନୁକୂଲ୍ୟରେ ଗଙ୍ଗାଧର ମେହେର ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସମାରୋହରେ ପଣ୍ଡିତ ମୋହନ ଦାସ ଠାକୁର ସଭାପତିତ୍ୱ କରିଥିଲେ। ଡକ୍ଟର ଗୋବର୍ଦ୍ଧନ ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ଓଡିଶା ସାହିତ୍ୟ ପ୍ରତି ଗଙ୍ଗାଧାରଙ୍କ ଅବଦାନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ପଙ୍କଜ କୁମାର ସାହୁ ଯୋଗଦେଇ ମହେର ସାହିତ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ବାବା ଅଦ୍ୱୈତ ପ୍ରସାଦ ଦାଶ, ସତ୍ୟବ୍ରତ ମିଶ୍ର, ଲକ୍ଷ୍ମୀକାନ୍ତ ମିଶ୍ର ଉପସ୍ଥିତ ଥିଲେ। ଚୈତନ୍ୟ ଦାସ ଠାକୁର, ମନୋରଞ୍ଜନ ପୁରୋହିତ, ପୁଷ୍ପାଞ୍ଜଳି ଖମାରୀ, ବୁଲୁ ବଗର୍ତ୍ତୀ, ସୋନାଲୀ ମଣିବନ୍ଧା ଠାକୁର ଗଙ୍ଗାଧରଙ୍କ କବିତା ପାଠ କରିଥିଲେ ।

- କଣ୍ଟାବାଞ୍ଜି ଏନଏସିରେ ସ୍ୱାୟତ୍ତ ଶାସନ ଦିବସ

# ଲୋକଙ୍କ ସହଯୋଗରେ ଉନ୍ନତି ସମ୍ଭବ

**କଣ୍ଟାବାଞ୍ଜି, ୩୧।୮(ଡି.ଏନ.ଏ.)**

କଣ୍ଟାବାଞ୍ଜି ଏନଏସିରେ ୭୨ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ଅୟୁବ ଖାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତକା ଉତ୍ତୋଳନ କରିଥିଲେ। ଏହା ପରେ ନବନିର୍ମିତ ଏନଏସି କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଥିଲା ଏକ ସାଧାରଣ ସଭା । ଏଥିରେ କହୁ କାଉନସିଲର, ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ସହଯୋଗ ମିଳିଲେ ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଗଠନ ହୋଇ ପାରିବ ବୋଲି ମୁଖ୍ୟଅତିଥି ଖାନ କହିଥିଲେ। କଣ୍ଟାବାଞ୍ଜି ଭୋକେଶନାଲ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷା ଖୋଲାଯାଇଥିବା ବେଳେ ଆସନ୍ତା ବର୍ଷରୁ ଆଇନ ମହାବିଦ୍ୟାଳୟ ଓ ବିଏଡ ମହାବିଦ୍ୟାଳୟ ଖୋଲାଯିବାର ବ୍ୟବସ୍ଥା କରାଯାଉଛି ବୋଲି ସେ କହିଥିଲେ । ଗତ ସ୍ୱାଧୀନତା ଦିବସରେ ଏନଏସି ତରଫରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା ହେଲେ ଲଘୁଚାପ ଜନିତ ବର୍ଷା ଯୋଗୁଁ ସରକାରଙ୍କ ନିର୍ଦ୍ଦେଶମତେ ଉତ୍ସବ ଧୁମଧାମରେ ପାଳିତ ହୋଇ ପାରି ନ ଥିଲା। ଯଦ୍ୱାରା କୃତି ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇ ପାରି ନ ଥିଲା । ସେହି ଛାତ୍ରୀଛାତ୍ରମାନଙ୍କୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁରସ୍କୃତ କରାଯାଇଛି । ଏଥିସହିତ କଣ୍ଟାବାଞ୍ଜି ଏନଏସି ଅଞ୍ଚଳରେ ଚଳିତ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷାର ଟପ୍ପର ସିଦ୍ଧାନ୍ତ ରଞ୍ଜନ ଯୋଷୀ, ସିବିଏସଇ ଟପ୍ପର ସଚ୍ଚିନ ଜୈନ, ମଂଥନ ଡାଲମିଆ, ଯୁକ୍ତଦୁଇ ଟପ୍ପର ଉର୍ମିଳ ଜାଙ୍ଗଡା ଓ ସିଦ୍ଧି ଜୈନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନଏସି ଅଧକ୍ଷା ବିଦ୍ୟୁତ୍‌ଲତା ନାଗ, ଉପାଧକ୍ଷ କିଶୋର ମଜଖଣ୍ଡ, ନିର୍ବାହୀ ଅଧିକାରୀ ଇଂ.ଲଛମନଦାସ ଠାକୁର, କାଉନସିଲର ରୀନା ବାରିକ, ଦେବାନନ୍ଦ ବେହେରା, ସୁରେଶ ଭିତରିଆ, ପରମାନନ୍ଦ ପୁଟେଲ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସତ୍ୟବ୍ରତ ମିଶ୍ର ପରିଚାଳନା କରିଥିବା ବେଳେ ମ୍ୟୁନିସିପାଲ ଇଞ୍ଜିନିୟର ଅଶୋକ କୁମାର ପଟ୍ଟନାୟକ, ଯନ୍ତ୍ରୀ ଆଦିତ୍ୟ କୁମାର ମିଶ୍ର, ନୋଡାଲ ଅଫସିର ଚନ୍ଦ୍ରଶେଖର ଭୋଇ, ଅମୂଲ୍ୟ ନାଗଙ୍କ ସହିତ ସମସ୍ତ କର୍ମଚାରୀ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।



ଯୁକ୍ତଦୁଇରେ ଟପ୍ପର ହୋଇଥିବା ଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଉଛି ।

- ଖଗସା-ପାଟିମାଲ ନାଳାରେ ବ୍ରିଜ ନିର୍ମାଣ ଦାବି

# ଆରଡି ଅଫିସ ଘେରିଲା ବିକାଶ ମଞ୍ଚ

**କଣ୍ଟାବାଞ୍ଜି,୩୧।୮(ଡି.ଏନ.ଏ.)**

ତୁରେକେଲା ବ୍ଲକ ବିର୍ଣ୍ଡା-ଦେଗାଁ ଆରଡି ରାସ୍ତା ଓ ସର୍ଗୁଲ ରାସ୍ତାର ଉନ୍ନତୀକରଣ ସହିତ ଖଗସା ପଞ୍ଚାୟତ ସଦର ମହକୁମାରୁ ପାଟିମାଲ ରାସ୍ତାରେ ଥିବା ନାଳା ଉପରେ ବ୍ରିଜ ନିର୍ମାଣ ଦାବି ତେଜିବାରେ ଲାଗିଛି। ଶୁକ୍ରବାର ଏହିସବୁ ଦାବି ନେଇ ବିର୍ଣ୍ଡା, କୁଲିଆଦର, କରୁଆଁମୁଣ୍ଡା, ଖଗସା, ପାଟିମାଲ, ସାଲେପଡା, ମାକରଚୁଆଁ, ଅଣ୍ଡାଲପୁରୀ, କର୍ଲାବାହାଲି, ଦେଗାଁ, ସର୍ଗୁଲ ଆଦି ଗ୍ରାମର ଶତାଧିକ ମହିଳାପୁରୁଷ କଣ୍ଟାବାଞ୍ଜିସ୍ଥିତ ତୁରେକେଲା ଗ୍ରାମ୍ୟ ଉନ୍ନୟନ ବିଭାଗ(ଆରଡି) ସବ୍‌ଡିଭିଜନ ଅଫିସକୁ ଘେରାଉ କରିଥିଲେ। ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଥିଲେ ମଧ ବିର୍ଣ୍ଡା, ସର୍ଗୁଲ, କରୁଆଁମୁଣ୍ଡା ଗାଁର ଲୋକେ ପକ୍କା ରାସ୍ତାରୁ ବଞ୍ଚିତ ରହିଛି। ଏପରିକି ଖଗସା ନାଳା ଉପରେ ମଧ ବ୍ରିଜ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ବି ପ୍ରଶାସନିକ ଏବଂ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ବର୍ଷାଦିନରେ ପାଟିମାଲ, ସାଲେପଡା, କମେଇମୁଣ୍ଡା, ରହେନଭଟା ଗାଁର ଜନସାଧାରଣ ବାହ୍ୟ ଜଗତରୁ ବଞ୍ଚିତ ହେଉଛନ୍ତି। ପରେ ବିକାଶ ମଞ୍ଚ ସଭାପତି ଅଜୟ ଦାଶଙ୍କ ନେତୃତ୍ୱରେ ସହକାରୀ ନିର୍ବାହୀ ଯନ୍ତ୍ରୀ ହିତେଶ ନାୟକଙ୍କୁ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସରକାରୀସ୍ତରରେ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇ ସାରିଛି। ଅଳ୍ପ ଦିନ ମଧରେ କାର୍ଯ୍ୟ ଚାଲୁ କରାଯିବ ବୋଲି କାଗଜାତ୍ ଦେଖାଇଲା ପରେ ଆନ୍ଦୋଳନକୁ ପ୍ରତ୍ୟାହାର କରାଯାଇଥିଲା। ଚିତ୍ରଭାନୁ ବେହେରା, ସୁକଦେବ ମହାନ୍ତି, ମୁନା ମହାନ୍ତି, ସୁଧିର ବେହେରା, ଶ୍ରୀକାନ୍ତ ମହାନନ୍ଦ, ଓକିଲ ମହାନନ୍ଦ, ସତ୍ୟ ସିପକା, ସଚ୍ଚିନ ବାଗ, ପମୋଦ କର ପ୍ରମୁଖ ଘେରାଉ କାର୍ଯ୍ୟକ୍ରମରେ ସାମିଲ ଥିଲେ ।



 କଣ୍ଟାବାଞ୍ଜିସ୍ଥିତ ଆରଡି ଅଫିସ ସମ୍ମୁଖରେ ବିକାଶ ମଞ୍ଚର କର୍ମକର୍ତ୍ତା ।

**ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ**

**କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ୬ଦଫା ଦାବିପତ୍ର ଜୁନାଗଡ ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି।**

## ସଂକ୍ଷେପରେ

### ଡେଙ୍ଗୁ ନିରାକରଣ ଲାଗି ଆଗୁଆ ଔଷଧ ବିତରଣ

କୋକସରା,୩୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାଠାରେ ଡେଙ୍ଗୁ ନିରାକରଣ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବ୍ଲକ ଅଧ୍ୟକ୍ଷ ବଳାରାମ ପୂଝାରୀ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ସରପଞ୍ଚ ସୁଚିତ୍ରା ଗୋପାଳ, ପ୍ରମୁଖ ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମ ପରେ ଡେଙ୍ଗୁ ରୋଗର ନିରାକରଣ ପାଇଁ ମାଗଣା ହୋମିଓପାଥିକ ଔଷଧ ବିତରଣ ଆରମ୍ଭ ହୋଇଥିଲା। ବେହେରାଠାରେ କାର୍ଯ୍ୟରତ ହୋମିଓପାଥିକ ଡାକ୍ତରଙ୍କ ତତ୍ତ୍ୱାବଧାନରେ ୨ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କୁ ହୋମିଓପାଥିକ ଔଷଧ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବେହେରା ଯୁବକମାନେ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।



### ଆଇନ ସଚେତନତା ଶିବିର

ଧର୍ମଗଡ,୩୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଖଇରପଦର ଗ୍ରାମଠାରେ ବୁଧବାର ଏକ ତାଲୁକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆଇନର ବିଭିନ୍ନ ଦିଗ ଏବଂ ଲୋକେ କିଭଳି ଭାବେ ସହଜରେ ଆଇନ ସେବା ପାଇପାରିବେ ସେ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଗ୍ରାମାଞ୍ଚଳରେ ବଢୁଥିବା ବିଭିନ୍ନ ପ୍ରକାର ହିଂସାକୁ କିଭଳି ଭାବରେ ରୋକାଯାଇ ପାରିବ ସେ ଉପରେ ଆଲୋକପାତ କରାଯାଇଥିଲା । ଧର୍ମଗଡ ସିଭିଲ ଜଜ୍ ଅରବିନ୍ଦ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ଶିବିରରେ ପୋଲିସ ଡିଏସପି ସୁରେନ୍ଦ୍ର ନାଥ ଶତପଥୀ, ଏସଡିଜେଏମ ଚରଣଜିତ ଓରାମ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁଧାଂଶୁ ଶେଖର ବାଗ, ଆଇସିଡିଏସ ସୁପରଭାଇଜର ବୈଜନ୍ତି ମହାରଥୀ, ଖଇରପଦର ସରପଞ୍ଚ ଝୁମ୍ପି ହଂସ, କାଠ ଶିଳ୍ପୀ ମୁରଲିଧର ମହାରଣା ପ୍ରମୁଖ ଯୋଗଦେଇଥିଲେ ।



### ଶିକ୍ଷକଙ୍କ ବିୟୋଗରେ ଶୋକସଭା

କୋକସରା,୩୧।୮(ଡି.ଏନ.ଏ.)

କାର୍ଯ୍ୟରତ ଜଣେ ଶିକ୍ଷକ ଖୁସିରାମ ଦାସ (୪୨)ଙ୍କ ଅକାଳ ବିୟୋଗ କୋକସରା ଶିକ୍ଷକମାନଙ୍କ ମହଲରେ ଏକ ଗଭୀର ଆଘାତ ଦେଇଛି । ଖାରବେଳ ନଗର ୫ ଶିକ୍ଷକ ସଂଘ ସଭାପତି ଲକ୍ଷ୍ମୀଧର ସେନାପତିଙ୍କ ଡାକରାକ୍ରମେ ଜବାହାର ଉଚ୍ଚ ବିଦ୍ୟାପିଠଠାରେ ସ୍ୱର୍ଗତ ଶିକ୍ଷକଙ୍କ ଶୋକସଭା ଗୁରୁବାର ଅପରାହ୍ନରେ ପାଳନ କରାଯାଇଥିଲା । ଏଥିରେ ସ୍ୱର୍ଗତ ଶିକ୍ଷକଙ୍କ ଅମର ଆତ୍ମାର ଶାନ୍ତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିବା ବେଳେ ଶିକ୍ଷକ ମୁକ୍ତେଶ୍ୱରୀ ପଟ୍ଟନାୟକ, ଦୁର୍ଯ୍ୟୋଧନ ବାଗ, ପୁରୁଷୋତ୍ତମ ମାଝି, ଗଗନ ବିହାରୀ ପଟ୍ଟନାୟକ, ପ୍ରେମଲାଲ ସାହୁ, ଈଶ୍ୱର ପ୍ରସାଦ ଅଗସ୍ତି, ଦେବିସିଂ ମାଝି, ତ୍ରିନାଥ ବାଗ, ପଞ୍ଚାନନ ମାଝି, ରିତ ଖମାରୀ, କ୍ଷିରୋଦ ପଣ୍ଡା ପ୍ରମୁଖ ଶିକ୍ଷକମାନେ ଉପସ୍ଥିତ ଥିଲେ ।

### ଜିଲା ଯୁବ ରେଡକ୍ରସ୍ କମିଟି ବୈଠକ

ଭବାନୀପାଟଣା,୩୧।୮(ଡି.ଏନ.ଏ.)

ସ୍ଥାନୀୟ ସରକାରୀ ସ୍ୱୟଂଶାସିତ କଲେଜରେ ଯୁବରେଡକ୍ରସ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ବାବା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହକାରୀ ଜିଲାପାଳ ତଥା ଜିଲା ରେଡକ୍ରସ ଶାଖା ସମ୍ପାଦକ ସୁରେନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି ଭାବେଯୋଗ ଦେଇଥିଲେ । ୨୦୧୭-୧୮ ବର୍ଷ ପାଇଁ ରାଜ୍ୟର ଶ୍ରେଷ୍ଠ ଉପଦେଷ୍ଟା ଭାବେ ସଞ୍ଜୟ ପୁରୋହିତଙ୍କୁ ସମ୍ମାନିତ କରାଯାଇଥିଲା । ଚଳିତବର୍ଷ ବିଜୟାନନ୍ଦ ପଞ୍ଚାୟତ କଲେଜରେ ଜିଲାସ୍ତରୀୟ ଶିବିର ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ସମ୍ପାଦକ ମହେଶ୍ୱର ଦୁରିଆ ସ୍ୱାଗତ ଭାଷଣ ଦେଇଥିଲେ । ସଂଯୋଜକ ଶାନ୍ତନୁ ପରିଡା ଧନ୍ୟବାଦ ଦେଇଥିଲେ । ବିଭିନ୍ନ କଲେଜର ୭୦ ଜଣ ଅଧକ୍ଷ ଓ ଯୁବରେଡକ୍ରସ ଉପଦେଷ୍ଟା ଯୋଗଦେଇଥିଲେ ।





କୋକସରା ବ୍ଲକ ଶିକ୍ଷକ ସଂଘ ତରଫରୁ ଦାବିପତ୍ର ପ୍ରଦାନ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଏକତ୍ର ହୋଇଛନ୍ତି। (ବାମ)। ମିଳିତ ଶିକ୍ଷକ ସଂଘ ଜୁନାଗଡ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ଜୁନାଗଡ,୩୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ୬ଦଫା ଦାବିପତ୍ର ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ୨୨୦୦ ରୁ ୨୮୦୦ ଗ୍ରେଡ ପେ ବୃଦ୍ଧି କରିବା, ଶିକ୍ଷାସହାୟକମାନଙ୍କୁ ବାର୍ଷିକ ୧୦ ପ୍ରତିଶତ ଇନିକ୍ରିମେଣ୍ଟ ଓ ୨୫ ପ୍ରତିଶତ ଦରମା ବୃଦ୍ଧି, ପ୍ରାଥମିକ ଶିକ୍ଷକ ଏକ୍ସ କେଡର ଉଚ୍ଛେଦ କରି ରାଜ୍ୟ ଟ୍ରେଜେରି ମାଧ୍ୟମରେ ଦରମା ପ୍ରଦାନ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ରୀଡା ଓ କଳାକୁ ବାଧ୍ୟତା କରି ଉକ୍ତ ଶିକ୍ଷକଙ୍କୁ ୬ ବର୍ଷରେ ନିୟମିତ କରିବା ପାଇଁ ପଲିସି ନିର୍ଦ୍ଧାରଣ କରିବା, ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଅଧିକାର ନିୟମ ଅନୁଯାୟୀ ବିଷୟ ଭିତ୍ତିକ ଶିକ୍ଷକ ପଦବୀ ସୃଷ୍ଟି କରି ସେହି ଅନୁସାରେ ଦରମା ନିର୍ଦ୍ଧାରଣ କରିବା, ୨୦୦୫ଠାରୁ ନିଯୁକ୍ତି ସମସ୍ତ ବର୍ଗର ଶିକ୍ଷକମାନଙ୍କୁ ନୂତନ ପେନସନ ପରିବର୍ତ୍ତେ ପୁରୁଣା ପେନସନ ଲାଗୁ କରାଯାଉ ଆଦି ପ୍ରମୁଖ ଦାବି ରହିଛି। ଦାବି ପ୍ରଦାନ ସମୟରେ ମିଳିତ ଶିକ୍ଷକ ସଂଘ ସଭାପତି ଚିତ୍ତ ରଞ୍ଜନ ପଣ୍ଡା, ଆବାହକ ରାଜେଶ କୁମାର ସେଠ୍, ନନ୍ଦି କ୍ରିଷ୍ଣା ନାଏକ, ଲଳିତ କୁମାର ନେଗୀ, ସମରେନ୍ଦ୍ର ଶେଖର ଦାଶ, ଗଗନେଶ୍ୱର ରଣା, ଅକ୍ଷୟ ପଣ୍ଡା, କୈଳାସ ବିଷି, ରମେଶ ରାଉତ, ସୁନୀଲ ମେହେର, ଦିବସ କୁମାର ମୁଣ୍ଡ, ଅରୁଣ ମୁଣ୍ଡ, ରାଜେନ୍ଦ୍ର ଲହଜଲ, କିଷାନ ଶର୍ମା, ବସନ୍ତ ନିଆଲ, ଅଭୟ କୁମାର ବେହେରା, ସୁଶାନ୍ତ ନାଏକ, ନିର୍ମଳ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ହରିପୁର ରୋଡ ଶିକ୍ଷକ ସଂଘ ଜୁନାଗଡ ବ୍ଲକ ସଭାପତି ସରୋଜ କୁମାର ପଣ୍ଡା ମଧ୍ୟ ଯୋଗଦେଇ ସେମାନଙ୍କ ଦାବିକୁ ସମର୍ଥନ ଜଣାଇଥିଲେ।

କୋକସରା,୩୧।୮(ଡି.ଏନ.ଏ.)

ସେହିପରି କୋକସରା ବ୍ଲକ ଶିକ୍ଷାଧିକାରୀଙ୍କୁ ଶିକ୍ଷକ ସଂଘ ତରଫରୁ ଶୁକ୍ରବାର ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିପତ୍ରରେ ୨୮୦୦ ଗ୍ରେଡ ପେ ଲାଗୁ, ଏକ୍ସ କେଡର ଉଚ୍ଛେଦ, ଶିକ୍ଷକ ନିଯୁକ୍ତି ହେବାର ୬ ବର୍ଷରେ ନିୟମିତ ଶିକ୍ଷକ ମାନ୍ୟତା ପ୍ରମୁଖ ରହିଛି। ଦାବିପତ୍ର ଦେବା ପୂର୍ବରୁ ଶିକ୍ଷକମାନେ ଏକ ଶୋଭାଯାତ୍ରାରେ ଆସି ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରି ଉକ୍ତ ଦାବିଗୁଡିକର ବିଚାର କରିବାକୁ ଅନୁରୋଧ କରିଥିଲେ। ଏହାସହ ଏହି ଶିକ୍ଷକ ସଂଘ ଶନିବାର ଜିଲାପାଳ ଓ ଆସନ୍ତା ୬ ତାରିଖରେ ବିଧାନସଭା ଘେରାଉ କରିବା ପାଇଁ ଶିକ୍ଷକ ସଂଘ ସ୍ଥିର କରିଥିବା ଜଣାପଡିଛି। ଦାବିପତ୍ର ପ୍ରଦାନ ସମୟରେ କୋକସରା ଶିକ୍ଷକ ସଂଘ ଶତାଧିକ ସଦସ୍ୟ ଅଂଶ ଗ୍ରହଣ କରିଥିଲେ। ଶିକ୍ଷକ ସଂଘ ତରଫରୁ ଦିଆଯାଇଥିବା ଦାବିପତ୍ରକୁ ଜିଲା ଶିକ୍ଷାଧିଶଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପଠାଇ ଦିଆଯାଇଛି ବୋଲି କୋକସରା ବ୍ଲକ ଶିକ୍ଷାଧିକାରୀ କହିଛନ୍ତି।

## ପଣ୍ଡପୁସପଡା ଗ୍ରାମରେ ଗୋମଡ଼କ ୩୬ ଗୃହପାଳିତ ପଶୁଙ୍କ ମୃତ୍ୟୁ

ଭବାନୀପାଟଣା,୩୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୁଲ ରାମପୁର ବ୍ଲକରେ ଗୋ ମଡକ ଦେଖାଦେଇଛି । ଏହି ବ୍ଲକ୍‌ର ମହୁଲପାଟଣା ପଞ୍ଚାୟତ ପଣ୍ଡପୁସପଡା ଗ୍ରାମରେ ୬୩ଟି ଗୃହପାଳିତ ପଶୁ ମୃତ୍ୟୁ ଘଟିଥିବା ଖବର ମିଳିଛି । ଏହି ଗାଁର ୧୯ ଜଣଙ୍କ ୧୪ଟି ଗାଈ, ୨୮ଟି ବଳଦ, ୧୭ଟି ଛେଳି, ୨ଟି ବାଛୁରି ଓ ୨ଟି ମଇଁଷି ଛୁଆ ମୃତ୍ୟୁ ବରଣ କରିଛନ୍ତି । ଏ ନେଇ ପ୍ରାଣୀ ଚିକିତ୍ସା ଅଧିକାରୀ ସାରଦା ପ୍ରସାଦ ନାୟକଙ୍କୁ ପଚାରିବାରୁ କିଛି ଜାଣି ନାହିଁ ବୋଲି କହିଥିଲେ । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଶଗଡ଼ାରେ ମୋ ସ୍କୁଲ ଅଭିଯାନ

ଭବାନୀପାଟଣା,୩୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ୍ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶଗଡ଼ାରେ ମୋ ସ୍କୁଲ୍ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ବଳଭଦ୍ର ମାଝି, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା, ସ୍ଥାନୀୟ ସରପଞ୍ଚ ରୁକ୍ମଣୀ ମାଝି ଓ ସମିତି ସଭ୍ୟ ଚୈତନ୍ୟ ମାଝି ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଯୁଧିଷ୍ଠିର ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷକ ଶୈଳେନ୍ଦ୍ର କୁମାର ବାବୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଇକୋ କ୍ଲବ୍ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀମାନେ ସହଯୋଗ କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ସମେତ ବହୁ ସଂଖ୍ୟାରେ ଅଭିଭାବକମାନେ ଯୋଗଦେଇଥିଲେ।

## ଏନ୍‌ସିସି କ୍ୟାଡେଟ୍‌ଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନ

ଭବାନୀପାଟଣା,୩୧।୮(ଡି.ଏନ.ଏ.)

ସ୍ଥାନୀୟ ପୋଲିସ ଉଚ୍ଚ ବିଦ୍ୟାଳୟ ଏନ୍‌ସିସି କ୍ୟାଡେଟମାନଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଗୁରୁବାର ପରମାନନ୍ଦପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାହାରି ଥିବା ଏକ ସଚେତନତା ରାଲିକୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟରାମ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏନ୍‌ସିସି କ୍ୟାଡେଟମାନଙ୍କ ଦ୍ୱାରା ସ୍ଥାନୀୟ ପୋଷ୍ୟ ଗ୍ରାମ ପରମାନନ୍ଦପୁର ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ନିକଟସ୍ଥ ଅଞ୍ଚଳ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ବିଦ୍ୟାଳୟ ଏନ୍‌ସିସି ଅଫିସର ଗଙ୍ଗାଧର ନନ୍ଦ, ମୁଖ୍ୟଅତିଥି ଭାବେ ସରପଞ୍ଚ ଚୈତନ୍ୟ କୁମାର ମେହେର, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର କୁମାର ପଟ୍ଟନାୟକ, ପି.ଇ.ପି. ଯଦୁମଣି ତ୍ରିପାଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ଲାକାର୍ଡ, ବ୍ୟାନର ସହ ଏନସିସି କ୍ୟାଡେଟମାନେ ସ୍ୱଚ୍ଛ ଭାରତ ସ୍ଲୋଗାନ ଦେଇ ଗ୍ରାମର ଚର୍ତୁପାର୍ଶ୍ୱ ପରିକ୍ରମା କରି ସ୍ଥାନୀୟ ଗ୍ରାମବାସୀଙ୍କୁ ଡେଙ୍ଗୁ ଓ ମ୍ୟାଲେରିଆ ସଂକ୍ରାମଣ ବିଷୟରେ ସଚେତନ କରିଥିଲେ । ଏନସିସି କ୍ୟାଡେଟ୍‌ଙ୍କ ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପ୍ରଶଂସା କରିବା ସହ ପରମାନନ୍ଦପୁର ଗ୍ରାମକୁ ପୋଷ୍ୟ ଗ୍ରାମ ରୂପେ ନେଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ ।



ଏନ୍‌ସିସି କ୍ୟାଡେଟମାନେ ପରମାନନ୍ଦପୁର ଗ୍ରାମରେ ସଫେଇ କରୁଛନ୍ତି ।

## ଥୁ.ରାମପୁର ବ୍ଲକ: ୧୪୪ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଛି

ଭବାନୀପାଟଣା,୩୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଗତ ଲଘୁଚାପ ଜନିତ ୨ଦିନ ଧରିବର୍ଷା ଲଗାଣ ବର୍ଷା ହୋଇଥିଲା । ଏଥିଷର ଜିଲାର ଥୁଆମୁଲ ରାମପୁର ଅଞ୍ଚଳରେ ବନ୍ୟା ଆସି ୧୪୪ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ବେଳେ ପ୍ରାୟ ୪୦ ହେକ୍ଟର ଅଧିକ ଚାଷ ଜମି ବାଲିଚର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଦୁଇଦିନ ଧରି ଲଗାଣ ବର୍ଷାରେ ଥୁଆମୂଳ ରାମପୁର ଅଞ୍ଚଳରେ ପୁଣି ବନ୍ୟା ବିତ୍ପାତ ଦେଖାଦେଇଥିଲା । ଜଙ୍ଗଲ ପଥର ମାଟି ଦ୍ୱାରା ପୋତି ହୋଇଯାଇଥିବା ବେଳେ ପ୍ରାୟ ୨ଶହ ଘର ପ୍ରଭାବିତ ହୋଇ ଜନଜୀବନ ପ୍ରଭାବିତ ହୋଇଛି । ଥୁଆମୂଳ ରାମପୁର ତହସିଲର ପ୍ରାକ୍ ଆକଳନ ଅନୁସାରେ ୧୩୮ଟି ଘର ଆଂଶିକ ଭାବେ ଭାଙ୍ଗି ଯାଇଥିବା ବେଳେ ୬ଟି ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ଆକଳନ କରାଯାଇଛି । ପ୍ରବଳ ବର୍ଷା ଯୋଗୁ ରାସ୍ତାଘାଟ ନଷ୍ଟ ହୋଇଥିବାରୁ ଗମନାଗମନର ସୁବିଧା ନ ଥିବାରୁ ବହୁ ଗାଁରେ କ୍ଷୟକ୍ଷତିର ଆକଳନ କରାଯାଇନାହିଁ । ତହସିଲ କାର୍ଯ୍ୟାଳୟ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ୮୬ ଜଣଙ୍କୁ ପଲିଥିନ ଦିଆଯାଇଥିବା ସୂଚନା ଦିଆଯାଇଛି । ବହୁ ଅଞ୍ଚଳର ଲୋକ ସରକାରଙ୍କ ଯୋଜନା ସମ୍ବନ୍ଧରେ ଜାଣି ନ ପାରି ଘର ଭାଙ୍ଗିଯିବା ପରେ ବାରଦୁଆର ହେଉଛନ୍ତି । ପୁନର୍ବାର ବର୍ଷା ଲାଗି ରହିବାର ବନ୍ୟା ପରିସ୍ଥିତି ଉପୁଜିବାର ସମ୍ଭାବନା ରହିଛି । ଏହାକୁ ନେଇ ଅଞ୍ଚଳବାସୀ ବର୍ତ୍ତମାନ ଭୟଭୀତ ଅବସ୍ଥାରେ ରହିଛନ୍ତି। ତୁରନ୍ତ ରାଜସ୍ୱ ଓ ବିପର୍ଯ୍ୟ ପ୍ରଶମନ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି ।

# ସ୍ୱାୟତ୍ତ ଶାସନ ଦିବସରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ

ଧର୍ମଗଡ,୩୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ଏନଏସି ପରିସରରେ ସ୍ୱାୟତ୍ତ ଶାସନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ପରିଷଦ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏନଏସି ଅଧ୍ୟାକ୍ଷା ହିରା ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଥୁଆମୂଳ ରାମପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ଯୋଗଦେଇ ଜାତିର ପିତା ମହାତ୍ମା ଗାନ୍ଧୀ ଗ୍ରାମ୍ୟ ସ୍ୱରାଜ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହାର ପ୍ରତିଫଳନ ହେଉଛି ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଏବଂ ମଣିଷ ନିଜର ବିଚାର ଯେତେବେଳେ ନିଜେ କରିପାରିବ ସେତେବେଳେ ସମାଜର ଉନ୍ନତି ହେବ ଏବଂ ଏହି ଦିବସ ପାଳନର ଯଥାର୍ଥତା ପ୍ରତିପାଦନ ହୋଇପାରିବ ବୋଲି ପ୍ରକାଶ କରିଥିଲେ । ଧର୍ମଗଡ ସହର ସମଗ୍ର ଓଡିଶାରେ ଏକ ନମ୍ବର ଏନଏସି ଭାବେ ଗଢି ତୋଳିବା ପାଇଁ ସମସ୍ତ ଜନସାଧାରଣ ଆଗେଇ ଆସିବା ପାଇଁ ଏନଏସି ଅଧ୍ୟକ୍ଷା ହିରା ବାଗ ନିବେଦନ କରିଥିଲେ । ସମ୍ମାନିତ ଅତିଥି ବ୍ଲକ ଶିକ୍ଷା ଅଧିକାରୀ କିଶୋର କୁମାର ଖମାରୀ ଏବଂ ଜୁନାଗଡ ଆରଏମସି ଉପାଧ୍ୟକ୍ଷ ବିବେକ ରଞ୍ଜନ ମିଶ୍ର ଯୋଗଦେଇଥିଲ । ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ଚନ୍ଦ୍ର ପୂଝାରୀ ସ୍ୱାଗତ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ପଞ୍ଚାୟତ ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ଲିଙ୍ଗରାଜ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କ ପୁରସ୍କୃତ କରାଯାଇଥିଲା। ୪୪ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଏହି ଅବସରରେ ସମୂହ ସଫେଇ କାର୍ଯ୍ୟ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା ।

ଭବାନୀପାଟଣା,୩୧।୮(ଡି.ଏନ.ଏ.)

ଭବାନୀପାଟଣା ପୌର ସଂସ୍ଥା ପକ୍ଷରୁ ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରାମଧୁନ ସଙ୍ଗୀତ ସହ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା ବେଳେ ସହର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୌର ସଂସ୍ଥା ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ପୌର କାର୍ଯ୍ୟାଳୟଠାରେ ଅଧ୍ୟକ୍ଷ ଆଦିତ୍ୟ ନନ୍ଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌର ସଂସ୍ଥା ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ମ୍ୟୁନିସିପାଲ ଯନ୍ତ୍ରୀ ଇଂ. ସମୀର ଠାକୁର, ସମସ୍ତ କାଉନସିଲର୍ ତଥା ଅନ୍ୟାନ୍ୟ କର୍ମଚାରୀ ଓ ନିମନ୍ତ୍ରିତ ଅତିଥିମାନେ ଉପସ୍ଥିତ ଥିଲେ । ଏହି ଅବସରରେ ପୌର ସଂସ୍ଥାର ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ପ୍ରତି ୱାର୍ଡରେ ଡଷ୍ଟବିନ୍ ବଣ୍ଟନ କରାଯାଇଥିଲା । କେରଳ ରାଜ୍ୟର ବନ୍ୟା ପୀଡିତାମାନଙ୍କ ପାଇଁ ପୌର ସଂସ୍ଥା ପକ୍ଷରୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

କେସିଙ୍ଗା,୩୧।୮(ଡି.ଏନ.ଏ.)

କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଏନଏସି ଅଧ୍ୟକ୍ଷ ତପସ୍ୱିନୀ ମାଝି ପତାକା ଉତ୍ତୋଳନ କରିଥିଲେ । ଏହି ଉପଲକ୍ଷେ ଅଧ୍ୟକ୍ଷା, ଉପାଧ୍ୟକ୍ଷା, କାଉନସିଲର ବୃନ୍ଦ ଛାତ୍ରୀଛାତ୍ରଙ୍କୁ ନେଇ ଖୋଲା ଶୌଚମୁକ୍ତ ସହର ପରିପ୍ରେକ୍ଷୀରେ ସଚେତନତା ପଦଯାତ୍ରା କରିଥିଲେ । ଏହି ଅବସରରେ ସହରର ନିଜସ୍ୱ ଘର ପରିବେଶ ପରିଷ୍କାର ରଖିବା, ବର୍ଜ୍ୟବସ୍ତୁ ଇତଃସ୍ତତ ନ ପକାଇବା, ଏନଏସିର ଦେୟ ଦୈଠ, ବିନା ଅନୁମତିରେ ନୂତନ ଗୃହ ନିର୍ମାଣ ନ କରିବା, ନିୟମିତ ପାଇଖାନା ବ୍ୟବହାର, ପାନୀୟ ଜଳ, ରାସ୍ତାଘାଟ ନିର୍ମାଣ, ବିଦ୍ୟୁତ ସଂଯୋଗ, ପଲିଥିନ ମୁକ୍ତ କରିବା ଆଦି ବିଷୟରେ ଅଧ୍ୟକ୍ଷ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏନଏସିର ସମସ୍ତ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ ।

ଜୁନାଗଡ,୩୧।୮(ଡି.ଏନ.ଏ.)

ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏଥିରେ ଜୁନାଗଡ ସହରର ଅନେକ ବୁଦ୍ଧିଜିବୀ, ମାନଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଜୁନାଗଡ ଏନଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଜୁନାଗଡ ସହରର ବିକାଶ ପାଇଁ ନିର୍ବାଚିତ ପ୍ରତିନିଧିଙ୍କ ସହ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା,ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ଥୁଆମୁଳ ରାମପୁର ମାଣିକେଶ୍ୱରୀ ମହାବିଦ୍ୟାଳୟ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ଏନଏସି ଉପାଧକ୍ଷ ଦୁର୍ଗା ପ୍ରସାଦ ସାହୁ, କାଉନସିଲର ମୁକେଶ ଅଗ୍ରୱାଲ ପ୍ରମୁଖଙ୍କ ସହ ଏନଏସି କର୍ମକର୍ତ୍ତା ମଞ୍ଚାସୀନ ଥିଲେ। ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଦୀପ କୁମାର ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱରଙ୍କୁ ନିଜ କର୍ତ୍ତବ୍ୟ ସମ୍ପାଦନାରେ ନିଷ୍ଠା ଯୋଗୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏନଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପାଧକ୍ଷ ଦୁର୍ଗା ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନ୍ୟପକ୍ଷରେ ଏହି ଉପଲକ୍ଷେ ସକାଳରେ କାର୍ଯ୍ୟାଳୟ ପରିସରରେ ଏନଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନଙ୍କ ଦ୍ୱାରା ଜାତୀୟ ପତକା ଉତ୍ତୋଳନ ହୋଇଥିଲା। ଏଥିସହ ସ୍କୁଲ ଛାତ୍ରୀଛାତ୍ରଙ୍କ ନେଇଁ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସହର ପରିକ୍ରମା,ଏନଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଓ ସମୂହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।






ଧର୍ମଗଡ଼ରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସରେ ମଞ୍ଚାସୀନ ଅତିଥି (ବାମ) । କେସିଙ୍ଗା ଏନଏସିର ଅଧ୍ୟକ୍ଷା ଓ କାଉନସିଲରମାନଙ୍କ ସଚେତନତା ଶୋଭାଯାତ୍ରା ।






ଭବାନୀପାଟଣା ପୌର ସଂସ୍ଥା ପକ୍ଷରୁ ସ୍ୱାୟତ୍ତ ଶାସନ ପାଳନ ଅବସରରେ କେରଳ ରାଜ୍ୟର ବନ୍ୟା ପୀଡିତାଙ୍କ ପାଇଁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି (ବାମ) । ଜୁନାଗଡରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ସାମୂହିକ ସଫେଇ କାର୍ଯ୍ୟକ୍ରମ କରାଯାଉଛି ।



ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ବନ୍ୟା ପୀଡ଼ିତାଙ୍କୁ ସହାୟତା

ସବ୍‌ଡେଗା,୩୧।୮(ଡି.ଏନ୍.ଏ.)- କେରଳରେ ହୋଇଥିବା ପ୍ରଳୟକାରୀ ବନ୍ୟାରେ ବ୍ୟାପକ ଧନଜୀବନ କ୍ଷତି ଘଟିଛି। ସବ୍‌ଡେଗା ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ, ସବ୍‌ଡେଗା ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଆର୍ଥିକ ସହାୟତାର ହାତ ବଢ଼ାଇଛନ୍ତି। ସବ୍‌ଡେଗା ବ୍ଲକ ତୁମ୍ବେରବାହାଲ କ୍ଲଷ୍ଟରୁ ୬୩୦୦, ଯାଇସରରୁ ୩୭୦୦, କରମଡିହି କ୍ଲଷ୍ଟରରୁ ୬୩୫୦, ରାଜପୁର କ୍ଲଷ୍ଟରରୁ ୩୦୦୦, ସୁବଳୟା କ୍ଲଷ୍ଟରରୁ ୭୩୦୦, ସବଡେଗା କ୍ଲଷ୍ଟରରୁ ୮୭୦୦, ଟଙ୍ଗରଗାଁ କ୍ଲଷ୍ଟରରୁ ୩୮୦୦, ବ୍ଲକ ଶିକ୍ଷା ଅଧିକାରୀ ଓ କର୍ମଚାରୀ ପ୍ରମୁଖ ୩୬୦୦ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ମୋଟ ୫୮, ୯୫୦ ଟଙ୍କା କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫାଣ୍ଡିରେ ଜମା କରାଯାଇଛି । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ବେହେରା, ଫକୀର କିସପଟ୍ଟା, ସିଆର୍‌ସିସି ଅର୍ଜୁନ ରୋହିଦାସ, ଲଙ୍କେଶ୍ୱର ନାଏକ, ଡିଲେଶ୍ୱର ଭର୍ରଶାଲ, ସଞ୍ଜୟ ଗରଡିଆ, ସୁଦାମା ମାଝି, ମହେନ୍ଦ୍ର ତନ୍ତି, ପ୍ରଶାନ୍ତ ନାଏକ, ସୁରେଶ ପୃଷେଠ, ସଂଘ ସଭାପତି ନୟନ କୁମାର ପୂଜାରୀ ପ୍ରମୁଖ ପାଣ୍ଠି ସଂଗ୍ରହରେ ସହଯୋଗ କରିଥିଲେ।

### ବଜ୍ରପାତରେ ୬ଗୋରୁ ସହ ୧ମହିଳା ମୃତ

ଟେନସା,୩୧।୮ (ଡି.ଏନ.ଏ.)- କୋଇଡା ଥାନା ଅନ୍ତର୍ଗତ ପୋନପୋଷ ଗ୍ରାମରେ ଶୁକ୍ରବାର ଅପରାହ୍ନ ୩ଟା ସମୟରେ ବଜ୍ରଘାତ ଯୋଗୁ ୬ ଗୋରୁ ସମେତ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜାନକୀ ମୁଣ୍ଡା(୬୦)। ସବୁଦିନ ପରି ଜାନକୀ ମୁଣ୍ଡା ଗୋରୁ ଚରାଇବା ପାଇଁ ଯାଇଥିଲେ । ହଠାତ ବିଜୁଳି ମାରିବାରୁ ଘଟଣାସ୍ଥଳରେ ୬ଗୋରୁଙ୍କ ସହ ଜାନକୀଙ୍କ ମୃତ୍ୟୁଘଟିଥିଲା ।

### ସାମିଲ ହେବେ ୧ଲକ୍ଷ, ୧୧ହଜାର ୮୭୦ ହିତାଧିକାରୀ

# ସେପ୍ଟେମ୍ବର ୩ ଆବେଦନର ଶେଷ ତାରିଖ

**ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା**

ସୁନ୍ଦରଗଡ,୩୧।୮(ଡି.ଏନ୍.ଏ.)

ଅକ୍ଟୋବର ୨ରୁ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବ ଓଡିଶା ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ହିତାଧିକାରୀମାନେ ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ସେପ୍ଟେମ୍ବର ୩ ରହିଛି। ଏହି ସମୟ ମଧ୍ୟରେ ହିତାଧିକାରୀମାନେ ନିକଟସ୍ଥ ବ୍ଲକ, ପୌରାଞ୍ଚଳ ଓ ମହାନଗର ନିଗମ ସ୍ତରରେ ଖୋଲାଯାଇଥିବା ରାଶନ କାର୍ଡ ପରିଚାଳନା କେନ୍ଦ୍ରମାନଙ୍କରେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ପାଇଁ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ଅନୁରୋଧ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ସୁନ୍ଦରଗଡ ଜିଲାରେ ଏହି ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୧ଲକ୍ଷ ୧୧ହଜାର ୮ଶହ ୭୦ଜଣ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଏହାପରେ ହିତାଧିକାରୀଙ୍କ ସଂଖ୍ୟା ଚିହ୍ନଟ ହେଲେ ସେମାନଙ୍କୁ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ସାମିଲ କରାଯିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲା ଯୋଗାଣ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ଏହି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ପାଇଁ ହିତାଧିକାରୀମାନଙ୍କ ପାଇଁ ଥିବା ସର୍ତ୍ତାବଳୀ ଓ ମାନଦଣ୍ଡ ନିର୍ଦ୍ଧାରଣ ସମ୍ପର୍କରେ ଜିଲାପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି । ଏହା ମଧ୍ୟରେ ରହିଛି ସମସ୍ତ ଅସୁରକ୍ଷିତ ଆଦିମ ଅଧିବାସୀ, ବାସହୀନ ପରିବାର, ଭିକ୍ଷାବୃତ୍ତି କରି ଜୀବନନିର୍ବାହ କରୁଥିବା ନିରାଶ୍ରୟ ବ୍ୟକ୍ତି, ପରିବାରରେ ବସବାସ କରୁଥିବା ବିଧବା ଏବଂ ଏକାକୀ ରହୁଥିବା ମହିଳା ଯେଉଁ ମାନଙ୍କର ନିୟମିତ ଆୟ ନ ଥିବ, ପରିବାରରେ ବସବାସ କରୁଥିବା ଭିନ୍ନକ୍ଷମ ବ୍ୟକ୍ତି, କିନ୍ନର ଆବେଦନକାରୀ, ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସର ପରିବାରର ବୃଦ୍ଧା, ବୃଦ୍ଧ ବ୍ୟକ୍ତି ଯେଉଁମାନଙ୍କର ଜୀବନ ନିର୍ବାହ କରିବାର କୌଣସି ପନ୍ଥା ନଥିବ । ସେହିପରି ବୟସାଧିକ ଯୋଗୁ ଶାରୀରିକ କିମ୍ବା ମାନସିକ ଅସୁସ୍ଥତା, ସାମାଜିକ ପ୍ରଥା, ଦିବ୍ୟାଙ୍ଗ କାରଣରୁ ଆର୍ଥିକ ଦୁଃସ୍ଥିତି, ଦିନ ମଜୁରି ଉପରେ ନିର୍ଭରଶୀଳ ପରିବାର, ବିଭିନ୍ନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପରିବାର ଏବଂ କୁଷ୍ଠ, ଏଚଆଇଭି ବା ଅନ୍ୟାନ୍ୟ ଗୁରୁତର ବ୍ୟାଧୀରେ ଆକ୍ରାନ୍ତ ଥିବା ସଦସ୍ୟଙ୍କ ପରିବାର ଏହି ଯୋଜନାରେ ସାମିଲ ହୋଇପାରିବେ। ଏଥି ସହିତ ୪ଚକିଆ ଯାନ ଥିବା ପରିବାର, ସହରାଞ୍ଚଳରେ କାର୍ଯ୍ୟରତ କର୍ମଚାରୀମାନେ ବେସରକାରୀ ସଂସ୍ଥାରେ ମାସିକ ୧୫ହଜାରରୁ ଉର୍ଦ୍ଧ୍ୱ ବେତନ ପାଉଥିବେ, ଗ୍ରାମାଞ୍ଚଳରେ ବେସରକାରୀ ସଂସ୍ଥାମାନଙ୍କରେ କାର୍ଯ୍ୟରତ କର୍ମଚାରୀ ଯେଉଁମାନେ ୧୦ହଜାର ଟଙ୍କାରୁ ଅଧିକ ବେତନ ପାଉଥବା ହିତାଧିକାରୀଙ୍କୁ ଏହି ଯୋଜନାରୁ ବାଦ ଦିଆଯିବ ।

# ସାରର ଅଭାବୀ ବିକ୍ରିକୁ ନେଇ ଅସନ୍ତୋଷ

ହେମଗିର,୩୧।୮(ଡି.ଏନ.ଏ.)

ସୁନ୍ଦରଗଡ ଜିଲାରେ କମ୍ ବର୍ଷା ହୋଇଥିଲେ ମଧ୍ୟ ଚାଷୀ କଷ୍ଟେମଷ୍ଟେ ଧାନର ପ୍ରାଥମିକ କାର୍ଯ୍ୟ ସାରିଛି। ଏଥିପାଇଁ ବୃହଦାକାର ବହୁମୁଖୀ ସମବାୟ ସମିତି(ଲ୍ୟାମ୍ପ୍ସ) ଠାରୁ ଋଣ ମଧ୍ୟ କରିଛି । ଲ୍ୟାମ୍ପ୍ସ ପକ୍ଷରୁ ଟଙ୍କା, ମଞ୍ଜି ନେଇ ଚାଷ କରିଥିବାବେଳେ ବର୍ତ୍ତମାନ ସାରର ସମସ୍ୟା ଦେଖାଯାଇଛି । ଚାଷୀ ସାର ପାଇବା ପାଇଁ ବାରମ୍ବାର ଲ୍ୟାମ୍ପ୍ସର ଦ୍ୱାରସ୍ଥ ହେଲେ ମଧ୍ୟ ନିରାଶ ହୋଇ ଘରକୁ ଫେରୁଛି । ଫଳରେ ହେମଗିର ଅଞ୍ଚଳର ଚାଷୀମାନଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଛି । ବର୍ତ୍ତମାନ ଖୋଲାବଜାରରେ ୟୁରିଆ ସାର କୁଇଣ୍ଟାଲ ପ୍ରତି ଆଠ ଶହ ଟଙ୍କାରେ ବିକ୍ରି ହେଉଥିବାବେଳେ ଲ୍ୟାମ୍ପ୍ସରେ କୁଇଣ୍ଟାଲ ପ୍ରତି ୫ଶହ ୪୦ଟଙ୍କା ଥିବା ଜଣାପଡିଛି । କିନ୍ତୁ ଚାଷୀ ଅନ୍ୟ ଉପାୟ ନ ପାଇ ବାଧ୍ୟ ହୋଇ ମୁନାଫା ଖୋର ବ୍ୟବସାୟୀଙ୍କଠାରୁ ଚଢ଼ା ଦରରେ ସାର କିଣୁଛି । ଏ ନେଇ ଲ୍ୟାମ୍ପ୍ସ ଦୀର୍ଘ ଦିନ ହେବ ସାର ପାଇଁ ଜିଲାକୁ ଅର୍ଡର ପଠାଇଥିଲେ ମଧ୍ୟ ସାର ଆସୁ ନ ଥିବା ସଫେଇ ଦେଇଛି । କେବଳ ହେମଗିରକୁ ନୁହେଁ ଜିଲାର ଅନ୍ୟ ବ୍ଲକକୁ ମଧ୍ୟ ୟୁରିଆ ସାର ଯୋଗାଣ ହେଉ ନ ଥିବା ଲ୍ୟାମ୍ପ୍ସ ପକ୍ଷରୁ କୁହାଯାଇଛି ।

# ମଦ ଜବତ, ୩ କୋର୍ଟ ଚାଲାଣ

ଲହୁଣିପଡା,୩୧।୮(ଡି.ଏନ.ଏ.)

ଲହୁଣିପଡା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଖୁଣ୍ଟଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ମହୁଲି, ମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ଅତିରିକ୍ତ ଜିଲା ମୋବାଇଲ ଇନ୍ସପେକ୍ଟର ସନ୍ତୋଷ କୁମାର ଧଳ ସାମନ୍ତ, ଇନ୍ସପେକ୍ଟର ପଦ୍ମଲୋଚନ ପ୍ରଧାନ, ସୁରେଶ ଚନ୍ଦ୍ର ତାଣ୍ଡିଙ୍କ ନେତୃତ୍ୱରେ ଚଢାଉ କରାଯାଇ ନୂଆଡିହି ଗ୍ରାମର ଶୁକୁ ପାତ୍ରଙ୍କଠାରୁ ୫୦ଲିଟର, ଅରୁଣ ସେଠଙ୍କ ପାଖରୁ ୫ ଲିଟର, ସମର ଭୂମିଦଙ୍କ ଠାରୁ ୧୦ଲିଟର ଦେଶୀ ମହୁଲି ସହ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରି ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଜୋନ ଅବକାରୀ କର୍ମଚାରୀ ପ୍ରଶାନ୍ତ ପତି ଘନଶ୍ୟାମ ମହାନ୍ତ, ବିକାଶ ମହାନ୍ତ, ଗୋବର୍ଦ୍ଧନ ବିଶି, ଦିଲୀପ ପାତ୍ର, ହେମମଞ୍ଜରୀ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ ।

# ଡକାୟତି ଘଟଣା: ୨ ଗିରଫ

ବାଲିଶଙ୍କରା,୩୧।୮(ଡି.ଏନ.ଏ.)

ତଳସରା ଥାନା ଡୁମୁଲିଆ ପଞ୍ଚାୟତ ଡୁମୁଲିଆ ଗ୍ରାମର ୨ ଦୁର୍ଦ୍ଦାନ୍ତ ଅଭିଯୁକ୍ତ ରାଜୁ ଆପଟ୍ଟ ଓ ତାପସ ବାରିକଙ୍କୁ ତଳସରା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ଏହି ୨ଅଭିଯୁକ୍ତ ତଳସରା ଥାନାର ବିଭିନ୍ନ ଅଞ୍ଚଳରେ ଦିନ ଦ୍ୱିପହରରେ ମାରପିଟ କରି ମାରଣାସ୍ତ୍ର ଦେଖାଇ ଲୁଟ୍ କରିଥାନ୍ତି। ଏମାନେ ଲଇକେରା ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଏପରି ଘଟଣା ଘଟାଇ ପୋଲିସକୁ ନାକେଦମ କରିଥିବାବେଳେ ଶେଷରେ କୌଣସି ସୂତ୍ରରୁ ତଳସରା ପୋଲିସ ଖବରପାଇ ଡୁମୁଲିଆ ଗ୍ରାମରୁ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଜୁନିୟର ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ

# ଭଲ ମଣିଷ ହେବା ପାଇଁ ସ୍ୱପ୍ନ ଦେଖ

ବାଲିଶଙ୍କରା,୩୧।୮(ଡି.ଏନ.ଏ.)



ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ବାଲିଶଙ୍କରା ପଞ୍ଚାୟତ ସମିତି ଜୁନିୟର ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ଏକ୍ସପର୍ଟ ସଦସ୍ୟ ବିନୟ ଟପ୍ପୋ ଯୋଗଦେଇ ଏକାଗ୍ରତା, ସଂଯମତା, କଠିନ ପରିଶ୍ରମ କରିବା ସହିତ ଭଲ ମଣିଷ ହେବା ପାଇଁ ସ୍ୱପ୍ନ ଦେଖ ଓ ଗୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷ କୁଳମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ସାମାଜିକକର୍ମୀ ତଥା ବନଡେଗା ଗୌନ୍ତିଆ ଏମଡି ହାରୁନ ରସିଦ, ବରିଷ୍ଠ ଶିକ୍ଷାବିତ ତଥା କଲେଜ କମିଟି ମେମ୍ବର ଧନେଶ୍ୱର ନାୟକ, ପ୍ରଦୀପ ନନ୍ଦ, ସତ ସେଠ, ଯୁବନେତା ଅକ୍ଷୟ ନାଏକ, ରଞ୍ଜନ ବେସେନ, କୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳାକୁ ମାନି ସଂଯମତା ଅବଲମ୍ବନ କରି ଶିକ୍ଷା ଅଧ୍ୟୟନ କରି ପାରିଲେ ନିଜ ଭବିଷ୍ୟତ ଗଠନରେ ସହାୟ ହୋଇପାରିବ ବୋଲି ମତ ଦେଇଥିଲେ ।


ସୁନ୍ଦରଗଡ଼ ଜିଲା ବଡଗାଁସ୍ଥିତ ପଞ୍ଚାୟତ ସମିତି ଯୁକ୍ତ ୨ ମହାବିଦ୍ୟାଳୟରେ ଅନୁଷ୍ଠିତ ମେହେର ଜୟନ୍ତୀ।

# ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ସୁନ୍ଦରଗଡ,୩୧।୮ (ଡି.ଏନ୍.ଏ.)

ସଦର ବ୍ଲକ ଅନ୍ତର୍ଗତ ଲେଡିମଙ୍ଗ ଆଞ୍ଚଳିକ ମେହେର ସମାଜ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସଭାପତି ବଂଶୀଧର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା କାର୍ଯ୍ୟକ୍ରମ । ମେହେର ଚଉଜିଲା ସଭାପତି ଚନ୍ଦ୍ର ଶେଖର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଅଶୋକ କୁମାର ସାଏ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରି ଓଡିଆ ଭାଷା ସାହିତ୍ୟକୁ ତାଙ୍କ ସାହିତ୍ୟ କୃତି ସମୃଦ୍ଧ ଓ ବୁଦ୍ଧିମନ୍ତ କରିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ସମାରୋହରେ ସୁନ୍ଦରଗଡ ସମେତ ପଡୋଶୀ ଝାରସୁଗୁଡା ଜିଲାରୁ ବହୁ ସମ୍ମାନନୀୟ ବକ୍ତା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

ବଡଗାଁ, (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡଗାଁସ୍ଥିତ ପଞ୍ଚାୟତ ସମିତି ଯୁକ୍ତ ୨ ମହାବିଦ୍ୟାଳୟରେ ବୁଧବାର କଲେଜର ସାହିତ୍ୟ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱଭାବ କବିଙ୍କ ଜୀବନୀ ଓ କାବ୍ୟକୃତୀ ଉପରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକମାନେ ଆଲୋଚନା କରିଥିଲେ । ଶିଖା ମଞ୍ଜରୀ ସା, କଲ୍ୟାଣୀ ମେହେର, ସୁପ୍ରୀତି ହୋତା, ଅମିତ ବାଗ, ଆଦିତ୍ୟ ପାତ୍ର, ଶିବାନୀ ବାଗ ପ୍ରମୁଖ ଛାତ୍ରୀଛାତ୍ର କବିଙ୍କ କାବ୍ୟର ଆଦର୍ଶ, କର୍ମ ଜୀବନୀ ଉପରେ କହିଥିଲେ। ଅଧ୍ୟାପକ ଦଶରଥ ନାଏକ, ଅଧ୍ୟାପିକା ଜ୍ୟୋତି ପାଣିଗ୍ରାହୀ, ବର୍ଷାରାଣୀ ମହାନ୍ତି ପ୍ରମୁଖ କବିଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଅବଗତ କରିଥିଲେ। କବିଙ୍କ ପ୍ରସିଦ୍ଧ ମୁଁ ଯେ ଅମୃତ ସାଗର ବିନ୍ଦୁ ଓ ବିଶ୍ୱ ଦେଖ ମଧୁମୟ କବିତା ଆବୃତ୍ତି ପରିବେଶକୁ ମଧୁମୟ କରିଦେଇଥିଲା। ଶେଷରେ ଅଧ୍ୟାପିକା ସୁପ୍ରିୟା ପାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିତାମହୀ ପିତାମହ ଦିବସ, ଜନ୍ମାଷ୍ଟମୀ ଉତ୍ସବ

ରାଜଗାଙ୍ଗପୁର, ୩୧।୮ (ଡି.ଏନ.ଏ)

ଡାଲମିଆ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ବିଦ୍ୟାଳୟ ପ୍ରାଙ୍ଗଣରେ ପିତାମହୀ ପିତାମହ ଦିବସ ଓ ଜନ୍ମାଷ୍ଟମୀ ଖୁବ୍ ଧୂମଧାମରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିରୂପେ ସୁନିତା ଗୁପ୍ତା, ପ୍ରିୟଙ୍କା ବାହେତି, ବିଜୟା ଚିନ୍ତା ଆରସୁ ଆଦି ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଜେଜେମା, ଜେଜେବାପା, ଅଜାଆଇ ଆଦି ଯୋଗଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଡ. ରାଘବେନ୍ଦ୍ର ଦ୍ୱିବେଦୀ ଉପସ୍ଥିତ ଦର୍ଶକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଛୋଟଛୋଟ ପିଲାମାନଙ୍କ ରାଧାକୃଷ୍ଣ ବେଶରେ ବିଦ୍ୟାଳୟ ପ୍ରାଙ୍ଗଣ ଗୋପପୁର ପରି ପ୍ରତୀତ ହେଉଥିଲା । ମଧୁର ନୃତ୍ୟ ଓ ସଙ୍ଗୀତର ମୂର୍ଚ୍ଛନା ସଭିଙ୍କୁ ଆମୋଦିତ କରିଥିଲା । ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ଶିକ୍ଷଣୀୟ ନାଟକ ମଧ୍ୟ ଉପସ୍ଥାପନା କରାଯାଇଥିଲା । ଜେଜେମା, ଜେଜେବାପାମାନେ ତାଙ୍କ ଜୀବନର କିଛି କିଛି ସ୍ମୃତି ଓ ଅନୁଭୂତି ସଭିଙ୍କ ସହିତ ବାଣ୍ଟିଥିଲେ ।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଜାତୀୟ ଚକ୍ଷୁଦାନ ପକ୍ଷ

ସୁନ୍ଦରଗଡ଼, ୩୧।୮(ଡି.ଏନ୍.ଏ.)


ଜାତୀୟ ଚକ୍ଷୁଦାନ ପକ୍ଷ ଅବସରରେ ଯୋଗଦେଇଥିବା ଅତିଥିମାନେ ।

ବରିଷ୍ଠ ନାଗରିକ ସଂଘ ପକ୍ଷରୁ ୩୩ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ ହୋଇଯାଇଛି । ଜିଲା ମୁଖ୍ୟ ଡାକ୍ତରଖାନାର ଚକ୍ଷୁ ବିଶେଷଜ୍ଞ ପୂର୍ଣ୍ଣଚନ୍ଦ୍ର ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ ଚକ୍ଷୁଦାନ ପକ୍ଷର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରି ଯେ କୌଣସି ବ୍ୟକ୍ତି ମୃତ୍ୟୁ ପୂର୍ବରୁ ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କରି ତାଙ୍କର ପରିବାରବର୍ଗଙ୍କ ସ୍ୱୀକୃତିରେ ଚକ୍ଷୁଦାନ କରିପାରିବେ ବୋଲି କହିଥିଲେ । ଏହାଦ୍ୱାରା ୨ଜଣ ଦୃଷ୍ଟିହୀନ ବ୍ୟକ୍ତି ସବୁଜ ସୁନ୍ଦର ଦୁନିଆକୁ ଦେଖି ଉପଭୋଗ କରିପାରିବେ । ଚକ୍ଷୁଦାନ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁର ତତ୍‌କ୍ଷଣ ଟୋଲ ଫ୍ରି ନଂରେ ଚକ୍ଷୁ ଡାକ୍ତରଙ୍କୁ ଜଣାଇଲେ ୬ ଘଣ୍ଟା ମଧ୍ୟରେ ମୃତବ୍ୟକ୍ତିଙ୍କ ଚକ୍ଷୁ ନେଇ ୧ମାସ ମଧ୍ୟରେ ଦୃଷ୍ଟିହୀନ ବ୍ୟକ୍ତିଙ୍କ ଆଖିରେ ଚକ୍ଷୁ ପ୍ରତିରୋପଣ କରାଯାଇପାରିବ।

ଏଥିପାଇଁ କୌଣସି ଖର୍ଚ୍ଚ ଲାଗିବ ନାହିଁ । ବରିଷ୍ଠ ନାଗରିକ ସଂଘର ସଭାପତି ଡାଃ ହିମାଂଶୁ ଶେଖର ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଂଘର ସଭ୍ୟମାନଙ୍କର ଚକ୍ଷୁ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରି ମୁଖ୍ୟ ଅତିଥି କହିଥିଲେ ଯେ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରିଥିବା ବ୍ୟକ୍ତି ବିଶେଷ ମଧ୍ୟ ଚକ୍ଷୁ ଦାନ କରିପାରିବେ। ମାତ୍ର ଚକ୍ଷୁଦାନ କରୁଥିବା ବ୍ୟକ୍ତି ବିଶେଷ କୌଣସି ଯୌନରୋଗରେ ତଥା ଏଚଆଇଭି ଓ ଏଡସ୍‌ରେ ପୀଡିତ ହୋଇ ନ ଥିବେ । ସଂଘର କାର୍ଯ୍ୟକର୍ତ୍ତା ପଦ୍ମଲୋଚନ ସରାଫ, ଭବାନୀ ଶଙ୍କର ଠାକୁର, ମଥୁରା ବିହାରୀ ପଣ୍ଡା, ବଳରାମ ପଟେଲ, ନୀଳମଣି କିଶାନ, ଶାନ୍ତନୁ ମହାପାତ୍ର, ସୁରେନ୍ଦ୍ର ପଣ୍ଡା, ସୌମେନ ବାରିକ, ଠାକୁର ଦାସ ଭଜୱାନି ଏବଂ ଜିଲା ଅନ୍ଧତ୍ୱ ଦୂରୀକରଣ କେନ୍ଦ୍ରର ସୁନ୍ଦର ଦାସ ମହାପାତ୍ର, ତପସ୍ୱିନୀ ନାଏକ, ଦେବେନ୍ କାଲୋ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# କୃଷିବୀମା ଦାବି: ଆଜିଠୁ ଅନଶନ

ବଡଗାଁ,୩୧।୮(ଡି.ଏନ.ଏ.)

ବଡଗାଁ ବ୍ଲକ ଅଞ୍ଚଳରେ ଗତ ବର୍ଷ ସ୍ୱଳ୍ପ ଓ ଅନିୟମିତ ବର୍ଷା ସହିତ ରୋଗପୋକ ଯୋଗୁ ମରୁଡି ଦେଖାଦେଇଥିଲା। ୨୦୧୭ ଖରିଫ ଧାନ ଚାଷର ବୀମା ଚାଷୀମାନେ ଚୁଳା ମଙ୍ଗଳମ୍ ବୀମା କମ୍ପାନୀ ମାଧ୍ୟମରେ କୃଷି ବୀମା କରାଇଥିଲେ । ତେବେ ସାହାଜବାହାଲ ଲ୍ୟାମ୍ପ୍ସର ୬ ପଞ୍ଚାୟତରୁ କେବଳ ପାମରା ଓ ବଡଗାଁ ଲ୍ୟାମ୍ପ୍ସର ୯ ପଞ୍ଚାୟତରୁ କେବଳ ବଡଗାଁ ପଞ୍ଚାୟତର ୧୭୦, ଦାଣ୍ଡଜମରା ପଞ୍ଚାୟତର ୨୧୦ ଓ ଟିକିଲିପଡା ପଞ୍ଚାୟତର ୮୭ ଜଣଙ୍କୁ ବୀମା ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ହୋଇଛି । ଏହି ଘଟଣା ଜଣାପଡିବା ପରେ ଅଞ୍ଚଳର କୃଷକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗତ ମାସ ଭୋଇପାଲି ଗ୍ରାମର ଜୟ ଯବାନ, ଜୟ କିଷାନ କୃଷକ ବଜାର କମିଟିର କର୍ମକର୍ତ୍ତାମାନେ ପ୍ରତିକ୍ରିୟା ପ୍ରକାଶ କରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେମାନେ ଦର୍ଶାଇଥିଲେ ଯେ, କୃଷି, ରାଜସ୍ୱ ଓ ବୀମା କମ୍ପାନୀର ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁ ୧୧ଟି ପଞ୍ଚାୟତର କୃଷକ ବୀମା ରାଶି ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି । ବୀମା ରିପୋର୍ଟ ଉପରେ ପୁନଃ ବିଚାର କରି ୫୦ ପ୍ରତିଶତ ଛାଡ କରିବାକୁ ନିବେଦନ କରିଥିଲେ । ଅଗଷ୍ଟ ୧୫ ସୁଦ୍ଧା ଉପଯୁକ୍ତ ପଦକ୍ଷେପ ନ ନେଲେ ସେପ୍ଟେମ୍ବର ୧ରୁ ବ୍ଲକ ଅଫିସ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଥିଲେ । ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଶନିବାରଠାରୁ ସଂଗଠନର ସଭାପତି ରବୀନ୍ଦ୍ର ପଟେଲ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରଖିବେ ବୋଲି ତାଙ୍କଠାରୁ ସୂଚନା ମିଳିଛି ।

# ଜବ୍‌କାର୍ଡଧାରୀଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

**ବ୍ଲକସ୍ତରୀୟ ଜନଶୁଣାଣି**

ଲହୁଣିପଡା/କୁଆଁରମୁଣ୍ଡା, ୩୧।୮ (ଡି.ଏନ.ଏ.)

ଲହୁଣିପଡା କଲ୍ୟାଣ ମଣ୍ଡପଠାରେ ଲହୁଣିପଡା ବ୍ଲକସ୍ତରୀୟ ଏମ୍‌ଜିଏନଆରଇଜିଏସ୍ ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଣାଇ ଉପଜିଲାପାଳ ଯାଦୁଲା ବିଜୟ, ଜିଲା ସାମାଜିକ ସମୀକ୍ଷକ ଅମିତାର ମେଣ୍ଡଲି, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ କିଷାନ ଯୋଗଦେଇ ଥିବାବେଳେ ବ୍ଲକ ଅଧ୍ୟକ୍ଷ ପଣ୍ଡିତଚରଣ ମୁଣ୍ଡା ଅଧ୍ୟକ୍ଷତା କରିଥିଲେ । ଲହୁଣିପଡା ବ୍ଲକ ଅନ୍ତର୍ଗତ ୧୭ଟି ପଞ୍ଚାୟତର ୨୦୧୭-୧୮ଆର୍ଥିକ ବର୍ଷର ଏମ୍‌ଜିଏନଆରଇଜିଏସ୍ ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ହୋଇଥିଲା । ଏହା ପୂର୍ବରୁ ପ୍ରାୟ ୧୪ଜଣ ଭିଆରପି ଓ ଜଣେ ବିଏସଏ ବିଭିନ୍ନ ପଞ୍ଚାୟତକୁ ଯାଇ ଏହାର ଥିବା କାମର ତଦାରଖ କରିବା ସହ ପ୍ରତ୍ୟେକ ପଞ୍ଚାୟତରେ ସମୀକ୍ଷା ବୈଠକ କରିଥିଲେ । ଏହି ଅବସରରେ ଜବକାର୍ଡ କରାଇ ଦେବା ନାରେ ଗାଁ ସାଥିମାନେ ଅର୍ଥ ଆଦାୟ କରୁଥିବା ଏବଂ ମୃତ୍ୟୁ ହୋଇଥିବା ଲୋକଙ୍କ ନାମରେ ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଥିଲା । ଏହି ସବୁ ଅଭିଯୋଗ ଉପଜିଲାପାଳ ଶୁଣି କେତେକ ଫାଇଲ ଜବତ କରିବା ସହ କେତେକ ଜିଆରଏସମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କୁଆଁରମୁଣ୍ଡା ବ୍ଲକରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର ଯୋଗଦେଇ ଏମଜିଏନଆର୍‌ଇଜିଏସ୍ ଯୋଜନାର ବାସ୍ତବ ଲକ୍ଷ୍ୟ ଏବେ ଦିଗହରା ହୋଇପଡିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାର, ଏବିଡିଓ ବି.ଏସ.ପାଢୀ, ସହକାରୀ ନିର୍ବାହୀ ଅଧିକାରୀ ମନୋଜ ବଡାଇକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଗଦାଲି କୋନଗାଡି, ଉପାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ମଞ୍ଚାସୀନ ରହି ଉପରୋକ୍ତ ଯୋଜନାରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଗୁଡିକର ସମାଧାନ ଦିଗରେ ନିଜ ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର କନିଷ୍ଠଯନ୍ତ୍ରୀ ନୀରଜ ସାହୁ, ପୁନମ ରସିଦ ଖାନ, ପିଇଓ ଦେବବ୍ରତ ଦାସ ପ୍ରମୁଖଙ୍କ ସହ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ଜନପ୍ରତିନିଧି ଏବଂ ଜବକାର୍ଡଧାରୀମାନେ ଉପସ୍ଥିତଥିଲେ ।



କୁଆଁରମୁଣ୍ଡାଠାରେ ଜନଶୁଣାଣି ଶିବିରରେ ଉପସ୍ଥିତ ଅତିଥି।



ରାଗିବା ପୂର୍ବରୁ ହଠାତ୍ ସ୍ଥିର ହୋଇଯାଅ, ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।
- କନ୍ଫୁସିୟସ



## ସଂକ୍ଷେପରେ

### ଝାରସୁଗୁଡ଼ା ଜିଲା ଓୟୁଜେର ଜରୁରୀ ବୈଠକ

**ବ୍ରଜରାଜନଗର,୩୧।୮(ଡି.ଏନ୍.ଏ.)-** ବ୍ରଜରାଜନଗର ସହର ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଗୁରୁବାର ପୂର୍ବାହ୍ନରେ ଓୟୁଜେ ସଙ୍ଗଠନର ସଭାପତି ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶାଖା ସଭାପତି ଉପନ ସାହୁଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହାଇଯାଇଛି। ସଂଘର ନିର୍ଦ୍ଦେଶ ଅନୁଯାୟୀ ଓୟୁଜେ ସହିତ ଜଡିତ ଥିବା ସଭ୍ୟମାନେ ଅନ୍ୟ କୌଣସି ସଂଘର ସଭ୍ୟ ହୋଇପାରିବେ ନାହିଁ। ଓୟୁଜେ ସହିତ ଜଡିତ ଥିବା ପ୍ରତ୍ୟେକ ସଭ୍ୟମାନଙ୍କ ସହିତ ରାଜ୍ୟ ଶାଖା ଛିଡା ହେବ। ସଭାରେ ବରିଷ୍ଠ ସଭ୍ୟ ପ୍ରତାପ କେଶରୀ ସିଂ, ସୁମନ୍ତ ବହିଦାର, ସୁରେନ୍ଦ୍ର ବାରିକ, ଆତ୍ରର୍ତ୍ତାଣ ସାହୁ, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖଙ୍କ ସହିତ ୨୫ରୁ ଉର୍ଦ୍ଧ୍ୱ ସଭ୍ୟଥିଲେ।

### ଡ୍ରେନେଜ୍ ବ୍ୟବସ୍ଥା ନାହିଁ, ରାସ୍ତାରେ ପାଣି

**କିର୍ମିରା,୩୧।୮ (ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ଅର୍ଡା ଗ୍ରାମର ବଜାର ଦାଣ୍ଡରୁ ପଞ୍ଚାୟତ ଅଫିସ ରାସ୍ତାରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ରାସ୍ତାରେ ପ୍ରବାହିତ ହେଉଛି। ଏହି ରାସ୍ତାରେ ଷ୍ଟେଟବ୍ୟାଙ୍କ, ଆଧର ପଞ୍ଜୀକରଣ କେନ୍ଦ୍ର ସାଙ୍ଗକୁ ଏମ୍ଇ ସ୍କୁଲ, ହାଇସ୍କୁଲ ଏବଂ ଏକ ଘରୋଇ ଆବାସିକ ବିଦ୍ୟାଳୟ ରହିଛି। ରାସ୍ତାକୁ କିଛିବର୍ଷ ପୂର୍ବରୁ କଂକ୍ରିଟ କରାଯାଇଛି। ତେବେ ରାସ୍ତା ନିର୍ମାଣ ସମୟରେ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇ ନ ଥିବାରୁ ବର୍ଷା ହେଲେ ଅନେକ ଦିନ ପର୍ଯ୍ୟନ୍ତ ପାଣି ରାସ୍ତାରେ ପ୍ରବାହିତ ହେଉଛି। ଏହାଦ୍ୱାରା ଛାତ୍ରୀଛାତ୍ର ବହୁ ଅସୁବିଧା ଭୋଗୁଛନ୍ତି। ବ୍ଲକ କର୍ତ୍ତୃପକ୍ଷ ଏହି ସମସ୍ୟାର ସମାଧାନ କରୁ ନ ଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

### ଶ୍ରମଦାନ କରି ରାସ୍ତା ମରାମତି କଲେ ଗ୍ରାମବାସୀ

**କିର୍ମିରା,୩୧।୮(ଡି.ଏନ୍.ଏ.)-** କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ଗୁଡ଼େଇଡିହି ମୁଲମୁଲି ଟିକରା ରାସ୍ତା ବର୍ଷା ଯୋଗୁ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିଲା। ଫଳରେ ଗାଡ଼ିମୋଟର ଯିବା ଦୂରର କଥା ଲୋକେ ଚାଲି କରି ଯିବା ମଧ କଷ୍ଟକର ହୋଇପଡୁଥିଲା। ଗ୍ରାମବାସୀ ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଗ୍ରାମବାସୀଙ୍କ ଦୁରବସ୍ଥା ହୃଦୟଙ୍ଗମ କରି ପୂର୍ବତନ ସରପଞ୍ଚ ତପି ମରେଇ ଗ୍ରାମବାସୀଙ୍କ ସହଯୋଗରେ ରାସ୍ତା ମରାମତି ପାଇଁ ଅଣ୍ଟା ଭିଡ଼ିଥିଲେ। କ୍ରସର ଗୁଣ୍ଡ ପକାଇବା ସହ ଗ୍ରାମବାସୀ ଶ୍ରମଦାନ କରି ରାସ୍ତା ମରାମତି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

### ଭାଲୁପତ୍ରା-ସୁନାଝରିଆ ରାସ୍ତା କାଦୁଅ ପଚପଚ

**କିର୍ମିରା,୩୧।୮(ଡି.ଏନ୍.ଏ.)-** କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ଭାଲୁପତ୍ରା ଗ୍ରାମରୁ କୋଲାବିରା ବ୍ଲକ ସୁନାଝରିଆ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ବର୍ଷା ଯୋଗୁ କାଦୁଅ ପଚପଚ ହୋଇ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଫଳରେ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଏହାର ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଖୋଲା ମଳମୁକ୍ତ ଅଭିଯାନରେ ବିଜୁ ଯୁବ ବାହିନୀ ସାମିଲ

**ଝାରସୁଗୁଡ଼ା ଅଫିସ,୩୧।୮-** ଝାରସୁଗୁଡ଼ା ବ୍ଲକ ସଭାଗୃହରେ ଶୁକ୍ରବାର ଖୋଲା ମଳମୁକ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ବିଜୁ ଯୁବ ବାହିନୀ ସଭାପତି, ସମ୍ପାଦକ ଓ କୋଷାଧକ୍ଷଙ୍କୁ ନେଇ ଏହି ସଭା ହୋଇଥିଲା। ଏଥିରେ ଯୋଗଦେଇ ଯୁବ ବାହିନୀର ଜିଲା ସଂଯୋଜକ ଟିକେଶ୍ୱର ବେହେରା, ବ୍ଲକ ସଂଯୋଜକ ମଦନ ସିଂ, ସ୍ୱଚ୍ଛ ଭାରତ ମିଶନର ସୁବ୍ର ସ୍ୱାଇଁ, ପ୍ରମୋଦ ବଗର୍ତ୍ତି ପ୍ରମୁଖ ଜିଲାରେ ଖୋଲା ମଳମୁକ୍ତ ଅଭିଯାନ କିପରି ସଫଳ ହୋଇପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ଏହି ଅଭିଯାନରେ ବିଜୁ ଯୁବ ବାହିନୀର ପ୍ରତ୍ୟକ୍ଷ ସହାୟତା ଆବଶ୍ୟକ ରହିଥିବା ସେମାନେ କହିଥିଲେ।



ସ୍ୱାୟତ୍ତଶାସନ ଦିବସ ଅବସରରେ ଅତିଥିମାନେ ମଞ୍ଚାସୀନ ଅଛନ୍ତି।

# ସହରାଞ୍ଚଳର ଉନ୍ନତି ପାଇଁ ସ୍ୱାୟତ୍ତଶାସନ ବ୍ୟବସ୍ଥା ପ୍ରଚଳନ

**ଝାରସୁଗୁଡା ଅଫିସ,୩୧।୮**

ଝାରସୁଗୁଡା ପୌର କାର୍ଯ୍ୟାଳୟ ତରଫରୁ ଶୁକ୍ରବାର ପୂର୍ବାହ୍ନରେ ସ୍ୱାୟତ୍ତଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟାଉନହଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲୁଓଡିସି) ଅଧକ୍ଷ କିଶୋର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ୱାୟତ୍ତଶାସନ ଅବସରରେ ପୌରାଧକ୍ଷଙ୍କ ନୂତକ ପ୍ରକୋଷ୍ଠ, ପୁନରୁଦ୍ଧାର ହୋଇଥିବା କାଉନସିଲ ହଲ ଉଦ୍‌ଘାଟନ କରାଯାଇଥିଲା। ସେହିପରି ୪ କୋଟି ଟଙ୍କା ବ୍ୟୟରେ ନୂତନ ଟାଉନହଲ୍ ଏବଂ ଏକ କଲ୍ୟାଣମଣ୍ଡପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ପରେ ପୌରଧକ୍ଷ ହରିଶ ଗଣତ୍ରାଙ୍କ ଅଧକ୍ଷତାରେ ଟାଉନହଲଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଡବ୍ଲୁଓଡିସି ଅଧକ୍ଷ ମହାନ୍ତି କହିଲେ, ସହରାଞ୍ଚଳ ଭିତ୍ତିଭୂମିର ଉନ୍ନତି ଏବଂ ଲୋକଙ୍କୁ ସୁବିଧା ପ୍ରଦାନ ପାଇଁ ସ୍ୱାୟତ୍ତଶାସନ ବ୍ୟବସ୍ଥା ପ୍ରଚଳନ। ଏହି ବ୍ୟବସ୍ଥାରେ ପ୍ରତ୍ୟେକ ୱାର୍ଡରୁ ନିର୍ବାଚିତ ହୋଇ ଆସୁଥିବା କାଉନସିଲରଙ୍କ ଗୁରୁଦାୟିତ୍ୱ ରହିଛି। ସେମାନେ ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଲୋକଙ୍କୁ ଉତ୍ତମ ସେବା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବା ଆବଶ୍ୟକ। ଏପରି ହୋଇପାରିଲେ ପ୍ରଚଳିତ ସାୟତ୍ତଶାସନ ବ୍ୟବସ୍ଥା ଉପଯୁକ୍ତ ବୋଲି କୁହାଯିବ। ଝାରସୁଗୁଡା ବିଜେଡି ପର୍ଯ୍ୟବେକ୍ଷକ ରବି ପାଣି, ପୌରନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ, ଉପାଧକ୍ଷା ଜାଜ୍ଞସେନୀ ନାଏକ, ପୂର୍ବତନ ନଗରପାଳ ତାପସରାୟ ଚୌଧୁରୀ, ସୁରେଶ କୁମାର ଲୋକଚନ୍ଦାନି, ମନୋରଞ୍ଜନ ମହାପାତ୍ର, ପୌର କର୍ମଚାରୀ ମଦନାନନ୍ଦ ସେଠ୍ ପ୍ରମୁଖ ନିଜ ନିଜର ମତବ୍ୟକ୍ତ କରିଥିଲେ। ସମସ୍ତ କାଉନସିଲର ଯୋଗ ଦେଇଥିଲେ।

ଜିଲା ଫୁଟବଲ ଲିଗ୍

## ବଡ଼େଇମୁଣ୍ଡା, ସାରସମାଲ ବିଜୟୀ

**ଝାରସୁଗୁଡ଼ା ଅଫିସ,୩୧।୮**

ଝାରସୁଗୁଡ଼ା ଓଏମ୍‌ପିସ୍ଥିତ ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଶୁକ୍ରବାର ଗୋଲଡେନ ଆଥ୍‌ଲେଟିକ୍ କ୍ଲବ ଓ ବଡ଼େଇମୁଣ୍ଡା ନବଯୁବକ ସଂଘ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚରେ ନବଯୁବକ ସଂଘ ୨-୦ ଗୋଲରେ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ ସାରଶମାଲ ଓ ଦୁଲର୍ଗା ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ୫-୧ ଗୋଲରେ ସାରଶମାଲ ବିଜୟୀ ହୋଇଥିଲା। ଅତିଥି ଭାବେ ତାପସ ରାୟ ଚୌଧୁରୀ ଯୋଗଦେଇଥଲେ। କ୍ରୀଡ଼ା ସଂସ୍ଥାର ଗଣେଶ ନାୟକ, ପ୍ରଜ୍ୱଲ ପଟେଲ, ଭିକାରୀ ମୁଣ୍ଡା, ଶଙ୍କର ପଟେଲ, ମୋହନ ମିଶ୍ର, ଜୀବନ ମହାନ୍ତି, ବିଜୟ ବକ୍ସି, ପିଣ୍ଟୁ ପାଢ଼ୀ, ସୁଶାନ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ। ସୁଜିତ କୁଜୁର, ଦଶରଥ ମୁଣ୍ଡା, ମାନସ ଆଚାର୍ଯ୍ୟ, ରାଜେଶ ପଟେଲ, ନୀଳ ନାୟକ, କୌଶିକ ଭୋଇ, ଶୀତଳ ଗୁଡ୍ଡୁମ ମ୍ୟାଚ୍ ପରିଚାଳନା କରିଥିଲେ।

## ବ୍ଲକ୍ ଉନ୍ନୟନ କାମରେ ସମିତି ସଭ୍ୟଙ୍କୁ ଅଣଦେଖା ଅଭିଯୋଗ

**ଲଖନପୁର,୩୧।୮(ଡି.ଏନ୍.ଏ)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍‌କୁ ଆସୁଥିବା ବିଭିନ୍ନ ସରକାରୀ ଯୋଜନାର ପାଣ୍ଠି ବିନିଯୋଗରେ ପାତର ଅନ୍ତର ଓ ଅନିୟମିତତାକୁ ନେଇ କେତେକ ସମିତି ସଭ୍ୟ ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ସିଂହାରପୁର ଶିବମନ୍ଦିରରେ ଦଲଗାଁ ସମିତିସଭ୍ୟା ସାବିତ୍ରୀ ଧୁରୁଆଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିସଭ୍ୟମାନେ ଅଭିଯୋଗ କରିଛନ୍ତି ବ୍ଲକ୍‌ରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାମ କରିବା ପୂର୍ବରୁ ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ସମିତି ସଭ୍ୟଙ୍କ ମତାମତ ଗ୍ରହଣ ନକରି ନିଜ ମନମୁତାବକ କାର୍ଯ୍ୟ କରୁଛନ୍ତି। ଗୋପବନ୍ଧୁ ଗ୍ରାମୀଣ ଯୋଜନା(ଜିଜିୱାଇ)ପାଣ୍ଠି ବ୍ୟୟରେ ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାମ ଚାଲିଛି। ଅନ୍ୟପଞ୍ଚାୟତ ତୁଳନାରେ ବ୍ଲକ୍ ଅଧ୍ୟକ୍ଷା ନିଜ ପଞ୍ଚାୟତ ତେଲେନପାଲିରେ ଅଧିକ ପାଣ୍ଠି ବିନିଯୋଗ କରି ବିଭିନ୍ନ ଉନ୍ନୟନମୂଳକ କାମ କରୁଛନ୍ତି। ଏନେଇ ପୂର୍ବରୁ ବିଡିଓଙ୍କୁ ଅବଗତ କରାଯାଇଛି ବୋଲି ସମିତି ସଭ୍ୟ କହିଛନ୍ତି। ଆଗାମୀ ଦିନରେ ଯଦି ବ୍ଲକ୍ ଅଧ୍ୟକ୍ଷାଙ୍କ ମନମୁଖୀ କାର୍ଯ୍ୟ ଜାରିରହେ ତା'ହେଲେ ଏହାର ଉଚିତ ଜବାବ ଦିଆଯିବ ବୋଲି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏଥିରେ ବ୍ଲକ୍ ଉପାଧ୍ୟକ୍ଷ ମୋହନ ସାହୁ, ଚାରପାଲି ସମିତି ସଭ୍ୟ ଜଗଦୀଶ ଭୋଇ, କନକତୋରା ସମିତିସଭ୍ୟା ପୁଷ୍ପାଞ୍ଜଳି ବୀର, ଭିକମପାଲି ସମିତିସଭ୍ୟ ସୁନ୍ଦରଲାଲ ସେଠ୍, ମଚିଦା ସମିତିସଭ୍ୟ ଗଣେଶ ବାଗ, ରେମତା ସମିତିସଭ୍ୟା ବିଜୁଳି ପ୍ରଧାନ, କତରବଗା ସମିତିସଭ୍ୟ ବିବେକାନନ୍ଦ ଖଡିଆ, ପଣ୍ଡରୀ ସମିତି ସଭ୍ୟ ନିରାକାର ଧୁରୁଆ,ଭଅଁରଖୋଲ ସମିତି ସଭ୍ୟ ମଗତୀର ନାୟକ, ସୁନାରୀ ସମିତି ସଭ୍ୟ ମିତ୍ରଭାନୁ କିଷାନ, କୁଶ୍ରାଲୋଇ ସମିତିସଭ୍ୟା ଆରତୀ ଛଞ୍ଚାଣ, ବାଗମୁଣ୍ଡା ସମିତିସଭ୍ୟ ଭବାନୀ ଶଙ୍କର ଧୁରୁଆ, ସମରବଗା ସମିତି ସଭ୍ୟା ଜାମିନୀ ପ୍ରଧାନ, କଦମ୍ବଡିହି ସମିତିସଭ୍ୟା ପୁଷ୍ପଲତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ବ୍ଲକ ଅଧ୍ୟକ୍ଷା ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାମ କରିବା ପୂର୍ବରୁ ପିଆର୍‌ଆଇ ସଦସ୍ୟଙ୍କ ମତାମତ ଗ୍ରହଣ କରାଯାଉଛି। ସବୁ ପଞ୍ଚାୟତକୁ ସମାନ ଭାବେ ଦେଖାଯାଉଛତ। କୌଣସି ପଞ୍ଚାୟତକୁ ପାତରଅନ୍ତର ଓ ପିଆର୍‌ଆଇ ସଦସ୍ୟଙ୍କୁ ଅଣଦେଖା କରାଯାଉନାହିଁ। ସମିତିସଭ୍ୟଙ୍କ ଏଭଳି ଅଭିଯୋଗ ଉଦ୍ଦେଶ୍ୟମୂଳକ ଓ ଭିତ୍ତିହୀନ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ବୈଠକରେ ଉପସ୍ଥିତ ଥିବା ସମିତି ସଭ୍ୟମାନେ।

କୁବାପଡ଼ାରେ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣା

## ହତ୍ୟା ମାମଲା ରୁଜୁ କଲା ପୋଲିସ

**କିର୍ମିରା, ୩୧।୮ (ଡି.ଏନ.ଏ)**

କିର୍ମିରା ବ୍ଲକ ସୁଲାହି ପଞ୍ଚାୟତ କୁବାପଡା ଗ୍ରାମରୁ ଅଚିହ୍ନା ଯୁବତୀଙ୍କ ମୃତଦେହ ଉଦ୍ଧାର ପରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଯୁବତୀଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା କୁହାଯାଉଥିବାବେଳେ ଅନେକ ଏହାକୁ ଅସାମାଜିକ କାର୍ଯ୍ୟକଳାପର କୁପରିଣତି ବୋଲି କହୁଥିଲେ। ତେବେ ଏହି ମାମଲାରେ ଜଡିତ ଥିବା ଗ୍ରାମର ରଞ୍ଜିତ ବାଗ (୨୩)ଙ୍କୁ ପୋଲିସ ଅଟକ ରଖି ପଚାରିବା ପରେ ସତ୍ୟ ଘଟଣା ସାମ୍ନାକୁ ଆସିଛି। ଅଭିଯୁକ୍ତ ଯୁବକ ଯୁବତୀଙ୍କୁ ମାରିଦେଇଥିବା ସ୍ୱୀକାର କରିଛି। ଯୁବକଙ୍କ କହିବା ଅନୁଯାଇ ଯୁବତୀ ଜଣକ କଲେଜରେ ପାଠ ପଢୁଥିଲେ ଏବଂ ଅନେକ ଦିନରୁ ତାଙ୍କର ପ୍ରେମ ସମ୍ପର୍କ ଥିଲା। ତେବେ ଘଟଣା ରାତିରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଯୁବକଙ୍କ ମାଡରେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ଏବଂ ସେ ଏକ ଗାତରେ ପୋତି ଦେଇଥିଲେ।



ରଞ୍ଜିତ ବାଗ

ତେବେ ଯୁବତୀଙ୍କ ପରିବାରର ଏତଲା ପରେ ଲଇକେରା ପୋଲିସ ଏକ ହତ୍ୟା ମାମଲା ( ନଂ.୧୬୧।୧୮)ରୁଜୁ କରିଛି। ପୋଲିସ ଅଭିଯୁକ୍ତ ରଞ୍ଜିତକୁ ଗିରଫ କରିବା ସହ ବୟାନ ରେକର୍ଡ କରିଥିଲା। ୩୦୨ ହତ୍ୟା ଏବଂ ୨୦୧ ପ୍ରମାଣ ନଷ୍ଟ ଦଫା ଲଗାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ଜାମିନନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ପଠାଇ ଦିଆଯାଇଥିବା ପୋଲିସ ଆଇଆଇସି ପ୍ରବୀର କେଶରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା

## ପୁନଶ୍ଚ ଆବେଦନ ଗ୍ରହଣ ପାଇଁ ନିର୍ଦ୍ଦେଶ

**ଝାରସୁଗୁଡ଼ା ଅଫିସ,୩୧।୮**

କାର୍ଯ୍ୟରତ ଖବରଦାତାଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା-୨୦୧୬ରେ ତାଲିକାଭୁକ୍ତ ହୋଇପାରି ନ ଥିବା ଖବରଦାତାଙ୍କ ପାଇଁ ଖୁସି ଖବର। ରାଜ୍ୟ ସରକାରଙ୍କ ଏହି ଯୋଜନା ବାହାରେ ରହିଯାଇଥିବା ଖବରଦାତାଙ୍କୁ ପୁନଶ୍ଚ ତାଲିକାଭୁକ୍ତ କରିବାକୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ଏହି ମର୍ମରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି ଜିଲାପାଳମାନଙ୍କୁ ଅବଗତ କରାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ତାଲିକାରୁ ବାଦ୍ ପଡ଼ିଥିବା କାର୍ଯ୍ୟରତ ଖବରଦାତାଙ୍କୁ ଚିହ୍ନଟ କରିବା ସହ ସେମାନଙ୍କଠାରୁ ଆବେଦନ ଗ୍ରହଣ କରିବାକୁ କୁହାଯାଇଛି। ପ୍ରଥମ ପର୍ଯ୍ୟାୟରୁ ବାଦ୍ ପଡ଼ିବା ପରେ ଅନେକ ଖବରଦାତା ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗରେ ନିକଟରେ ଆବେଦନ କରିଛନ୍ତି।

## ସେକ୍ଟର ୧୮ ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଚୟନ

**ରାଉରକେଲା ଅଫିସ, ୩୧।୮**

ସେକ୍ଟର-୧୮ ଚନ୍ଦ୍ରଶେଖର ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଆସନ୍ତା ଦୁର୍ଗାପୂଜା ନେଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ବଂଶୀଧର ପଢ଼ିହାରୀ ଅଧକ୍ଷତା କରିଥିଲେ। ଗତ ୨୦୧୭ ବର୍ଷର ଆୟବ୍ୟୟ ବିବରଣୀ ସର୍ବସମ୍ମତି କ୍ରମେ ଗ୍ରହଣ ପରେ ଚଳିତବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ତୁଷାର ସାହୁଙ୍କୁ ଚୟନ କରାଯାଇଥିଲା। ଉପସଭାପତି ମଣ୍ଡଳୀରେ ବିକେ ଖୁଣ୍ଟିଆ, ବିଏନ ସେଠୀ, ପିଏମ ବେଣୁଗୋପାଳ, ଜେ ସାହୁ, କେଶବ ସାହୁ ଓ ପ୍ରଦୀପ ମହାନ୍ତି ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ସାଧାରଣ ସମ୍ପାଦକ ଭାବେ ନିହାର ସାମଲ ରହିଥିବା ବେଳେ କୋଷାଧକ୍ଷ ଭାବେ ଜେ ନାରାୟଣ ଧଳଙ୍କ ସମେତ ୧୧ଜଣଙ୍କୁ ସମ୍ପାଦକ ମଣ୍ଡଳୀ ନିମନ୍ତେ ଚୟନ କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

**କୋଲାବିରା,୩୧।୮(ଡି.ଏନ୍.ଏ.)**

ସମାସିଂହା ଗ୍ରାମର ଧର୍ମ ପରାୟଣା ମହିଳା ହୃଦୟାବତୀ ସେନାପତିଙ୍କ ପରଲୋକ ଘଟିଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ମେଳାପି ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଶୋକ ଖେଳିଯାଇଛି। ବହୁସଂଖ୍ୟକ ଲୋକ ତାଙ୍କ ଶେଷଦର୍ଶନ କରିଥିଲେ। ସମାସିଂହା ବାଲିଜୁରୀ ନାଲାଠାରେ ଶେଶକୃତ୍ୟ ସମ୍ପନ୍ନ ହୋଇଚି। ହୃଦୟାବତୀଙ୍କ ଏକମାତ୍ର ପୁଅ ଡା. ନୀଳମଣି ସେନାପତି ମୁଖାଗ୍ନି ଦେଇଥିଲେ।

## ବିଦ୍ୟୁତ କର୍ମଚାରୀ ସଂଘର ଶ୍ରମିକନେତାଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଲଖନପୁର,୩୧।୮(ଡି.ଏନ୍.ଏ)**

ଝାରସୁଗୁଡା ଜିଲା ବେଲପାହାଡ ବିଦ୍ୟୁତ ସବ୍‌ଡିଭିଜନ ଅଧିନ ବନ୍ଧବାହାଲ ସବ୍‌ଷ୍ଟେଶନ୍‌ରେ କାର୍ଯ୍ୟରତ ଲାଇନ୍‌ମ୍ୟାନ୍ (ଏ)ତଥା ଶ୍ରମିକନେତା ବିରଞ୍ଚି ସାହୁଙ୍କ ଚାକିରି କାର୍ଯ୍ୟକାଳ ଶୁକ୍ରବାର ଶେଷ ହୋଇଛି। ଏହି ଅବସରରେ ସବ୍‌ଷ୍ଟେଶନ କର୍ମଚାରୀମାନଙ୍କ ତରଫରୁ ଆସିଷ୍ଟାଣ୍ଡ୍ ମ୍ୟାନେଜର ପ୍ରୀୟରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଲପାହାଡ ସବ୍‌ଡିଭିଜନ୍ ଏସ୍‌ଡିଓ ସନ୍ତୋଷ ପୂଜାରୀ, ସୁରେଶ ଚନ୍ଦ୍ର ବେଜ୍, ଟୁକୁନା ପାଣିଗ୍ରାହୀ, ଜଗଦୀଶ ପ୍ରସାଦ ପ୍ରଧାନ, ପତିତପାବନ ବେହେରା, ଚିତ୍ତରଞ୍ଜନ ବରାଡ, ଅମିୟ ନାୟକ ପ୍ରମୁଖ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶ୍ରମିନେତା ସାହୁଙ୍କୁ ମୁଖ୍ୟଅତିଥି ଏସ୍‌ଡିଓ ପୂଜାରୀ ଓ ଆସିଷ୍ଟାଣ୍ଡ୍ ମ୍ୟାନେଜର ଦାସ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରି ଅବସରକାଳୀନ ସମୟ ସୁଖମୟ ହେଉବୋଲି କାମନା କରିଥିଲେ। ଏହି ଅବସରରେ ଶ୍ରମିକନେତା ସାହୁ ତାଙ୍କ ବକ୍ତବ୍ୟରେ ସାଥୀ କର୍ମଚାରୀମାନଙ୍କୁ କହିଥିଲେ, ସେବା ଓ ତ୍ୟାଗ ମନବୃତ୍ତି ରଖି କାମ କରିବା। ଏଥିରେ ହିତାଧିକାରୀ ଓ ବିଭାଗ ଲାଭବାନ ହେବେ। ଫଳରେ କର୍ମଚାରୀମାନେ ଏଥିରେ ଉପକୃତ ହେବେ ବୋଲି ଶ୍ରମିକନେତା ସାହୁ ମତ ରଖିଥିଲେ । ଶେଷରେ ସୁରେଶ ବେଜ୍ ଧନ୍ୟବାଦ ଦେଇଥିଲେ। ସୂଚନା ଥାଉକି ବିରଂଚି ସାହୁ ଲାଇନ୍‌ମ୍ୟାନ୍‌ଭାବେ କାର୍ଯ୍ୟ କରୁଥିଲେ। ଏହା ସହିତ ସେ ସମ୍ବଲପୁର ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘର ଉପସଭାପତିଭାବେ କାର୍ଯ୍ୟ ତୁଲାଉଥିଲେ।



ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ନିକଟରୁ ଶ୍ରମିକନେତା ବିରଞ୍ଚି ସାହୁ ସମ୍ବର୍ଦ୍ଧନା ଗ୍ରହଣ କରୁଛନ୍ତି।

# ମଦ ପାଉଚ ବସ୍ତା ଛାଡ଼ି ପଳାଇଲେ ବ୍ୟବସାୟୀ

**କିର୍ମିରା, ୩୧।୮ (ଡି.ଏନ.ଏ)**

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ଅନ୍ତର୍ଗତ ସୁଲାହି ଗ୍ରାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା କରାଯାଉଥିବା ମଦ ବିରୋଧି ଅଭିଯାନକୁ ଶୁକ୍ରବାର ବଡଧରଣର ସଫଳତା ମିଳିଛି। ଧରାପଡିବା ଭୟରେ ମଦ ବସ୍ତା ଛାଡି ବ୍ୟବସାୟୀ ଫେରାର ମାରିଥିବାବେଳେ ମହିଳାମାନେ ମଦ ପାଉଚ ନଷ୍ଟ କରିଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୧୦ ଦିନ ପୂର୍ବରୁ ଗ୍ରାମର ମହିଳା ଗୋଷ୍ଠୀ ସଦସ୍ୟ ଏକତ୍ରିତ ହୋଇ ଗ୍ରାମରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ମଦ ବ୍ୟବସାୟୀଙ୍କୁ ମଦବିକ୍ରି କରିବାକୁ ବାରଣ କରିଥିଲେ। ହେଲେ କିଛି ଅସାଧୁ ବ୍ୟବସାୟୀ ଲୁଚାଛପାରେ ମଦବିକ୍ରି କାରବାର ଚାଲୁ ରଖିଥିଲେ। ଶୁକ୍ରବାର ସକାଳୁ ଜଣେ ବ୍ୟବସାୟୀ ମଦ ନେଇ ଯାଉଥିବା ଖବରପାଇ ମହିଳାମାନେ ପିଛା କରିଥିଲେ। ଫଳରେ ସେ ମଦବସ୍ତାକୁ ଏମ.ଇ ସ୍କୁଲ ପଛପଟେ ପକେଇ ଦେଇ ଫେରାର୍ ମାରିଥିଲେ। ମହିଳାମାନେ ମଦ ପାଉଚ ସବୁ ପାଦରେ ଦଳି ନଷ୍ଟ କରିଦେଇଛନ୍ତି। ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି।



ମହିଳାମାନେ ମଦ ପାଉଚ୍ ନଷ୍ଟ କରୁଛନ୍ତି।

## ମୋ ସ୍କୁଲ, ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଝାରସୁଗୁଡା ଅଫିସ,୩୧।୮**

ଝାରସୁଗୁଡା ସରବେର୍ଣ୍ଣା ପ୍ରାଥମିକ ସ୍କୁଲରେ ଶୁକ୍ରବାର ମୋ ସ୍କୁଲ ଅଭିଯାନ ଓ ସ୍ୱାଚ୍ଛତା କାର୍ଯ୍ୟକ୍ରମ ହୋଇଯାଇଛି। ସଭାରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ଡିପିସି ମୀନାରାଣୀ ମଙ୍ଗଳ, ଏବିଇଓ ବେଣୁଧର ଚୌଧୁରୀ, ସିଆରସିସି ନିଳାଦ୍ରୀ ପଟେଲ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ବେହେରା ପ୍ରମୁଖ ସ୍ୱଚ୍ଛତାର ଶପଥପାଠ କରିଥିଲେ। ପରିବେଶ ସ୍ୱଚ୍ଛ ରଖିବାକୁ ଆହ୍ୱାନ ଦେଇଥିଲେ। ସ୍କୁଲ ପରିଚାଳନା କମିଟିର ସଭାପତି ପଞ୍ଚୁ ଓରାମ, ମଦନ ଓରାମ, ବିରଞ୍ଚି ଓରାମ, ଦୀନକୃଷ୍ଣ ଓରାମ, ନିଳାଦ୍ରୀ ପଟେଲ, ସ୍ନେହଲତା ପଟେଲ, ହରପ୍ରିୟା ପୁହାଣ, ମୀନାକ୍ଷୀ ପଟେଲ ସହଯୋଗ କରିଥିଲେ।



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଲେଖନୀର ହିଁ ଜୟ ହୁଏ।

- ନେପୋଲିୟନ୍



**ସଂକ୍ଷେପରେ**

## ଗଣେଶପୂଜା ନେଇ କୋଣାର୍କ କ୍ଲବ ପକ୍ଷରୁ ବୈଠକ

**ରାଉରକେଲା ଅଫିସ/ବେଦବ୍ୟାସ, (ଡି.ଏନ.ଏ.) ୩୧।୮** - ବେଦବ୍ୟାସ ନିକଟସ୍ଥ ଲୁଙ୍ଗେଇ ପଞ୍ଚାୟତ ଅଞ୍ଚଳରେ ଥିବା କୋଣାର୍କ କ୍ଲବ ପକ୍ଷରୁ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିନୋଦ କୁଜୁର ଅଧକ୍ଷତା କରିଥିଲେ। ଗତ ୧୦ ବର୍ଷ ଧରି ପାଳନ କରାଯାଉଥିବା ଗଣେଷ ପୂଜାକୁ କିଭଳି ସଫଳତାର ସହ ଆୟୋଜନ କରାଯିବ ସେନେଇ ଏଥିରେ ଆଲୋଚନା କରାଯାଇଥିଲା। ପୂଜା କମିଟିର ସଭାପତି ଭାବେ ବିନୋଦ କୁଜୁରଙ୍କୁ ନିର୍ବାଚିତ କରାଯାଇଥିବା ବେଳେ ଅନ୍ୟ କର୍ମକର୍ତ୍ତା ଭାବେ ସୁଜନ ଓରାମ, ମୁନା କିଷାନ, ଶିଶିର କିଷାନ, ଯୋଦ୍ଧା କିଷାନ ଓ ସଞ୍ଜୟ ଓରାମ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଛନ୍ତି। ଚଳିତ ଗଷେଣ ପୂଜାକୁ କିପରି ଶାନ୍ତିଶୃଙ୍ଖଳା ସହ କରାଯିବ ସେନେଇ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସଙ୍ଗଠନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

### ସରପଞ୍ଚ ଓ ଅବକାରୀ ଅଧିକାରୀଙ୍କ ନିକଟରେ ଦାବି

# ମହୁଲି ମଦ କାରବାର ବନ୍ଦ କରାଯାଉ

**ରାଉରକେଲା ଅଫିସ,୩୧।୮**

ସହରତଳି ଝିରପାଣି ପଞ୍ଚାୟତରେ ବହୁଳ ପରିମାଣର ମହୁଲି ମଦ ବିକ୍ରି ଚାଲିଛି। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ପଞ୍ଚାୟତ ଅଧୀନସ୍ଥ ୪ ଓ ୫ନଂ. ୱାର୍ଡ ବାସିନ୍ଦା ପ୍ରତିକ୍ରିୟା ବ୍ୟକ୍ତ କରିବା ସହ ପଞ୍ଚାୟତର ସରପଞ୍ଚ ଓ ଜିଲା ଅବକାରୀ ବିଭାଗ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ, ମହୁଲି ମଦ ପିଇ ଅନେକ ଲୋକ ନିଶାଗ୍ରସ୍ତ ହେଉଥିବା ବେଳେ କାମଧନ୍ଦା ଛାଡି ବେକାର ବସୁଛନ୍ତି। କେବଳ ଏତିକି ନୁହେଁ, ନିଶା ଏବେ ପାରିବାରିକ ଜୀବନକୁ ନଷ୍ଟ କରିବାକୁ ବସିଛି।



ଝିରପାଣି ପଞ୍ଚାୟତର ୪ ଓ ୫ନଂ. ୱାର୍ଡ ବାସିନ୍ଦା ଜିଲା ଅବକାରୀ ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

ଏହି ୱାର୍ଡରେ ଅବାଧ ନିଶା କାରବାର ଖୋଲାଖୋଲି ଚାଲିଥିବା ବେଳେ ଏହାକୁ ନିୟନ୍ତ୍ରଣ ନେଇ ପଦକ୍ଷେପ ନିଆଯାଉନି। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି। ଏଥିଯୋଗୁ ବିଭିନ୍ନ ସମୟରେ ମାରପିଟ, ଗଣ୍ଡଗୋଳ ଲାଗି ରହୁଛି। ସନ୍ଧ୍ୟା ହେଲା ପରେ ରାସ୍ତାଘାଟରେ ମଦ୍ୟପଙ୍କ ଉତ୍ପାତ ପରିସ୍ଥିତିକୁ ଅଣାୟତ କରୁଛି ବୋଲି ଏମାନେ ଅଭିଯୋଗ କରିଛନ୍ତି। ଅପମିଶ୍ରିତ ଦେଶୀ ମଦ ପିଇ ଲୋକେ ଅଳ୍ପାୟୁ ହେବା ସହ ନିଜ ପରିବାର ଭବିଷ୍ୟତକୁ ଅଶ୍ଚିତତା ମଧ୍ୟକୁ ଠେଲି ଦେଉଛନ୍ତି। ଏହାର ନିରାକରଣ ଆବଶ୍ୟକ। ଅନ୍ୟଥା ଆଜିର ଯୁବ ଗୋଷ୍ଠୀ ଏମାନଙ୍କ ଭଳି ନିଶାଗ୍ରସ୍ତ

**ଝିରପାଣି ପଞ୍ଚାୟତ**

- ୪ ଓ ୫ନଂ. ୱାର୍ଡ ବାସିନ୍ଦା ପ୍ରତିକ୍ରିୟା
- ନିଶା ପାରିବାରିକ ଜୀବନକୁ ନଷ୍ଟ କରୁଛି
- ୱାର୍ଡରେ ଅବାଧ ନିଶା କାରବାର ଚାଲିଛି
- ନିୟନ୍ତ୍ରଣ ନେଇ ପଦକ୍ଷେପ ନିଆଯାଉନି

ହେବା ସହ ପଥଭ୍ରଷ୍ଟ ହେବା ଆଶଂକା ପ୍ରକାଶ ପାଇଛି। ଏନେଇ ଝିରପାଣି ସରପଞ୍ଚ ଦୃଷ୍ଟି ଦେବାକୁ ସମ୍ପୃକ୍ତ ୱାର୍ଡର ମହିଳାମାନେ ଦାବି କରିଛନ୍ତି। ଏ ଦିଗରେ ଜିଲା ଅବକାରୀ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସାମାଜିକ କର୍ମୀ ମିନତୀ ଦେବତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବିଭାଗୀୟ ଅଧିକାରୀଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ସେପ୍ଟି ଟାଙ୍କିରୁ ଉଦ୍ଧାର ହେଲା ଗାଈ

**ରାଉରକେଲା ଅଫିସ,୩୧।୮**

ଶକ୍ତିନଗର ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ସେପ୍ଟି ଟାଙ୍କି ପାଇଁ ଖୋଳାଯାଇଥିବା ଏକ ଗାଢରେ ପଡି ଗାଈ ଆହତ ହୋଇଛି। ଖବର ପାଇ ଅଗ୍ନିଶମ କର୍ମଚାରୀ ଗାଈକୁ ଉଦ୍ଧାର କରିଥିଲେ। ଶକ୍ତିନଗର ଅଞ୍ଚଳ ବାସିନ୍ଦା ଚକ୍ରଧର ତନ୍ତି ନିଜ ପାଇଖାନା ସେପ୍ଟି ଟାଙ୍କି ନିମନ୍ତେ ଏକ ୭ଫୁଟ ଗାଢ ଖୋଳିଥିଲେ। ତେବେ ସେ ଏହାକୁ ଅସୁରକ୍ଷିତ ଭାବେ ଛାଡି ଦେଇଥିବାବେଳେ ଏଥିରେ ଗାଈ ବୁଲୁଥିବାବେଳେ ଖସି ପଡିଥିଲା। ସ୍ଥାନୀୟ ଲୋକେ ଯେତେ ଚେଷ୍ଟା କେଲ ବି ଗାଈ ବାହାରକୁ ଆସିପାରି ନ ଥିଲା। ଶେଷରେ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦିଆଯିବାରୁ ସେମାନେ ଆସି ଗାଈକୁ ଉଦ୍ଧାର କରିଥିଲେ। ସମାନ ଅବସ୍ଥାରେ ଅମ୍ବାଗାନ ଅଞ୍ଚଳର ଏକ ରାସ୍ତା ପାର୍ଶ୍ୱରେ ନାଳରେ ଫସି ରହିଥିବା ଅନ୍ୟ ଏକ ଗାଈକୁ ଉଦ୍ଧାର କରାଯାଇଥିବା ଜଣାଯାଇଛି।



ଅଗ୍ନିଶମ କର୍ମଚାରୀ ଗାଈକୁ ଉଦ୍ଧାର କରୁଛନ୍ତି।

## ସେକ୍ଟର ୧୮ ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଚୟନ

**ରାଉରକେଲା ଅଫିସ, ୩୧।୮** - ସେକ୍ଟର-୧୮ ଚନ୍ଦ୍ରଶେଖର ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଆସନ୍ତା ଦୁର୍ଗାପୂଜା ନେଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ବଂଶୀଧର ପଢ଼ିହାରୀ ଅଧକ୍ଷତା କରିଥିଲେ। ଗତ ୨୦୧୭ ବର୍ଷର ଆୟବ୍ୟୟ ବିବରଣୀ ସର୍ବସମ୍ମତି କ୍ରମେ ଗ୍ରହଣ ପରେ ଚଳିତବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ତୁଷାର ସାହୁଙ୍କୁ ଚୟନ କରାଯାଇଥିଲା। ଉପସଭାପତି ମଣ୍ଡଳୀରେ ବିକେ ଖୁଣ୍ଟିଆ, ବିଏନ ସେଠୀ, ପିଏମ ବେଣୁଗୋପାଳ, ଜେ ସାହୁ, କେଶବ ସାହୁ ଓ ପ୍ରଦୀପ ମହାନ୍ତି ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ସାଧାରଣ ସମ୍ପାଦକ ଭାବେ ନିହାର ସାମଲ ରହିଥିବା ବେଳେ କୋଷାଧକ୍ଷ ଭାବେ ଜେ ନାରାୟଣ ଧଳଙ୍କ ସମେତ ୧୧ଜଣଙ୍କୁ ସମ୍ପାଦକ ମଣ୍ଡଳୀ ନିମନ୍ତେ ଚୟନ କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି।

# ଉଜ୍ଜ୍ୱଳା ଯୋଜନାରେ ମହିଳାଙ୍କୁ ଗ୍ୟାସ୍ ବିତରଣ



ସେକ୍ଟର-୧୬ ବିଏଚ କଲୋନୀ ମହିଳାଙ୍କୁ ଗ୍ୟାସ ସିଲିଣ୍ଡର ବଣ୍ଟନ କରାଯାଉଛି।

**ରାଉରକେଲା ଅଫିସ,୩୧।୮**

ଉଜ୍ଜ୍ୱଳା ଯୋଜନାରେ ଭାଜପା ଯୁବ ମୋର୍ଚ୍ଚା କର୍ମୀଙ୍କ ଉପସ୍ଥିତିରେ ଶୁକ୍ରବାର ସେକ୍ଟର-୧୬ ବିଏଚ କଲୋନୀ ମହିଳାଙ୍କୁ ମାଗଣା ଗ୍ୟାସ ସିଲିଣ୍ଡର ବଣ୍ଟନ କରାଯାଇଛି। ଏଥିରେ ୧୬ଜଣ ଅନୁସୂଚୀତ ଜାତି ଓ ଜନଜାତି ପରିବାର ଉପକୃତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଭାଜପା ଯୁବ ମୋର୍ଚ୍ଚା କର୍ମକର୍ତ୍ତା ମନୋଜ ସ୍ୱାଇଁ ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ କଂସାରୀ, ସୁବ୍ରତ ପଟ୍ଟନାୟକ, ଶ୍ରୀକାନ୍ତ ରାୟ, ସୁଶାନ୍ତ ମହାପାତ୍ର, ରାମ ବର୍ମା, କୃଷକ ମୋର୍ଚ୍ଚା ସଭାପତି ରାଜେଶ ପ୍ରସାଦ, ଆଦିତ୍ୟ ତିୱାରୀ, ସତ୍ୟବ୍ରତ ନାୟକ, ଆଦିତ୍ୟ ଗୋଚ୍ଛାୟତ ଓ ଏନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନୀଳଚକ୍ର ରାଜଗାଙ୍ଗପୁର ଶାଖାର ନୂତନ କମିଟି ଗଠିତ

**ରାଜଗାଙ୍ଗପୁର,୩୧।୮(ଡି.ଏନ.ଏ.)**

ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ସଂସ୍ଥା ନୀଳଚକ୍ର ରାଜଗାଙ୍ଗପୁର ଶାଖାର ନୂତନ କମିଟି ଗଠିତ ହୋଇଯାଇଛି। ଏକ ବୈଠକରେ ସର୍ବସମ୍ମତିକ୍ରମେ ରାଜଗାଙ୍ଗପୁର ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର କୁମାର ଲେଙ୍କାଙ୍କୁ ଶାଖାର ସଭାପତି ଭାବେ ମନୋନୀତ କରାଯାଇଥିବାବେଳେ ଅନ୍ୟତମ ବରିଷ୍ଠ ଓକିଲ ମୁରଲୀ ଧର ଦାସ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ଭାବେ ଶଶୀରେଖା ସାମଲ ମନୋନିତ ହୋଇଛନ୍ତି। ଏତଦ୍ ବ୍ୟତୀତ ୫ଜଣ ଉପସଭାପତି ଭାବରେ ସର୍ବଶ୍ରୀ ଛବି ନାରାୟଣ ଜେନା, ଭୁବନାନନ୍ଦ ସାହୁ, ମଧୁସୂଦନ ସାମଲ, ରାଜେନ୍ଦ୍ର ଜେନା ଓ ଅଜୟ ସାହୁଙ୍କୁ ମନୋନିତ କରାଯାଇଛି। ସହ ସମ୍ପାଦକ ଭାବେ ରାଜ କିଶୋର ବିଶ୍ୱାଳ, ସଂଗଠନ ସମ୍ପାଦକ ଭାବେ ବିଶ୍ୱଜିତ ନାୟକ, ସହ ସଂଗଠନ ସମ୍ପାଦକ ଅମର ପାତ୍ର, ସାଂସ୍କୃତିକ ସମ୍ପାଦକ ବଟକୃଷ୍ଣ ମଲ୍ଲିକ, ସହ ସାଂସ୍କୃତିକ ସମ୍ପାଦକ ପ୍ରକାଶ ରଞ୍ଜନ ସାହୁ ଓ କୋଷାଧକ୍ଷ ଭାବେ ଉମେଶ ଚନ୍ଦ୍ର ରାଉତଙ୍କୁ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରୁ ୨୧ଜଣଙ୍କୁ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ବଛା ଯାଇଥିବାବେଳେ ୭ଜଣ ବରିଷ୍ଠ ସଦସ୍ୟଙ୍କୁ ନୂତନ କମିଟିରେ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ନୂତନ କମିଟିର କର୍ମକର୍ତ୍ତାମାନଙ୍କ ପ୍ରଚେଷ୍ଟାରେ ଶାଖାର ଉତ୍ତରୋତ୍ତର ଉନ୍ନତି ହୋଇପାରିବ ବୋଲି ସମସ୍ତ ସଦସ୍ୟ ଆଶା ପ୍ରକଟ କରିଛନ୍ତି। ଶାଖାର ନବ ଗଠିତ କମିଟି କେନ୍ଦ୍ରର ସଭାନେତ୍ରି ନମିତା ପଣ୍ଡା କଟକଙ୍କ ପତ୍ର ସଂଖ୍ୟା ତା ୧୬।୮।୨୦୧୮ ମୁତାବକ ଅନୁମୋଦନ ଲାଭ କରିଛି। ଏଥିରେ ମୁଖ୍ୟ ଉପଦେଷ୍ଟା ଶ୍ରୀଧର ସ୍ୱାଇଁଙ୍କ ସମେତ ରବି ନାରାୟଣ, ବିନୋଦ, ତୁଷାରସାହୁ, ନନ୍ଦ କିଶୋର, କୃଷ୍ଣଚନ୍ଦ୍ର ଜେନା ଉପସ୍ଥିତ ଥିଲେ।

# ଶିକ୍ଷା ବିଭାଗ ନିଷ୍ପତ୍ତିର ଉଲ୍ଲଂଘନ

### ଗୋଟିଏ ହତାରେ ଥାଇ ମିଶିଲାନି ପ୍ରାଇମେରି, ହାଇସ୍କୁଲ

**ରାଉରକେଲା ଅଫିସ,୩୧।୮**

ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ନିଷ୍ପତ୍ତି ଅନୁସାରେ ଶହେ ମିଟର ଦୂରତା ମଧ୍ୟରେ କିମ୍ବା ଗୋଟିଏ ହତା ମଧ୍ୟରେ ରହିଥିବା ପ୍ରାଇମେରୀ, ଅପର ପ୍ରାଇମେରି ଓ ହାଇସ୍କୁଲ ଗୁଡିକ ମିଶ୍ରଣ ନେଇ ସୁନ୍ଦରଗଡ ଜିଲାରେ ପ୍ରକ୍ରିୟା ଏକ ପ୍ରକାର ଶେଷ ହୋଇଛି। ଜିଲାରୁ ଏ ନେଇ ୮୪ ପ୍ରସ୍ତାବକୁ ଜିଲାସ୍ତରୀର ମିଶ୍ରଣ କମିଟି ଅନୁମୋଦନ କରିବା ପରେ ରାଜ୍ୟ ଶିକ୍ଷା ବିଭାଗକୁ ତାଲିକା ପଠାଇ ଦିଆଯାଇଛି। ତେବେ କାହା ସ୍ୱାର୍ଥରେ ବିଶ୍ରା ବିଇଓଙ୍କ ଅଧିନରେ ଥିବା ନିର୍ଦ୍ଦିଷ୍ଟ ଏକ ହାଇସ୍କୁଲ ସହ ଅପର ପ୍ରାଇମେରି ଓ ଲାଠିକଟା ବିଇଓଙ୍କ ଅଧିନରେ ଥିବା ଜଳଦା ଅପର ପ୍ରାଇମେରୀ ସ୍କୁଲକୁ ପାଖ ହାଇସ୍କୁଲରେ ମିଶାଯାଇ ନାହିଁ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶିକ୍ଷା ବିଭାଗ ପକ୍ଷରୁ ସମ୍ପୃକ୍ତ ବିଦ୍ୟାଳୟଗୁଡିକର ସମାନୁପାତିକରଣ ନେଇ ଗତ ୧୪।୫।୨୦୧୮ରୁ ପ୍ରକ୍ରିୟା ଆରମ୍ଭ କରାଗଲାଣି। ସେହି ଅନୁସାରେ ଜିଲା ମର୍ଜର କମିଟିକୁ ସମ୍ପୃକ୍ତ ବିଇଓମାନେ ତାଲିକା ପଠାଇଥିଲେ। ଜଳଦା ଅପର ପ୍ରାଇମେରି ଓ ହାଇସ୍କୁଲ ମଧ୍ୟରେ ଦୂରତା ମାତ୍ର ୨୦ ଫୁଟ। ଏହା ସତ୍ତ୍ୱେ ସମ୍ପୃକ୍ତ ବିଦ୍ୟାଳୟକୁ ମିଶ୍ରଣ ପ୍ରକ୍ରିୟାରୁ ବାଦ ଦିଆଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ବିଶ୍ରା ବିଇଓଙ୍କ ଅଧୀନରେ ଥିବା ନିଉ ଏଲଆଇସି କଲୋନୀ ପ୍ରାଇମେରି ସ୍କୁଲକୁ ଡେଭଲପ ଏରିଆ ହାଇସ୍କୁଲ ସହ ମିଶ୍ରଣ କରାଯିବା କଥା। ଯାହା କରାଯାଇ ନାହିଁ। କାହିଁକି ଏବଂ କେଉଁ ପରିସ୍ଥିତିରେ ଏହି ଦୁଇ ବିଦ୍ୟାଳୟକୁ ବାଦ ଦିଆଯାଇଛି ତାହା ଅନ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଇଁ ଅବୁଝା ହୋଇରହିଛି। ଏମିତି ଜିଲାର ଆଉ କିଛି ବିଦ୍ୟାଳୟ ବାଦ ପଡିଥିବା ଆଲୋଚନା ହେଉଥିବା ବେଳେ ଏହା କେବେ ସୁଦ୍ଧା ମିଶ୍ରଣ ପ୍ରକ୍ରିୟାରେ ସାମିଲ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏନେଇ ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜାକ ଅମୂଲ୍ୟ ପ୍ରଧାନଙ୍କୁ ପଚାରାଯିବାରୁ ସେ କହିଥିଲେ ଯେ, ପ୍ରକ୍ରିୟା ଚୂଡାନ୍ତ ହୋଇନାହିଁ। ଯାହା ଅଭିଯୋଗ ଆସିବ ସେନେଇ ଆବଶ୍ୟକୀୟ ପଦକ୍ଷେପ ନେବାରେ ଅସୁବିଧା ନାହିଁ।




ରିଲିଫ ସାମଗ୍ରୀ ବୋଝେଇ ଗାଡ଼ି ନିକଟରେ ଆର୍‌ଏସ୍‌ପି କର୍ମଚାରୀ।

## କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ କେରଳ ବନ୍ୟାବିପନ୍ନଙ୍କୁ ସହାୟତା

**ରାଉରକେଲା ଅଫିସ, ୩୧।୮**

କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବୀରେନ୍ଦ୍ର ସିଂଙ୍କ ପରାମର୍ଶକ୍ରମେ ଇସ୍ପାତ ମନ୍ତ୍ରଣାଳୟ ଅଧୀନ ବିଭିନ୍ନ ୟୁନିଟ ପକ୍ଷରୁ କେରଳ ବନ୍ୟା ବିପନ୍ନଙ୍କୁ ସହାୟତା ନେଇ ପ୍ରୟାସ ଜାରି ରହିଛି। ଫଳ ସ୍ୱରୂପ ଇସ୍ପାତ ପ୍ରାଧିକରଣ କର୍ତ୍ତୃପକ୍ଷ ପ୍ରଭାବିତ ଅଞ୍ଚଳକୁ ୨୦ ହଜାର ପ୍ଲେଟ ଓ ଗ୍ଲାସ ଯୋଗାଇ ଦେବାକୁ ବ୍ୟବସ୍ଥା କରିଛନ୍ତି। ଏହି ଷ୍ଟେନଲେସ ଷ୍ଟିଲ ସେଟଗୁଡିକ ସେଲ ଅଧିନସ୍ଥ ସାଲେମ ଷ୍ଟିଲ ପ୍ଲାଣ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଗତ ୨୯ରେ ପ୍ରଥମ ପର୍ଯ୍ୟାୟରେ ୫ହଜାର ସେଟ ଥାଳି ଓ ଗ୍ଲାସ ସେଟ କେରଳ ପଠା ଯାଇଛି। ଅବଶିଷ୍ଟ ସାମଗ୍ରୀ ଏକ ସପ୍ତାହ ମଧ୍ୟରେ ପଠାଯିବ ବୋଲି ଆରଏସ୍‌ପି କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରିଛନ୍ତି।

# ବ୍ଲକ ପ୍ରଶାସନର ବେଆଇନ କାର୍ଯ୍ୟ

**ବିଶ୍ରା, ୩୧।୮ (ଡି.ଏନ.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିକାଶ ଅଭିମୁଖେ ଗାଁ, ସହର ସବୁ ସ୍ଥାନରେ କାର୍ଯ୍ୟ ହେଉଛି। ଯାହାର ନୀତି, ନିୟମ ଆଇନ ବ୍ୟବସ୍ଥା ଅନୁକରଣ କରିବା ସରକାରୀ କର୍ମଚାରୀଙ୍କ ଜରୁରୀ। ହେଲେ ସରକାରୀ କର୍ମଚାରୀ କେବଳ ବାଟମାରଣା ନୀତି ଯୋଗୁ ଅନେକ ବେଆଇନ କାର୍ଯ୍ୟ କରି ଚାଲିଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ନଜରକୁ ଆସିଛି ବିଶ୍ରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ। ବିଶ୍ରା ଚେକ୍ ଗେଟରୁ ବିଶ୍ରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ କଂକ୍ରିଟ ରାସ୍ତା ୫ଲକ୍ଷ ଟଙ୍କା ଡିଆରଡିଏ ଅନୁଦାନରେ ବ୍ଲକ ପ୍ରଶାସନ ଦ୍ୱାରା ନିର୍ମାଣ କରାଯାଇଛି। ସରକାରୀ ନିର୍ଦ୍ଦେଶ ରହିଛି ଯେ, କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନାଫଳକ ଦେବା ନିହାତି ଆବଶ୍ୟକ। କିନ୍ତୁ ଉକ୍ତ କାର୍ଯ୍ୟରେ ସବୁ, ନୀତି ନିୟମର ଉଲଂଘନ କରି ସୂଚନା ଫଳକ ଟିକୁ ବିଶ୍ରା ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟ କାନ୍ଥରେ ଲେଖାଯାଇଛି। ଯାହା ଆଇନ ସମ୍ମତ ନୁହେଁ। ଏକ ସରକାରୀ କାନ୍ଥରେ ସୂଚନା ଫଳକ ଯାହା କଂକ୍ରିଟ ରାସ୍ତା କାର୍ଯ୍ୟ ବ୍ଲକ ଦ୍ୱାରା କରାଯାଉଛି। କିପରି ଲେଖା ହେଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ସରକାରୀ ଲୋକ ହିଁ ସରକାରଙ୍କ ନୀତି ନିୟମ ଉଲଂଘନ କରୁଛନ୍ତି ତା'ହେଲେ ଜନସାଧାରଣ କ'ଣ କରିବେ। ବିଶ୍ରା ବ୍ଲକରେ ଏମିତି ଉଦାହରଣ ଅନେକ ରହିଛି। ଯେଉଁଠି ବ୍ଲକ ନିକଟସ୍ଥ ରାସ୍ତା କାର୍ଯ୍ୟର ଅବସ୍ଥା ଏମିତି ବାକି କାର୍ଯ୍ୟରେ କଣ ହେଉ ନ ଥିବ। ଏ ନେଇ ବିଶ୍ରା ବ୍ଲକ ଏବିଡିଓ ଶରତ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ସରକାରୀ କାନ୍ଥରେ ସୂଚନା ଫଳକ ଲେଖିବା ଭୁଲ ଅଟେ। ଏହା ନିୟମ ବିରୁଦ୍ଧ ତଥାପି ଲେଖା ହୋଇଛି। ଏହା ଉପରେ ପଦକ୍ଷେପ ନିଆଯିବ।

# ଆର୍‌ଏସ୍‌ପି ପକ୍ଷରୁ ଇସ୍ପାତ ଶିକ୍ଷା ସଦନରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସହାୟତା

**ରାଉରକେଲା ଅଫିସ, ୩୧।୮**

ଇସ୍ପାତ କାରଖାନା ଦ୍ୱାରା ସ୍ଥାପିତ ନିଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନରୁ ଉତ୍ତୀର୍ଣ୍ଣ ହୋଇଥିବା ୭ ଛାତ୍ରୀଛାତ୍ରଙ୍କୁ ଆର୍‌ଏସ୍‌ପି କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜୀ, ଭୁବନେଶ୍ୱର ଠାରେ ଆଇଟିଆଇ କୋର୍ସ ଅଧ୍ୟୟନ ନିମନ୍ତେ ସହଯୋଗ କରୁଛି। ଉପରୋକ୍ତ ଛାତ୍ରୀଛାତ୍ର ହେଲେ ବର୍ଷାରାଣୀ ଜେନା, ଅମନ ବାଗ, ବିକେକ ରାଉତ, ରାଜା ମହାନନ୍ଦ, ସାହିଲ ନାୟକ, ରୋନିତ ଯୋଯୋ ଓ ଦେବରାଜ ବାରିକ। ଏଠାରେ ଉଲ୍ଲେଖନୀୟ ଯେ, ସମସ୍ତ ଛାତ୍ରୀଛାତ୍ର ଦୀପିକା ଇସ୍ପାତ ଶିକ୍ଷା ସଦନରୁ ଶିକ୍ଷାଲାଭ କରିଛନ୍ତି। ଆର୍‌ଏସ୍‌ପି ଏହାର ସିଏସଆର ପ୍ରୟାସ ଅନ୍ତର୍ଗତ ଯୋଜନାରେ ଏମାନଙ୍କୁ ଆବାସିକ ଶିକ୍ଷା ନିମନ୍ତେ ବିଦ୍ୟାର୍ଥୀ ପିଚ୍ଛା ୫୭ ହଜାର ପ୍ରଦାନ କରିବ। ଏହି ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ଆର୍‌ଏସପି ସହର ପ୍ରଶାସନ ବିଭାଗ ଜିଏମ ଏନ.କେ. ସାମନ୍ତରାୟ ଗତ ଅଗଷ୍ଟ ୨୦ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭେଟି ସେମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଅଗ୍ରଣୀ ଜନହିତୈଷୀ ଅନୁଷ୍ଠାନ ଦୀପିକା ମହିଳା ସଂଘତି ପକ୍ଷରୁ ଏହି ବିଦ୍ୟାଳୟ ପରିଚାଳିତ ହେଉଛି। ଏହି ବିଦ୍ୟାଳୟରେ ସମ୍ପ୍ରତି ୬୨୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏମାନଙ୍କୁ ପାଠ୍ୟ ପୁସ୍ତକ, ପୋଷାକ, ଜୋତା ଓ ସ୍କୁଲ ବ୍ୟାଗ ଆଦି ମାଗଣାରେ ପ୍ରଦାନ କରାଯାଉଛି। ଏହି ବିଦ୍ୟାଳୟରୁ ପାଶ କରିବା ପରେ ଉଚ୍ଚ ଶିକ୍ଷା ନିମନ୍ତେ ଆର୍‌ଏସ୍‌ପି ଏମାନଙ୍କୁ ସହାୟତା ଯୋଗାଇ ଦେଉଛି। ଆର୍‌ଏସ୍‌ପି ସିଇଓ ଅଶ୍ୱିନୀ କୁମାରଙ୍କ ପରାମର୍ଶକ୍ରମେ ଅତ୍ୟନ୍ତ ଶାନ୍ତିଶୃଙ୍ଖଳା ସହ ବିଦ୍ୟାଳୟ ପରିଚାଳିତ ହେଉଛି ବୋଲି କର୍ତ୍ତୃପକ୍ଷ ଏକ ବିବୃତ୍ତିରେ କହିଛନ୍ତି।




ସହାୟତା ପାଇଥିବା ଛାତ୍ରୀଛାତ୍ରଙ୍କ ସହ ଆର୍‌ଏସ୍‌ପି ଅଧିକାରୀ।

### ଆର୍‌ଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

# ଆର୍‌ଏମ୍‌ସି କର୍ମଚାରୀଙ୍କ ଶୋଭାଯାତ୍ରା

**ରାଉରକେଲା ଅଫିସ, ୩୧।୮**

ସ୍ୱାୟତ୍ତ ଶାସନ ଦିବସକୁ ଶୁକ୍ରବାର ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ଧୁମଧାମ୍‌ରେ ପାଳନ କରାଯାଇଛି। ସକାଳ ୮ଟାରେ ଆର୍‌ଏମ୍‌ସି କର୍ମଚାରୀମାନେ ମଧୁସୂଦନ ଛକରେ ଏକତ୍ରିତ ହୋଇଥିଲେ। ସେଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ମହାନଗର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ଏହି ଅବସରରେ ପ୍ଲାଷ୍ଟିକ ବର୍ଜନ, ଆବର୍ଜନା ମୁକ୍ତ ସହର, ସ୍ୱଚ୍ଛତା ଆଦି ନେଇ ସ୍ଲୋଗାନ ଦିଆଯାଇଥିଲା। ନିଗମ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ଥିଲା। ଆର୍‌ଏମ୍‌ସି ଉପାୟୁକ୍ତ ସୁଷମା ବିଲୁଙ୍ଗ ପତାକା ଉତ୍ତୋଳନ କରି ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଝୋଟି, ରଙ୍ଗୋଲି, ଚିତ୍ରାଙ୍କନ ଓ ମ୍ୟୁଜିକାଲ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସକାଳ ସାଢେ ୯ଟାରେ ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍), ଶାନ୍ତିଭବନ ଓ କୁଷ୍ଠ ବସ୍ତିରେ ଫଳ ବଣ୍ଟନ କରାଯାଇଥିଲା। ପରେ ସଭା ଗୃହରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ବର୍ଷ ତମାମ ଯେଉଁ କର୍ମଚାରୀ ନିଜ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିଛନ୍ତି ସେମାନଙ୍କୁ ଏହି ଅବସରରେ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ଏହି ଅବସରରେ ସମ୍ମାନିତ କରାଯିବା ସହ ପୁରସ୍କୃତ କରାଯାଇଥିଲା। ମହାନଗର ନିଗମର ଉପାୟୁକ୍ତ ସୁଷମା ବିଲୁଙ୍ଗ ଓ ସୀତାଦେବୀ ମାଝି କର୍ମଚାରୀଙ୍କୁ ଏହି ଅବସରରେ ପୁରସ୍କୃତ କରି ସହରର ସର୍ବାଙ୍ଗୀନ ବିକାଶ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଆର୍‌ଏମ୍‌ସି ଓ ସ୍ମାର୍ଟ ସିଟି ଲିଃ. କର୍ମଚାରୀବୃନ୍ଦ ଯୋଗଦେଇ କାର୍ଯ୍ୟକ୍ରମର ସଫଳତାରେ ସମ୍ପୂର୍ଣ୍ଣ ସହାୟତା କରିଥିଲେ।




ଆର୍‌ଏମ୍‌ସି କର୍ମଚାରୀମାନେ ମଧୁସୂଦନ ଛକରୁ ଶୋଭାଯାତ୍ରାରେ ବାହାରିଛନ୍ତି।